ମୋର କର୍ମ ଓ ଧର୍ମ ଜୀବନ



ଭିକ୍ଷୁ ଶଦ୍ଧାନନ୍ଦ ଥେର

Digitized by srujanika@gmail.com

ମୋର
କର୍ମ ଓ ଧର୍ମ ଜୀବନ

ଭିକ୍ଷୁ ଶଙ୍ଖାନନ୍ଦ ଥେର

Digitized by srujanika@gmail.com

ମୋର କର୍ମ ଓ ଧର୍ମ ଜୀବନ

ଲେଖକ :

ଭିକ୍ଷୁ ଶଦ୍ଧାନନ୍ଦ ଥେର

ପ୍ରକାଶିକା :

ଉପାସିକା କମଳା ଦେବୀ
ରାମନଗର, ବ୍ରହ୍ମପୁର-୮

ମୁଦ୍ରଣ :

ପ୍ରେସ୍‌ମ୍ୟାନ୍
ଇଉନିଟ୍-୪, ଭୁବନେଶ୍ୱର-୧

ପ୍ରଥମ ପ୍ରକାଶ :

ବୁଦ୍ଧ ପୂର୍ଣ୍ଣିମା
୯ । ୫ । ୧୯୯୦

ପ୍ରଥମ ମୁଦ୍ରଣ :

୫୦୦

ମୂଲ୍ୟ :

ଟ ୨୦.୦୦

ପ୍ରକାଶିକାଙ୍କ ଦ୍ୱାରା ସର୍ବସତ୍ତ୍ୱ ସଂରକ୍ଷିତ ।
All rights reserved by Publisher.

Digitized by srujanika@gmail.com

ମୁଖବନ୍ଧ

ବୁଦ୍ଧଙ୍କର ବାଣୀକୁ ଅନୁସରଣ କରି ଜଣେ କିପରି ନିଜର ଜୀବନକୁ କର୍ମମୟ ଓ ଶାନ୍ତିମୟ କରିପାରିଛି ଭିକ୍ଷୁ ଶବ୍ଦାନନ୍ଦ ଥେର ତା'ର ଏକ ଜ୍ୱଳନ୍ତ ଉଦାହରଣ । ଭିକ୍ଷୁ ଶବ୍ଦାନନ୍ଦ ଥେର ତାଙ୍କର ସନ୍ନ୍ୟାସ ପୂର୍ବ ଜୀବନରେ ଲୋକନାଥ ସାହୁ ନାମରେ ପରିଚିତ ଥିଲେ । ପିତା ମାତା ଓ ମାତାମହୀଙ୍କର ଲାଳନପାଳନରେ ସେ ଗଞ୍ଜାମ ଜିଲ୍ଲାର ଆସ୍କଗଡ଼ ଗ୍ରାମର ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରରେ ଶୈଶବ ଓ ବାଲ୍ୟ ଅତିବାହିତ କରିଥିଲେ । ପଶ୍ଚିମବଙ୍ଗର ବହରମପୁରରେ ସେ ମେକାନିକାଲ ଇଞ୍ଜିନିୟରିଂ ଅଧ୍ୟୟନ କରି କଟକରେ ଓ ପରେ ବ୍ରହ୍ମପୁରରେ ସ୍ୱାଧୀନଭାବରେ ବ୍ୟବସାୟ ଆରମ୍ଭ କରିଥିଲେ । ୧୯୪୧ ମସିହାରେ ଦ୍ୱିତୀୟ ମହାଯୁଦ୍ଧ ସମୟରେ ସେ ନାଗରିକ ପ୍ରତିରକ୍ଷା ବିଭାଗରେ ଯୋଗଦେଇ ଓଭରସିଅର ପାହ୍ୟାରେ ଚାକିରୀ ଆରମ୍ଭକଲେ । ୨୫ ବର୍ଷପରେ ବିଭିନ୍ନ ପଦୋନ୍ନତି ସହ ସେ ସୁପରିନ୍‌ଟେଣ୍ଡିଂ ଇଞ୍ଜିନିୟର ପାହ୍ୟାରେ ଥିବାବେଳେ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ଏହାର ୧୫ ବର୍ଷପରେ ସେ ଗୃହସ୍ଥାଶ୍ରମରୁ ବିଦାୟନେଇ ବୌଦ୍ଧ ସନ୍ନ୍ୟାସୀ ହେଲେ ଏବଂ ବର୍ତ୍ତମାନ ଭୁବନେଶ୍ୱରରେ ଥିବା ବୌଦ୍ଧ ବିହାରର ଦାୟିତ୍ୱ ଗ୍ରହଣକରି ସେ ଭିକ୍ଷୁଭାବରେ ଜୀବନଯାପନ କରୁଛନ୍ତି ।

ଏହା ହେଉଛି "ମୋର କର୍ମ ଓ ଧର୍ମ ଜୀବନ" ନାମରେ ଭିକ୍ଷୁ ଶବ୍ଦାନନ୍ଦ ଥେରଙ୍କର ଆତ୍ମଜୀବନୀ । ଏହି ପୁସ୍ତକଟି ପାଠକଲେ ଜଣେ ବ୍ୟକ୍ତିର ଏକ ଆଦର୍ଶମୟ ସଫଳ ପ୍ରଶାନ୍ତ ଜୀବନ ସମ୍ପର୍କରେ ଧାରଣା ମିଳେ । ଛାତ୍ର ଜୀବନରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ସହିତ ସାକ୍ଷାତ, ଚାକିରୀ ଜୀବନ ପୂର୍ବରୁ ଓଡ଼ିଶାର ବହୁ ବିଶିଷ୍ଟ ବରପୁତ୍ର ଲକ୍ଷ୍ମୀନାରାୟଣ ସାହୁ, ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ, ଶ୍ରୀମତୀ ରମାଦେବୀ, ଶ୍ରୀ ନବକୃଷ୍ଣ ଚୌଧୁରୀ, ଡ. ହରେକୃଷ୍ଣ ମହତାବ ଆଦିଙ୍କ ସମ୍ପର୍କରେ ଆସି ସେ ସମାଜସେବା କ୍ଷେତ୍ରରେ ନିଜକୁ ସମର୍ପଣ କରିଥିଲେ । ବିଶେଷତଃ ମହାତ୍ମା ଗାନ୍ଧୀଙ୍କର ଓଡ଼ିଶା ଆସିବାବେଳେ ତାଙ୍କ ସହିତ ସେ

Digitized by srujanika@gmail.com

କିଛି ସମୟ ପଦଯାତ୍ରା ଓ ସାକ୍ଷାତ କରିବାର ସୁଯୋଗ ପାଇଥିଲେ । ଜଣେ ଅତ୍ୟନ୍ତ ନମ୍ର, ନିରଳସ ଉଦାର ଓ ସ୍ୱାଧୀନଚେତା ବ୍ୟକ୍ତିଭବରେ ତାଙ୍କର ଖ୍ୟାତି [illegible] ସ୍ୱାଧୀନତା ଆନ୍ଦୋଳନ ସମୟର ସେବା ଏବଂ ଆଦର୍ଶ ତାଙ୍କ [illegible] ଜୀବନକୁ ସମ୍ପୂର୍ଣ୍ଣ ଅନୁପ୍ରାଣିତ କରିଥିଲା ।

ଶ୍ରୀ ଶଦ୍ଧାନନ୍ଦ କିପରି ପ୍ରଶାନ୍ତ ଚିତ୍ତରେ ଗୃହତ୍ୟାଗ କରି ସନ୍ନ୍ୟାସୀ ହେଲେ, ସେ ସମ୍ପର୍କରେ ତାଙ୍କର ଆତ୍ମଜୀବନୀରେ ଉଲ୍ଲେଖ କରି କହିଛନ୍ତି । "ପୁତ୍ର କନ୍ୟାଦି କ୍ଷେତ୍ରରେ ମୁଁ ଜଣେ ତୃପ୍ତ ପିତା ଯାହାଦ୍ୱାରା ମୋର ସକଳ ପ୍ରକାର ଦାୟିତ୍ୱସାରି ମୁଁ ସନ୍ନ୍ୟାସ ଗ୍ରହଣ କରିବାର ଭାଗ୍ୟ ଲାଭ କରି ପାରିଛି । ମୋର କର୍ମ ଜୀବନ ମଧ୍ୟ ସାଫଲ୍ୟ ମଣ୍ଡିତ ହୋଇଛି, ତେଣୁ ଉଭୟ ଦିଗରୁ ମୁଁ ଜଣେ ଭାଗ୍ୟବାନ ମନୁଷ୍ୟ ହୋଇପାରିଛି । ମୋର ଦୃଢ଼ ବିଶ୍ୱାସ ଯେ, ସମସ୍ତେ ମୋପରି ଭାଗ୍ୟବାନ ହୋଇପାରିବେ, ଯେବେ ସେମାନେ ନିଜର ବୁଦ୍ଧି ବିଦ୍ୟା ଓ ପରିଶ୍ରମକୁ ମନପ୍ରାଣଦେଇ ଉପଯୁକ୍ତ ମାର୍ଗରେ ବିନିଯୋଗ କରିପାରିବେ ।" ବାସ୍ତବରେ ସନ୍ନ୍ୟାସ ପୂର୍ବ ତାଙ୍କର ଚାକିରୀ ଜୀବନରେ ସେ ମିଥ୍ୟା ଓ ଅସାଧୁତାର ଦୂରରେ ରହି ନିଜର କର୍ତ୍ତବ୍ୟ କର୍ମ ସମ୍ପାଦନରେ ବ୍ରତୀ ହୋଇଛନ୍ତି ଏବଂ ନିଜେ ଜଣେ ନିର୍ଭୀକ ଦକ୍ଷ କର୍ମଚାରୀ ଭବରେ ତାଙ୍କର ଦାୟିତ୍ୱ ତୁଲାଉଛନ୍ତି ।

ଚାକିରୀ କରିବା ଅବସ୍ଥାରେ ଶଦ୍ଧାନନ୍ଦଙ୍କୁ ସ୍ୱପ୍ନରେ ଜଣେ ଦିବ୍ୟପୁରୁଷ ଦେଖାଦେଇ ତାଙ୍କୁ ଅନୁସରଣ କରିବାପାଇଁ କହିଥିଲେ ଏବଂ ପରେ ସେ ଶୋଇଥିବା ଗୃହ ଆଲୋକିତ ହୋଇଯାଇଥିଲା । ସେ ନିଜେ ଉଲ୍ଲେଖ କରିଛନ୍ତି ଯେ, ତାହା ହେଉଛି ତାଙ୍କ ପ୍ରତି ବୁଦ୍ଧଦେବଙ୍କର ନିର୍ଦ୍ଦେଶ । ସେହି ଦିନଠାରୁ ସେ ବୌଦ୍ଧଧର୍ମ ସମ୍ପର୍କରେ ବହୁ ପୁସ୍ତକ ଅଧ୍ୟୟନ କରି ଓ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଆସି ସେଇ ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ପରେ ସସ୍ତ୍ରୀକ ବୌଦ୍ଧଧର୍ମ ଗ୍ରହଣକରି ଭିକ୍ଷୁ ହେବା ପାଇଁ ନିଷ୍ପତ୍ତିନେଲେ । ଓଡ଼ିଶାର ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କ ମଧ୍ୟରେ ଖୁବ୍ ଅଳ୍ପ ବୌଦ୍ଧଧର୍ମାବଲମ୍ବୀ ଅଛନ୍ତି । ଭୁବନେଶ୍ୱରରେ ଯେଉଁ ବୌଦ୍ଧ ବିହାରଟି ପ୍ରତିଷ୍ଠା ହୋଇଛି ତାହାର ପରିଚାଳନା କରିବାପାଇଁ ମହାବୋଧି ସୋସାଇଟି ପକ୍ଷରୁ ସିଂହଳରୁ ଜଣେ ବୌଦ୍ଧଭିକ୍ଷୁ ଆସି ରହୁଥିଲେ । ତାଙ୍କର ମୃତ୍ୟୁ ପରେ ଭିକ୍ଷୁ ଶଦ୍ଧାନନ୍ଦ ଥେର ଏହାର ଦାୟିତ୍ୱରେ ରହି ବିହାରର ବହୁ ଉନ୍ନତି ସାଧନ କରିଛନ୍ତି ।

Digitized by srujanika@gmail.com

ଓଡ଼ିଶା ଦିନେ ବୌଦ୍ଧଧର୍ମର ଏକ ପ୍ରଧାନ କେନ୍ଦ୍ର ଥିଲା । ଏହିଠାରୁ ବୁଦ୍ଧଙ୍କର ବାଣୀ ସିଂହଳ ଇଣ୍ଡୋନେସିଆ ଓ ବ୍ରହ୍ମଦେଶ ଆଦି ବିଭିନ୍ନ ଦେଶରେ ପ୍ରଚାରିତ ହୋଇଥିଲା । ଆଜି [illegible] ଓଡ଼ିଶାରେ ବୌଦ୍ଧଧର୍ମାବଲମ୍ବୀ ବ୍ୟକ୍ତି ଖୁବ୍ କମ୍ ଅଛନ୍ତି ଏବଂ ରାଜଧାନୀ ଭୁବନେଶ୍ୱରରେ ଏହି ବୌଦ୍ଧ ବିହାରଟି ହେଉଛି ତାହାର ଏକମାତ୍ର ପ୍ରଧାନ କେନ୍ଦ୍ର । ଏହାର ସର୍ବତୋମୁଖୀ ବିକାଶ ସମସ୍ତଙ୍କର କର୍ତ୍ତବ୍ୟ । ଭିକ୍ଷୁ ଶବ୍ଦାନନ୍ଦ ଥେର ବୃଦ୍ଧ ବୟସରେ ସନ୍ୟାସୀ ହୋଇ ଯେଉଁ ଦାୟିତ୍ୱ ଗ୍ରହଣ କରିଛନ୍ତି ତାହାର ସଫଳତା ଆମ ସମସ୍ତଙ୍କର କାମ୍ୟ । ତାଙ୍କର "ମୋର କର୍ମ ଓ ଧର୍ମ ଜୀବନ" ନାମକ ଶିକ୍ଷାପ୍ରଦ ଆତ୍ମଜୀବନୀଟି ସମସ୍ତଙ୍କ ମଧ୍ୟରେ ଆଦୃତ ହେବ ବୋଲି ମୋର ଆଶା ।

୬।୭।୮୦

Digitized by srujanika@gmail.com

ଭୂମିକା

ମୋର ଏହି କ୍ଷୁଦ୍ର ଜୀବନୀ ଲେଖିବାର ମୂଳ ଉଦ୍ଦେଶ୍ୟ ହେଲା ମୋର ଜୀବନର କେତେ ଘଟଣା ଲିପିବଦ୍ଧ କରିରଖିବା । ଏହି ଜୀବନୀଟି ପଢ଼ିବା ଦ୍ୱାରା ଯଦି ଜଣେ ହେଲେ ମନୁଷ୍ୟ ଉପକୃତ ହୁଅନ୍ତି, ତାହାହେଲେ ମୋର ଏହି ପ୍ରୟାସ ସାର୍ଥକ ହେଲା ବୋଲି ମନେ କରିବି ।

ଓଡ଼ିଶାର ଗୋଟିଏ ମଫସଲ ଗ୍ରାମରେ ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରି ନିଜର ଚେଷ୍ଟା ଓ ପରିଶ୍ରମଦ୍ୱାରା ଏକ ସଫଳ ଜୀବନ ପରେ ବୃଦ୍ଧାବସ୍ଥାରେ ଜଣେ ବୌଦ୍ଧଭିକ୍ଷୁ ହୋଇ ଜୀବନ ଅତିବାହିତ କରିବା କମ୍ ଲୋକର ଭାଗ୍ୟରେ ଜୁଟିଥାଏ । ସେପରି ଜୀବନ କିପରି ଲାଭ ହୋଇପାରିଛି, ତାହା ଏଥିରେ ବର୍ଣ୍ଣିତ ହୋଇଛି । ସେଥିପାଇଁ ଚେଷ୍ଟା କିପରି କରାଯାଇପାରିଛି ତାହା ସମସ୍ତଙ୍କୁ ଜଣାଇବା ମୋର କର୍ତ୍ତବ୍ୟ ବୋଲି ମୁଁ ଭାବି ଏହାକୁ ପ୍ରକାଶକଲି । ଜୀବନ ପ୍ରବାହରେ ଅନେକ ଲୋକଙ୍କର ସମ୍ପର୍କରେ ଆସିଥିଲେ ମଧ୍ୟ ବୟସାଧିକ୍ୟରୁ ସମସ୍ତଙ୍କର ନାମ ମନେ ରଖିବା ଅସମ୍ଭବ । ତେଣୁ କେତେ ଜଣ ନିକଟ ସମ୍ପର୍କୀୟଙ୍କର ନାମ ମଧ୍ୟ ଛାଡ଼ିଯାଇଛି ।

ମୋର ବୌଦ୍ଧଭିକ୍ଷୁ ଜୀବନ ଆରମ୍ଭରୁ ମୁଁ ଦେଶବିଦେଶର କେତେ ଜଣ ସାଧୁ ସନ୍ଥ ଓ ମହନୀୟ ବ୍ୟକ୍ତିଙ୍କର ସାନିଧ୍ୟପାଇ ବଡ଼ ଉପକୃତ ହୋଇଛି, କିନ୍ତୁ ସେମାନଙ୍କର ନାମ ମଧ୍ୟ ଏଥିରେ ସ୍ଥାନପାଇ ନାହିଁ । ସେଥିପାଇଁ ମୁଁ ବଡ଼ ଦୁଃଖିତ ।

ମୋର ଏହି ବୃଦ୍ଧ ବୟସରେ ମୋତେ ଏହି ଜୀବନୀ ଲେଖିବା କଷ୍ଟ ସାଧ୍ୟ ହୋଇଥାନ୍ତା । ତେଣୁ ମୁଁ ମୋର ପୁତ୍ରତୁଲ୍ୟ ଉପାସକ ଚନ୍ଦ୍ରଶେଖର ଓ ଶ୍ରୀମାନ ଜ୍ୟୋତିର୍ମୟଦାସଙ୍କର ସହାୟତା ନେଇଛି । ଉପାସକ ଚନ୍ଦ୍ରଶେଖର ଏହି ଜୀବନୀଟି ମୁଁ ଡାକି ଦେବାରୁ ଲେଖିଥିଲେ

Digitized by srujanika@gmail.com

ଓ ଶ୍ରୀମାନ ଜ୍ୟୋତିର୍ମୟ ଏହାଙ୍କୁ ମୋ ନିକଟରେ ପାଠକରି ମାର୍ଜିତ ହେବାପରେ ଛପାଇବାପାଇଁ ପୁଣି ଲେଖିଥିଲେ । ତେଣୁ ଏହି ଦୁଇଜଣ ଉଦୀୟମାନ ଯୁବକଙ୍କର ସୁଖ ଓ ଶାନ୍ତିମୟ ଜୀବନ କାମନା କରୁଛି ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁପଣ୍ଡିତ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମୋପ୍ରତି ଅନୁଗ୍ରହ ପ୍ରଦର୍ଶନକରି ତାଙ୍କର କର୍ମମୟ ଜୀବନର ବହୁମୂଲ୍ୟ ସମୟ ବିନିଯୋଗ କରି ମୋର ଏହି କ୍ଷୁଦ୍ର ଜୀବନୀଟି ପାଠକରି ମୁଖବନ୍ଧ ଲେଖିଥିବାରୁ ମୁଁ ବହୁପରିମାଣରେ ତାଙ୍କଠାରେ କୃତଜ୍ଞତାରେ ଆବଦ୍ଧ ରହିବା ସଙ୍ଗେ ସଙ୍ଗେ ତାଙ୍କୁ ଓ ତାଙ୍କର ପରିବାରର ସମସ୍ତଙ୍କର ସୁଖ, ଶାନ୍ତି ଓ ନିରମୟ ଦୀର୍ଘ ଜୀବନ କାମନା କରୁଛି ।

ଶେଷରେ ଏ ଜୀବନୀଟିକୁ ପୁସ୍ତକାକାରରେ ଛପାଇବା ଭାର ମୁଁ ଘରିନଗର ଇଉନିଟ୍‌ସ୍ଥିତ "ପ୍ରେସ୍‌ମ୍ୟାନ୍" ଛାପାଖାନାର ମାଲିକ ଶ୍ରଦ୍ଧେୟ ବାବୁ ସୁବୋଧ ସରକାରଙ୍କୁ ଦେଇ ନିଶ୍ଚିନ୍ତ ହୋଇଥିଲି, କାରଣ ସେ ମୋର ଅନେକ ଛାପା କାମ ଅକୁଣ୍ଠିତ ମନରେ ବିନା ଖର୍ଚ୍ଚରେ କିମ୍ବା ଅଳ୍ପଖର୍ଚ୍ଚରେ କରିଆସିଛନ୍ତି ଓ ଏହି ପୁସ୍ତିକଟି ମଧ୍ୟ ସେପରି ଛପାଇବା ଭାର ଗ୍ରହଣ କରିଛନ୍ତି । ତେଣୁ ମୁଁ ତାଙ୍କୁ ଓ ତାଙ୍କର ପରିବାରର ସମସ୍ତଙ୍କୁ ମୋର ଗଭୀର ଶ୍ରଦ୍ଧା ଓ ଆଶୀର୍ବାଦ ଜଣାଉଛି ।

ସମୟ ଅଭାବରୁ ଓ ମୋର ଓଡ଼ିଆଭାଷାରେ ସେପରି ଜ୍ଞାନ ନ ଥିବାରୁ ପୁସ୍ତକଟିରେ ଅନେକ ଭୁଲ ରହିଯାଇଛି । ସହୃଦୟ ପାଠକ ପାଠିକା ତାଙ୍କର ଉଦାର ଗୁଣ ଦ୍ୱାରା ଭୁଲ ଗୁଡ଼ିକୁ ଧରିବେ ନାହିଁ ବୋଲି ମୋର ଆଶା ।

ଭଗବାନ ବୁଦ୍ଧ ସକଳ ପ୍ରାଣୀଙ୍କର ମଙ୍ଗଳ କରନ୍ତୁ ।

ବୁଦ୍ଧବିହାର
ଇଉନିଟ୍-୯, ଭୁବନେଶ୍ୱର-୭
ଆଷାଢ଼ ପୂର୍ଣ୍ଣିମା, ୧୯୯୦

ଇତି
ଭିକ୍ଷୁ ଶ୍ରଦ୍ଧାନନ୍ଦ ଥେର

Digitized by srujanika@gmail.com

ଶ୍ରୀ ଲୋକନାଥ ସାହୁ
ଆସିଷ୍ଟାନ୍‌ସ ସିଭିଲ ଡିଫେନ୍‌ସ ଅଫିସର ଓ
ଅଟୋମୋବାଇଲ ଇଞ୍ଜିନିୟର, ୧୯୪୨–୧୯୪୫

ଶ୍ରୀ ଲୋକନାଥ ସାହୁ
ଆସିଷ୍ଟାଣ୍ଟ୍ ଟ୍ରାନ୍‌ସପୋର୍ଟ କଂଟ୍ରୋଲର ଓ
ସେକ୍ରେଟାରୀ, ଷ୍ଟେଟ୍‌ଟ୍ରାନ୍‌ସପୋର୍ଟ ଅଥାରଟୀ, ଓଡ଼ିଶା

Digitized by srujanika@gmail.com

ଜନ୍ମ ଓ ବାଲ୍ୟ ଜୀବନ

ମୁଁ ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରରେ ୧୯୦୯ ସମ୍ବତ୍ସର ଅଗଷ୍ଟ ମାସ ଦୁଇ ତାରିଖ ଗହ୍ମା ପୂର୍ଣ୍ଣମୀ ଦିନ ସନ୍ଧ୍ୟା ଛଅଟାରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ନିକଟସ୍ଥ ପୋଡାପଦର ଗ୍ରାମରେ ଥିବା ମୋର ମାମୁଁଙ୍କ ଘରେ ଜନ୍ମ-ଗ୍ରହଣ କରିଥିଲି । ମୋର ପିତାଙ୍କ ନାମ ସ୍ୱର୍ଗତ ଶିବରମ ସାହୁ ଓ ମାତାଙ୍କ ନାମ ସ୍ୱର୍ଗତା ଲବଙ୍ଗଲତା । ମୁଁ ଶୁଣିଲି ମୋର ତିନି ମାସ ବୟସରେ ମୋତେ ମାମୁଁ ଘରୁ ବ୍ରହ୍ମପୁର ନିକଟସ୍ଥ ଆମ୍ବଗଡ଼ ଗ୍ରାମରେ ଥିବା ଆମର ପୈତୃକ ଗୃହକୁ ଅଣାଯାଇଥିଲା । ସେଠାକୁ ଫେରିବାର ଅଳ୍ପଦିନ ମଧ୍ୟରେ ଏପରି ଏକ ଘୂର୍ଣ୍ଣିବାତ୍ୟା ହେଲା, ଯାହାଦ୍ୱାରା ଆମର ଆଟୁଥିବା ଖ୍ରଲଘରର ଛପର ଉଡ଼ିଯାଇ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥା ସୃଷ୍ଟି ହୋଇଥିଲା । ଆମ ଘରର ଦାଣ୍ଡପଟ ଅଂଶ ସମ୍ପୂର୍ଣ୍ଣଭବେ ଭୂଲୁଣ୍ଠିତ ହୋଇଥିଲା । ସେ ଯାହା ହେଉ ଆମ ପରିବାରର କେହିହେଲେ ମୃତାହତ ହୋଇ ନଥିଲେ, କାରଣ ଆମ୍ଭେମାନେ ସମସ୍ତେ ଆମର ବାରିପଟ ଆଟୁଘରେ ଆଶ୍ରୟ ନେଇଥିଲୁ । ଏହା ହେଉଛି ମୋ ଜୀବନର ପ୍ରଥମ ବିପତ୍ତି ।

ଆମ ପରିବାରରେ ଜେଜେମା, ବାପା, ଦାଦା, ମୋ ମା ଓ ଖୁଡ଼ି ଏହିପରି ପାଞ୍ଚ ଜଣ ଏବଂ ମୁଁ ପ୍ରଥମ ସନ୍ତାନ ହୋଇଥିବାରୁ ବାଲ୍ୟବସ୍ଥାରେ ଅତି ଆଦରରେ ଲାଳିତ ପାଳିତ ହୋଇଥିଲି । ମୋର ଜନ୍ମ ବୃତ୍ତାନ୍ତ ମଧ୍ୟ ଏକ ପ୍ରକାର ରହସ୍ୟାଚ୍ଛନ୍ନ । ମୋ ବାପାଙ୍କର ବିଭହେବା ଖ୍ରରିବର୍ଷ ପର୍ଯ୍ୟନ୍ତ କୌଣସି ସନ୍ତାନ ସନ୍ତତି ହୋଇ ନ ଥିଲେ । ଗ୍ରାମର ପଡ଼ିଶାଲେକ ଏବଂ ଆମର କେତେକ ବନ୍ଧୁବାନ୍ଧବ ମୋ ମାଙ୍କୁ ଏକ ବନ୍ଧ୍ୟା ବୋଲି ପଶ୍ଚାତ୍‌ରେ ଆକ୍ଷେପ କରୁଥିଲେ ବୋଲି ଶୁଣିଛି, କାରଣ ସେ କାଳେ ବିବାହର ଖ୍ରରିବର୍ଷ ପର୍ଯ୍ୟନ୍ତ

Digitized by srujanika@gmail.com

ସନ୍ତାନ ନ ହେବା ବନ୍ଧ୍ୟାତ୍ୱର ଏକ ଲକ୍ଷଣ ବୋଲି ଧରଯାଉଥିଲା । ମୋ ବାପା ଜଣେ ବଡ଼ ଶିବଭକ୍ତ ଥିଲେ । ମୁଁ ଯେଉଁ ଦିନଠାରୁ କଥା ମନେରଖିପାରିଛି, ସେହି ଦିନଠାରୁ ବାପା ପ୍ରତିଦିନ ସକାଳୁ ସ୍ନାନସାରି ଆମର ପୂଜାଘରେ ବସି ଶିବଙ୍କର ଛବି ଆଗରେ କଣ ଗୁଣୁଗୁଣୁ ହୋଇ ମନ୍ତ୍ର ପାଠ କରୁଥିବାର ମୋର ମନେ ଅଛି । ସେମିତି ସନ୍ଧ୍ୟାବେଳେ ମଧ୍ୟ ରାତ୍ର ଭୋଜନ ପୂର୍ବରୁ ଅଧଘଣ୍ଟାଏ ସେହି ପୂଜାଘରେ ବସି ମନ୍ତ୍ରପାଠ କରିବାର ଦେଖିଆସିଛି । ପ୍ରତ୍ୟେକ ସୋମବାର ଦିନ ମୋ ବାପା, ମା ଏବଂ ମୁଁ ମିଶି ନିକଟସ୍ଥ ଶିବମନ୍ଦିରକୁଯାଇ ବେଲପତ୍ର ଓ ପୁଷ୍ପ ଇତ୍ୟାଦିରେ ଶିବଲିଙ୍ଗ ପୂଜା କରି ଆସୁଥିଲୁ । ଶିବରାତ୍ରି ଦିନ ଆମଘରେ ସମସ୍ତେ ଉପବାସ ରହୁଥାନ୍ତି । ଏପରିକି ମୋତେ ମଧ୍ୟ ଉପବାସ ରହିବାକୁ ହେଉଥାଏ । ସନ୍ଧ୍ୟା ସମୟରେ କିଛି ଫଳାହାର କରି ସମ୍ପୂର୍ଣ୍ଣ ରାତ୍ରି ଉଜାଗର ରହିବାକୁ ହୁଏ । ବାପା ମା'ଙ୍କର ଏହି ଭକ୍ତିଭାବ ମୋ ଜୀବନକୁ ବାଲ୍ୟାବସ୍ଥାରେ ପ୍ରଭାବିତ କରିଥିଲା । ଯେବେ ମା'ଙ୍କର କୌଣସି ସନ୍ତାନ ସନ୍ତତି ଜନ୍ମ ହୋଇ ନ ଥିଲେ ସେତେବେଳେ ସେ ପୁରୀର ପ୍ରସିଦ୍ଧ ଲୋକନାଥ ମହାଦେବଙ୍କଠାରେ ଗୁହାରୀ କରିବାପାଇଁ ବାପା, ମା, ଖୁଡ଼ି ଏବଂ ଅନ୍ୟ ଜଣେ ବନ୍ଧୁଙ୍କସହ ପୁରୀ ଆସି ଲୋକନାଥ ଦେବଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥିଲେ । ସେଠୁ ଫେରିବାର ଅଳ୍ପକେତେ ଦିନପରେ ମା ଗର୍ଭବତୀ ହେଲେ । ଯଥା ସମୟରେ ଉପଯୋଗ୍ୟମତେ ମୁଁ ଜନ୍ମଲାଭ କଲି । ମୋର ଜାତକନାମ ଗଙ୍ଗାଧର ହୋଇଥିଲେ ମଧ୍ୟ ମୋର ପିତାମାତା ମୋତେ ଶ୍ରଦ୍ଧାରେ ଲୋକନାଥ ବୋଲି ନାମିତ କଲେ । କାରଣ ସେମାନଙ୍କର ଧାରଣା ଥିଲା ଯେ ପ୍ରଭୁ ଲୋକନାଥଙ୍କ କୃପାରୁ ମୁଁ ଜନ୍ମଲାଭ କରିଥିଲି । ଏହା କେତେ-ଦୂର ବିଶ୍ୱାସଯୋଗ୍ୟ ତାହା ମୁଁ ଜାଣେନା, ଯେହେତୁ ମୋପରେ ମୋର ମା' ଆଉ ତିନୋଟି କନ୍ୟା ଓ ଗୋଟିଏ ପୁତ୍ର ସନ୍ତାନ ପ୍ରସବ କରିଥିଲେ । ହୁଏତ ପ୍ରାକୃତିକ କାରଣରୁ ମୋ ମାଙ୍କର ଗର୍ଭଧାରଣ ଶକ୍ତି ବିଳମ୍ବରେ ହୋଇଥାଇ-ପାରେ କିମ୍ବା ମୋ ପିତାମାତାଙ୍କର ପ୍ରଖର ଇଚ୍ଛା ଶକ୍ତିଦ୍ୱାରା ତାହା ହୋଇଥାଇ-ପାରେ କିନ୍ତୁ କୌଣସି ଦେବତାଙ୍କ କୃପାରୁ ମଣିଷ ଜନ୍ମଲାଭ କରିବା ବିଶ୍ୱାସ ଯୋଗ୍ୟ ନୁହେଁ ।

ମୋର ପ୍ରାୟ ଚାରିବର୍ଷ ବୟସ ବେଳେ ଆମେ ଗୋପାଳପୁରରେ ରହିଲୁ । ଗୋପାଳପୁର ବନ୍ଦରରୁ ସେ ସମୟର British Steam Navigation Company Ltd. ଯାତ୍ରୀ ନେଉଥାନ୍ତି । ସୁଦୂର ରେଙ୍ଗୁନକୁ ଯାତ୍ରୀ

Digitized by srujanika@gmail.com

ନେଉଥାନ୍ତି । ଓଡ଼ିଶାରୁ ଯାଉଥିବା ଯାତ୍ରୀମାନଙ୍କୁ ଏକତ୍ର କରି ଟିକେଟ୍ କିଣିଦେଇ ଜାହାଜରେ ବସାଇ ଦେବାପାଇଁ ଗୋପାଳପୁରରେ ଚାରି ପାଞ୍ଚଜଣ ଏଜେଣ୍ଟଥାନ୍ତି । ସେମାନେ ରେଙ୍ଗୁନ ଯାତ୍ରୀମାନଙ୍କୁ ବସା ଇତ୍ୟାଦି ଯୋଗାଇ ଜାହାଜ ଆସିବା ପର୍ଯ୍ୟନ୍ତ ରଖୁଥାନ୍ତି । ଜାହାଜ ଆସି ଗୋପାଳପୁର ସମୁଦ୍ର କୂଳରୁ ପ୍ରାୟ ଏକ କିଲୋମିଟର ଦୂରରେ ଲଙ୍ଗର ପକାଇରହେ । ଯାତ୍ରୀମାନଙ୍କୁ ନୌକା ସାହାଯ୍ୟରେ ଜାହାଜରେ ପହଞ୍ଚାଇବାକୁ ହୁଏ । ବାପାଙ୍କର ଏହି କାମରେ ଯୋଗଦେବାପରେ ମୁଁ, ମା ଓ ଜେଜେମା ଗୋପାଳପୁରଯାଇ ଗୋଟିଏ ଭଡ଼ାଘରେ ରହିଥିଲୁ । ପ୍ରାୟ ଦୁଇ ତିନି ମାସ ଏହି କାର୍ଯ୍ୟ ମହା ବିପଜ୍ଜନକ ହୋଇଥାଏ, କାରଣ ବର୍ଷା ଋତୁରେ ସମୁଦ୍ର ବଡ ଉତ୍ତାଳହୋଇ ବଡ଼ ବଡ ଢେଉ ଉଠିଥାଏ । ମୋ ଜାଣିବାରେ ଥରେ ରେଙ୍ଗୁନରୁ ଆସିଥିବା ଗୋଟିଏ ଜାହଜ ଜୁଲାଇ ମାସରେ ଗୋପାଳପୁରରେ ପହଞ୍ଚିଥାଏ । ସେଥିରୁ କେତେଜଣ ଓଡ଼ିଆ ଯାତ୍ରୀ ତିନୋଟି ବଡ଼ ବଡ ନୌକାରେ ବୋଝେଇ ହୋଇ କୂଳକୁ ଫେରୁଥିବା ସମୟରେ ବଡ ଢେଉ-ମାଡରେ ନୌକା ତିନୋଟି ଓଲଟି ପଡ଼ିଥିଲା । ସମସ୍ତ ଯାତ୍ରୀ ଓ ନୋଳିଆ ସମୁଦ୍ରରେ ପଡ଼ିଯାଇଥିଲେ । ସେମାନଙ୍କ ମଧ୍ୟରୁ ନୌକା ଚାଳକ ନୋଳିଆମାନେ ପହଁରି ପହଁରି କୂଳକୁ ଆସିଲେ । କିନ୍ତୁ ଯାତ୍ରୀମାନେ କେହି କୂଳକୁ ଫେରିବାର ମୋର ମନେ ନାହିଁ । ଏହି ଦୁର୍ଘଟଣାର କେତେ ସମୟପରେ ପ୍ରାୟ କୋଡ଼ିଏ ଜଣ ଯାତ୍ରୀ ଭସି ଭସି କୂଳରେ ଲାଗିଥିଲେ । ସେଥିରୁ ମାତ୍ର କେତେଜଣ ବଞ୍ଚିଥିବାର ଦେଖାଯାଇଥିଲା । ସେମାନଙ୍କର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିଲା ଓ ନିଃଶ୍ୱାସ ପ୍ରଶ୍ୱାସ କ୍ଷୀଣରୁ କ୍ଷୀଣତର ହେଉଥିଲା । ସେଠାକାର ଜଣେ ଡ଼ାକ୍ତର ଓ କେତେକ ସ୍ଥାନୀୟ ଅଧିବାସୀ ମିଶି ବହୁ ଚେଷ୍ଟା ଓ ପରିଶ୍ରମ ବଳରେ ମାତ୍ର ଦୁଇ ତିନିଜଣଙ୍କୁ ବଞ୍ଚାଇ ସେଠାକାର ନିକଟରେ ଥିବା ଲୋକାଲ-ଫଣ୍ଡ ଡ଼ିସ୍‌ପେନସରୀକୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ ନିମନ୍ତେ ପଠାଇଥିବାର ମୁଁ ସ୍ୱଚକ୍ଷୁରେ ଦେଖିଛି । ଅନ୍ୟ ଶବଗୁଡ଼ିକୁ ପୋଲିସ ବ୍ୟବଚ୍ଛେଦ ନିମିତ୍ତ ବ୍ରହ୍ମପୁରକୁ ପଠାଇଥିବାର ଜାଣେ । ତେଣୁ ଗୋପାଳପୁର ବନ୍ଦରକୁ ବର୍ଷାଦିନେ କୌଣସି ଜାହାଜ ଆସୁନଥିଲା ।

ବିଦ୍ୟାରମ୍ଭ

ସେ ସମୟରେ ଗୋପାଳପୁରରେ ଗୋଟିଏ ଉଚ୍ଚ ପ୍ରାଥମିକ (Higher Elementary) ସ୍କୁଲ ଥିଲା । ସେହି ସ୍କୁଲରେ କୌଣସି

Digitized by srujanika@gmail.com

ଓଡ଼ିଆ ଶିକ୍ଷକ ନଥିଲେ । ଏଣୁ ମୋତେ ବାଧ୍ୟ ହୋଇ ତେଲୁଗୁ ଶିକ୍ଷା ଆରମ୍ଭ କରିବାକୁ ପଡ଼ିଥିଲା । ମୋର ମନେ ଅଛି ଜଣେ ବୃଦ୍ଧ ଶିକ୍ଷକ ୰ ଭେଙ୍କଟ ସ୍ୱାମୀ ମୋର ଆଦ୍ୟ ଗୁରୁ ହୋଇ ମୋତେ ତେଲୁଗୁ ଅକ୍ଷରରେ "ଓଁ ନମଃ ଶିବାୟ" ପଦଟି ମଡାଇବାପାଇଁ ସ୍ଲେଟ୍‌ରେ ଲେଖି ଦେଇଥିଲେ । ସେହିଠାରୁ ତେଲୁଗୁ ଶିକ୍ଷା ଆରମ୍ଭହୋଇ ମୋତେ ଏସ୍.ଏସ୍.ଏଲ୍.ସି. ପର୍ଯ୍ୟନ୍ତ ତେଲୁଗୁ ଭାଷାରେ ପଢ଼ିବାକୁ ହୋଇଥିଲା । ତେଲୁଗୁ ଭାଷା ସହିତ ଇଂରାଜୀ ଅକ୍ଷର ମଧ୍ୟ ଶିଖିବାକୁ ପଡ଼ିଥିଲା ।

ସେହି ସମୟରେ ଗୋପାଳପୁରଠାରେ କେତେକ ଇଉରେସିଆନ ଓ ଆଙ୍ଗ୍ଲୋଇଣ୍ଡିଆନ ପରିବାର ବାସ କରୁଥିଲେ । ସେମାନଙ୍କର ପିଲାମାନେ ଭାରତର ବଡ଼ ବଡ ସହରମାନଙ୍କରେ ଥିବା ଇଂରାଜୀ ମାଧ୍ୟମ ସ୍କୁଲମାନଙ୍କରେ ପଢିବାକୁ ଯାଉଥିଲେ, ଏବଂ ଛୁଟି ଗୁଡ଼ିକରେ ଗୋପାଳପୁର ଫେରୁଥିଲେ । ପିଲାଟିଦିନୁ ମୋର ସେମାନଙ୍କ ସହିତ ବନ୍ଧୁତ୍ୱ ଆରମ୍ଭ ହୋଇଥିଲା । ସେମାନଙ୍କସହ ଇଂରାଜୀରେ କଥା କହିବାକୁ ପଡୁଥିଲା । ତେଣୁ ବାଲ୍ୟାବସ୍ଥାରୁ ମୁଁ ଇଂରାଜୀ ଭାଷା ସହିତ ଭଲ ପରିଚିତ ଥିଲି । ଗୋପାଳପୁରଠାରେ ପଞ୍ଚମ ଶ୍ରେଣୀ ପାଶ୍ କଲାପରେ ମୋତେ ବ୍ରହ୍ମପୁରର ଟାଉନ ମିଡ଼ିଲ ସ୍କୁଲରେ ପଢ଼ିବାକୁ ହୋଇଥିଲା । ସେ ସମୟରେ ମିଡ଼ିଲ୍ ସ୍କୁଲର ଶ୍ରେଣୀ ଗୁଡ଼ିକୁ ଫର୍ମ କୁହାଯାଉଥିଲା । ମୁଁ ଫାଷ୍ଟ ଫର୍ମରେ ଯୋଗ ଦେଇଥିଲି । ଥାର୍ଡ ଫର୍ମ ପର୍ଯ୍ୟନ୍ତ ମିଡ଼ିଲ ସ୍କୁଲରେ ପଢ଼ିବାପରେ ଫୋର୍ଥ ଫର୍ମଠାରୁ ଖଲିକୋଟ୍ କଲେଜ ପରିସର ମଧ୍ୟରେ ତତ୍‌କାଳୀନ ହାଇସ୍କୁଲ ଶ୍ରେଣୀରେ ମୋତେ ଯୋଗ ଦେବାକୁ ହୋଇଥିଲା । ଷଷ୍ଠ ଫର୍ମ ପୂର୍ଣ୍ଣ ହେବାପରେ ତତ୍‌କାଳୀନ ଏସ୍.ଏସ୍.ଏଲ୍.ସି. (ମାଟ୍ରିକ୍) ପରୀକ୍ଷା ଦେବାକୁ ପଡ଼ିଥିଲା । ମୁଁ ବ୍ରହ୍ମପୁରଠାରେ ପଢ଼ା ଆରମ୍ଭ କରିବା ସମୟରେ ବ୍ରହ୍ମପୁର ସନ୍ନିକଟ ଆମ ନିଜ ଗ୍ରାମ ଆମ୍ବଗଡ଼ଠାରୁ ପ୍ରତ୍ୟେକ ଦିନ ଚାଲି ଚାଲି ପ୍ରଥମେ ଟାଉନ୍ ମିଡ଼ିଲ୍ ସ୍କୁଲ, ତାପରେ ଖଲ୍ଲିକୋଟ କଲେଜ ପରିସରସ୍ଥ ହାଇସ୍କୁଲକୁ ଆସୁଥିଲି । ଏଠାକୁ ଯିବା ଆସିବାପ୍ରାୟ ଆଠମାଇଲ ବାଟଥିଲା । ପ୍ରଥମେ ବ୍ରହ୍ମପୁରରେ ପଢିବାକୁ ଆରମ୍ଭ କଲାବେଳେ ମୋର ବୟସ ମାତ୍ର ବାର ବର୍ଷ ହୋଇଥିଲା । ଏସ୍.ଏସ୍.ଏଲ୍.ସି. ପରୀକ୍ଷା ଦେଲା ବେଳକୁ ମୋର ବୟସ ଅଠର ବର୍ଷ ହୋଇଥାଏ । ମୋତେ ଥାର୍ଡ ଫର୍ମ (ଆଜିକାଲିର ସପ୍ତମ ଶ୍ରେଣୀ) ପାସ୍ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଚାଲି ଚାଲି ସ୍କୁଲକୁ ଯିବାକୁ ହେଉଥିଲା । ଆମ

Digitized by srujanika@gmail.com

ଗ୍ରାମରୁ ଜଣେ ଶିକ୍ଷକ ✓ ଗଣପତି ପତି ଆଉ ଆଇ.ଏ. ପଢୁଥିବା ଛାତ୍ର ✓ ଅନ୍ତର୍ଯାମୀ ପତି ଓ ତାଙ୍କ ଭାଇ ସତ୍ୟବାଦୀ ପତିଙ୍କ ସହିତ ମୁଁ ସ୍କୁଲକୁ ଯାଉଥିଲି । ସକାଳୁଉଠି ନିତ୍ୟକର୍ମ ଓ ଖିଆପିଆସାରି ଉପରୋକ୍ତ ବ୍ୟକ୍ତିମାନଙ୍କ ସହ ସ୍କୁଲକୁ ବାହାରେ । ଖରବେଳେ ବାପା ଦେଇଥିବା ଅଣାଏ ପଇସା (ଆଜିକାଲିର ଛଅନୂଆ ପଇସା)ରେ ପେଟପୂର ଜଳଖିଆ ଖାଇ ପାଣିପିଇ ଉପରବେଳା ସ୍କୁଲ ଛୁଟିପରେ ଫୁଟ୍‌ବଲ କିମ୍ବା ଅନ୍ୟ କୌଣସି ଖେଳ ଖେଳି ଗ୍ରାମକୁ ଫେରିଲାବେଳକୁ ସଂଧ୍ୟା ହୋଇଯାଏ । ଅଧିକାଂଶ ଦିନ ମୋତେ ଏକଲା ସ୍କୁଲରୁ ଫେରିବାକୁ ପଡୁଥାଏ । ଶୀତ ଦିନେ ଗ୍ରାମକୁ ଫେରିବାବେଳକୁ ଅନ୍ଧାର ହୋଇଯାଏ । ଏହିପରି ମିଡ଼ିଲ୍ ସ୍କୁଲ ପାଠ ଶେଷ କରି ଖଲ୍ଲିକୋଟ କଲେଜିଏଟ୍ ସ୍କୁଲରେ ଯୋଗ ଦେବାପରେ ବାପା ମୋପାଇଁ ଗୋଟିଏ ସାଇକେଲ କିଣିଦେଇଥିଲେ ଯାହା ମୋର ଯିବା ଆସିବାରେ ବହୁତ ସହାୟକ ହେଲା ଏବଂ ମୁଁ ଆମ ଗାଁର ଅନ୍ୟ ବନ୍ଧୁମାନଙ୍କ ସହିତ ନଯାଇ ଏକା ଯିବା ଆସିବା କରିପାରୁଥିଲି ।

ଆମ ଗ୍ରାମ ନିକଟରେ ପାହାଡ଼ ଥିବାରୁ ସେହି ପାହାଡ଼ ଗୁହାମାନଙ୍କରେ ଅନେକ ଭାଲୁ ଓ ଚିତା ବାଘ ବାସ କରନ୍ତି । ମୁଁ ଦିନେ ଦିନେ ସ୍କୁଲରୁ ଫେରିଲା ସମୟକୁ ରାତ୍ର ହୋଇଯାଏ, କାରଣ ଖେଳ ସରିବା ବେଳକୁ ସଂଧ୍ୟା ହୋଇଯାଇଥାଏ ଏବଂ ତାପରେ ଦିନେ ଦିନେ ସିନେମା (ମୂକ ଛାୟା ଛବି) କିମ୍ବା ସର୍କସ ଦେଖିବାପାଇଁ ରାତ୍ର ନଅ ଘଣ୍ଟା ପର୍ଯ୍ୟନ୍ତ ବ୍ରହ୍ମପୁରରେ ରହିବାକୁ ପଡ଼େ । ରାତ୍ରରେ ଆମ ଗ୍ରାମକୁ ଫେରିବା ସମୟକୁ କେବେକେବେ ରାସ୍ତାରେ ଭାଲୁ ହାବୁଡନ୍ତି । କିନ୍ତୁ ମୁଁ ସାଇକେଲ ଚଳାଇବାରେ ଦକ୍ଷତା ଅର୍ଜନ କରିଥିବାରୁ ଅତି ବେଗରେ ସାଇକେଲ ଚଳାଇ ସେମାନଙ୍କୁ ଟପିଯାଏ କିମ୍ବା ସେମାନେ ରାସ୍ତା ମଝିରେ ଥିଲେ ପଛକୁ ଫେରିଯାଏ, ସେମାନେ ରାସ୍ତାରୁ ହଟିଗଲେ ମୁଁ ଆମ ଗ୍ରାମକୁଯାଏ ।

ଏହିପରି ମୋର ଷଷ୍ଠ ଫର୍ମ (ମାଟ୍ରିକ୍) ପର୍ଯ୍ୟନ୍ତ ବ୍ରହ୍ମପୁରଯାଇ ପଢ଼ିବାକୁ ହେଉଥିଲା । ଆମ ଗ୍ରାମ ସନ୍ନିକଟ ପାହାଡ଼ମାନଙ୍କରେ ରହୁଥିବା ଚିତାବାଘ କେବେ କେମିତି ରାତ୍ରରେ ଗ୍ରାମ ମଧ୍ୟରୁ ବାଛୁରୀ ଓ ଛେଳି ମାରିଉଠାଇନେଇ ପଳାଇଯାଉଥାନ୍ତି । ପାହାଡ଼କୁ ଗୋରୁ ଛେଳି ଚରିବାକୁ ଯିବା ସମୟରେ ମଧ୍ୟ ଚିତାବାଘ ଆକ୍ରମଣ କରିବା ଘଟଣା ଅନେକ ଘଟିଛି । ସେହି

Digitized by srujanika@gmail.com

ଚିତାବାଘକୁ ମାରିବା ଉଦ୍ଦେଶ୍ୟରେ କେତେଜଣ ଶିକାରୀ ବ୍ରହ୍ମପୁରରୁ ଆମ ଗ୍ରାମ ନିକଟକୁ ଯାଇ ପଇ। ତିଆରି କରି ଛେଳିଛୁଆ ବାନ୍ଧି ଚିତାବାଘ ଶିକାର କରନ୍ତି । ଦିନେ ଆମ ଗ୍ରାମର ଗୋଟିଏ ଗାଈକୁ ପାହାଡ଼ ଉପରେ ଚିତାବାଘ ମାରି ଦେଇଥିଲା । ଗଉଡ ଆସି ଗ୍ରାମରେ କହିବାରୁ ମୁଁ ସାଇକେଲରେ ବ୍ରହ୍ମପୁରଯାଇ ଜଣେ ଶିକାରୀଙ୍କୁ ଡ଼ାକିଆଣିଲି । ସେହି ଶିକାରୀ, ମୁଁ ଓ ଗ୍ରାମର କେତେଜଣ ଲୋକ ପାହାଡ ଉପରକୁଯାଇ ଗାଈର ମଢ ପଡ଼ିଥିବା ଜାଗାରୁ କିଛି ଦୂରରେ ଲୁଚି ରହି ବାଘ ଆସିଲେ ତାକୁ ମାରିବାପାଇଁ ଅପେକ୍ଷା କରିଥିଲୁ । ମୁଁ ଶିକାରୀଙ୍କ ନିକଟରେ ବସିଥିଲି । ସଂଧ୍ୟା ସମୟରେ ଦୁଇଟି ଚିତା ବାଘ ମଢ଼ ନିକଟକୁ ଆସି ଖାଇବା ଆରମ୍ଭକଲେ । ଶିକାରୀ ଗୋଟିଏ ବାଘକୁ ଲକ୍ଷ୍ୟକରି ବନ୍ଧୁକ ଗୁଳନା କରିବାରୁ ବାଘଟା ଗର୍ଜନକରି ଓଲଟି ଯିବାର ଦେଖିଲି । ସମସ୍ତେଯାଇ ସେହି ସ୍ଥାନରେ ଦେଖିବାବେଳକୁ କୌଣସି ବାଘର ଶବ ନଥିଲା । ଶିକାରୀ କହିଲେ ବାଘକୁ ଗୁଳି ମାଡହୋଇଛି । ସେ କେଉଁ-ଠାରେ ଲୁଚିରହିଛି । ଘନ୍ତ ହୋଇଯାଉଥିବାରୁ ସମସ୍ତେ ପାହାଡ ତଳକୁ ଫେରିବାକୁ ବାହାରିଲେ । ମୁଁ ହାତରେ ଗୋଟିଏ କଟୁରୀ ଧରିଯାଇଥିଲି । ସମସ୍ତେ ତଳକୁ ଫେରି ଯିବାବେଳେ ମୁଁ ଆହୁରୀ ଉପରକୁ କିଛି ଦୂରଯାଇ ବାଘକୁ ଅନୁସନ୍ଧାନ କରିବାରେ ଲଗିଲି । ମୋତେ ନଦେଖି ସେମାନେ ହୁରିକରି ଡ଼ାକିଲେ କିନ୍ତୁ ଏହା ଭିତରେ ମୁଁ ଗୋଟିଏ ବଡ଼ ପଥର ଉପରୁ ତଳକୁ ଦେଖିବା ସମୟରେ ବାଘଟି ସେହି ତଳ ପଥରରେ ମରିପଡ଼ିଥିବାର ଦେଖିଲି । ମୁଁ ଗ୍ରାମବାସୀ ଓ ଶିକାରୀଙ୍କୁ ଡ଼ାକିଲା ବେଳକୁ ସେମାନେ କେହି ପାଖରେ ନଥାନ୍ତି । ସେମାନଙ୍କୁ ବହୁତ ବଡ଼ପାଟିରେ ଡ଼ାକ ପକାଇବାରୁ ସେମାନେ ମୋତେ ତଳକୁ ଫେରିଆସିବାକୁ କହିଲେ ! ମୁଁ ବହୁ ଅନିଚ୍ଛାସତ୍ତ୍ୱେ ସେମାନଙ୍କ ନିକଟକୁ ଫେରିଯାଇ ବାଘଟି ମରିପଡ଼ିଥିବାର କହିଲି, ତଥାପି ସେମାନେ ଉପରକୁ ଯିବାକୁ ସାହସ କଲେନାହିଁ । କାରଣ ସେମାନେ ଭବିଲେ ଆଉ ଗୋଟିଏ ବାଘ ତ ଅଛି, ହୁଏତ ସେ ଆକ୍ରମଣ କରିପାରେ ଏଣେ ଘଡି ହୋଇ-ଯାଉଛି । ସେମାନେ ଏହା ଆଲୋଚନା କରି ନ ଯିବାକୁ ସିଦ୍ଧାନ୍ତ ନେବାରୁ ମୁଁ ମନେ ମନେ କି ବିପର୍ଯ୍ୟୟରୁ ଫେରିଆସିଛି ବୋଲି ଭବୁଥିଲି । ଏହିପରି ଆମ ଗ୍ରାମରେ ୧୯୨୮ ମସିହା ପର୍ଯ୍ୟନ୍ତ ରହିବା ଭିତରେ ତିନି ଚାରୋଟି ଚିତାବାଘ ଶିକାର କରିବାରେ ଅନ୍ୟମାନଙ୍କସହ ଯୋଗ ଦେଇଥିଲି ଓ ଅତ୍ୟନ୍ତ ଶିକାରପ୍ରିୟ ହୋଇପଡ଼ିଥିଲି ।

Digitized by srujanika@gmail.com

ମୋ ସାଇକେଲ ଚାଳନା ବିଷୟରେ ଏଠାରେ କିଛି ଲେଖିବାକୁ ମନେ-କରୁଛି । ବ୍ରହ୍ମପୁରର କାଶୀରାମ ପାତ୍ର ନାମକ ଜଣେ ମଲ୍ଲ ଗୋଟିଏ ସର୍କସ ଦଳ ଗଠନ କରିଥିଲେ । ସେ ନିଜେ ମଲ୍ଲ ବିଦ୍ୟା ପ୍ରଦର୍ଶନ କରିବା ମଧ୍ୟରେ ଗୋଟିଏ ମଟର ଗାଡ଼ିକୁ ନିଜ ଛାତି ଉପରେ ଚଳାଉଥିଲେ ଓ ମୋଟର ଡ଼ିଆଁ ପ୍ରଦର୍ଶନ କରୁଥିଲେ । ସେ ପ୍ରାୟ ତିରିଶି ଫୁଟ ବ୍ୟବଧାନରେ ଦୁଇଟି କାଠ ନିର୍ମିତ ଢାଲୁ ମେଞ୍ଚରଖି ଗୋଟିଏ ଦିଗରୁ ମୋଟର ଚାଳନାକରି ସେହି ତିରିଶି ଫୁଟ ଶୂନ୍ୟ ଜାଗା ଅତିକ୍ରମ କରିପାରୁଥିଲେ । ତାହା ମୋ ମନରେ ଚମକ ସୃଷ୍ଟି କରିଥିଲା । ତାଙ୍କୁ ଅନୁକରଣ କରି ମୁଁ ଆମ ଗ୍ରାମରେ ପଥର ଉପରେ କବାଟପଟା ପକାଇ ଏପରି ଢ଼ାଲୁ ଟେବୁଲ ସୃଷ୍ଟିକରି ଦଶଫୁଟ ତଫାତରେ ସେଗୁଡ଼ିକୁରଖି ମୋର ନିଜର ସାଇକେଲକୁ ଅତି ପ୍ରଖର ଗତିରେ ଚଳାଇ ଏହି ଦଶଫୁଟିଆ ଶୂନ୍ୟସ୍ଥାନ ଅତିକ୍ରମ କରି ପାରୁଥିଲି । ଦିନେ ଏହି ଶୂନ୍ୟସ୍ଥାନକୁ ଏଗାର ଫୁଟ ପର୍ଯ୍ୟନ୍ତ ବିସ୍ତାରକରି ସାଇକେଲ ଲମ୍ଫଦେବାକୁ ଚେଷ୍ଟା କରିବା ସମୟରେ ସାଇକେଲର ଆଗଚକା ପଥର ଉପରେ ରଖିଥିବା ସେହି ଢ଼ାଲୁ କବାଟ ପଟାର ଅଗ୍ରଭାଗରେ ପିଟିହୋଇଗଲା, ଯାହାଦ୍ୱାରା ମୁଁ ପ୍ରାୟ ଛଅ ସାତ ଫୁଟ ଦୂରକୁ ଫୋପାଡ଼ି ହୋଇଗଲି । ସାଇକେଲର ଆଗଚକା ବଙ୍କା ହୋଇ-ଗଲା ଓ ପରିଣାମ ସ୍ୱରୂପ ମୋର ଡାହାଣହାତ କହୁଣୀରେ ଯୋର୍‌ରେ ଆଘାତ ହୋଇ ସେଥିରୁ ବହୁତ ରକ୍ତସ୍ରାବହେଲା । ଆମ ଗ୍ରାମ ଲୋକମାନେ ମୋତେ ଓ ମୋର ସାଇକେଲକୁ ବୋହିନେଇ ଆମଘରେ ପହଞ୍ଚାଇଲେ । କନା ପୋଡ଼ି ମୋର କ୍ଷତ ସ୍ଥଳକୁ ତହିଁରେ ଚପାଇ ପଟି ବାନ୍ଧିଦେଲେ । ଏତେ ଧକ୍‌କାପରେ ମଧ୍ୟ ମୁଁ ମୋର ସଂଜ୍ଞା ହରାଇ ନଥିଲି । ମୋ ବାପା ଗୋପାଳପୁରଠାରେ ଥିବା ହେତୁ ସେ ମୋର ଦୁର୍ଘଟଣା କଥା ଜାଣିପାରି ନଥିଲେ । ମୋର ଜେଜେମା ଆମ ଘର ସନ୍ନିକଟ ପାହାଡକୁଯାଇ କଣ ଚେର ମୂଳ ଆଣି ତାକୁ ଛେଚି ତେଲରେଭାଜି ମୋର କହୁଣୀରେ ବାନ୍ଧିଦେଲେ । ତାଦ୍ୱାରା ତା ପରଦିନ ସକାଳକୁ ମୋ ହାତରୁ ସମ୍ପୂର୍ଣ୍ଣ ଦରଜ କମିଯାଇଥିଲା । ଗାଁଦାଣ୍ଡ ମଧ୍ୟରେ ଅନେକ ଗୋରୁଗାଈ, ଛେଳିମେଣ୍ଢା ଚଳପ୍ରଚଳ କରିବା ସ୍ଥାନରେ ମୋର ଯେପରି କ୍ଷତରୁ ରକ୍ତସ୍ରାବ ହୋଇଥିଲା, ମୁଁ ଯେ ଟିଟାନସ୍ ଭୋଗ ନ କରି ବର୍ତ୍ତିଲି ଏବଂ କୌଣସି ଡାକ୍ତରଙ୍କ ଔଷଧବିନା ମୋ ଜେଜେମାଙ୍କର ଉପଯୋଗ ଚେରମୂଳି ଚିକିତ୍ସାରେ ମୋହାତ ଏପରିଭାବେ ଆରୋଗ୍ୟ ହେଲା, ଏବେ ସେକଥା ଭାବିଲା ବେଳକୁ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ମୋ କ୍ଷତର ଚିହ୍ନ ଏ ପର୍ଯ୍ୟନ୍ତ ମୋ

Digitized by srujanika@gmail.com

କହୁଣୀରେ ରହିଅଛି ଯାହାକି ମୋ ଜେଜେମା'ଙ୍କର ଔଷଧର ସ୍ମୃତି ଜାଗ୍ରତ କରାଉଛି । ଆଜିକାଲି ଏତେ ଟିଟାନସ୍ ରୋଗ ହେବାର କାରଣ କ'ଣ ? ମୋର କ୍ଷୁଦ୍ରମତରେ ବୋଧହୁଏ ଆମ ପୃଥିବୀ ଦିନକୁ ଦିନ ପ୍ରଦୂଷିତ ହୋଇ-ପ୍ରାଣୀମାନଙ୍କର ଜୀବନ ସଙ୍କଟ ଉପୁଜାଉଛି ।

୧୯୨୮ ମସିହାରେ ମୋର ଏସ୍.ଏସ୍.ଏଲ୍.ସି ପରେ ମେକାନିକାଲ ଇଞ୍ଜିନିୟରିଙ୍ଗ ପଢିବାପାଇଁ ଇଚ୍ଛାପ୍ରକାଶ କଲି, କାରଣ ପିଲାଟି ଦିନୁ ମୁଁ ଯନ୍ତ୍ରପାତିଗୁଡ଼ିକରେ ବଡ ଆଗ୍ରହୀଥିଲି ଓ ଆମଘରେ ଯେତେଘଣ୍ଟା ଥାଏ ତାକୁ ମୁଁ ଖୋଲି ତାଭିତରେ କଣ ଅଛି ଓ ସେ କିପରି ଚାଲୁଛି ତାହା ନିରୀକ୍ଷଣ କରିବାକୁ ଭଲପାଉଥିଲି । ମୁଁ ଗୋପାଳପୁରରେ ଥିବା ସମୟରେ ବ୍ରହ୍ମପୁରର ତତ୍କାଳୀନ ଧନୀ ଓକିଲ ସ୍ୱର୍ଗତ ମାରେଲ ଗଙ୍ଗା ରଜୁ ପାନ୍ତୁଲୁ କେବେ କେବେ ଗୋପାଳପୁର ସମୁଦ୍ର ତୀରକୁ ସକୁଟୁମ୍ବ ନିଜର ମଟର ଗାଡ଼ିରେ ଆସୁଥାନ୍ତି । ଆଉ କେବେକେବେ ଗୋପାଳପୁରରେ ଥିବା ସାହେବମାନେ ମଧ୍ୟ ମଟରଯାନ ଆଣୁଥିବାର ଦେଖୁଥିଲି । ଯେଉଁ ଦିନ ମଟରଗାଡ଼ି ଆସି ପହଞ୍ଚେ, ମୁଁ ଦୌଡ଼ି-ଯାଇ ତା ନିକଟରେ ଦୀର୍ଘ ସମୟ ରହି ସେ କିପରିଚାଲେ ନିରୀକ୍ଷଣ କରୁଥାଏ । ଆମଘରେ ଗୋଟିଏ ବଡ଼ ବେତ ବୁଣା ଆରାମଚୌକିଥାଏ । ତହିଁରେ ବସି ଗୋଟିଏ ଭଙ୍ଗାବୁଖାର ନାଡ଼କୁ ସେହି ଚୌକିରେ ପୂରାଇ ଷ୍ଟିୟରିଂକରି, ମୋର ଭଉଣୀକୁ ପାସେଞ୍ଜର କରି ବସାଇ ଗାଡ଼ି ଚଳାଉଥିବାର ଖେଳ ଖେଳୁଥିଲି । ଏହାଯେ ମୋତେ ଦିନେ ଓଡ଼ିଶାର ଯାନବାହାନ ବିଭାଗର ମୁଖ୍ୟ ନିରୀକ୍ଷକରେ ପରିଣତ କରିବ ବୋଲି କିଏ ଭାବିଥିଲା ? ଏଣୁ ମୋର ଛୋଟ ପିଲାମାନଙ୍କୁ ଏତିକି ଉପଦେଶ ଯେ ସେମାନଙ୍କର ମନ ଯେଉଁ ଭଲ ଦିଗରେ ଆକୃଷ୍ଟ ହେଉଛି ସେହି ଦିଗରେ କ୍ରମୋନ୍ନତି କରିବାକୁ ଇଚ୍ଛା ଓ ଅଧ୍ୟବସାୟକଲେ ସେମାନେ ତାଙ୍କର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ଏଥିରେ' ମୋର ତିଳେମାତ୍ର ସନ୍ଦେହ ନାହିଁ ।

ବାଲ୍ୟାବସ୍ଥାରୁ ଯାନ୍ତ୍ରିକ କଳକବ୍ଜାପ୍ରତି ଏହି ଆଗ୍ରହ ଯୋଗୁ ଏସ୍.ଏସ୍.ଏଲ୍.ସି ପରେ ମୁଁ ନିଜେ ଭିନ୍ନ ଭିନ୍ନ ଟେକ୍ନିକାଲ ଇନଷ୍ଟିଚ୍ୟୁଟ ବା ଶିଳ୍ପ ଶିକ୍ଷାନୁଷ୍ଠାନମାନଙ୍କୁ ଚିଠି ଲେଖି ସେମାନଙ୍କର ପ୍ରସପେକ୍ଟସ ମଗାଇଲି । ସେ ସମୟରେ ଓଡ଼ିଶା ପ୍ରଦେଶ ଗଠିତ ହୋଇ ନ ଥିଲା, ଯାହା ୧୯୩୬ ସାଲ ଏପ୍ରିଲ ପହିଲଦିନ ଗଠିତ ହେଲା । ସେ ସମୟରେ ଓଡ଼ିଶାର କଟକଠାରେ ଗୋଟିଏ ମାତ୍ର ଇଞ୍ଜିନିୟରିଂ ସ୍କୁଲଥିଲା । ତହିଁରେ କେବଳ ସିଭିଲି ଇଞ୍ଜିନିୟରିଂ

Digitized by srujanika@gmail.com

ଡ଼ିପ୍ଲୋମା କୋର୍ସ ପଢାଯାଉଥିଲା । ମେକାନିକାଲ ଇଞ୍ଜିନିୟରିଂ କୋର୍ସ ସେହି ସମୟରେ କଲିକତାର ଯାଦବପୁରଠାରେ ଥିଲା ଏବଂ ବଙ୍ଗଳାର ମୁର୍ଶିଦାବାଦ ଜିଲ୍ଲାନ୍ତର୍ଗତ ବହରମପୁରଠାରେ ଗୋଟିଏ ଟେକ୍‌ନିକାଲ ଇନଷ୍ଟିଚ୍ୟୁଟ୍ ଥିଲା ଯହିଁରେ ମେକାନିକାଲ ଓ ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂ କୋର୍ସ ପଢାଯାଉଥିଲା । ମୁଁ ସେହି ଶିକ୍ଷାନୁଷ୍ଠାନକୁ ବାଛିଲି ଏବଂ ମୋ ବାପାଙ୍କୁ କହିଲି । ମୁଁ ବାପା ମା'ଙ୍କର ତିନୋଟି କନ୍ୟା ମଧ୍ୟରେ ଏକମାତ୍ର ପୁତ୍ର ସନ୍ତାନ ଥିଲି, କାରଣ ଅନ୍ୟ ଏକ ପୁତ୍ରର ବାଲ୍ୟାବସ୍ଥାରେ କାଳ ହୋଇଯାଇଥିଲା । ବାପା ମୋତେ ପ୍ରଥମେ ଏତେ ଦୂରରେ ପାଠ ପଢାଇବାକୁ ରାଜି ହେଉ ନ ଥିଲେ ; ମୋର ପ୍ରବଳ ଇଛା ଓ ଆଗ୍ରହ ଦେଖି ଶେଷରେ ସେ ରାଜି ହେଲେ । ମୁଁ ୧୯୨୮ ମସିହା ଜୁଲାଇ ମାସ ଦୁଇ ତାରିଖ ଦିନ ବହରମ୍‌ପୁର ଟେକନିକାଲ ଇନଷ୍ଟିଚ୍ୟୁଟ୍‌ରେ ମେକାନିକାଲ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଯୋଗଦେଲି ।

ସେହି ଅନୁଷ୍ଠାନର ପ୍ରିନସିପାଲ ଥିଲେ ଜର୍ମାନୀ ଫେରନ୍ତା ଇଞ୍ଜିନିୟର ସ୍ୱର୍ଗତ ସୁରେଶ ଚନ୍ଦ୍ର ନାଗ । ସେଠାକାର କୃଷ୍ଣନାଥ କଲେଜର ପଦାର୍ଥ ବିଜ୍ଞାନ ପ୍ରଫେସର ୰ ଭବନାଥ ସରକାର ଆମର ଜଣେ ଶିକ୍ଷକ ଥିଲେ । କାଶୀମ୍ ବଜାର ମହାରାଜାଙ୍କ ଦ୍ୱାରା ସେଠାକାର ପ୍ରସିଦ୍ଧ କୃଷ୍ଣନାଥ କଲେଜ ଓ ଆମର ଶିଳ୍ପ ଶିକ୍ଷାନୁଷ୍ଠାନଟି ପ୍ରତିଷ୍ଠିତ ହୋଇଥିଲା । ମୋର ପ୍ରଥମ ଶ୍ରେଣୀରେ ବଙ୍ଗାଳୀ ପିଲାଙ୍କ ଛଡା ମୁଁ ଜଣେ ମାତ୍ର ଓଡ଼ିଆ ଥିଲି କିନ୍ତୁ ମୋ ସହିତ ଶ୍ରୀଲଙ୍କାର ଜଣେ ଛାତ୍ର ଅମରତୁଙ୍ଗା, ପଞ୍ଜାବର ଜଣେ ଛାତ୍ର ରୂପଚାନ୍ଦ ଜୈନ, କାଶ୍ମୀରର ଜଣେ ଛାତ୍ର ଅମରନାଥ କାଚ୍ରୁ, ମଧ୍ୟପ୍ରଦେଶର ଜଣେ ଛାତ୍ର ସମରେନ୍ଦ୍ର ପୁଞ୍ଜ ଓ କେରଳର ଜଣେ ଛାତ୍ର ବିଶ୍ୱନାଥ ଶାସ୍ତ୍ରୀ, ଏପରି ଆମେ ଛଅ ଜଣ ବଙ୍ଗଳା ବାହାରର ଛାତ୍ର ଥିଲୁ । ଆମ ଶିକ୍ଷାନୁଷ୍ଠାନର ପଡ଼ିଶାରେ ତତ୍‌କାଳୀନ ବଙ୍ଗଳା ପ୍ରଦେଶର ସେଣ୍ଟ୍ରାଲ ଜେଲ ଥିଲା । ସେହି ସମୟରେ ଭୀଷଣ ଭବରେ ସ୍ୱାଧୀନତା ଆନ୍ଦୋଳନ ଚାଲିଥାଏ ଏବଂ ସେଣ୍ଟ୍ରାଲ ଜେଲରୁ ବନ୍ଦେ ମାତରଂ, ଇନକିଲାବ୍ ଜିନ୍ଦାବାଦ, ଓ ମହାତ୍ମା ଗାନ୍ଧିଜି ଜୟ ପ୍ରଭୃତି ସ୍ଲୋଗାନ ମାନ ସମୟେ ସମୟେ ଶୁଣିବାକୁ ମିଳୁଥାଏ । ଆମ ହଷ୍ଟେଲ ଓ ଜେଲଖାନା ମଧ୍ୟରେ ଏକ ପ୍ରକାଣ୍ଡ ପାଚେରୀ ଥିଲେ ମଧ୍ୟ ଜଳ ନିଷ୍କାସନପାଇଁ ପାଚେରୀତଳେ ଗୋଟିଏ ଛୋଟିଆ ନାଳଥାଏ । ସେହି ବାଟଦେଇ ବନ୍ଦୀମାନେ ଚିଠି ପତ୍ର ଲେଖି ଆମମାନଙ୍କୁ ଯଥାସ୍ଥାନରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଉଥାନ୍ତି । ଆମେ

Digitized by srujanika@gmail.com

କେତୋଟି ବଙ୍ଗଳା ବାହାରର ପିଲ ସେ ସମୟରେ ବଙ୍ଗଳା ଭଷା ବୁଝିପାରୁ ନ ଥାଉ । ବନ୍ଦୀମାନେ ଆମ ସହିତ ବଙ୍ଗଳାରେ କଥା କହିବାକୁ ଚେଷ୍ଟାକଲେ କିନ୍ତୁ ଆମେ ବଙ୍ଗଳା ବାହାରର ପିଲଜାଣିବାରୁ ଆମ ସହିତ ଇଂରଜିରେ କଥାବାର୍ତ୍ତା କଲେ । ଆମର ସେଠାରେ ପାଠ ପଢିବାର ତିନି ବର୍ଷ ପର୍ଯ୍ୟନ୍ତ ସେହି ହଷ୍ଟେଲରେ ରହି ବନ୍ଦୀମାନଙ୍କ ସହିତ ଏପରି ଗୋପନ ସମ୍ପର୍କ ସ୍ଥାପନ କରିଥିଲୁ ।

ଦିନକର ଘଟଣା : ମୁଁ ପ୍ରଥମେ ଆଗରୁ ସଙ୍କେତ ଦେଇ ଗୋଟିଏ ଚିଠି ସେହି ଛୋଟ ନାଳବାଟେ ଗଳାଇବାକୁ ଚେଷ୍ଟା କରିବା ସମୟରେ ଜଣେ ମୋ ହାତକୁ ଜାବୁଡ଼ି ଧରି ପକାଇଲା ଏବଂ ସେ ଚିଠିଟି ମୋହାତରୁ ଛଡ଼ାଇ-ନେଇ ମୋ ହାତକୁ ଏପରି ମୋଡ଼ିଦେଲା ଯେ ତିନି ଚାରି ଦିନ ପର୍ଯ୍ୟନ୍ତ ସେ ବ୍ୟଥା ରହିଥିଲା । ଭଗ୍ୟକୁ ମୁଁ ଜଣେ ବାଉଁ ହୋଇଥିବାରୁ ମୁଁ ବାମ ହାତରେ ଚିଠିଟିକୁ ବଢ଼ାଉଥିଲି । ତେଣୁ ସେହି ତିନି ଚାରି ଦିନ ପର୍ଯ୍ୟନ୍ତ ମୋର ଲେଖା ଲେଖିରେ କୌଣସି ବାଧା ଉପୁଜି ନ ଥିଲା । ସେହି ଘଟଣାର ପରଦିନ ପାହାନ୍ତାରୁ ଆମ ହଷ୍ଟେଲକୁ ପୋଲିସ ଫୌଜ ଆସି ଆମର ସବୁ କୋଠରୀ-ଗୁଡ଼ିକୁ ଯାଞ୍ଚକଲେ । କିନ୍ତୁ ସେତେବେଳକୁ ଆମପାଖରେ କୌଣସି ଆପତ୍ତି ଜନକ ଚିଠି ପତ୍ର ନ ଥିଲା । ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଆମ ହଷ୍ଟେଲ ସୁପରି-ଣ୍ଟେଣ୍ଡେଣ୍ଟଙ୍କୁ କହୁଥିବାର ଶୁଣିଲୁ ଯେ ପିଲମାନେ ଯଦି ଏହିପରି ବନ୍ଦୀମାନଙ୍କ ସହିତ ସମ୍ପର୍କ ରଖନ୍ତି; ତାହା ହେଲେ ଏହି ହଷ୍ଟେଲକୁ ବନ୍ଦ କରିଦେବାକୁ ଆମେ ବାଧ୍ୟ ହେବୁ । ଆମ ଆଡ଼କୁ ଅନାଇ କହିଲେ ତମେ ପାଠ ପଢିବାକୁ ଏଠାକୁ ଆସିଛ, ଜେଲ ଯିବାକୁ ଆସିନାହଁ, ତେଣୁ ଏପରି କାର୍ଯ୍ୟ କର ନାହିଁ । ସେ ଜଣେ ବଙ୍ଗାଳୀ ଭଦ୍ରଲୋକ ହୋଇଥିବାରୁ ଆମକୁ ଉପଦେଶ ଛଳରେ ଏହି କଥା କହିଥିଲେ । ଇଂରେଜୀ ସୁପରିଣ୍ଟେଣ୍ଡେଣ୍ଟ ହୋଇଥିଲେ ବୋଧହୁଏ ଆମର ଅନିଷ୍ଟ କରିଥାନ୍ତେ । ତଥାପି ଆମେ ଅନ୍ୟ ସଙ୍କେତ ଦ୍ୱାରା ପାହାନ୍ତାରୁ ଓ ସନ୍ଧ୍ୟାରେ ବନ୍ଦୀମାନଙ୍କୁ ସେଲରେ ପୁରେଇବା ପୂର୍ବରୁ କେବେ କେମିତି ପତ୍ର ବିନିମୟ କରୁଥିଲୁ । ବନ୍ଦୀମାନଙ୍କ ପତ୍ରନେଇ ଆମେ ବହରମ୍ପୁରଠାରେ ଥିବା ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ ଦେଉଥିଲୁ ଓ ସେଠାରୁ ଉତ୍ତର ଆଣି ସୁବିଧାଦେଖି ପରିଚିତ ସ୍ୱର ଚିହ୍ନି ପତ୍ର ଦେଉଥିଲୁ ।

ମୋର ମେକାନିକାଲ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଅଟୋମୋବାଇଲ (ମୋଟର ଯାନ) ଇଞ୍ଜିନିୟରିଂ ମଧ୍ୟ ଗୋଟିଏ ବିଷୟ ଥିଲା, ଯାହା ମୋତେ

Digitized by srujanika@gmail.com

ମୋର ଶିକ୍ଷକିରୀ ଜୀବନରେ ବଡ ସହାୟକ ହୋଇଛି । ତିନି ବର୍ଷ ସେହି ଅନୁଷ୍ଠାନରେ ପଢିବା ସମୟରେ ମୋ ଜୀବନରେ କେତେ ଗୁଡ଼ିଏ ଅନୁଭୂତି ହୋଇଥିଲା । ତନ୍ମଧ୍ୟରୁ ଗୋଟିଏ ଭାଗିରଥୀ ନଦୀରେ ଭାସିଯିବା । ଆମ ବହରମ୍ପୁରଠାରୁ ଦଶମାଇଲ ଦୂରରେ ନସୀପୁର ନାମକ ଏକ ଜମିଦାରୀଥିଲା । ସେଠାକାର ଜମିଦାର ରଜା ବୋଲାଉଥିଲେ । ଝୁଲଣଯାତ୍ରା ସେଠାକାର ଏକ ପ୍ରଧାନ ଯାତ୍ରାଥିଲା । ରଜବାଟୀରେ ତାହା ଅତି ଆଡମ୍ବର ସହକାରେ ପାଳିତ ହେଉଥିଲା । ସେହି ଉପଲକ୍ଷେ ସେଠାକୁ ବିଭିନ୍ନ ଯାତ୍ରାପାର୍ଟି, ନାଚପାର୍ଟି ଇତ୍ୟାଦି କଲିକତା, ଲକ୍ଷ୍ନୌ ପ୍ରଭୃତି ସ୍ଥାନରୁ ଅଣାଯାଉଥିଲା । ସେହି ଯାତ୍ରା ଦେଖିବାପାଇଁ ଆମ ହଷ୍ଟେଲରୁ ଦଶବାରଜଣ ପିଲା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ସୁଶୀଲ କୁମାର ମିତ୍ରଙ୍କ ତତ୍ତ୍ୱାବଧାନରେ ଭାଗିରଥୀ ନଦୀରେ ଡଙ୍ଗା ସାହାଯ୍ୟରେ ନସିପୁର ଯାଇଥିଲୁ । ରାତିରେ ନାଚ ତମାସା ଦେଖି ଜଳଖିଆ ପ୍ରଭୃତିଖାଇ ପାହାନ୍ତାରେ ଫେରୁଥାଉ । ମୁଁ ସେହି ଶିକ୍ଷାନୁଷ୍ଠାନରେ ଯୋଗଦେବାର ପ୍ରଥମ ବର୍ଷରେ ଅର୍ଥାତ ୧୯୨୮ ମସିହାର ଘଟଣା । ଫେରିବା ସମୟରେ ବହରମ୍ପୁର ଆଉ ମାଇଲିଏ ଖଣ୍ଡେ ବାଟ ଅଛି ଆମର ସୁପରିଣ୍ଟେଣ୍ଡେଣ୍ଟ ଧୋତିକୁର୍ତ୍ତା ଉତାରି ସୋରିଷତେଲ ଭଲରୂପେ ଶରୀରରେ ମାଲିସ୍ କରି ଲେଙ୍ଗୁଟି ପିନ୍ଧିଥିବା ଅବସ୍ଥାରେ ନଦୀ ମଧ୍ୟକୁ ଡେଇଁପଡ଼ିଲେ । ତାଙ୍କୁ ଦେଖି ମୁଁ ମଧ୍ୟ ଧୋତି ଓ କାମିଜ ପିନ୍ଧିଥିବା ଅବସ୍ଥାରେ ନଦୀ ଗର୍ଭକୁ ଲମ୍ଫଦେଲି, କାରଣ ଗୋପାଳ-ପୁରଠାରେ ଥିବା ସମୟରେ ମୋର ସମୁଦ୍ରରେ ପହଁରିବା ଅଭ୍ୟାସ ଥିଲା । ମାତ୍ର ସେ ନଦୀର ସ୍ରୋତ ଏତେ ପ୍ରଖରଥିଲା ଯେ ସେହି ସ୍ରୋତରେ ମୁଁ ଡ଼ଙ୍ଗା ଆଗକୁ ଭାସିଗଲି । ସେତିକି ବେଳକୁ ମୁଁ ପିନ୍ଧିଥିବା ଧୋତି ଖସିଗଲା । ମୁଁ ଚିତି ପହଁରଦେଇ ଧୋତିକୁ ପିନ୍ଧିବାକୁ ଦୁଇହାତରେ ଚେଷ୍ଟା କରୁ କରୁ ଡଙ୍ଗା-ଠାରୁ ପ୍ରାୟ ଏକ ଫର୍ଲଙ୍ଗଆଗକୁ ଭାସିଗଲି । ସେହି ସମୟରେ ନଦୀର ଛୋଟ ଛୋଟ ଢେଉ ମୋ ମୁହଁରେ ଲାଗୁଥିବାରୁ ମୁଁ ଅଣନିଶ୍ୱାସୀ ହୋଇଯାଉଥିଲି । ଆଉ କେତେ ଢୋକ ପାଣି ମଧ୍ୟ ପିଇଗଲି । ମୋର ସେତେବେଳକୁ ପ୍ରାୟ ଚେତା ବୁଡ଼ିବା ଉପରେ । ସେତେବେଳେ ମୁଁ ଅନୁଭବ କଲି ଯେ ମୁଁ ଆଉ ଦୂରକୁ ନ ଯାଇ ପୁଣି ଡଙ୍ଗା ଦିଗକୁ ଗତିକରୁଛି । ସେ ସମୟରେ ମୋର ବାପା ମା ଓ ଭଉଣୀମାନଙ୍କ କଥା ସାମାନ୍ୟ ମନେ ପଡୁଥାଏ । ଏପରି ମୁଁ କେତେ ସମୟ ଘୁରିଛି ମୋର ମନେ ନାହିଁ । କିନ୍ତୁ ମୋର ଯେତେବେଳେ ଚେତା ଫେରିଲା ମୁଁ ଜାଣିପାରିଲି ଯେ ମୁଁ ଡ଼ଙ୍ଗା ମଧ୍ୟରେ ଅଛି ଓ ମୋର ସହ

Digitized by srujanika@gmail.com

ପାଠୀମାନେ ମୋତେ ପ୍ରାଥମିକ ଚିକିତ୍ସା କରୁଛନ୍ତି । ଡଙ୍ଗା ଯେତେବେଳେ ଆମ ଘାଟରେ ଲାଗିଲା ମୋତେ ମୋର ବନ୍ଧୁମାନେ ଉଠାଇ ଗୋଟିଏ ଘୋଡ଼ା ଗାଡ଼ିରେ ପକାଇ ଆମ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହିତ ହାସପାତାଳକୁ ନେଇଗଲେ । ସେଠାରେ ମୋର ପୋଷାକ ପତ୍ର ଓହ୍ଲାଇ ମୋତେ ଗୋଟିଏ କମ୍ବଳ ଘୋଡ଼ାଇ ଦେଲେ । ଡାକ୍ତର ଆସି ମୋର ପେଟ ଛାତି ଚିପାଚିପି କଲେ । ଏହାପରେ ଔଷଧ ଦେଇ ହାସପାତାଳରେ ରଖିଲେ । ପ୍ରାୟ ଦୁଇଘଣ୍ଟା ହାସପାତାଳରେ ରହିବା ପରେ ମୋତେ ଟିକିଏ ସୁସ୍ଥ ଲାଗିବାରୁ ଘୋଡା ଗାଡ଼ିରେ ଆମ ହଷ୍ଟେଲକୁ ନେଇଗଲେ । ହଷ୍ଟେଲ୍‌ରେ ପହଞ୍ଚିବା ପରେ ଆମର ଅନ୍ୟ ଛାତ୍ର ବନ୍ଧୁମାନେ ଓ ଶିକ୍ଷାନୁଷ୍ଠାନର କେତେଜଣ ଶିକ୍ଷକ ମୋ ନିକଟକୁ ଆସି ମୋତେ ବହୁତ ଭର୍ତ୍ସନା କଲେ । ଆମ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ସୁଶୀଲ୍ କୁମାର ମିତ୍ର ଯେ କି ପ୍ରଥମେ ନଦୀକୁ ଡେଇଁଥିଲେ ସେ ମୁଁ କୂଳରେ ପହଞ୍ଚିବାଠାରୁ ହଷ୍ଟେଲକୁ ଫେରିବା ପର୍ଯ୍ୟନ୍ତ ମୋ ପାଖେ ପାଖେ ରହି ମୋର ଅନେକ ଯତ୍ନ-ନେଇଥିଲେ । ମୋତେ ମୋର ସହପାଠୀମାନେ ପଚାରିଲେ "ତୁ ଲୁଗାପଟା ପିନ୍ଧି କାହିଁକି ନଦୀ ମଧ୍ୟକୁ ଡେଇଁଲୁ ? ତୁ ଯଦି ମରି ଯାଇଥାନ୍ତୁ ଆମ ଅନୁଷ୍ଠାନର ବହୁତ ବଦନାମ ହୋଇଥାନ୍ତା । ଭାଗ୍ୟ ଭଲ ଭଉଁରୀରେ ପଡ଼ି ଅଟକି ଯିବାରୁ ବଞ୍ଚିଗଲୁ ।" ମୁଁ କହିଲି ମୁଁ ଜଣେ ସମୁଦ୍ର ପହଁରାଳୀ । ତେଣୁ ଏ ନଦୀ ପହଁରିବା ମୋ ପକ୍ଷେ କିଛି ନୁହେଁ ଭାବି ଆମ ସୁପରିଣ୍ଟେଣ୍ଡେଣ୍ଟ ଡେଇଁବା ଦେଖି ମୁଁ ମଧ୍ୟ ନଦୀକୁ ଡେଇଁ ପଡ଼ିଲି ।" ସେମାନେ ହସିହସି କହିଲେ ଆମ ସାର୍ ହେଉଛନ୍ତି ବେଙ୍ଗଲର ସୁଇମିଂ ଚର୍ମ୍ପିୟାନ । ତାଙ୍କ ସାଥିରେ ତୁ କିପରି ଲମ୍ଫ ଦେଲୁ ଆମେ ବୁଝି ପାରୁନାହୁଁ । ମୁଁ କହିଲି "ମୁଁ ଏକଥା ଜାଣି ନଥିଲି" । କିନ୍ତୁ ସେ ଯେପରି ମୋତେ ମୁଁ କୂଳରେ ଲାଗିବା ଠାରୁ ସାହାଯ୍ୟ କରିଛନ୍ତି ତାହା ମୋ ଜୀବନରେ କଦାପି ଭୁଲି ପାରିବି ନାହିଁ । ସେହି ଦିନଠାରୁ ସେ ମୋତେ ନିଜର ପୁଅଠାରୁ ଅଧିକ ସ୍ନେହ କରୁଥିଲେ । ସେ ମଧ୍ୟ ଆମର ଅଟୋମୋବାଇଲ ଇଞ୍ଜିନିୟରିଂର ଇନ୍‌ଷ୍ଟ୍ରକ୍‌ଟର ଥିଲେ । ମୁଁ ଜଣେ ଭଲ ଛାତ୍ର ଥିବାରୁ ତାଙ୍କର ଆଦ୍ୟରୁ ମୋ ପ୍ରତି ସ୍ନେହ ଭାବ ଥିଲା ।

ମୁଁ ସେହି ଅନୁଷ୍ଠାନର ଛାତ୍ର ଥିବା ସମୟରେ ୧୯୨୯ ସାଲରେ ବହରମପୁରଠାରେ ଗୋଟିଏ କଂଗ୍ରେସ ସଭା ହୋଇଥିଲା । ସେହି ସଭାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ।

Digitized by srujanika@gmail.com

ସୁଭାଷ ବୋଷ ବହରମ୍ପୁର ଆସୁଛନ୍ତି ଓ ସେହି ସଭାରେ ଯୋଗଦେବେ ଜାଣି ଆମେ ବଙ୍ଗଳା ବାହାରର ଛଅ ଜଣ ଛାତ୍ର ତାଙ୍କୁ ଦେଖା କରିବା ପାଇଁ ଇଚ୍ଛା କଲୁ । ଆମ ମଧ୍ୟରୁ କେତେ ଜଣ ଯାଇ ବରହମ୍ପୁର ସହର କଂଗ୍ରେସ କମିଟିର ତତ୍‌କାଳୀନ ଅଧ୍ୟକ୍ଷ ଶ୍ରୀ ନନି ଗୋପାଳ ଭଟ୍ଟାଚାର୍ଯ୍ୟଙ୍କୁ ଦେଖା କରି ଆମର ଅନୁରୋଧ ଜଣାଇଲୁ । ସେ କହିଲେ "ସୁଭାଷ ବାବୁ ଏତେ ବ୍ୟସ୍ତ ରହିବେ ଯେ ତୁମମାନଙ୍କୁ ଦେଖା ଦେବାକୁ ସମୟ ପାଇବେ କି ନା ସନ୍ଦେହ । ତଥାପି ତୁମେ ମିଟିଂକୁ ଆସ, ଚେଷ୍ଟା କରିବା । ସନ୍ଧ୍ୟା ଛ'ଟା ସମୟରେ ମିଟିଂ ହେବାକୁ ଥିଲା । ଆମ୍ଭେମାନେ ପାଞ୍ଚଟା ବେଳଠାରୁ ଯାଇ ମିଟିଂର ଆଗ ଧାଡ଼ିରେ ତଳେ ବସି ରହିଲୁ । ଆମେ ସବୁ ପ୍ୟାଣ୍ଟ ସାର୍ଟ ପିନ୍ଧି ଯାଇଥିଲୁ । ତେଣୁ ସେ ସଭାରେ ଆମେ ବାରି ହୋଇ ଯାଉଥିଲୁ । ସୁଭାଷ ବାବୁ ଆସିଲେ, ସନ୍ଧ୍ୟା ସାଢ଼େ ଛଟା ବେଳେ ସଭା କାର୍ଯ୍ୟ ଆରମ୍ଭ ହେଲା । ସଭା ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଲା । ସୁଭାଷ ବାବୁ ଗୁରୁ ଗମ୍ଭୀର ସ୍ୱରରେ ଦେଶ ମାତୃକାର ସେବା କରିବା ପାଇଁ ଓ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଲେ । ସେ ବ୍ରିଟିଶ୍ ସରକାରଙ୍କର ଦୋଷ ତ୍ରୁଟି ଗୁଡ଼ିକୁ ସମାଲୋଚନା କରି ସ୍ୱାଧୀନ ଭାରତର ନାଗରିକମାନଙ୍କୁ କିପରି ଜୀବନ ଯାପନ କରିବାକୁ ହେବ ତାହା ବୁଝାଇଥିଲେ । ଘନଘନ କରତାଳି, ବନ୍ଦେ ମାତରମ୍, ଇନ୍‌କିଲାବ–ଜିନ୍ଦାବାଦ, ମହାତ୍ମା ଗାନ୍ଧୀ କି ଜୟ, ସୁଭାଷ ବୋଷ କି ଜୟ ପ୍ରଭୃତି ସ୍ଲୋଗାନ ଦ୍ୱାରା ସଭାସ୍ଥଳୀ ପ୍ରକମ୍ପିତ ହେଉଥିଲା । ସେହି ସଭାରେ ପ୍ରାୟ ଚାରି ପାଞ୍ଚ ହଜାର ସ୍ତ୍ରୀ ପୁରୁଷ ଯୋଗ ଦେଇ ଥିବାର ମୋର ମନେ ପଡୁଛି । ସଭା ଚାରିପଟେ ଲଠିଧାରୀ ପୋଲିସ ଜଗି ରହିଥିଲେ ମଧ୍ୟ ସଭା କାର୍ଯ୍ୟରେ କୌଣସି ବ୍ୟାଘାତ ସୃଷ୍ଟି କରି ନଥିଲେ । ଯେମିତି ସ୍ଲୋଗାନ ସହ ସଭା ଭଙ୍ଗ ହେଲା ଏବଂ ସୁଭାଷ ବାବୁ ଚୌକିରୁ ଉଠି ଛିଡ଼ା ହେଲେ ଆମେ ଛଅଜଣ ଅଣ ବଙ୍ଗାଳି ପିଲା ଦୌଡ଼ିଯାଇ ସଭା ମଣ୍ଡପ ନିକଟରେ ପହଞ୍ଚିଲୁ । ଭଟ୍ଟାଚାର୍ଯ୍ୟ ବାବୁ ଦେଖି ଟିକିଏ ବିରକ୍ତ ହେଲା ପରି ମନେ ହେଲା । ତଥାପି ସେ ସୁଭାଷ ବାବୁଙ୍କୁ ଆମଙ୍କୁ ଦେଖାଇ କହିଲେ "ଏମାନେ ବାଙ୍ଗଲା ବାହିରେ ଥେକେ ଏସେଛେ । ଏଇଖାନେ ପଡ଼ାଶୁଣା କରିଚେଛେ । ଆପନାକେ ଦେଖତେ ଏରା ଏସେଛେ ।" ସୁଭାଷ ବାବୁ ଟିକିଏ ମୁରୁକି ହସା ଦେଇ ଆମ ପ୍ରତ୍ୟେକଙ୍କୁ ଇଂରାଜୀରେ କେଉଁଠାରୁ ଆସିଛ ଓ କଣ ପଢ଼ୁଛ ବୋଲି ପଚାରି ବୁଝିଲେ । ଅନ୍ୟ ପିଲାମାନେ ନିଜ ନିଜର ଜନ୍ମସ୍ଥାନ ସହିତ ପରିଚୟ ଦେଲା ପରେ ମୋ

Digitized by srujanika@gmail.com

ପାଳି ପଡ଼ିଲ । ମୁଁ ଜଣେ ଓଡ଼ିଆ ପିଲ ବୋଲି ସେ ଜାଣିବାରୁ ସେ ମୋତେ ଓଡ଼ିଆରେ ପଗ୍ଭରିଲେ, "ଓଡ଼ିଶାର କଣ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ନାହିଁ ?" ହଠାତ୍ ସେ କଣ କହୁଛନ୍ତି ମୁଁ ବୁଝି ପାରିଲି ନାହିଁ । କାରଣ ତାଙ୍କ ମୁହଁରୁ ଓଡ଼ିଆ ଶୁଣିବାକୁ ମୁଁ ମାନସିକ ଭବେ ପ୍ରସ୍ତୁତ ନଥିଲି ଓ ସେ ଓଡ଼ିଆ କହି ପାରନ୍ତି ବୋଲି ମୋର କଳ୍ପନା ବାହାରେ ଥିଲ । ମୁଁ ଅବାକ୍ ହୋଇ ନିରୁତ୍ତର ଭବେ ଗ୍ଭହିଁବାରୁ ସେ ମୋତେ ପୁଣି ଓଡ଼ିଆରେ ପଗ୍ଭରିଲେ, "କଟକରେ କଣ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ନାହିଁ ?" ତେବେ ଯାଇ ମୁଁ ବୁଝିଲି ଯେ ସେ ଓଡ଼ିଆରେ କହୁଛନ୍ତି । ତାଙ୍କୁ ଉତ୍ତରରେ ମୁଁ କହିଲି "ଆଜ୍ଞା, କଟକଠାରେ ଇଞ୍ଜିନିୟରିଂ ସ୍କୁଲ ଅଛି କିନ୍ତୁ ସେଠାରେ କେବଳ ସିଭିଲ୍ ଇଞ୍ଜିନିୟରିଂ ପଢ଼ା ଯାଏ । ମୁଁ ମେକାନିକାଲ ଇଞ୍ଜିନିୟରିଂ ପଢ଼ିବାକୁ ଆସିଛି ।" ସେ ମୁରୁକି ହସିଲେ ଓ ଖୁସି ହେଲ ପରି ମୋତେ ଜଣା ପଡ଼ିଲ । ତାହା ହେଉଛି ମୋର ନେତାଜୀ ସୁଭଷ ଚନ୍ଦ୍ର ବୋଷଙ୍କ ସହ ପ୍ରଥମ ଓ ଶେଷ ସାକ୍ଷାତ ।

ବେଙ୍ଗଲ୍ ବହରମ୍ପୁରରେ ମୁଁ ୧୯୨୮ ଜୁଲଇ ଠାରୁ ୧୯୩୧ ମେ ମାସ ପର୍ଯ୍ୟନ୍ତ ରହିଥିଲି । ୧୯୩୧ ସାଇ ଏପ୍ରିଲ ମାସରେ ଆମର ଇଞ୍ଜିନିୟରିଂ ଡ଼ିପ୍ଲୋମା ପରୀକ୍ଷା ହେଲ ଏବଂ ତାହାର ଫଳ ସେହି ବର୍ଷ ମେ ମାସ ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଇଥିଲ, ଯେଉଁଥିରେ ମୁଁ କୃତିତ୍ୱର ସହ ପାଶ୍ କରିଥିଲି । ମୁଁ ସେହିମାସ ପନ୍ଦର ତାରିଖ ବେଳକୁ ଆମ ଗ୍ରାମକୁ ଫେରି କିଛିଦିନ ଗ୍ରାମରେ ରହିବା ପରେ ମୋର ବିବାହ ସେହି ମେ ୨୧ ତାରିଖ ଦିନ ହୋଇ-ଥିଲ । ମୋର ପିତା ମୁଁ ଇଂଜିନିୟରିଂ ପଢ଼ିବା ସମୟରୁ ମୋ ପାଇଁ କନ୍ୟା ପାତ୍ରୀ ବ୍ୟବସ୍ଥା କରିଥିଲେ । ମୋର ବିବାହ ସମୟରେ ବୟସ ମାତ୍ର ଏକଇଶ ବର୍ଷ କେତେ ମାସ ଏବଂ ମୋର ସ୍ତ୍ରୀ କମଳା ଦେବୀଙ୍କ ବୟସ ମାତ୍ର ଚଉଦ ବର୍ଷ ହୋଇଥିଲ । ସେ ଆମ ବାପାଙ୍କର ନିକଟ ସମ୍ପର୍କୀୟ ବନ୍ଧୁ ଆମ ଗ୍ରାମ ନିକଟସ୍ଥ ରନ୍ପୁର ନିବାସୀ ସ୍ୱର୍ଗତ ଗଦାଧର ସାହୁଙ୍କ ଜ୍ୟେଷ୍ଠା କନ୍ୟା । ମୋ ବାପାଙ୍କର ଇଚ୍ଛା ପୂର୍ଣ୍ଣ କରିବାପାଇଁ ମୁଁ ସେହି ବିବାହ ପ୍ରସ୍ତାବରେ ରାଜି ହୋଇଥିଲି । ମୋ ସ୍ତ୍ରୀ ଗ୍ରାମ ସ୍କୁଲରେ ଯାହା କିଛି ପଢ଼ାପଢ଼ି କରି ପୁରାଣ ପାଠ କରିବାର ଯୋଗ୍ୟତା ଅର୍ଜନ କରିଥିଲେ । ମୋର ଜେଜେମା ମୋ ସ୍ତ୍ରୀଙ୍କ ଠାରୁ ପୁରାଣ ଶୁଣିବାରେ ବହୁତ ଆନନ୍ଦ ଲଭ କରୁଥିଲେ । ଏହିପରି ଭବେ ମୁଁ ଆମ ଗ୍ରାମରେ ୧୯୩୨ ମସିହା ଅଗଷ୍ଟ ଦୁଇ ତାରିଖ ପର୍ଯ୍ୟନ୍ତ ରହି ସ୍ୱର୍ଗତ

Digitized by srujanika@gmail.com

ଡା: ଲକ୍ଷ୍ମୀନାରାୟଣ ସାହୁଙ୍କ ଉପଦେଶ କ୍ରମେ କଟକରେ ଚାକିରୀ ପାଇବା ଆଶାରେ ବାହାରି ପଡ଼ିଲି ।

କର୍ମ ଜୀବନାରମ୍ଭ

ସ୍ୱର୍ଗତ ଡକ୍‌ଟର ଲକ୍ଷ୍ମୀନାରାୟଣ ସାହୁ ମୋ କର୍ମ ଜୀବନର ପ୍ରଥମ ପ୍ରୋତ୍ସାହକ ଥିଲେ । ତାଙ୍କୁ ମୁଁ ପ୍ରଥମେ କଲିକତାରେ ଶରତ୍ ପଟ୍ଟନାୟକଙ୍କ ବସାରେ ଦେଖିଥିଲି । ସେ ମୋ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ ଏବଂ ମୁଁ ବହରମ୍‌ପୁର ଶିଳ୍ପ ଶିକ୍ଷାନୁଷ୍ଠାନରେ ଇଞ୍ଜିନିୟରିଂ ପଢ଼ୁଥିବାର ଜାଣି ସନ୍ତୋଷ ପ୍ରକାଶ କରିଥିଲେ । ତାଙ୍କ ସହିତ ମୋର ମଝିରେ ମଝିରେ ପତ୍ର ବିନିମୟ ହେଉଥାଏ । ମୁଁ ଇଞ୍ଜିନିୟରିଂ ପାଶ୍ କରି ଆମ ଗ୍ରାମକୁ ଫେରିବା ପରେ ବିଭିନ୍ନ ସ୍ଥାନକୁ ଚାକିରୀ ପାଇଁ ଦରଖାସ୍ତ କରୁଥିଲି । ସେହି ସମୟରେ କଲିକତା ସ୍ଥିତ ମାର୍ଟିନ ବର୍ଣ୍ଣ ନାମକ କମ୍ପାନୀ ମୋତେ ତାଙ୍କର ଲକ୍ଷ୍ନୌ ସ୍ଥିତ ଇଞ୍ଜିନ ରୁମ୍‌ରେ ଗୋଟିଏ ଏପ୍ରେଣ୍ଟିସ୍ ଚାକିରୀରେ ନିଯୁକ୍ତି ଦେଇଥିଲେ । କିନ୍ତୁ ଲକ୍ଷ୍ନୌ ଯିବା ପାଇଁ ମୋ ବାପା ମନା କରି ଦେବାରୁ ମୁଁ ସେଥିରେ ଯୋଗ ଦେଇ ନଥିଲି । ୧୯୩୦-୩୧ ମସିହା ବେଳକୁ ପୃଥିବୀରେ ଘୋର ବାଣିଜ୍ୟ ମାନ୍ଦା (Slump Period) ସୃଷ୍ଟି ହୋଇଥିଲା । ତେଣୁ ମୋତେ କୌଣସି ଚାକିରୀ ମିଳି ନଥିଲା । ସ୍ୱର୍ଗତ ଡକ୍ଟର ଲକ୍ଷ୍ମୀନାରାୟଣ ସାହୁ ମୋ ବିଷୟ ପ୍ରଖ୍ୟାତ ଇଞ୍ଜିନିୟର ସ୍ୱର୍ଗତ ଭୁବନାନନ୍ଦ ଦାସ (ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ଯମଜ ଭ୍ରାତା)ଙ୍କୁ କହିଥିଲେ ଏବଂ ମୋତେ କଟକ ଆସିବାକୁ ପତ୍ର ଦ୍ୱାରା ଜଣାଇଥିଲେ । ମୁଁ ଲକ୍ଷ୍ମୀ ନାରାୟଣ ବାବୁଙ୍କଠାରୁ ପତ୍ର ପାଇ ୧୯୩୨ ସାଲ ଅଗଷ୍ଟ ଦୁଇ ତାରିଖ ଦିନ କଟକରେ ପହଞ୍ଚିଲି । ସେ ସମୟରେ ମୋର ଜଣେ ନିକଟ ସମ୍ପର୍କୀୟ ଭାଇ ✓ ନରହରି ସାହୁ କଟକ କଲେକ୍ଟରେଟ୍‌ରେ ଜଣେ ଟ୍ରାନ୍‌ସଲେଟର କ୍ଲର୍କ ଭାବେ କାର୍ଯ୍ୟ କରୁଥିଲେ । ସେ ସମାଜ ସଂସ୍କାରକ ସ୍ୱର୍ଗତ ବୈରାଗୀ ଚରଣ ମିଶ୍ରଙ୍କ ଚାନ୍ଦିନୀଚୌକସ୍ଥ ବସା ଘରେ ରହୁଥିଲେ । ତେଣୁ ମୁଁ ସ୍ୱର୍ଗତ ବୈରାଗୀ ଚରଣ ମିଶ୍ରଙ୍କ ଘରେ ମୋ ଭାଇଙ୍କ ପାଖରେ ଯାଇ ରହିଲି । ବୈରାଗୀ ବାବୁ ମଧ୍ୟ ସେ ସମୟରେ କଟକ କଲେକ୍ଟରେଟ୍‌ରେ ପେଷ୍କାର ଭାବେ କାମ କରୁଥିଲେ । ତେଣୁ ଉଭୟଙ୍କର ସୁସମ୍ପର୍କ ଥିଲା । ଲକ୍ଷ୍ମୀ ନାରାୟଣ ବାବୁ ବୈରାଗୀ ବାବୁଙ୍କ ଘରକୁ ଅନେକ ସମୟରେ ଆସୁଥିଲେ । ମୁଁ କଟକରେ ପହଞ୍ଚିବା ପରଦିନ ତାଙ୍କୁ ତାଙ୍କ ଦେଉଳ ସାହିରେ ଥିବା ବାସ

Digitized by srujanika@gmail.com

ଭବନକୁ ଯାଇ ଦେଖା କଲି । ସେ ମୋତେ ତାଙ୍କର ଗୋଟିଏ ଘୋଡ଼ାଲଗି ଥିବା ଗାଡ଼ିରେ ବସାଇ ସ୍ୱର୍ଗତ ଭୁବନାନନ୍ଦ ଦାସଙ୍କ ଘରକୁ ନେଇ ତାଙ୍କ ସହ ପରିଚୟ କରାଇଲେ । ଭୁବନାନନ୍ଦବାବୁ ମୋର ପରିଚୟ ପାଇ ଓ ମୋର ଡ଼ିପ୍ଲୋମା ସାର୍ଟିଫିକେଟ୍ ଦେଖି କଟକ ଇଞ୍ଜିନିୟରିଂ ସ୍କୁଲରେ ଥିବା ମେକାନି-କାଲ ଓ୍ୱାର୍କସପ୍‌ରେ ଗୋଟିଏ ଇନ୍‌ଷ୍ଟ୍ରକ୍ଟର କାମ ପାଇଁ ଦରଖାସ୍ତ କରିବାକୁ ପରାମର୍ଶ ଦେଲେ । ତାଙ୍କ ପରାମର୍ଶ କ୍ରମେ ମୁଁ ଗୋଟିଏ ଦରଖାସ୍ତ ଲେଖି ମୋର ଡ଼ିପ୍ଲୋମା ଓ ଅନ୍ୟାନ୍ୟ ସାର୍ଟିଫିକେଟଗୁଡ଼ିକର ଟାଇପ୍ ନକଲ ସହିତ କେତେ ଦିନ ପରେ ତାଙ୍କୁ ଦେଖା କଲି । ସେ ସାଧାରଣତଃ ବେଶି ସମୟ କଟକରେ ରହୁ ନଥାନ୍ତି । ସେ ଭାରତବର୍ଷର କେତୋଟି ବଡ଼ ସହରରେ ଥିବା ଇଞ୍ଜିନିୟରିଂ ସଂସ୍ଥାମାନଙ୍କର ପରାମର୍ଶଦାତା ଓ ଦିଲ୍ଲୀରେ ଥିବା ଭାରତର ଲେଜିସ୍‌ଲେଟିଭ୍ କାଉନ୍‌ସିଲର ମେମ୍ବର ମଧ୍ୟ ଥିଲେ । ତେଣୁ ତାଙ୍କୁ କଟକରେ ପାଇବା ବହୁତ ସମୟ ସାପେକ୍ଷ ଥିଲା । ବୈରାଗୀ ବାବୁଙ୍କ ବସା ଭୁବନାନନ୍ଦ-ବାବୁଙ୍କ ବାସଭବନ ନିକଟରେ ହୋଇଥିବାରୁ ମୁଁ ତାଙ୍କ ବାସଭବନକୁ ଯାଇ ତାଙ୍କ ଖବର ରଖୁଥିଲି ।

ଆମେ ଦୁଇ ଭାଇ ବିବାହିତ ହୋଇଥିବାରୁ ଆମ ଦୁଇଜଣଙ୍କର କୁଟୁମ୍ବ ନେଇ କଟକରେ ଗୋଟିଏ ଭଡ଼ା ଘରେ ରହିବାକୁ ସ୍ଥିରକଲୁ । ସେ ପର୍ଯ୍ୟନ୍ତ ବାପା ମୋ ଚଳିବା ପାଇଁ କୋଡ଼ିଏ ଟଙ୍କା ମାସକୁ ମାସ ପଠାଉଥିଲେ । ସେ ସମୟରେ କୋଡ଼ିଏ ଟଙ୍କାରେ ସ୍ୱଚ୍ଛନ୍ଦରେ ଚଳି ହେଉଥିଲା । କାରଣ ଟଙ୍କାରେ କଟକୀ ବାରସେର (୧୦୫ ଭରି) ବାଲାମୀ ଚାଉଳ, ପାଞ୍ଚଅଣାରେ (ବର୍ତ୍ତମାନର ଏକତ୍ରିଂଶ ନୂଆ ପଇସା) କଟକୀ ଏକ ସେର ହରଡ଼ ଡାଲି, ଦୁଇ ପଇସାରେ ସେରେ ବାଇଗଣ, ବିଲାତି ଆଳୁ ସେର ଚାରି ପଇସା ଓ ଅନ୍ୟାନ୍ୟ ପରିବାପତ୍ର ମଧ୍ୟ ସେହିପରି ଶସ୍ତା ଦରରେ ମିଳୁଥାଏ । ମାଛ କିମ୍ବା ମାଂସ କଟକୀ ସେରରେ ଏକ ସେରର ଦାମ୍ ମାତ୍ର ଛଅ ଅଣା ଥିଲା (ବର୍ତ୍ତମାନର ସଇଂତ୍ରିଶ ପଇସା) । କେତେ ଦିନପରେ ଗୋଟିଏ କୋଠାଘର ମାସିକ ଛଅ ଟଙ୍କା ଭଡାରେ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ଘର ପଛପଟ ଗଳିରେ ପାଇ ଆମେ ଦୁଇ ଭାଇ କୁଟୁମ୍ବ ସହିତ ବାସ କରିବାକୁ ଆରମ୍ଭ କଲୁ । ଭୁବନାନନ୍ଦ ବାବୁଙ୍କ ପରାମର୍ଶ ଅନୁସାରେ ମୁଁ ଯେଉଁ ଦରଖାସ୍ତ କଟକସ୍ଥିତ ଓଡ଼ିଶା ଇଞ୍ଜିନିୟରିଂ ସ୍କୁଲର ତତ୍‌କାଳୀନ ପ୍ରିନ୍‌ସପାଲ ସୋହନଲାଲ ସାହେବଙ୍କୁ ଦେଇଥିଲି, ସେ

Digitized by srujanika@gmail.com

ମୋତେ କହିଥିଲେ ଯେ ମୋର ଦରଖାସ୍ତଟା ବିହାର–ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗକୁ ପ୍ରେରଣ କରିବେ ଓ ସେଠାରୁ ନିର୍ଦ୍ଦେଶ ଆସିଲେ ମୋତେ ଜଣାଇବେ । (ସେତେବେଳେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ନ ଥିଲା) ଏକଥା ମୁଁ ଭୁବନାନନ୍ଦ ବାବୁଙ୍କୁ ଜଣାଇଦେଇ ଲକ୍ଷ୍ମୀନାରାୟଣ ବାବୁଙ୍କ ସହିତ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ନିଯୁକ୍ତ କରିଥିଲି । ଏହିପରି ୧୯୩୨ ମସିହା ପୂର୍ଣ୍ଣହେଲା । ମୋତେ ଲକ୍ଷ୍ମୀନାରାୟଣବାବୁ କହିଥିଲେ, "ଲୋକନାଥ, ତୁମେ ମେକାନିକାଲ ଇଞ୍ଜିନିୟରିଂ ପାଶ କରିଛ । ତାକୁ କାମରେ ଲଗାଇବା ଉଚିତ ହେବ ।" ମୁଁ କହିଲି "ମୋର କିଛି ହାତ ହତିଆର ହେଲେ ମୁଁ କିଛି କାମ ଆରମ୍ଭ କରିପାରନ୍ତି । ସେ ମୋତେ ଏକଶତ ଟଙ୍କା ଦେଇ ହାତ ହତିଆର କିଣିବାପାଇଁ କଲିକତା ପଠାଇଲେ । ମୁଁ କଲିକତା ଯାଇ ମେୟରସ୍ ଫର୍ମ କମ୍ପାନୀ ସହିତ କଥାବାର୍ତ୍ତା କରି ସେ ଫର୍ମର ଗୋଟିଏ ଏଜେନ୍‌ସି କଟକଠାରେ ସ୍ଥାପନ କରିବାକୁ ସ୍ଥିରକଲି । ସେ ସମୟରେ ଆମେରିକା ତିଆରି ଗୋଟିଏ ହସ୍ତଚାଳିତ ପାଣିକଳ ଯାହାକୁ କୂଅରେ ଲଗାଇ ପାଣି ଉଠାଇବାକୁ ହୁଏ, ସେପରି କଳର ଦାମ୍ ମାତ୍ର ବାରଟଙ୍କା ଥିଲା । ତାହା ସହିତ ଲୁହା ଜି.ଆଇ. ପାଇପ୍ ଏକ ଇଞ୍ଚ ବ୍ୟାସର ଦାମ୍ ଫୁଟକୁ ଥିଲା ମାତ୍ର ପାଞ୍ଚ ଅଣା । ସେହି କମ୍ପାନୀ ସହିତ ଚୁକ୍ତି କରି ତଦୁପଯୋଗୀ କିଛି ହାତ ହତିଆର କିଣି କଟକ ଫେରିଲି । କଟକ ଗ୍ରାଣ୍ଡିନୀ ଚୌକରେ ଗୋଟିଏ ଛୋଟିଆ ଦୋକାନଘର ମାତ୍ର ଛଅ ଟଙ୍କା ମାସିକ ଭଡ଼ାରେ ନେଇ ତହିଁରେ ମୋର ବ୍ୟବସାୟ "ଲକ୍ଷ୍ମୀ ଇଞ୍ଜିନିୟରିଂ ଓ୍ୱାର୍କସ" ନାମରେ ଆରମ୍ଭ କଲି । ସେହି ପାଣିକଳ ବସାଇବାପାଇଁ ସେ ସମୟରେ କଟକର ବଡ ବଡ଼ ଓକିଲ ବ୍ୟବସାୟୀ ତଥା ପ୍ରଫେସରମାନଙ୍କୁ ଦେଖାକରି ପ୍ରବର୍ତ୍ତାଇବାକୁ ହେଉଥିଲା ।

ସେ ସମୟରେ ମୁଁ ଅନେକ ଚିନ୍ତାକରି ମୋର ସାଇକେଲଟିକୁ ପାଣିରେ ଚଳାଇବାକୁ କେତେକ ଯନ୍ତ୍ର ଖଞ୍ଜି ତାକୁ ନିକଟସ୍ଥ ହରିହର ଘାଟକୁ ନେଇ କାଠଯୋଡ଼ି ନଦୀରେ ଚଳାଇବାକୁ ଚେଷ୍ଟା କରୁଥିଲି । ସନ୍ଧ୍ୟା ସମୟରେ ମୁଁ, ମୋର ଭାଇ ଏବଂ ଆମ ଉଭୟଙ୍କ ସ୍ତ୍ରୀ କାଠଯୋଡ଼ି କୂଳକୁ ଯାଇ କେହି ନ ଦେଖିବା ଯାଗାରେ ସାଇକେଲକୁ ପାଣିରେ ଚଳାଇବାକୁ ଚେଷ୍ଟା କରୁଥିଲୁ । କେତେଥର ପାଣିରେ ପଡ଼ିଯିବାର ଅନୁଭୂତି ରହିଛି । କାରଣ ମୋର ଓ ମୋର ସାଇକେଲର ଓଜନକୁ ଖଞ୍ଜାଯାଇଥିବା ସରଞ୍ଜାମ ଯେପରି ସମ୍ଭାଳିପାରିବ ତାହା

Digitized by srujanika@gmail.com

ଠିକ୍ କରିବାକୁ ବାରମ୍ବାର ପାଣିରେ ପଡ଼ିବାକୁ ହେଉଥିଲା । ତାହା ଯେଉଁ ଦିନ ପାଣିରେ ଚାଲିବାକୁ ସକ୍ଷମ ହେଲା ମୁଁ ତାର ଦରକାରୀ ସରଞ୍ଜାମ ସବୁ ସାଇ-କେଲରୁ ଖୋଲି ଦେଉଥିଲି । ମୋର ପୃଷ୍ଠପୋଷକ ଲକ୍ଷ୍ମୀନାରାୟଣ ବାବୁଙ୍କୁ ମୁଁ ସେ ପର୍ଯ୍ୟନ୍ତ ପାଣିରେ ସାଇକେଲ ଚାଳନା ବିଷୟରେ କିଛି କହି ନ ଥିଲି, କାରଣ ଗୋଟିଏ ଉଦ୍ୟମରେ ସଫଳତା ଲାଭ ନ କରିବା ପର୍ଯ୍ୟନ୍ତ କାହାକୁ ସେ ବିଷୟରେ କିଛି କହିବା ଉଚିତ ନୁହେଁ । ସବୁଦିନେ ଲକ୍ଷ୍ମୀନାରାୟଣ ବାବୁ ତାଙ୍କ ଦେଉଳ ସାହି ଘରୁ କଟକ ସହର ଭିତରକୁ ଆସିବା ସମୟରେ ଆମ ବସା ବାଟଦେଇ ସାଇକେଲରେ ଯାଉଥିଲେ । ଆମ ଘର ସାମନାବାଟେ ଗଲାବେଳେ ପାଟି କରି "ଲୋକନାଥ ! କ'ଣ କରୁଛ" ବୋଲି ପଚାରିଯାଆନ୍ତି । କେବେ କେବେ ମୁଁ ନ ଥିଲା ସମୟରେ ମଧ୍ୟ ସେ ସେହିପରି ଡାକି ଦେଇଯାଆନ୍ତି । ମୁଁ ପାଣିରେ ସାଇକେଲ ଚଳାଇବାରେ ଯେଉଁ ଦିନ ସମ୍ପୂର୍ଣ୍ଣ ସଫଳ ହେଲି, ତାପରଦିନ ଲକ୍ଷ୍ମୀନାରାୟଣ ବାବୁ ସକାଳୁ ଆମ ବସାକୁ ଆସି ମୋତେ କହିଲେ, "ଲୋକନାଥ ! ଆଜି ତୁମେ ଯୋବ୍ରା ନିକଟରେ ମହାନଦୀରେ ସାଇକେଲ ଚଳାଇବ ବୋଲି "ସମାଜ" ଖବର କାଗଜରେ ପ୍ରକାଶ କରି ଦେଇଛି । ତୁମେ ଆଜି ଦିନ ଦଶଟା ବେଳେ ତୁମ ସାଇକେଲ ଧରି ଯୋବ୍ରା ଆସିବ ଓ ସେଠାରୁ ଚୌଦ୍ୱାର ଯିବା ।" ଏହା ଶୁଣି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ତାଙ୍କୁ ପଚାରିଲି, "ବାବା ! ମୁଁ ପାଣିରେ ସାଇକେଲ ଚଳାଇବା କଥା ଆପଣ କିପରି ଜାଣିଲେ ? ମୁଁ ତ ସେ କଥା କାହାକୁ ଏପରିକି ଆପଣଙ୍କୁ ମଧ୍ୟ ଏପର୍ଯ୍ୟନ୍ତ କହି ନ ଥିଲି । ମୋ ସହ ପରାମର୍ଶ ନ କରି ଆପଣ ଖବର କାଗଜରେ ପ୍ରକାଶ କରିଦେଲେ କିପରି ?" ଏହାର ଉତ୍ତରରେ ସେ କହିଲେ, "ତୁମେ ପାଣିରେ ସାଇକେଲ ଚଳାଉଛ ବୋଲି ମୁଁ କମଳା (ମୋ ସ୍ତ୍ରୀ) ଠାରୁ ଶୁଣିଥିଲି । ମୁଁ ସେ ଖବର ଶୁଣି ଅତି ଆନନ୍ଦିତ ହୋଇ ଉତ୍ସାହରେ 'ସମାଜ'ରେ ପ୍ରକାଶ କରିବାକୁ ଦେଇଛି ଓ ଆଜି ତୁମକୁ ପାଣିରେ ସାଇକେଲ ଚାଳନା ପ୍ରଦର୍ଶନ କରିବାକୁ ହେବ ।" ଏହା ଜାଣି ମୁଁ ମୋ ସ୍ତ୍ରୀ ଉପରେ ବହୁତ ବିରକ୍ତ ହେଲି ଏବଂ ମୁଁ, ମୋର ସ୍ତ୍ରୀ ଉଭୟେ ସାଇକେଲଟିରେ ପାଣିରେ ଚାଲିବାପାଇଁ ଲଗାଯାଉଥିବା ଉପକରଣମାନ ଖଞ୍ଜିଲୁ । ପ୍ରାୟ ଦିନ ସାଢ଼େ ନ'ଟା ସମୟରେ ମୁଁ ସେ ସାଇକେଲଟି ଚଢ଼ି ଯୋବ୍ରା ଅନିକଟ ନିକଟକୁ ଗଲି । ସେଠାରେ ମୁଁ ଯେଉଁ ଦୃଶ୍ୟ ଦେଖିଲି, ତାହା ମୁଁ ମୋ ଜୀବନରେ ଗୋଟିଏ ବଡ଼ ଘଟଣାରୂପେ ସର୍ବଦା ମନେରଖିଛି । ହଜାର ହଜାର ଲୋକ ଏପରିକି କେତେଜଣ ସାହେବ ଓ ସାହେବାଣୀ ମଧ୍ୟ

Digitized by srujanika@gmail.com

ଯୋବ୍ରା କାରଖାନା ସାମନା ରାସ୍ତାରେ ଭରପୂର ହେବା ସହିତ କେତେଗୁଡ଼ିଏ ମୋଟର ଲଞ୍ଚ ଓ ଡଙ୍ଗାରେ ମଧ୍ୟ ଲୋକ ବସି ମୋର ଆଗମନକୁ ଅପେକ୍ଷା କରିଥାନ୍ତି । ମୁଁ ସେଠି ପହଞ୍ଚି ଦେଖିଲି ଯୋବ୍ରା ଘାଟରୁ ନଦୀକୁ ଓହ୍ଲାଇବା ରାସ୍ତା ଲୋକମାନଙ୍କ ଦ୍ୱାରା ଅବରୁଦ୍ଧ । ମୋତେ ଦେଖି କେତେଜଣ ଲୋକ ମୁଁ ଓ ମୋର ସାଇକେଲ ଯିବାପାଇଁ ଲୋକମାନଙ୍କୁ ଠେଲାଠେଲି କରି ରାସ୍ତା କରିଦେଲେ । ମୁଁ ଭିଡ଼ ମଧ୍ୟରେ ଅତି କଷ୍ଟରେ ସାଇକେଲକୁ ପାଣିରେ ଓହ୍ଲାଇ ତା ଉପରେ ବସି ସାଇକେଲ ଚଳାଇବା ଆରମ୍ଭକଲି । ଲୋକମାନଙ୍କ କରତାଳି ଶବ୍ଦରେ ସେ ଖଣ୍ଡମଣ୍ଡଳ କମ୍ପୁଥାଏ । ଲକ୍ଷ୍ମୀନାରାୟଣ ବାବୁ ଓ ତାଙ୍କର କେତେଜଣ ବନ୍ଧୁ ଗୋଟିଏ ମଟର ଲଞ୍ଚରେ ବସିଥିବାର ମୁଁ ଦେଖିପାରିଲି । ତାଙ୍କ ନିକଟକୁ ସାଇକେଲ ଚଳାଇଯାଇ ପ୍ରଣାମ କରିବା ସମୟରେ ସେ କହିଲେ, "ତୁମେ ଏଠାରେ କିଛି ସମୟ ସାଇକେଲ ଚଳାଇବାପରେ ଚୌଦ୍ୱାର ଯିବାକୁ ହେବ ।" ତଦନୁସାରେ ମୁଁ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ଯୋବ୍ରା ଆନିକଟଠାରେ ମହାନଦୀ ପାଣିରେ ସାଇକେଲ ଚଳାଇ ଚୌଦ୍ୱାର ଆଡକୁ ମୁହାଁଇବା ସମୟରେ ମୋତେ ଜଣାଗଲା ଯେ ଚୌଦ୍ୱାର ଯିବାପାଇଁ ଅନ୍ତତଃ ଏକ ଘଣ୍ଟାରୁ ବେଶୀ ସମୟ ଲାଗିବ । ସେତେବେଳକୁ ପ୍ରାୟ ଦିନ ବାରଟା ହୋଇ ଯାଇଥିଲା । ମୁଁ ଏକଥା ଲକ୍ଷ୍ମୀନାରାୟଣବାବୁଙ୍କୁ ଜଣାଇବାରୁ ସେ କହିଲେ "ତୁମେ ଲଞ୍ଚରେ ବସ ଓ ସାଇକେଲକୁ ଲଞ୍ଚ ପଛରେ ବାନ୍ଧିଦିଅ । ଚୌଦ୍ୱାର ବିରୂପା ଆନିକଟରେ ପହଞ୍ଚିଲେ ତୁମେ ସାଇକେଲ ଚଳାଇବ ।" ଏହା ଶୁଣି ମୁଁ ବଡ଼ ଆନନ୍ଦିତ ହେଲି ଓ ତଦନୁସାରେ ଲଞ୍ଚରେ ଚଢି ସାଇକେଲକୁ ଲମ୍ବା ଦଉଡ଼ିରେ ବାନ୍ଧି ବିରୂପା ଆନିକଟ ପର୍ଯ୍ୟନ୍ତ ଗଲି । ସେଠାରେ ଦେଖେତ ସେହିପରି ଶହ ଶହ ଲୋକ ବିରୂପା ଆନିକଟ ବନ୍ଧ, ନଦୀ କୂଳ ହୁଡା ଓ ରାସ୍ତା ଉପରେ ରୁଣ୍ଡ ହୋଇଛନ୍ତି । ମୁଁ ପାଣିରେ ସାଇକେଲ ଚଳାଇବା ଦେଖି ଲୋକମାନେ ଆନନ୍ଦ ସୂଚକ ଧ୍ୱନି କରି କରତାଳିରେ କମ୍ପାଇଲେ । ସେଠାରେ ମଧ୍ୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ସାଇକେଲ ଚଳାଇ ନଦୀ କୂଳକୁ ଗଲି । ସାଇକେଲକୁ ଲଞ୍ଚରେ ବାନ୍ଧି ଲକ୍ଷ୍ମୀ-ନାରାୟଣବାବୁ ଓ ତାଙ୍କ ବନ୍ଧୁମାନଙ୍କ ସହିତ ତାଙ୍କର ଚୌଦ୍ୱାରସ୍ଥିତ ଆଶ୍ରମକୁ ଗଲୁ । ସେହି ଆଶ୍ରମଟିର ନାମ ଥିଲା "ଗ୍ରାମ୍ୟ ପୁନର୍ଗଠନ କେନ୍ଦ୍ର" । ସେଠାରେ ଆମ ସମସ୍ତଙ୍କପାଇଁ ଖାଦ୍ୟ ପେୟର ବ୍ୟବସ୍ଥା ହୋଇଥିଲା । ଏହି ବ୍ୟବସ୍ଥାମାନ ଦେଖି ଲକ୍ଷ୍ମୀନାରାୟଣ ବାବୁଙ୍କ କର୍ମପଟୁତା ବିଷୟରେ ମୋର ସମ୍ୟକ ଧାରଣା ହୋଇଥିଲା । ସେ ଏହା ଭିତରେ ଏତେ ବ୍ୟବସ୍ଥା କରିଯାଇଥିଲେ ଯେ ମୁଁ

Digitized by srujanika@gmail.com

ଏସବୁ ଦେଖି ଅବାକ୍ ହୋଇଯାଇଥିଲି । ସେଠାରେ ଭୋଜନ ସାରି କିଛି ସମୟ ବିଶ୍ରାମ ନେଲୁ ଓ ସମସ୍ତେ ସାଙ୍ଗ ହୋଇ ସେହି ମୋଟର ଲଞ୍ଚରେ ଅପରାହ୍ନରେ କଟକ ଯୋବ୍ରା ଆନିକଟକୁ ଫେରିଲୁ । ସେଠାରେ ଲଞ୍ଚରୁ ମୋ ସାଇକେଲ ଫିଟାଇ ମୁଁ ମୋ ବସାକୁ ଫେରିଲି । ସେଦିନ "ସମାଜ" ସନ୍ଧ୍ୟା ସଂସ୍କରଣରେ ମୋର ପାଣିରେ ସାଇକେଲ ଚଳାଇବା ବିଷୟ ବିସ୍ତୃତଭାବେ ପ୍ରକାଶ ପାଇଥିଲା । ତାହାଦ୍ୱାରା ମୁଁ କଟକରେ ସୁପରିଚିତ ହୋଇପାରିଥିଲି ।

ସ୍ୱର୍ଗତ ଡ଼ଃ ଲକ୍ଷ୍ମୀନାରାୟଣ ସାହୁ ମୋତେ ନିଜର ପୁତ୍ର ସମାନ ଦେଖୁଥିଲେ । ମୁଁ ତାଙ୍କୁ ମୋର ଗୁରୁଭାବେ ଗ୍ରହଣ କରିଥିଲି । କାରଣ ସେସମୟରେ ତାଙ୍କପରି ଜଣେ ନିଃସ୍ୱାର୍ଥପର ସମାଜସେବୀ ଓଡ଼ିଶାରେ ବିରଳଥିଲେ ଏବଂ ଏପର୍ଯ୍ୟନ୍ତ କେହି ତାଙ୍କପରି ଜନସେବା କାର୍ଯ୍ୟରେ ନିଯୁକ୍ତ ଥିବାର ଦେଖିପାରୁନାହିଁ । ଅବଶ୍ୟ ହିନ୍ଦ୍ ସେବକ ସଙ୍ଘର ଅନ୍ୟ ତିନିଜଣ ସଭ୍ୟ ଯଥା ଶ୍ରୀ ଶ୍ୟାମ ସୁନ୍ଦର ମିଶ୍ର ଏମ୍.ଏ. ଶ୍ରୀ ମଧୁସୂଦନ ସାହୁ ଏମ୍.ଏ. ଓ ଶ୍ରୀ ଦାମୋଦର ସାହୁ ଲକ୍ଷ୍ମୀନାରାୟଣ ବାବୁଙ୍କ ଅନୁଗାମୀ ହୋଇ ସମାଜ ସେବାରେ ନିଯୁକ୍ତ ହୋଇଛନ୍ତି । ଶ୍ରୀ ମଧୁସୂଦନ ସାହୁ କୋରାପୁଟ ଜିଲ୍ଲାସ୍ଥ ରାୟଗଡାଠାରେ ଥିବା ଠକ୍କର ବାପା ଆଶ୍ରମର ଦାୟିତ୍ୱରେ ରହି ସେହି ଆଶ୍ରମର ବହୁତ ଉନ୍ନତି କରିଛନ୍ତି ଓ ଅନେକ ଗୁଡ଼ିଏ ସେବା ମୂଳକ କାର୍ଯ୍ୟ କରିଆସୁଛନ୍ତି । ଶ୍ରୀ ଶ୍ୟାମ ସୁନ୍ଦର ମିଶ୍ର ବର୍ତ୍ତମାନ ହିନ୍ଦ୍ ସେବକ ସଙ୍ଘର ସଭାପତି ହୋଇଛନ୍ତି ଓ ଶ୍ରୀ ଦାମୋଦର ସାହୁ ଚୌଦ୍ୱାର ହିନ୍ଦ୍ ସେବକ ସଂଘ ଆଶ୍ରମ ଦାୟିତ୍ୱରେ ରହି କୁଷ୍ଠ ରୋଗୀ ତଥା ଅନ୍ୟାନ୍ୟ ରୋଗୀମାନଙ୍କର ସେବା କରୁଛନ୍ତି । ଲକ୍ଷ୍ମୀନାରାୟଣବାବୁ ଚାରୋଟି ବିଷୟରେ ଯଥା : ଭାରତୀୟ ଭାଷା, ଇଂରାଜୀ, ରାଜନୀତି ବିଜ୍ଞାନ ଓ ଗଣିତରେ ସ୍ନାତକୋତ୍ତର ଉପାଧିଲାଭ କରିଥିଲେ ଏବଂ ତାଙ୍କର ପାଣ୍ଡିତ୍ୟପାଇଁ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରିଥିଲେ । ସେ ଅତି ସରଳ ଓ ନିରାଡମ୍ବର ଜୀବନଯାପନ କରୁଥିଲେ । ସେ ଥରେ ଯେଉଁ ଲୋକର ସଂପର୍କରେ ଆସୁଥିଲେ ତାକୁ ନିଜର କରିପାରୁଥିଲେ । ତାଙ୍କ ସ୍ତ୍ରୀ ମଧ୍ୟ ଅତି ସ୍ନେହଶୀଳାଥିଲେ ଏବଂ ଆମ୍ଭମାନଙ୍କୁ ସେ ନିଜର ସନ୍ତାନତୁଲ୍ୟ ଆଦର କରୁଥିଲେ । ତାଙ୍କର ଏକମାତ୍ର କନ୍ୟା ଶାନ୍ତିଲତା ଆମ ସମସ୍ତଙ୍କର ଭଗିନୀ ହୋଇଥିଲା । ଏହିପରି ଲକ୍ଷ୍ମୀନାରାୟଣବାବୁଙ୍କ ସହିତ ମୋର ଜୀବନ ଓତଃପ୍ରୋତଃଭାବେ ଜଡ଼ିତ ହୋଇ ମୋର ଜୀବନ ଉପରେ ତାଙ୍କ ବ୍ୟକ୍ତିତ୍ୱର ପ୍ରଭାବ

Digitized by srujanika@gmail.com

ଅତି ଗଭୀର ରେଖାପାତ କରିଥିଲା । ଏପରିକି ତାଙ୍କର ୧୯୬୩ ସାଲରେ ମୃତ୍ୟୁ ଘଟିବାପରେ ମୁଁ ବାପଛେଉଣ୍ଡ ପିଲାଙ୍କପରି ଅନୁଭବ କରିଥିଲି ଏବଂ ମାନସିକ ଦୁଃଖରୁ ଏପରି ଏକ ରୋଗ ମୋର ହୋଇଥିଲା ଯେଉଁଥିପାଇଁ ମୋତେ ପ୍ରାୟ ଏକ ମାସ କଟକ ହସ୍‌ପିଟାଲର ନର୍ସିଂହୋମରେ ଚିକିତ୍ସିତ ହେବାକୁ ପଡ଼ିଥିଲା । ଲକ୍ଷ୍ମୀନାରାୟଣବାବୁ ମୋତେ କଂଗ୍ରେସର ତତ୍‌କାଳୀନ ନେତା ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ଡକ୍ଟର ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନ୍‌ଗୋ, ସତ୍ୟନାରାୟଣ ସେନଗୁପ୍ତ, ରାଜକୃଷ୍ଣ ବୋଷ, ଯଦୁମଣି ମଙ୍ଗରାଜ, ରାଧାନାଥ ରଥ ଇତ୍ୟାଦି ବହୁ ପ୍ରମୁଖ ନେତାମାନଙ୍କ ସହିତ ପରିଚୟ କରାଇ ଦେଇଥିଲେ । ତତ୍ ସହିତ ସେସମୟର ସରକାରୀ ଓ ଶିକ୍ଷା କ୍ଷେତ୍ରରେ ଅଧିଷ୍ଠିତ ଥିବା ବହୁ ପଦସ୍ଥ ଅଧିକାରୀ ଓ ଉତ୍କଳ ଗୌରବ ମଧୁସୂଦନ ଦାସ, ଡ଼କ୍ଟର ପ୍ରାଣକୃଷ୍ଣ ପରିଜା, ସ୍ୱର୍ଗତ ଲକ୍ଷ୍ମୀ-ନାରାୟଣ ପଟ୍ଟନାୟକ (ଶ୍ରୀ ବିଜୁ ପଟ୍ଟନାୟକଙ୍କ ପିତା), କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ ପ୍ରଭୃତି ପ୍ରଖ୍ୟାତ ବ୍ୟକ୍ତିମାନଙ୍କ ସହ ମଧ୍ୟ ପାଣିରେ ସାଇକେଲ ଚଳାଉଥିବା ଯୁବକରୂପେ ପରିଚୟ କରାଇ ଦେଇଥିଲେ । ତାହା ଦ୍ୱାରା ମୋର ବିଶେଷ ଉପକାର ହୋଇଥିଲା ।

୧୯୩୩ ମସିହା ଜୁଲାଇ ଓ ଅଗଷ୍ଟ ମାସରେ କଟକରେ ଭୀଷଣ ହଇଜା ରୋଗ ବ୍ୟାପିଥିଲା । ସେ ସମୟରେ କୌଣସି ନଳପାଣିର ବ୍ୟବସ୍ଥା ନ ଥିଲା । ପ୍ରତ୍ୟେକଘରେ ଗୋଟିଏ ଗୋଟିଏ କୂଅ ରହିଥାଏ ଏବଂ ତାର ଜଳ କିମ୍ବା କଟକର ଉଭୟ ପାର୍ଶ୍ୱରେ ଥିବା ମହାନଦୀ ଓ କାଠଯୋଡ଼ି ଜଳ ଲୋକେ ବ୍ୟବହାର କରୁଥିଲେ । ହଇଜାରେ ଅନେକ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଆକ୍ରାନ୍ତ ହୋଇ ଅଧିକାଂଶ ଲୋକ ମରୁଥିଲେ । ସେ ସମୟରେ କଟକ ହସପିଟାଲ ଏତେ ବଡ ହୋଇ ନ ଥିଲା । ଜିଲ୍ଲା ସିଭିଲ୍ ସର୍ଜନଙ୍କ ଅଧୀନରେ ପରିଚାଳିତ ହେଉଥିଲା । ତହିଁରେ ଗୋଟିଏ ଛୋଟିଆ ହଇଜା ଓ୍ୱାର୍ଡଥିଲା । ସେହି ଓ୍ୱାର୍ଡ ହଇଜା ରୋଗୀଙ୍କଦ୍ୱାରା ପୂର୍ଣ୍ଣ ହୋଇଯିବାରୁ ଅତି ଗରିବ ଶ୍ରେଣୀର ରୋଗୀମାନଙ୍କୁ ସ୍ଥାନାଭାବରୁ ଘରେ ଚିକିତ୍ସିତ ହେବାକୁ ପଡୁଥିଲା । ସେହି ରୋଗୀମାନଙ୍କ ସେବା କରିବା ଉଦ୍ଦେଶ୍ୟରେ ମୁଁ ଆଉ କେତେକ ଯୁବବନ୍ଧୁ ମିଶି ଉତ୍କଳ ସେବା ସଂଘ ନାମରେ ଗୋଟିଏ ସେବା-ନୁଷ୍ଠାନ ଗଢିଥିଲୁ । ସେହି ସେବାନୁଷ୍ଠାନର ମୁଁ ସମ୍ପାଦକଥିଲି । ସ୍ୱର୍ଗତ

Digitized by srujanika@gmail.com

ଲକ୍ଷ୍ମୀନାରାୟଣ ସାହୁ ସଭାପତି ଓ ଭୀମସେନ ଚୌଧୁରୀ ଉପସଭାପତିଭାବରେ କାର୍ଯ୍ୟ କରୁଥିଲେ । ସ୍ୱର୍ଗତ ଡ଼ାଃ ଅଟଳ ବିହାରୀ ଆଚାର୍ଯ୍ୟ ଓ ସ୍ୱର୍ଗତ ଡ଼ାଃ କୁଳମଣି ମିଶ୍ର ଆମ ଅନୁଷ୍ଠାନର ଅବୈତନିକ ଡ଼ାକ୍ତରଥିଲେ । ଆମେ ସ୍ୱେଚ୍ଛା-ସେବକମାନେ ହଇଜା ପ୍ରତିଶୋଧକ ଇଞ୍ଜେକ୍ସନ ନେଇ ରୋଗୀମାନଙ୍କ ସେବା-ରତଥିଲୁ । ଡ଼ାକ୍ତର ଅଟଳ ବିହାରୀ ଆଚାର୍ଯ୍ୟ ଓ କୁଳମଣି ମିଶ୍ର ରୋଗୀମାନଙ୍କୁ ଚିକିତ୍ସା କରିବା ସହିତ ମାଗଣାରେ ଔଷଧ ଓ ଇଞ୍ଜେକ୍ସନ ଦେଉଥିଲେ । ରୋଗୀମାନଙ୍କ ନିକଟରେ ଆମେ କେତେଜଣ ସ୍ୱେଚ୍ଛାସେବକ ଦିନରାତି ପାଳିକରି ସେବା କରୁଥିଲୁ । ସେମାନଙ୍କର ମଳ ମୂତ୍ର ସଫା କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଠିକ୍ ସମୟରେ ପଥ୍ୟ ଓ ଔଷଧ ଦେଉଥିଲୁ । ସେମାନଙ୍କ ମଧ୍ୟରୁ କେତେଗୁଡ଼ିଏ ରୋଗୀ ଆମ ଯତ୍ନ ସତ୍ତ୍ୱେ ମୃତ୍ୟୁ ମୁଖରେ ପଡ଼ୁଥାନ୍ତି । ଯେଉଁମାନେ ମରନ୍ତି ସେମାନଙ୍କର କେହି ଆତ୍ମୀୟ କିମ୍ବା ବନ୍ଧୁ ଶବ ସତ୍କାର କରିବାକୁ ସକ୍ଷମ ନ ଥିଲେ ଆମେ ଚାନ୍ଦା କରି କାଠ ଇତ୍ୟାଦି କିଣି ସତୀ ଚଉରା ଓ ଖାନନଗର ଶ୍ମଶାନରେ ଦାହ କରୁଥିଲୁ । ସେହି ହଇଜା ପ୍ରକୋପ ପୂର୍ଣ୍ଣମାତ୍ରାରେ କମିଗଲାପରେ ଆମେ ହରିଜନ ସେବା କାର୍ଯ୍ୟରେ ସେହି ଅନୁଷ୍ଠାନକୁ ନିୟୋଜିତ କରିଥିଲୁ । ଏହି ସମୟରେ ଦିନେ ୧୯୩୩ ସାଲରେ ମୁଁ ବ୍ରହ୍ମପୁରରୁ ଟ୍ରେନରେ କଟକ ଫେରୁଥିଲି । ଖୋର୍ଦ୍ଧାରୋଡ ଷ୍ଟେସନରେ ଜଣେ ଯୁବକ ମୁଁ ବସିଥିବା ଡବାରେ ଉଠିଲେ ଓ ମୋ ନିକଟରେ ବସିଲେ । ମୁଁ ତାଙ୍କୁ ପଚାରି ଜାଣିଲି ଯେ ସେ ରେଭେନ୍‌ସା କଲେଜର ଜଣେ ଛାତ୍ର । ତାଙ୍କର ନାମ ମୋର ବର୍ତ୍ତମାନ ମନେ-ପଡ଼ୁନାହିଁ । ତାଙ୍କ ସହିତ ଏପରି ବସି ଆଳାପ କରୁ କରୁ କଟକ ଷ୍ଟେସନ ହେଲା । ଗାଡ଼ି ଯେମିତି ଅଟକିଛି ସେ ଡବାର ଦ୍ୱାର ପାଖକୁଯାଇ କୁଲି କୁଲି ବୋଲି ଡାକପକାଇଲେ । ତାଙ୍କ ଡ଼ାକଶୁଣି ଜଣେ କୁଲି ଆସିଲା । ମୁଁ ଆଶ୍ଚର୍ଯ୍ୟ ହେଲି, କାରଣ ସେ ସେପରି କୌଣସି ଭାରି ଜିନିଷ ଧରି ଗାଡ଼ିରେ ଉଠି ନ ଥିଲେ ମଧ୍ୟ କୁଲିକୁ କାହିଁକି ଡ଼ାକୁଛନ୍ତି ମୁଁ ବୁଝିପାରୁନଥିଲି । ସେ ଯେତେବେଳେ କୁଲି ହାତରେ ଗୋଟିଏ ଖବର କାଗଜ ଗୁଡ଼ା ଛୋଟ ବଣ୍ଡଲ ବଢାଇଦେଇ କହିଲେ ଏହାକୁ ଧରି ମୋ ସାଙ୍ଗରେ ରେଭେନସା କଲେଜ ହଷ୍ଟେଲକୁ ଚାଲ, ମୁଁ ଆହୁରି ଆଶ୍ଚର୍ଯ୍ୟ ହେଲି । ଏତିକି ଟିକିଏ ଛୋଟ ଜିନିଷ ଯାହାକୁ କାଖରେ ଯାକି ରେଭେନ୍‌ସା କଲେଜ ହଷ୍ଟେଲ ପର୍ଯ୍ୟନ୍ତ ଅକ୍ଲେଶରେ ଯାଇହୁଅନ୍ତା, ତାକୁ ଗୋଟିଏ କୁଲି ଦ୍ୱାରା ବୋହି ନେବାର ତାତ୍ପର୍ଯ୍ୟ ଯେ ନବ୍ୟ ସଭ୍ୟ ଶିକ୍ଷିତ ଯୁବକଙ୍କର ଶାରୀରିକ କର୍ମ ବିମୁଖତା, ମୁଁ ତାହା ହୃଦୟଙ୍ଗମ କରିପାରିଥିଲି ।

Digitized by srujanika@gmail.com

ଯଦିଓ ମୁଁ ସେ ସମୟରେ ମଧ୍ୟ ଜଣେ ଯୁବକ । ମୁଁ ସଙ୍ଗେ ସଙ୍ଗେ କୁଲି ହାତରୁ ସେ ବିଡାଟିକୁ ଛଡାଇ କହିଲି ଗ୍ଲଇ, ମୁଁ ତୁମକୁ ରେଭେନସା କଲେଜ ହଷ୍ଟେଲରେ ପହଞ୍ଚାଇ ଦେବି । ମୁଁ ଯେମିତି ଏତିକି କହିଛି ସେ ଯୁବକଟି ମୋ ହାତରୁ ସେ ବିଡ଼ାଟି ଝାମ୍ପିନେଇ କେଉଁ ଛଟେକେ ଗାଡ଼ିରୁ ଓହ୍ଲାଇ କେଉଁଆଡେ ଗ୍ଲଲିଗଲେ ମୁଁ ଦେଖିପାରିଲି ନାହିଁ । ଏହି ଘଟଣାରୁ ମୁଁ ଅନୁଭବ କଲି ଯେ ଆମ ଯୁବ ଛାତ୍ରମାନଙ୍କ ମନରେ ଶାରୀରିକ କାର୍ଯ୍ୟ ପ୍ରତି ଅସୂୟାଭବ ସୃଷ୍ଟି ହେଉଛି ।

ଏହି ବିଷୟ ମୁଁ ଆମ ଉତ୍କଳ ସେବା ସଙ୍ଘର ଏକ ମିଟିଙ୍ଗ ଡାକି ସଭ୍ୟମାନଙ୍କୁ ଜଣାଇଲି ଏବଂ ପ୍ରସ୍ତାବ କଲି ଯେ ଆମେ ଗୋଟିଏ "Dignity of Labour Society" "କର୍ମ ମହନୀୟତା ସଙ୍ଘ" ଗଢ଼ିବୁ । ପ୍ରସ୍ତାବ ଅନୁଯାୟୀ ସଙ୍ଘର କର୍ମକର୍ତ୍ତାମାନେ ରେଭେନ୍‌ସା କଲେଜକୁ ଯାଇ ଏ ବିଷୟରେ ଛାତ୍ରମାନଙ୍କୁ ବୁଝାଇଲେ । ଯେଉଁ ଛାତ୍ରମାନେ ଏହି ସଙ୍ଘରେ ଯୋଗ ଦେବାକୁ ରାଜି ହେଲେ ସେମାନଙ୍କୁ ପରିବା ଟୋକେଇ ମୁଣ୍ଡରେ ଧରି ସାହି ସାହିରେ ବିକ୍ରୟ କରିବାକୁ ହେବ ବୋଲି ଜଣାଇ ଦିଆଗଲା । ସେହି ଛାତ୍ରମାନେ କଲେଜପରେ ଘରକୁ ଫେରି ଜଳଖିଆ ଇତ୍ୟାଦି ସାରି ଗ୍ଲନ୍ଦିନୀଚୌକରେ ଥିବା ମୋର ଦୋକାନକୁ ଆସନ୍ତି । ସେଠାରେ ମୁଁ କାଠଯୋଡ଼ି ଓ ମହାନଦୀ ପଠା-ମାନଙ୍କରେ ଉତ୍ପନ୍ନ ହେଉଥିବା ପନିପରିବା କିଣି ରଖିଥାଏ । ମୁଁ ନିଜେ ଓ ଛାତ୍ରମାନେ ସେହି ପନିପରିବା ଟୋକେଇ ମୁଣ୍ଡେଇ ସେର ତରାଜୁ ଧରି ସାହି ସାହିରେ ଡାକି ପରିବା ବିକ୍ରିକରୁ । ସେଥିରେ କେବଳ ସାତ ଆଠଟି କଲେଜ-ପିଲା ଯୋଗ ଦେଉଥାନ୍ତି । ସେ ଯାହା ହେଉ ଏପରି କରିବା ଦ୍ୱାରା ଛାତ୍ର-ମାନଙ୍କ ମହଲରେ ଶ୍ରମ କାତରତା କିଛି ପରିମାଣରେ କମିଥିବ ନିଶ୍ଚୟ । ଦୈନିକ "ସମାଜ" ଓ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ପ୍ରତିଷ୍ଠିତ ସାପ୍ତାହିକ ପତ୍ରିକାରେ ଏହାର ବିଶେଷ ପର୍ଯ୍ୟାଲୋଚନା କରଯାଇଥିଲା ।

୧୯୩୩ ମସିହାରେ ଉତ୍କଳ ସେବାସଙ୍ଘର ସ୍ୱେଚ୍ଛାସେବୀମାନଙ୍କୁ ନେଇ ଭିନ୍ନ ଭିନ୍ନ ଜନ ସେବା କାର୍ଯ୍ୟ କରଯାଉଥିଲା । ସେତେବେଳକୁ ଓଡ଼ିଶାରେ ହରିଜନ ସେବା ଆନ୍ଦୋଳନ ଗ୍ଲଲିଥାଏ । ସେଥିରେ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀ, ମା ରମା ଦେବୀ, ଆଗ୍ଲର୍ଯ୍ୟ ହରିହର ଦାସ, ଶ୍ରୀଯୁକ୍ତ ରାଜକୃଷ୍ଣ ବୋଷ, ✓ ଯଦୁମଣି ମଙ୍ଗରାଜଙ୍କପରି ନେତୃସ୍ଥାନୀୟ ଲୋକ ଏହାର ନେତୃତ୍ୱ ନେଉଥାନ୍ତି ।

Digitized by srujanika@gmail.com

ଭିନ୍ନ ଭିନ୍ନ ସ୍ଥାନରେ ସଭା ସମିତି କରଯାଇ ଲୋକମାନଙ୍କ ମଧ୍ୟରେ ହରିଜନମାନଙ୍କ ପ୍ରତି ସଦିଚ୍ଛା ଜାଗ୍ରତ କରି ଅସ୍ପୃଶ୍ୟତା ନିବାରଣ ଦିଗରେ ବହୁତ କାମ କରହେଉଥାଏ । ମୋର ସ୍ତ୍ରୀ କମଳା ଦେବୀ ମଧ୍ୟ ଗୋପବାବୁଙ୍କ କନ୍ୟା (ବର୍ତ୍ତମାନର ଅନ୍ନପୂର୍ଣ୍ଣା ମହାରଣା), ମାଣିକ୍ୟ ଦେବୀ, ଇତ୍ୟାଦି ଝିଅମାନଙ୍କ ସହିତ କଟକରେ ଥିବା ବିଭିନ୍ନ ହରିଜନ ବସ୍ତିମାନଙ୍କୁଯାଇ ହରିଜନ ସ୍ତ୍ରୀ ଓ ପିଲାମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ଶିକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସାକ୍ଷର କରିବାକୁ ମଧ୍ୟ ଚେଷ୍ଟା କରୁଥାନ୍ତି । ଠିକ୍ ସେହି ସମୟରେ ୧୯୩୪ ମସିହା ଏପ୍ରିଲ ମାସରେ ମାହାତ୍ମା ଗାନ୍ଧି ପୁରୀଠାରୁ ଭଦ୍ରକ ପର୍ଯ୍ୟନ୍ତ ହରିଜନମାନଙ୍କ ଅଭ୍ୟୁତ୍ଥାନ ଓ ଅସ୍ପୃଶ୍ୟତା ନିବାରଣପାଇଁ ପଦଯାତ୍ରା ଆରମ୍ଭକଲେ । ସେହି ପଦଯାତ୍ରାରେ ଓଡ଼ିଶାରୁ ଗୋପବନ୍ଧୁ ଚୌଧୁରୀ, ରମା ଦେବୀ, ନବକୃଷ୍ଣ ଚୌଧୁରୀ ଓ ସେସମୟର କଂଗ୍ରେସର ବରିଷ୍ଠ ନେତାମାନେ ଗାନ୍ଧିଜୀଙ୍କ ସହିତ ପଦଯାତ୍ରାରେ ଯୋଗଦେଇ ରାସ୍ତାର ଭିନ୍ନ ଭିନ୍ନ ସ୍ଥାନରେ ସଭାସମିତିମାନ କରି ହରିଜନ ସେବାକାର୍ଯ୍ୟ ଉପଲକ୍ଷେ ଚାନ୍ଦା ସଂଗ୍ରହ କରୁଥିଲେ । ଆମ ଉତ୍କଳ ସେବା ସଙ୍ଘର କେତେଜଣ ସ୍ୱେଚ୍ଛାସେବକଙ୍କ ସହିତ ମୁଁ ଗାନ୍ଧିଜୀଙ୍କ ପଦଯାତ୍ରାରେ ଯୋଗଦେବାପାଇଁ ତତ୍କାଳୀନ ଜଗନ୍ନାଥ ସଡ଼କରେ ତେଲେଙ୍ଗାପେଣ୍ଠ ପର୍ଯ୍ୟନ୍ତ ଯାଇ ସେଦିନ ରାତ୍ରିରେ ଗାନ୍ଧିଜୀଙ୍କ ଶିବିରରେ ରହିଥିଲୁ । ତାପରଦିନ ସକାଳେ ପଦଯାତ୍ରା ଆରମ୍ଭ ହୋଇ ଗୋପାଳପୁର ବାଲିକୁଦା ନିକଟରେ ଗୋଟିଏ ଆମ୍ବତୋଟାରେ ସଭାର ଆୟୋଜନ ହୋଇଥିଲା । ସେଥିରେ ଗାନ୍ଧିଜୀ ଖରତାପରୁ ରକ୍ଷା ପାଇବାପାଇଁ ଗୋଟିଏ ସମ୍ବଲପୁରୀ ପାଟଲଗାମୁଛା ଭିଜାଇ ମଥାରେଦେଇ ସଭାକାର୍ଯ୍ୟରେ ଯୋଗ ଦେଇଥିଲେ । ତାଙ୍କ ପାଖରେ ଶ୍ରୀଯୁକ୍ତ ଗଜକୃଷ୍ଣ ବୋଷ ଛତା ଧରି ଛିଡ଼ା ହୋଇଥିଲେ । ଆମ୍ଭେମାନେ ନିଜ ନିଜର ଗାନ୍ଧି ଟୋପି ଓଲଟାଇ ହାତରେ ଧରି ଚାନ୍ଦା ଭିକ୍ଷା କରୁଥିଲୁ । ସେଠାରୁ ଖରା ଟିକିଏ କମିବାପରେ ପୁଣି ପଦଯାତ୍ରା ଆରମ୍ଭ ହୋଇ ଗୋପବନ୍ଧୁ ଚୌଧୁରୀଙ୍କ ବାସଭବନ ସାମନାର କାଠଯୋଡ଼ି ନଦୀବାଲିରେ ଗୋଟିଏ ବିରାଟ ସଭା ହେଲା । ଏହି ସଭାରେ ଗାନ୍ଧିଜୀ ଯୋଗଦେଇଥିଲେ । ସେହି ଦିନ ସନ୍ଧ୍ୟାବେଳେ ପୁଣି ଶ୍ରୀରାମଚନ୍ଦ୍ର ଭବନରେ ଗାନ୍ଧିଜୀ ସ୍ତ୍ରୀ ଲୋକମାନଙ୍କ ସଭାରେ ଯୋଗ ଦେଇଥିଲେ । ମା' ରମା ଦେବୀଙ୍କ ନିର୍ଦ୍ଦେଶକ୍ରମେ ମୁଁ ଓ ଅନ୍ୟ କେତେଜଣ ସ୍ୱେଚ୍ଛା ସେବକ ସେ ସଭା ଆୟୋଜନ କରିବାରେ କାର୍ଯ୍ୟ କରିଥିଲୁ । ସେଠାରେ ଗାନ୍ଧିଜୀ ସ୍ତ୍ରୀ ଲୋକମାନଙ୍କୁ ହରିଜନମାନଙ୍କ ପ୍ରତି ସଦ୍‌ଭାବ ଓ ଅସ୍ପୃଶ୍ୟତା ନିବାରଣରେ ସ୍ତ୍ରୀ ଲୋକମାନଙ୍କ ଭୂମିକା

Digitized by srujanika@gmail.com

ବିଷୟରେ ବୁଝାଇଥିଲେ । ସେଠାରେ ମଧ୍ୟ ହରିଜନ ସେବାପାଇଁ ଗ୍ଦା ସଂଗ୍ରହ କରଯାଇଥିଲା । ମୋ ଦେଖିବାରେ କେତେଜଣ ସ୍ତ୍ରୀ ଲୋକ ନିଜହାତରେ ପିନ୍ଧିଥିବା ସୁନାଚୁଡ଼ି ଓ ବେକର ହାର ଗାନ୍ଧିଜୀଙ୍କୁ ସମର୍ପଣ କରିଥିଲେ ।

ସେହି ସଭରେ ଗାନ୍ଧିଜୀଙ୍କ ସହିତ ପଦେ କଥା ହେବାର ସୁଯୋଗ ମୋତେ ମିଳିଥିଲା । ମୁଁ ଜଣେ ଇଞ୍ଜିନିୟର ହୋଇଥିବାରୁ ଅରଟରେ ସୂତା କାଟି ଲୁଗା ତିଆରି କରି ଭରତ ପାଶ୍ଚାତ୍ୟ ସଭ୍ୟ ଓ ଉନ୍ନତ ଦେଶମାନଙ୍କସହ ସମାନ ହୋଇ ପାରିବ ବୋଲି ମୋର ବିଶ୍ୱାସ ନଥିଲା । ମୁଁ ଏ ବିଷୟରେ ମହାତ୍ମାଜୀଙ୍କୁ ନମ୍ର ଭବରେ ପ୍ରଶ୍ନ କରିଥିଲି । ମହାତ୍ମାଜୀ ଅତି ଧୀର ସ୍ୱରରେ ହିନ୍ଦିରେ ଉତ୍ତର ଦେଲେ । "ପ୍ରତ୍ୟେକ ଲୋକ ବଳକା ସମୟରେ ଅରଟରେ କିଛି ସୂତା କାଟିବା ଉଚିତ ।"

ସେହି ୧୯୩୪ ମସିହା ହରିଜନ ଦିବସ ଉପଲକ୍ଷେ ଆମ ଉତ୍କଳ ସେବା ସଙ୍ଘର ସ୍ୱେଚ୍ଛାସେବୀମାନଙ୍କ ସହିତ ମୁଁ ହରିଜନ ବସ୍ତି ସଫେଇ କାର୍ଯ୍ୟରେ ଯୋଗ ଦେଇଥିଲି । ଶ୍ରୀ ଗଜକୃଷ୍ଣ ବୋଷଙ୍କ ନିର୍ଦ୍ଦେଶରେ ଆମ୍ଭେମାନେ କଟକର ବିଭିନ୍ନ ହରିଜନ ବସ୍ତିକୁ ଯାଇ ସେମାନଙ୍କର ଘରଦ୍ୱାର ସହିତ ପାଇଖାନା ମଧ୍ୟ ସଫା କରିଥିଲୁ । ସକାଳବେଳା ରଜା ବଗିଚ୍ଚ ହରିଜନ ବସ୍ତି ସଫେଇ କାମ ମତେ ଦିଆ ଯାଇଥିଲା । ସେମାନଙ୍କର କେତୋଟି ପାଇଖାନା ମଧ୍ୟ ସଫା କଲୁ । ସନ୍ଧ୍ୟା ୫ ଘଟିକା ସମୟରେ ଗୋପବାବୁଙ୍କ ଘର ସାମନାରେ ଥିବା କାଠଯୋଡ଼ି ନଈବାଲିରେ ଗୋଟିଏ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସେଥିରେ ହରେକୃଷ୍ଣ ମହତାବ; ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମା ଦେବୀ, ମାଳତୀ ଦେବୀ, ସତ୍ୟ ନାରାୟଣ ସେନଗୁପ୍ତ, ନିତ୍ୟାନନ୍ଦ କାନୁନଗୋ, ଯଦୁମଣି ମଙ୍ଗରାଜ ଓ ଆଚାର୍ଯ୍ୟ ହରିହର ଇତ୍ୟାଦି ନେତୃବୃନ୍ଦ ଯୋଗ ଦେଇଥିଲେ । ସଭା ଆରମ୍ଭରେ ଶ୍ରୀ ଗଜକୃଷ୍ଣ ବୋଷ ଛିଡ଼ା ହୋଇ ସଭାର ସଭାପତି ପଦ ପାଇଁ ମୋର ନାମ ପ୍ରସ୍ତାବ କଲେ । ମୋର ବୟସ ସେତେବେଳେ ଚବିଶ ବର୍ଷ ଏବଂ ମୁଁ ସେ ପର୍ଯ୍ୟନ୍ତ କୌଣସି କଂଗ୍ରେସ କିମ୍ବା ହରିଜନ ସଭାରେ ଉଲ୍ଲେଖ ଯୋଗ୍ୟ ପଦବୀ ଗ୍ରହଣ କରିନଥିଲି । ଓଡ଼ିଶାର ଏତେ ମାନ୍ୟଗଣ୍ୟ ବ୍ୟକ୍ତି ତଥା ନେତୃବୃନ୍ଦ ସଭାରେ ଉପସ୍ଥିତ ଥିଲେ ମଧ୍ୟ ମୋ ପରି ଜଣେ ଯୁବକ ସେହି ସଭାର ସଭାପତି ହେବା ପାଇଁ ପ୍ରସ୍ତାବ ଶୁଣି ମୁଁ ବଡ଼ ସଙ୍କୋଚ ବୋଧ କଲି । ଆଉ ଜଣେ କର୍ମୀ ବିକ୍ରମ କେଶରୀ ବର୍ମା ଉଠି

Digitized by srujanika@gmail.com

ପଡ଼ି ସେହି ପ୍ରସ୍ତାବକୁ ସମର୍ଥନ କରିବାରୁ ଶ୍ରୀଯୁକ୍ତ ଗଜକୃଷ୍ଣ ଘୋଷ ମୋତେ ଡାକି ସଭା ସ୍ଥଳକୁ ମୁହଁ କରି ସେହି ବାଲିରେ ବସିବାକୁ କହିଲେ ଏବଂ ମୋତେ କହିଲେ "ହରିଜନ ଦିବସ ଉପଲକ୍ଷେ ତୁମର ଯାହା କହିବାର ଅଛି କହିବ ଏବଂ ତୁମେ ଯାହାକୁ ଇଚ୍ଛା କରିବ ତାଙ୍କୁ ଡାକି ଏ ସଭାରେ ହରିଜନ ଦିବସ ଉପଲକ୍ଷେ କିଛି କହିବାକୁ କହିବ ।" ମୋର ମନର ପରିସ୍ଥିତି ଏପରି ହେଲା ଯେ ମୁଁ କଣ କହିବି ଭାବି ପାରୁ ନଥିଲି । ଓଡ଼ିଶାର ଏତେ ମାନ୍ୟଗଣ୍ୟ ନେତା ଯେତେବେଳେ ଉପସ୍ଥିତ ଅଛନ୍ତି ସେଠାରେ ମୋ ପରି ଜଣେ ନଗଣ୍ୟ ଯୁବକ ସଭାପତିତ୍ୱ କରିବା କିପରି କଷ୍ଟସାଧ୍ୟ ଓ ଧୃଷ୍ଟତା ତାହା ସହଜରେ ଅନୁମେୟ । ଶ୍ରୀ ଗଜକୃଷ୍ଣ ଘୋଷ ସଭାପତି ପଦପାଇଁ ପ୍ରସ୍ତାବ କଲା ବେଳେ କହିଥିଲେ, "ଉତ୍କଳ ସେବା ସଂଘର ଯୁବକ ସମ୍ପାଦକ ଶ୍ରୀ ଲୋକନାଥ ସାହୁଙ୍କ କାର୍ଯ୍ୟ କ୍ଷମତା ଓ ହରିଜନ ସେବାରେ ତାଙ୍କର ଉତ୍ସାହ ଦେଖି ତାଙ୍କୁ ଆଜି ଏ ସଭାରେ ସଭାପତି ହେବା ପାଇଁ ମୁଁ ପ୍ରସ୍ତାବ କରୁଅଛି ।" ସେହି କେତେ ପଦ କଥା ମୋ ମନରେ ଦମ୍ଭ ସୃଷ୍ଟି କରିଥିଲା ଓ ସେହି ଭରସାରେ ମୁଁ ସଭା କାର୍ଯ୍ୟ ଆରମ୍ଭ କରିଥିଲି । ହରିଜନ ଦିବସର ଲକ୍ଷ୍ୟ ବ୍ୟକ୍ତ କଲା ପରେ ପ୍ରଥମେ ମୁଁ ମୋର ଆଦର୍ଶ ନେତା ନବକୃଷ୍ଣ ଚୌଧୁରୀଙ୍କୁ ଆହ୍ୱାନ କରି ହରିଜନ ଦିବସ ଉପଲକ୍ଷେ ତାଙ୍କର ବକ୍ତବ୍ୟ ପ୍ରଦାନ କରିବାକୁ ଅନୁରୋଧ କରିଥିଲି । ଏହାପରେ ବୟୋଜ୍ୟେଷ୍ଠ ସତ୍ୟନାରାୟଣ ସେନଗୁପ୍ତ, ତାପରେ ସର୍ଗତା ରମା ଦେବୀ ଓ ତାଙ୍କ ପରେ ଗଜକୃଷ୍ଣ ଘୋଷଙ୍କୁ ବକ୍ତବ୍ୟ ପ୍ରଦାନ କରିବାକୁ ଅନୁରୋଧ କରିଥିଲି । ସେମାନଙ୍କର ବକ୍ତବ୍ୟ ଶେଷ ହେବା ପରେ ମୁଁ ମୋର ସ୍ୱଳ୍ପ ବକ୍ତବ୍ୟରେ ଏପରି କହିଥିବାର ମନେ ଅଛି :

"ଆମେ ଖାଲି ହରିଜନ ଦିବସରେ ଯାଇ ହରିଜନମାନଙ୍କ ସେବା କରିବାର କୌଣସି ମୂଲ୍ୟ ନାହିଁ, ଯେତେ ଦିନ ପର୍ଯ୍ୟନ୍ତ ଆମେ ସେମାନଙ୍କୁ ଆମର ସମାସନ୍ଦ ଭାବେ ବ୍ୟବହାର ନ କରିଛୁ । ମହାତ୍ମା ଗାନ୍ଧୀ ଚାହୁଁ ନାହାନ୍ତି ଆମେ କେବଳ ହରିଜନ ଦିବସ ଦିନ ଯାଇ ହରିଜନମାନଙ୍କ ସହିତ ମିଳାମିଶା କରି ସେମାନଙ୍କ ସେବା କରୁ । ସେ ଚାହୁଁଛନ୍ତି ଆମ ମନରେ ହରିଜନମାନଙ୍କ ପ୍ରତି ଯେଉଁ ହେୟ ଭାବ ଅଛି ତାହାକୁ ସମ୍ପୂର୍ଣ୍ଣଭାବେ ଦୂରକରି ସେମାନଙ୍କୁ ଆମର ନିଜ ଆତ୍ମୀୟ ଭଳି ଆମେ ସବୁବେଳେ ବ୍ୟବହାର କଲେ ସେମାନଙ୍କର ଉନ୍ନତି ସାଧିତ ହେବ । ଆମେ ଯେତେଦିନ ପର୍ଯ୍ୟନ୍ତ ଏହା ନ କରିଛୁ ସେ ପର୍ଯ୍ୟନ୍ତ ପ୍ରକୃତରେ ସେମାନଙ୍କର କୌଣସି ଉନ୍ନତି ହୋଇ ପାରିବ ନାହିଁ ।

Digitized by srujanika@gmail.com

ଏହି ସଭାରେ ମୁଁ ପ୍ରସ୍ତାବ କରୁଛି ଯେ ସବୁଦିନ ନହେଲେ ମଧ୍ୟ ସପ୍ତାହକୁ ଅନ୍ତତଃ ଗୋଟିଏ ଦିନ, ଖ୍ରୀଷ୍ଟିଆନମାନେ ଯେପରି ନିୟମିତ ଚର୍ଚ୍ଚମାନଙ୍କରେ ଯୋଗ ଦିଅନ୍ତି ସେହିପରି ଆମେ ସମସ୍ତେ ନିୟମ କରି ହରିଜନମାନଙ୍କ ସହିତ ମିଳାମିଶା କରି, ସେମାନଙ୍କର ସେବା କରି ଏକତ୍ୱ ଭାବ ସୃଷ୍ଟି କରିବା । ତାହେଲେ ସେମାନଙ୍କ ମନରୁ ଆମ ସହିତ ମିଶିବାର ସଙ୍କୋଚ ଏବଂ ଆମ ମାନଙ୍କର ସେମାନଙ୍କ ସହିତ ମିଶିବାର କୁଣ୍ଠିତ ଭାବ ଦୂର ହୋଇ ପାରିବ । ସେମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ନିତାନ୍ତ ଦରକାର । ତେଣୁ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ସେ ଦିଗରେ ନିଷ୍ଠାପର ହୋଇ ଏହି ହରିଜନ ଉନ୍ନତି ଆନ୍ଦୋଳନକୁ ଆଗେଇ ନେଇ ମହାତ୍ମାଜୀଙ୍କ ଇଚ୍ଛାକୁ ସଫଳ କରିବାକୁ ମୋର ଅନୁରୋଧ ।"

ଏହାପରେ ସଭା ଶେଷରେ ସ୍ୱର୍ଗତ ଯଦୁମଣି ମଙ୍ଗରାଜ ଧନ୍ୟବାଦ ଦେବାକୁ ଉଠି ତାଙ୍କର ସ୍ୱଭାବ ସୁଲଭ ହାସ୍ୟରସାତ୍ମକ ଭାଷଣ ଦ୍ୱାରା ସମସ୍ତଙ୍କ ମନକୁ ଆନନ୍ଦିତ କରିଥିଲେ । ସେସମୟରେ ମା ରମାଦେବୀ ଆମର ଉତ୍କଳ ସେବା ସଂଘ ଦ୍ୱାରା କେତୋଟି ସଭା ସମିତି କରିବାପାଇଁ ଆମର ସେବାଗ୍ରହଣ କରୁଥିଲେ । ମୁଁ ତହିଁର ସମ୍ପାଦକ ଥିବାରୁ ମୁଁ ତାଙ୍କର ଆଦେଶପାଇଁ ଦେଖା-ସାକ୍ଷାତ କରୁଥିଲି ଓ ସେ ମୋତେ ପୁତ୍ରତୁଲ୍ୟ ସ୍ନେହ କରୁଥିଲେ । ଅନେକ ବର୍ଷପରେ ମୁଁ ମୋର କର୍ମ କ୍ଷେତ୍ରରୁ ଅବସର ନେବାପରେ ବ୍ରହ୍ମପୁରରେ ଥିବା ସମୟରେ ମା ରମାଦେବୀ ଯମୁନାଲାଲ ପୁରସ୍କାର ପାଇଲେ ବୋଲି ଖବର କାଗଜରେ ଦେଖି ତାଙ୍କ ନିକଟକୁ ପତ୍ରଲେଖି ସାଧୁବାଦ ଜଣାଇଥିଲି । ତାର ଉତ୍ତରରେ ସେ ଯାହା ଲେଖିଛନ୍ତି ସେ ଚିଠିଟି ମୁଁ ଏପର୍ଯ୍ୟନ୍ତ ମୋ ପାଖରେ ରଖିଛି । ସେ ଲେଖିଥିଲେ–

କଟକ
୨୬ । ୮ । ୮୧

"ଶ୍ରଦ୍ଧେୟ ଲୋକନାଥ ବାବୁ,

ଆପଣଙ୍କର ସ୍ନେହପୂର୍ଣ୍ଣ ଚିଠି ପାଇଲି । ସବୁବେଳେ ମନରେ ନଥିଲେ ମଧ୍ୟ ବେଳେବେଳେ ଆପଣଙ୍କ କଥା ମନେପଡ଼େ ।

ମୁଁ ଯେଉଁ ପୁରସ୍କାର ପାଇଲି ତାହା କେବଳ ମୋ କାମର ଫଳ ନୁହେଁ । ମୁଁ ଯାହା କାମ କରିଛି ତାହା ବହୁ ଲୋକଙ୍କର ସାହାଯ୍ୟ ସହଯୋଗରେ

Digitized by srujanika@gmail.com

କରିଛି । ତେଣୁ ସେଥିରେ ସମସ୍ତଙ୍କର ଅଂଶ ଅଛି । ତେଣୁ ନିନ୍ଦା ପ୍ରଶଂସା ସବୁଥିରେ ସମସ୍ତଙ୍କର ଅଂଶରହିବ । ଆଶା ଆପଣଙ୍କର ସମସ୍ତ କୁଶଳ ।

ମଙ୍ଗଳମୟଙ୍କର ସୁମଙ୍ଗଳ ଇଚ୍ଛା ପୂର୍ଣ୍ଣହେଉ ।

ରମାଦେବୀର

ନମସ୍କାର ।"

ସେହି ୧୯୩୪ ମସିହା ମେ ମାସ ପହିଲା ତାରିଖ ଦିନ ଓଡ଼ିଶାରେ ମଇ ଦିବସ ପାଳନ କରଯାଇଥିଲା । ସେହି ଦିନ କଟକ ଟାଉନ ହଲରେ ତଦୁପଲକ୍ଷେ ଗୋଟିଏ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସାଧାରଣ ସଭା ପୂର୍ବରୁ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଶ୍ରୀ ଶରତଚନ୍ଦ୍ର ପଟ୍ଟନାୟକ, ଶ୍ରୀ ବାଙ୍କନିଧି ଦାସ, ଅନନ୍ତ ପଟ୍ଟନାୟକ, ଶ୍ରୀଗୁରୁ ଚରଣ ପଟ୍ଟନାୟକ ଇତ୍ୟାଦି ତତ୍‌କାଳୀନ ସାମ୍ୟବାଦୀ ଯୁବକବୃନ୍ଦ ପ୍ରାୟ ଦୁଇଶହ ଶ୍ରମିକଙ୍କ ସହିତ ମିଶି ଆମେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଟାଉନହଲରେ ଏକତ୍ରିତ ହୋଇଥିଲୁ । ନବ ବାବୁଙ୍କ ପ୍ରସ୍ତାବରେ ମୋତେ ସେହି ସଭାରେ ସଭାପତିତ୍ୱ କରିବାକୁ ପଡ଼ିଥିଲା । ସେଇ ସଭାରେ ମଇ ଦିବସର ତାତ୍ପର୍ଯ୍ୟ ନବବାବୁ ଓ ଅନ୍ୟମାନେ ବୁଝାଇ ମଇ ଦିବସ ଉପଲକ୍ଷେ ବକ୍ତୃତା ପ୍ରଦାନ କରିଥିଲେ । ମୁଁ ମୋର ସଭାପତି ବକ୍ତବ୍ୟ ପ୍ରଦାନ କରିବା ପରେ ସେହି ସଭାରେ ଓଡ଼ିଶାର ଶ୍ରମିକ ଶ୍ରେଣୀର ଉନ୍ନତି କଳ୍ପେ କିଛି ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଉପରୋକ୍ତ ଦୁଇଟି ଘଟଣା ମୋର ଏପର୍ଯ୍ୟନ୍ତ ମନେ ରହିଛି । କାରଣ ମୋ କର୍ମମୟ ଜୀବନ ପ୍ରାରମ୍ଭରେ ଏହି ଘଟଣା ସବୁ ଘଟିଥିଲା ।

ସେହି ସମୟର ଅନ୍ୟ ଏକ ଘଟଣା । ଦୈନିକ "ସମାଜ" ଖବର କାଗଜର ସମ୍ପାଦକ ଥାନ୍ତି ସ୍ୱର୍ଗତ ଲିଙ୍ଗରାଜ ମିଶ୍ର । ସମାଜର ମୂଲ୍ୟ ଥିଲା ପୁରୁଣା ଦୁଇ ପଇସା । ବର୍ତ୍ତମାନ ଓଡ଼ିଶାର ବୟୋବୃଦ୍ଧ ସାମ୍ବାଦିକ ତଥା "ସମାଜ" ସମ୍ପାଦକ ଡ଼କ୍ଟର ରାଧାନାଥ ରଥ ପଦ୍ମଭୂଷଣ ସେ ସମୟରେ ସତ୍ୟବାଦୀ ପ୍ରେସ (ସମାଜ) ପରିଚାଳକ ଭାବେ କାମ କରୁଥିଲେ । ସେତେବେଳେ କଟକରେ ଯୋତ୍ରା ଓ୍ୱାର୍କସପ ଓ ଅଳ୍ପ କେତୋଟି ପ୍ରେସ୍‌କୁ ଛାଡ଼ି ଦେଲେ ଶିଳ୍ପାନୁଷ୍ଠାନ ବୋଲି ପ୍ରାୟ କିଛି ନଥିଲା । ସତ୍ୟବାଦୀ ପ୍ରେସରେ ଯେଉଁ କର୍ମଚାରୀମାନେ କାମକରୁଥିଲେ ସେମାନଙ୍କୁ ଓ ଅନ୍ୟ ପ୍ରେସମାନଙ୍କର କର୍ମଚାରୀଙ୍କୁ ନେଇ ଆମେ

Digitized by srujanika@gmail.com

ପ୍ରେସ କର୍ମଚାରୀ ସଙ୍ଘ ଗଠନ କରିଥିଲୁ । ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ଏହି ସଂଘ ପରିଚାଳିତ ହେଉଥିଲା । ସେ ସମୟରେ ସତ୍ୟବାଦୀ ପ୍ରେସରେ ଯେଉଁ କର୍ମଚାରୀମାନେ କାମ କରୁଥିଲେ ସେମାନଙ୍କୁ ଦୈନିକ ମଜୁରୀ ବାରଅଣା ଦିଆଯାଉଥିଲା ଓ ସନ୍ଧ୍ୟା ୬ ଘଟିକାପରେ କାର୍ଯ୍ୟକଲେ ଆଉ ତିନିଅଣା ପଇସା ଓଭରଟାଇମ ଦିଆଯାଇ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ କାମ କରାଯାଉଥିଲା । ଏଣୁ ସେଠାର କର୍ମଚାରୀମାନେ ଅସନ୍ତୁଷ୍ଟ ଥିଲେ, କାରଣ ଓଭରଟାଇମ ପଇସା ସେମାନଙ୍କ ପରିଶ୍ରମ ତୁଳନାରେ ବହୁତ କମ୍ ଥିଲା । ଏହା ସଙ୍ଘର ଦୃଷ୍ଟି ଗୋଚରକୁ ଅଣାଯିବାରୁ ମୁଁ ଓ ଆମ ସଙ୍ଘର ଅନ୍ୟ ଜଣେ କର୍ମକର୍ତ୍ତା ସତ୍ୟବାଦୀ ପ୍ରେସର ତତ୍‌କାଳୀନ ପରିଚାଳକ ରାଧାନାଥ ବାବୁଙ୍କୁ ଦେଖାକରି ଏହି ଶ୍ରମିକ-ମାନଙ୍କ ଅଭିଯୋଗ ବିଷୟରେ ଜଣାଇଲୁ । ସେ ଯାହା ଉତ୍ତର ଦେଲେ ତାହା ଏପର୍ଯ୍ୟନ୍ତ ମୋର ମନେରହିଛି । ସେ କହିଲେ "ସମାଜ କାଗଜ ଦୁଇପଇସା ଦାମରେ ବିକ୍ରି ହେଉଛି । ଆଉ କେତେ ମଜୁରୀ ଦେବୁ ? ଏଣୁ ଆଉ ଅଧିକ ଦେଇପାରିବୁ ନାହିଁ ।" ଏହାଶୁଣି ଆମେ ଫେରିଆସି ବାରବାଟୀ କିଲ୍ଲାଭିତରେ ଗୋଟିଏ ଆମ୍ବ ଗଛ ମୂଳେ ଆମର ହେଉଥିବା ସଭରେ ରାଧାନାଥ ବାବୁଙ୍କ ମନ୍ତବ୍ୟ ଜଣାଇଲୁ । ଏହାଶୁଣି ସମସ୍ତେ ସତ୍ୟବାଦୀ ପ୍ରେସରେ ଶ୍ରମିକ ଧର୍ମଘଟ କରିବାପାଇଁ ନିଷ୍ପତ୍ତିନେଲେ । ତଦନୁସାରେ ସତ୍ୟବାଦୀ ପ୍ରେସରେ ତାପରଦିନଠାରୁ ଶ୍ରମିକ ଧର୍ମଘଟ ଆରମ୍ଭ ହୋଇଥିଲା । ସେତେବେଳେ ସତ୍ୟବାଦୀ ପ୍ରେସ ନିମଚଉଡ଼ି ନିକଟସ୍ଥ ଗୋଟିଏ ଗଳିରେ ଦୋମହାଲା ଘରେ କାମ କରୁଥିଲା ଓ ରାଧାନାଥବାବୁ ସେହି ଗଳି ସାମନାରେ ଅନ୍ୟ ଏକ ଘରେ ରହୁଥିଲେ । ସେଠାରେ ଶ୍ରମିକ ଧର୍ମଘଟ ହେବାରୁ ସମାଜ ପତ୍ରିକା ପ୍ରକାଶନ ଦୁଇ ଦିନ ବନ୍ଦ ରହିଲା । ଏଣୁ ରାଧାନାଥବାବୁ ଆଲୋଚନା ନିମିତ୍ତ ଆମକୁ ଡ଼କାଇ ବହୁତ ବିରକ୍ତ ହୋଇ ଭର୍ତ୍ସନା କରି କହିଲେ, "ଗୋପବନ୍ଧୁ ଦାସଙ୍କ ଏହି ପତ୍ରିକାକୁ ତମେମାନେ ବନ୍ଦ କରିଦେବାକୁ ବସିଛ । ଗୋପବନ୍ଧୁବାବୁଙ୍କ ସ୍ମୃତି ପ୍ରତି ତମେମାନେ ଅପମାନ କରୁଛ ।" ତାର ଉତ୍ତରରେ ଆମେ କହିଲୁ, "ସତ୍ୟବାଦୀ ପ୍ରେସରେ ଅନ୍ୟ ପ୍ରେସମାନଙ୍କଠାରୁ କମ୍ ଦରମା ଦିଆଯାଉଛି ଓ ବେଶୀ କାମ କରାଯାଉଛି । ସନ୍ଧ୍ୟା ୬ ଘଟିକାପରେ ଆପଣ ଯଦି କର୍ମଚାରୀମାନଙ୍କୁ ଅଧିକା ଖଟାଇବାକୁ ଚାହାନ୍ତି, ସେମାନଙ୍କୁ ଦୈନିକ ତିନି ଅଣା ବଦଳରେ ଛଅଣା ଓଭରଟାଇମ ଦେବାକୁ ପଡ଼ିବ । ଆପଣ ଏଥିରେ ସମ୍ମତ ହେଲେ କର୍ମଚାରୀମାନେ କାଲିଠାରୁ କାମରେ ଯୋଗଦେବେ । "ସେ ବହୁତ ତର୍କ ବିତର୍କ ମଧ୍ୟରେ ଛଅଣା ଓଭର-

Digitized by srujanika@gmail.com

ଟାଇମ ଦେବାକୁ ରାଜି ହେବାରୁ ଧର୍ମଘଟ ପ୍ରତ୍ୟାହାର କରାଯିବାର ନିଷ୍ପତ୍ତି ନିଆଗଲା । ଏହା ବୋଧ ହୁଏ ଓଡ଼ିଶାର ପ୍ରଥମ ଶ୍ରମିକ ଧର୍ମଘଟ ହୋଇଥିବ । କାରଣ ସେ କାଳରେ ଶିଳ୍ପାନୁଷ୍ଠାନ ଓ ଶ୍ରମିକ ସଂଗଠନ କିଛି ଓଡ଼ିଶାରେ ନଥିଲା ।

ତତ୍କର ରାଧାନାଥ ରଥଙ୍କ ସହିତ ମୋର ଏହିପରି ପ୍ରଥମ ପରିଚୟ ହୋଇଥିଲା । ତାପରେ ତାଙ୍କ ସହ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ପ୍ରତିଷ୍ଠା ହୋଇଥିଲା ଓ ସେ ମୋତେ ଥରେ ତାଙ୍କ ବାସଭବନକୁ ଭୋଜନପାଇଁ ଆମନ୍ତ୍ରଣ କରିଥିଲେ । ତାର ଅନେକ ବର୍ଷପରେ ସେ ଓଡ଼ିଶାର ଅର୍ଥ ଓ ଅନ୍ୟକେତୋଟି ବିଭାଗ ସହିତ ମୁଁ କାମ କରୁଥିବା ଯାନବାହାନ ବିଭାଗର ମଧ୍ୟ ମନ୍ତ୍ରୀ ହୋଇଥିଲେ ଓ ସେହି ସମୟରେ ତାଙ୍କ ବିଭାଗର ଜଣେ ଅଫିସର ହିସାବରେ ମୋର ତାଙ୍କ ସହ ଅନେକଥର ଦେଖାସାକ୍ଷାତ ହୋଇଥିଲା । ଏପର୍ଯ୍ୟନ୍ତ ମଧ୍ୟ ତାଙ୍କର ମୋପ୍ରତି ଶ୍ରଦ୍ଧା ଅତୁଟ ରହିଥିବାର ମୁଁ କେତେକ ଘଟଣାରୁ ଜାଣିପାରିଛି । ମୁଁ ବୌଦ୍ଧଭିକ୍ଷୁ ହେବାପରେ ଥରେ ତାଙ୍କ ନିକଟକୁ ଦେଖା କରିବାକୁ ଯିବାରୁ ସେ ମୋ ସହ ବହୁତ ସମ୍ମାନର ସହିତ ବାର୍ତ୍ତାଳାପ କରିଥିଲେ ଓ ଏକଶତ ଟଙ୍କା ଦାନ କରିଥିଲେ ।

ଏହିପରି ଭାବରେ ସମାଜ ସେବା କାର୍ଯ୍ୟରେ ୧୯୩୨ ସାଲରୁ ୧୯୩୫ ସାଲ ଶେଷ ପର୍ଯ୍ୟନ୍ତ କଟକ ସହରରେ ବିତାଇଥିଲି । ମୋର ରାଜନ୍ଦିନୀ ଚୌକରେ ଥିବା ଦୋକାନ ଅନେକ ସମୟରେ ବନ୍ଦ ରହୁଥିବାର ଦେଖି ଦିନେ ମୋର ପୃଷ୍ଠପୋଷକ ସ୍ୱର୍ଗତ ଡ଼ଃ ଲକ୍ଷ୍ମୀନାରାୟଣ ସାହୁ ବଡ଼ ବିରକ୍ତିଭାବ ପ୍ରକାଶ କରି ମୋତେ କହିଲେ, "ଲୋକନାଥ, ତୁମେ ତୁମର ରୋଜଗାର ପନ୍ଥା ଛାଡ଼ି ଏ ସମାଜ ସେବା କାର୍ଯ୍ୟରେ ଅଧିକାଂଶ ସମୟ ବିତାଉଛ । ଯେଉଁମାନଙ୍କ ସହ ତୁମେ କାମକରୁଛ ସେମାନେ ସମସ୍ତେ ବଡ ବଡ଼ ଜମିଦାର । ସେମାନେ କିଛି ରୋଜଗାର ନକଲେ ମଧ୍ୟ ତାଙ୍କର କୌଣସି ଅଭାବ ଅସୁବିଧା ହେବ ନାହିଁ । କିନ୍ତୁ ତୁମେ ତୁମ ପିଲାପିଲିଙ୍କୁ ନେଇ ବିନା ରୋଜଗାରରେ କଟକ ସହରରେ ଚଳିବ କିପରି ? ତୁମେ ଯଦି ଏମାନଙ୍କ ସହିତ ଜେଲ ଯାଅ, ତାହେଲେ ତୁମ କୁଟୁମ୍ବ ପୋଷିବ କିଏ ? ତୁମେ ଯେଉଁ ଇଂଜିନିୟରିଂ ପାଶ କରିଛ ତାର ସଦ୍‌ବ୍ୟବହାର କର । ତୁମେ ତୁମ ଜୀବନରେ ପ୍ରତିଷ୍ଠିତ ହେଲାପରେ ଯେତେ ଇଚ୍ଛା ଦେଶସେବା କରିପାରିବ ।" ତାଙ୍କର ଏହି ବିରକ୍ତିପୂର୍ଣ୍ଣ ଉପଦେଶ ମୋପ୍ରତି ଏକ ଚେତାବନୀ ଭଳି କାମ ଦେଲା । ସେହି ଦିନଠାରୁ ମୁଁ ନିଜର

Digitized by srujanika@gmail.com

ରୋଜଗାର ପନ୍ଥା ସ୍ଥିର କରିବାକୁ ଚେଷ୍ଟା କଲି ଏବଂ ୧୯୩୫ ମସିହା ନଭେମ୍ବର ପହିଲାଠାରୁ ରେମିଙ୍ଗଟନ୍ ର୍ୟାଣ୍ଡ ନାମକ ଗୋଟିଏ ଆମେରିକୀୟ ଟାଇପ୍‌ରାଇଟର କମ୍ପାନୀର ପ୍ରତିନିଧିଭାବେ ନିଯୁକ୍ତି ପାଇଲି । ୧୯୩୬ ମସିହା ଜାନୁଯାରୀ ମାସଠାରୁ ଗଞ୍ଜାମ ବ୍ରହ୍ମପୁରଠାରେ ସେହି କମ୍ପାନୀର ଗୋଟିଏ ନୂତନ ଶାଖା ପ୍ରତିଷ୍ଠା କରି ତହିଁର ଶାଖା ପରିଚାଳକଭାବେ କାର୍ଯ୍ୟ କଲି ।

୧୯୩୬ ମସିହାରେ ପ୍ରଥମକରି ଆମ ଦେଶରେ ବିଧାନସଭା ନିର୍ବାଚନ ହେଲା ; ସେଥିପାଇଁ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁ ଆମ ଗଞ୍ଜାମ ଜିଲ୍ଲାକୁ ପ୍ରଚାର ଉଦ୍ଦେଶ୍ୟରେ ଆଗମନ କରିଥିଲେ । ସେ ଭଞ୍ଜନଗରଠାରୁ ବ୍ରହ୍ମପୁରକୁ ଆସୁଥିବାର ଖବରପାଇ ମୁଁ ଓ ଆଉ କେତେ ଜଣ କଂଗ୍ରେସୀ ବନ୍ଧୁ ବ୍ରହ୍ମପୁର ଉପକଣ୍ଠସ୍ଥ କାଠମେଣ୍ଟୁଠାରେ ତାଙ୍କୁ ସ୍ୱାଗତ ଜଣାଇବାପାଇଁ ଅପେକ୍ଷା କରିଥିଲୁ । ପଣ୍ଡିତ ନେହେରୁ ଗୋଟିଏ ଖୋଲା ଛାତ ଥିବା ମଟରକାର୍‌ରେ ସ୍ୱର୍ଗତ ବିଶ୍ୱନାଥ ଦାସ, ସ୍ୱର୍ଗତ ନିରଞ୍ଜନ ପଟ୍ଟନାୟକ ଆଉ କେତେକ କଂଗ୍ରେସ ନେତାଙ୍କ ଗହଣରେ ଆସି ସେଠାରେ ପହଞ୍ଚିଲେ । ସେ ଆସି ପହଞ୍ଚିଲାବେଳକୁ ଏତେ ଲୋକ ଭିଡ ହୋଇ ଯାଇଥିଲେ ଯେ ତାଙ୍କ କାର୍ ଆଉ ଆଗକୁ ଯାଇ-ପାରିଲାନାହିଁ । ବହୁତ ଲୋକ ଆସି ଚତୁର୍ଦ୍ଦିଗରୁ ଘେରି ହୋଇଯାଇଥିଲେ । ସେ ସ୍ଥଳ ମହାତ୍ମାଗାନ୍ଧୀ କି ଜୟ, ଜବାହାରଲାଲ ନେହେରୁ କି ଜୟ ଧ୍ୱନୀରେ ପ୍ରକମ୍ପିତ ହେଉଥିଲା । ପଣ୍ଡିତ ନେହେରୁ ଏହା ଦେଖି ବଡ଼ ବିରକ୍ତ ହୋଇ ମଟର ଗାଡ଼ିରୁ ଓହ୍ଲାଇ ଲୋକମାନଙ୍କୁ ଠେଲି ଆଗକୁ ଦୌଡ଼ିବାକୁ ଲାଗିଲେ । ମୁଁ ଓ କେତେଜଣ ଯୁବ କଂଗ୍ରେସ ଲୋକ ତାଙ୍କ ସହିତ ଦୌଡ଼ିଲୁ । ସେହି କାଠମେଣ୍ଟୁଠାରୁ ବଡବଜାର ଛକ ପର୍ଯ୍ୟନ୍ତ ସେ ପାଦରେ ଚାଲି ଚାଲି ଆସୁଥିଲେ । ମୁଁ ଓ ଅନ୍ୟ ବନ୍ଧୁମାନେ ତାଙ୍କ ସହିତ ପ୍ରଖର ଗତିରେ ଚାଲୁଥିଲୁ । ମୁଁ ତାଙ୍କୁ ଇଂରାଜୀରେ କହିଲି, "ପଣ୍ଡିତଜୀ, ଆପଣ ଟିକିଏ ଅପେକ୍ଷା କରନ୍ତୁ । ଗାଡ଼ି ଆସିଲେ ବସିଯିବେ", ସେ ମୋ ଉପରେ ବିରକ୍ତ ହୋଇ "ନାହିଁ, ଚାଲ–ମୁଁ ଚାଲିକରି ଯିବି", ବୋଲି ଇଂରାଜୀରେ କହିଲେ । ଏହିପରି ଆମେ ଆସି ବଡ଼ ବଜାର ଛକରେ ପହଞ୍ଚିଲା ବେଳକୁ ବ୍ରହ୍ମପୁରର ବଡ଼ ଧନୀ କୁମୁଟୀ ମହାଜନ ବୈଶ୍ୟ ରାଜୁବାବୁ ସେଠାରେ ଫୁଲ ଓ କର୍ପୁରମାଳ ଇତ୍ୟାଦି ଅଭ୍ୟର୍ଥନା ସାମଗ୍ରୀଧରି ଅପେକ୍ଷା କରିଥିଲେ । ଯେମିତି ପଣ୍ଡିତ ନେହେରୁ ସେ ଛକରେ ପହଞ୍ଚିଲେ, ସେ ବାଟ ଓଗାଳି ଫୁଲ ଓ କର୍ପୁରମାଳ ପିନ୍ଧାଇ ତାଙ୍କ ଘରକୁ

Digitized by srujanika@gmail.com

ଯିବାକୁ ଅନୁରୋଧକଲେ । ପଣ୍ଡିତଜୀ ବିରକ୍ତ ହୋଇ ମନାକଲେ । ତା ସତ୍ତ୍ୱେ ବୈଶ୍ୟ ରଜୁବାବୁ ତାଙ୍କ ଘରକୁଗଲେ କଂଗ୍ରେସ ପାର୍ଟିକୁ ଆର୍ଥୀକ ସାହାଯ୍ୟ କରିବେ ବୋଲି କହିବାରୁ ପଣ୍ଡିତ ନେହେରୁ ଚିଡ଼ି ଉଠି କହିଲେ "ମୋତେ କିଣି ନେବାକୁ ଚାହୁଁଛ ? ମୋର ବହୁତ କାମ ଅଛି । ସମୟ ନାହିଁ । ତୁମର କିଛି ଦାନ କରିବାକୁଥିଲେ ଜିଲ୍ଲା କଂଗ୍ରେସ କମିଟିକୁ ଦେଇପାର ।" ମୁଁ ଖୁବ୍ ନିକଟରୁ ଏହି ବାର୍ତ୍ତାଳାପ ଶୁଣିଅଛି । ତାହାପରେ ତାଙ୍କ ମଟରଗାଡ଼ି ଆସି ପହଞ୍ଚିଲା । ସେଥିରେ ପଣ୍ଡିତ ନେହେରୁ, ବିଶ୍ୱନାଥ ଦାସ ଓ ନିରଞ୍ଜନ ପଟ୍ଟନାୟକଙ୍କ ସହ ବସି ବ୍ରହ୍ମପୁରର ବାରେକ୍ସ ପଡ଼ିଆକୁଯାଇ ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇଥିଲେ ।

୧୯୩୭ ମସିହା ଡ଼ିସେମ୍ବର ମାସରେ ମୋତେ ପୁଣି କଟକ ବଦଳି ହୋଇ ଆସିବାକୁ ପଡ଼ିଲା । ସେତେବେଳକୁ ଓଡ଼ିଶାରେ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ପ୍ରଥମ କଂଗ୍ରେସ ମନ୍ତ୍ରୀ ମଣ୍ଡଳ କାର୍ଯ୍ୟରତଥିଲା । ବିଶ୍ୱନାଥ ବାବୁଙ୍କ-ସହ ଆଗରୁ ମୋର ଭଲ ପରିଚୟଥିଲା । ତାଙ୍କ ସହିତ ମୁଁ ସାକ୍ଷାତ କରିବା-ପାଇଁ ଯାଇଥିବା ସମୟରେ ସେ ମୋର ଭଲମନ୍ଦ ପଚାରି ବୁଝିଥିଲେ ଓ ମୁଁ ରେମିଙ୍ଗଟନ୍ ର୍‍ୟାଣ୍ଡ କମ୍ପାନୀରେ କାମ କରୁଛି ଶୁଣି ମୋତେ ଓଡ଼ିଶା ସରକାରଙ୍କ ଟାଇପ୍ ମେସିନ ରକ୍ଷଣାବେକ୍ଷଣ ଓ ମରମତିପାଇଁ ଗୋଟିଏ ସଂସ୍ଥା ସ୍ଥାପନ କରିବାକୁ ଯୋଜନା ପ୍ରସ୍ତୁତ କରିବାପାଇଁ କହିଥିଲେ । ସେତେବେଳକୁ ରେମିଙ୍ଗଟନ୍‌ର୍‍ୟାଣ୍ଡ କମ୍ପାନୀ ଓଡ଼ିଶା ସରକାରଙ୍କର ଅଧୀନରେଥିବା ସମସ୍ତ ଅଫିସର ଟାଇପ୍ ମେସିନ ଗୁଡ଼ିକର ରକ୍ଷଣାବେକ୍ଷଣପାଇଁ ବାର୍ଷିକ ଚୁକ୍ତିନାମା କରିଥାନ୍ତି । ସରକାର ନିଜେ ଓଡ଼ିଶା ସରକାରୀ ପ୍ରେସରେ ଗୋଟିଏ ଟାଇପ୍ ରାଇଟର ରକ୍ଷଣାବେକ୍ଷଣ ଓ ମରମତି ବିଭାଗ ଖୋଲିବାପାଇଁ ଯୋଜନା ପ୍ରସ୍ତୁତ କରି ମୁଁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ଦେଇଥିଲି । ସେହି ଯୋଜନାକୁ କାର୍ଯ୍ୟରେ ପରିଣତ କରିବାପାଇଁ ପ୍ରାୟ ଦୁଇବର୍ଷ ସମୟ ଲାଗିଥିଲା ଓ ଶେଷରେ ଓଡ଼ିଶା ସରକାର ନିଜର ସରକାରୀ ଛାପାଖାନାରେ ଗୋଟିଏ ଟାଇପ୍ ରାଇଟର ମରମତି ବିଭାଗ ଖୋଲିଲେ । ସେହି ବର୍ଷଠାରୁ ସରକାର ରେମିଙ୍ଗଟନ୍‌ର୍‍ୟାଣ୍ଡ ସହିତଥିବା ଚୁକ୍ତିନାମା ଆଉ କାର୍ଯ୍ୟକାରୀ କଲେ ନାହିଁ । ଏ ବିଷୟ ତତ୍‌କାଳୀନ ରେମିଙ୍ଗଟନ୍‌ର୍‍ୟାଣ୍ଡ କମ୍ପାନୀର କଟକ ମ୍ୟାନେଜର ଧୀରଜ କୁମାର ସେନଗୁପ୍ତ ଆଗରୁ ଜାଣିପାରି ମୋ ବିରୁଦ୍ଧରେ କମ୍ପାନୀକୁ

Digitized by srujanika@gmail.com

ଲେଖିବାରୁ ରେମିଙ୍ଗଟନ କମ୍ପାନୀ ମୋତେ କାର୍ଯ୍ୟରୁ ବରଖାସ୍ତକଲେ । ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ମୁଁ ଯେଉଁ କାମ କଲି ତାହା ମୋର କ୍ଷତି ସାଧନକଲେ ମଧ୍ୟ ମୁଁ ଆନନ୍ଦର ସହ ସେହି କ୍ଷତିକୁ ଗ୍ରହଣ କରିନେଲି । ଏହାପରେ ମୁଁ ବକ୍‌ସି ବଜାର ଅମରେଶ୍ୱର ମନ୍ଦିର ନିକଟରେ ଗୋଟିଏ ଦୋକାନ ଖୋଲି ଷ୍ଟିଲ୍ ପ୍ରଡ଼କ୍ଟସ ନାମକ କଲିକତାସ୍ଥ ଗୋଟିଏ କମ୍ପାନୀର ଲୁହା ତିଆରି ଆସବାବ ପତ୍ର ଓ ଅଫିସ ମାନଙ୍କରେ ଷ୍ଟିଲ୍‌ର ର୍ୟାକ୍ ଇତ୍ୟାଦି ବିକ୍ରୟ କରିବାର ବ୍ୟବସାୟ ଆରମ୍ଭ କଲି ।

୧୯୩୯ ମସିହା ସେପ୍‌ଟେମ୍ବର ମାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ-ହେଲା । ସେହି ସମୟଠାରୁ ଲୁହା ଓ ଇସ୍ପାତ ଜିନିଷର ଦାମ ବଢ଼ିବାକୁ ଲାଗିଲା । ୧୯୪୧ ମସିହାରେ ଜାପାନ ଜର୍ମାନୀ ସହିତ ବିଶ୍ୱଯୁଦ୍ଧରେ ଯୋଗ-ଦେଲା । ଜାପାନ ଯେଉଁ ଦିନଠାରୁ ବିଶ୍ୱଯୁଦ୍ଧରେ ଯୋଗଦେଲା ସେହିଦିନଠାରୁ ଆମେରିକାରୁ କୌଣସି ଜିନିଷ ଭାରତରେ ପହଞ୍ଚି ପାରିଲାନାହିଁ । ତାରଫଳ ସ୍ୱରୂପ ମୋ ବ୍ୟବସାୟ ମାନ୍ଦା ହେବାକୁ ଲାଗିଲା ।

୧୯୪୧ ମସିହାରେ ଓଡ଼ିଶା ପ୍ରଦେଶରେ ନାଗରିକ ପ୍ରତିରକ୍ଷା ବିଭାଗ ଖୋଲିଲା । ତତ୍‌କାଳୀନ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମି: ଜେ: ବଉଷ୍ଟେଡ୍ ଆଇ.ସି.ଏସ୍. ସାହେବ (Mr. J. Bowstead, I.C.S.) ସେହି ନାଗରିକ ପ୍ରତିରକ୍ଷା ବିଭାଗର ନିର୍ଦ୍ଦେଶକ ଥିଲେ ଓ ମି: ଭୋଳାନାଥ ମଲ୍ଲିକ ନାମକ ଜଣେ ଭାରତୀୟ ପୋଲିସ ଅଫିସର ଉପନିର୍ଦ୍ଦେଶକଭାବେ କାର୍ଯ୍ୟ କରୁଥିଲେ । ସେ ସମୟରେ ଏହି ନାଗରିକ ପ୍ରତିରକ୍ଷା (Civil Defence) ବିଭାଗର କାର୍ଯ୍ୟଥିଲା ଉଡ଼ାଜାହାଜ ଆକ୍ରମଣ ହେଲେ ତହିଁର ପ୍ରତିକାର ଓ ଲୋକଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇବା । ଏଥିରେ ଅଗ୍ନି ଉପଶମ ବିଭାଗପାଇଁ କେତେକ ବାଲଟି ଓ Stirrup Pump (ହସ୍ତଚାଳିତ ପମ୍ପ) ବ୍ୟବହାର କରାଯାଉଥିଲା । ସେଗୁଡ଼ିକ ଯୋଗାଇବାପାଇଁ ମୁଁ ଥରେ ନାଗରିକ ପ୍ରତିରକ୍ଷା ବିଭାଗର ଉପ ନିର୍ଦ୍ଦେଶକ ମଲ୍ଲିକ ସାହେବଙ୍କ ନିକଟକୁ ଯାଇଥିଲି । ସେ ମୋର ଯୋଗ୍ୟତା ବିଷୟରେ ପଚାରି ମୁଁ ଜଣେ ମେକାନିକାଲ ଇଂଜିନିୟର ବୋଲି ଜାଣି ମୋତେ କହିଲେ ଯେ ତାଙ୍କ ବିଭାଗରେ ବ୍ୟବହାର ହେଉଥିବା ଯନ୍ତ୍ରପାତି ଓ ମଟରଗାଡ଼ି ରକ୍ଷଣାବେକ୍ଷଣପାଇଁ ମୋପରି ଜଣେ ଇଂଜିନିୟର ଦରକାର । ମୁଁ ସେହି ଚାକିରୀ ଗ୍ରହଣ କରିପାରିବିକି ବୋଲି ସେ ମୋତେ ପଚାରିଲେ ।

Digitized by srujanika@gmail.com

ମୁଁ ଚାକିରୀ କଲେ ମୋତେ ଓଭରସିୟର ପାହ୍ୟା ପଦବୀରେ ନିଯୁକ୍ତି ମିଳିବ । ତାର ବେତନ ମାସିକ ମାତ୍ର ସତୁରୀ ଟଙ୍କା । ଏହା ମୋ ମନରେ ଟିକିଏ ନିରୁତ୍ସାହ ସୃଷ୍ଟି କଲା, କାରଣ ସେ ସମୟରେ ମୁଁ ବ୍ୟବସାୟ କରି ଭଲ ଦୁଇ-ପଇସା ରୋଜଗାର କରିପାରୁଥିଲି । ମଲ୍ଲିକ ସାହେବ ମୋର ମନୋଭାବ ଲକ୍ଷ୍ୟ କରି କହିଲେ "ତୁମ ବ୍ୟବସାୟ ଅନ୍ୟ କାହା ନାମରେ ବଦଳି କରିଦେଇ ଆମ ବିଭାଗରେ ଚାକିରୀ କରିପାର ।" ଏହା ମୋ ମନରେ ଉତ୍ସାହ ସୃଷ୍ଟି-କଲା ଓ ମୁଁ ମଲ୍ଲିକ ସାହେବଙ୍କ ପ୍ରସ୍ତାବରେ ରାଜି ହେଲି । ସେ ମୋତେ ଗୋଟିଏ ଦରଖାସ୍ତ କରିବାପାଇଁ କହିଲେ ଓ ସେହି ଦରଖାସ୍ତ ଗ୍ରହଣ କରି ତହିଁରେ ମୋତେ କଟକ ନଗରରେ ଥିବା ଏ.ଆର୍.ପି କଣ୍ଟ୍ରୋଲରଙ୍କ ଅଫିସରେ ସହକାରୀଷ୍ଟାଫ ଅଫିସର ଭାବରେ ନିଯୁକ୍ତି ପତ୍ରଦେଲେ । ଚାକିରୀଟିଏ ସେ ସମୟରେ କେତେ ସହଜରେ ମିଳିଥିଲା ଭାବିଲା ବେଳକୁ ଆଶ୍ଚର୍ଯ୍ୟ ଲାଗୁଛି ।

ସେ ସମୟରେ ମିଃ ଚନ୍ଦ୍ରଶେଖର ଝା ଆଇ.ସି.ଏସ. କଟକ ଜିଲ୍ଲା କଲେକ୍ଟର ଓ ଏ.ଆର.ପି. କଣ୍ଟ୍ରୋଲରଥିଲେ । ସ୍ୱର୍ଗତ ରଘୁନାଥ ପ୍ରସାଦ ପାଢ଼ୀ ତାଙ୍କର ଷ୍ଟାଫ ଅଫିସରଥିଲେ । ଝା ସାହେବ ଓଡ଼ିଶାରୁ ଭାରତ ସରକାରଙ୍କ ଅଧୀନକୁଯାଇ ସେଠାରେ ଆମ ଦେଶର ସ୍ୱାଧୀନତାପରେ ଜାତିସଂଘରେ ଭାରତର ପ୍ରତିନିଧି ଭାବରେ କାର୍ଯ୍ୟ କରିଥିଲେ । ସ୍ୱର୍ଗତ ରଘୁନାଥ ପ୍ରସାଦ ପାଢ଼ୀ ସେ ସମୟରେ ସବ୍‌ଡେପୁଟୀ ପାହ୍ୟାର ଅଫିସରଥିଲେ । ସେ କ୍ରମୋନ୍ନତି କରି ଶେଷରେ ଆଇ.ଏ.ଏସ୍. ପାଇ ଓଡ଼ିଶାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର ଭାବରେ ଅବସର ଗ୍ରହଣ କରି ତତ୍‌ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ହୋଇଥିଲେ । ଏହିପରି ଦୁଇଜଣ ଦକ୍ଷ ଅଫିସରଙ୍କ ସହିତ କାମ କରିବାର ସୁଯୋଗ ଲାଭ କରି ମୁଁ ମୋର ଚାକିରୀ ଜୀବନରେ ମଧ୍ୟ କିଛି ଉନ୍ନତି କରିଥିଲି ।

ସହକାରୀଷ୍ଟାଫ ଅଫିସର୍‌ଭାବେ ଛଅ ମାସ କାର୍ଯ୍ୟ କଲାପରେ ଓଡ଼ିଶା ସରକାର ନାଗରିକ ପ୍ରତିରକ୍ଷା ବିଭାଗପାଇଁ ଶହେ ଖଣ୍ଡେ ବିଭିନ୍ନ ପ୍ରକାର ମୋଟର ଗାଡ଼ି କିଣି ତାହାର ରକ୍ଷଣାବେକ୍ଷଣ ଓ ମରାମତିପାଇଁ ଗୋଟିଏ ଅଟୋମୋବାଇଲ ଇଂଜିନିୟର ପଦବୀ ସୃଷ୍ଟି କରିଥିଲେ । ମୋର ମେକାନିକାଲ୍ ଇଂଜିନିୟରିଂ ଡ଼ିପ୍ଲୋମା କୋର୍ସ ପାଠ୍ୟକ୍ରମରେ ଅଟୋମୋବାଇଲ ଇଂଜିନି-ୟରିଂ ଗୋଟିଏ ବିଷୟ ଥିଲା । ତହିଁରେ ବୋର୍ଡ ପରୀକ୍ଷାରେ ଆମ ଟେକ୍‌ନିକାଲ୍

Digitized by srujanika@gmail.com

ଇନଷ୍ଟିଚ୍ୟୁଟ୍ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ମୁଁ ପ୍ରଥମ ସ୍ଥାନ ଅଧିକାର କରି ପାଶ୍ କରିଥିଲି । ୧୯୩୧ ମସିହାରେ ଇଂଜିନିୟରିଂ ପରୀକ୍ଷାରେ ସଫଳତାର ସହିତ କୃତକାର୍ଯ୍ୟ ହୋଇ ବ୍ରହ୍ମପୁର ଫେରିଥିଲି । ମୋର ନିକଟ ସମ୍ପର୍କୀୟ ମାମୁଁ ସ୍ୱର୍ଗତ ନୀଳକଣ୍ଠ ସାହୁଙ୍କର ଗଞ୍ଜାମ ଜିଲ୍ଲାରେ ମୋଟର ବସ ଚଳାଚଳ ବ୍ୟବସାୟଥିଲା । ତହିଁରେ ମୁଁ କେତେମାସ ପ୍ରାକ୍ଟିକାଲ ଟ୍ରେନିଂ ପାଇବାପରେ ୧୯୩୨ ମସିହା ଅଗଷ୍ଟ ମାସରେ କଟକ ଆସିଥିଲି । ସେହି ଅନୁଭୂତି ମୋତେ ଏହି ନୂତନ ସୃଷ୍ଟି ହୋଇଥିବା ଅଟୋମୋବାଇଲ୍ ଇଂଜିନିୟର ଚାକିରୀପାଇଁ ଦରଖାସ୍ତ କରିବାକୁ ପ୍ରେରଣା ଦେଇଥିଲା । ସେହି ଦରଖାସ୍ତକୁ ତତ୍କାଳୀନ ଏ.ଆର୍.ପି. କଣ୍ଟ୍ରୋଲର ତଥା ଡ଼ିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ମି: ଲଲିତା ପ୍ରସାଦ ସିଂହ ଆଇ.ସି.ଏସ୍. ବଡ ଦୃଢ଼ତାର ସହିତ ସୁପାରିଶକଲେ । ଉକ୍ତ ଚାକିରୀ ଲାଗି ପ୍ରାର୍ଥୀ ବାଛିବାକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ତଥା ନାଗରିକ ସୁରକ୍ଷା ନିର୍ଦ୍ଦେଶକ ବଉଷ୍ଟେଡ୍ ସାହେବଙ୍କ ଅଧ୍ୟକ୍ଷତାରେ ଗୋଟିଏ ବୋର୍ଡ ଗଠିତ ହୋଇଥିଲା । ସେଥିରେ ବି.ଏନ୍. ମଲ୍ଲିକ ସାହେବ ଓ ଚନ୍ଦ୍ରଶେଖର ଝା ସଭ୍ୟ ରହିଥିଲେ । ସେହି ଚାକିରୀପାଇଁ ମନୋନୟନ ବୋର୍ଡରେ ସାକ୍ଷାତକାର ଦେବାକୁ ଯାଇ ଦେଖିଲି ସେଠାକୁ ଓଡ଼ିଶାର ତତ୍କାଳୀନ ପୂର୍ବାଞ୍ଚଳ ମୋଟର ଭେଇକିଲ ଇନିସ୍‌ପେକ୍ଟର ଭବରେ କାର୍ଯ୍ୟ କରୁଥିବା ସ୍ୱର୍ଗତ ଚନ୍ଦ୍ର କିଶୋର ଦାସ (ବେଙ୍ଗ ବାବୁ), ପଶ୍ଚିମାଞ୍ଚଳ ମୋଟର ଭେଇକଲ ଇନିସ୍‌ପେକ୍ଟର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିତ୍ର ଓ ଅନ୍ୟ ପାଞ୍ଚଜଣ ପ୍ରାର୍ଥୀ ସାକ୍ଷାତକାରପାଇଁ ଡ଼କାଯାଇଥିଲେ । ମୁଁ ଶୁଣିଥିଲି ଯେ ବେଙ୍ଗ ବାବୁଙ୍କ ଦରଖାସ୍ତକୁ ତତ୍କାଳୀନ ଓଡ଼ିଶାର ରାଜସ୍ୱ ପରିଷଦର ସଭ୍ୟ (ତାଙ୍କ ନାମ ମନେପଡୁ ନାହିଁ) ବଡ଼ ଦୃଢ଼ତାର ସହିତ ସୁପାରିଶ କରିଥିଲେ, ଯେହେତୁ ସେ ସମୟରେ S.T.A. (ରାଜ୍ୟ ପରିବହନ କର୍ତ୍ତୃପକ୍ଷ)ର ସେ ଅଧ୍ୟକ୍ଷ ଥିଲେ । ଆମ୍ଭମାନଙ୍କ ସାକ୍ଷାତକାର ସରିବାପରେ ଆମ୍ଭମାନଙ୍କୁ ବାହାରେ ଅପେକ୍ଷା କରିବାପାଇଁ କୁହାଯାଇଥିଲା । ସେହି ମନୋ-ନୟନ ବୋର୍ଡ଼ ପ୍ରାୟ ଅଧଘଣ୍ଟା ଆଲୋଚନା କରିବାପରେ ମୋତେ ଚପରାଶି ଦ୍ୱାରା ଡକାଇ ପଠାଇଲେ ଓ ବଉଷ୍ଟେଡ ସାହେବ କହିଲେ, "ତୁମକୁ ଆମେ ଅଟୋମୋବାଇଲ ଇଂଜିନିୟର ପଦବୀପାଇଁ ବାଛିଲୁ । ମୁଁ ଆଶା କରୁଛି ତୁମେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିବ ।" ମୁଁ ଆଶ୍ଚର୍ଯ୍ୟ ହେଲି, କାରଣ ବେଙ୍ଗ ବାବୁ ଓ ପୂର୍ଣ୍ଣଚନ୍ଦ୍ର ମିତ୍ରଙ୍କପରି ଅନୁଭବି ମଟରଯାନ ନିରୀକ୍ଷକ (Inspector of motor vehicles) ଥିବା ସତ୍ତ୍ୱେ ମୋତେ କିପରି ମନୋନୀତ

Digitized by srujanika@gmail.com

କରଗଲା । ଏ ପଦବୀର ନାମଥିଲା ଅଟୋମୋବାଇଲ ଇଂଜିନିୟର ଟୁ ଦି ଗଭର୍ଣ୍ଣମେଣ୍ଟ ଅଫ ଓଡ଼ିଶା (ଓଡ଼ିଶା ସରକାରଙ୍କର ଯାନବାହାନ ଯନ୍ତ୍ରୀ) । ନାମ ବଡ଼ ହେଲେ ମଧ୍ୟ ଦରମା ତତ୍କାଳୀନ ସବ୍‌ଡେପୁଟୀ କଲେକ୍ଟର ମାନଙ୍କର ଦରମା ହାର ସହିତ ସମାନ, ଯଥା ଏକଶତ ଟଙ୍କାଠାରୁ ଆରମ୍ଭ । ମୁଁ ମନୋନୀତ ହେବାପରେ ବୋର୍ଡଠାରେ ଆନ୍ତରିକ ଧନ୍ୟବାଦ ଜଣାଇ ସିଧା ଘରକୁ ଫେରିଯାଇ ମୋ ବାପାଙ୍କର ପାଦ ସ୍ପର୍ଶକରି ପ୍ରଣାମ କଲି । ସେ ଏପରି ଆନନ୍ଦରେ ମୋତେ କୋଳ କଲେ ଯେ ସେ ଦୃଶ୍ୟ ଏପର୍ଯ୍ୟନ୍ତ ମୋ ମନରେ ଗଭୀର ରେଖାପାତ କରିଅଛି । ମୋର ମନେ ଅଛି, ସେ କହିଲେ, "ତୁ ଏତେକାଳକୁ ଗୋଟିଏ ଇଂଜିନିୟର ପଦବୀରେ ନିଯୁକ୍ତି ପାଇଲୁ ।" ସେତେବେଳକୁ ମୁଁ ଇଂଜିନିୟରିଂ ପାଶ୍ କରିବାର ଏଗାର ବର୍ଷ ବିତିଯାଇଥିଲା । ସେ ଭିତରେ ବହୁତ ଝଡ଼ଝଞ୍ଝା ମଧ୍ୟରେ ଗତି କରିବାକୁ ହୋଇଥିଲା । ଯେହେତୁ ମୁଁ ମୋ ପିତାମାତାଙ୍କର ଏକମାତ୍ର ପୁତ୍ର, ମୋ ବାପା ବିମାତାଙ୍କ ସହ ମୋ ପାଖରେ ଅନେକ ସମୟରେ ରହୁଥାନ୍ତି ଓ ମୋ ଜୀବନର ଗତି ସହିତ ଓତ-ପ୍ରୋତଃଭାବେ ଜଡ଼ିତଥାନ୍ତି । ସେମାନେ ମୋତେ ଯେଉଁ ଆଶା ନେଇ ଏକମାତ୍ର ପୁତ୍ର ହୋଇଥିଲେ ମଧ୍ୟ ସୁଦୂର ବଙ୍ଗଳା ବହରମପୁରକୁ ଇଂଜିନିୟରିଂ ପଢିବାପାଇଁ ପଠାଇବାର ଧୈର୍ଯ୍ୟ ଦେଖାଇଥିଲେ, ତାର ସୁଫଳ ବର୍ତ୍ତମାନ ଲାଭ କରିବାର ଅନୁଭବ କରିଥିବେ । ଏହି ଇଂଜିନିୟର ପଦବୀ ନାଗରିକ ସୁରକ୍ଷା ବିଭାଗ ଅଧୀନରେ ହୋଇଥିବାରୁ ମୋତେ ମଲ୍ଲିକ ସାହେବଙ୍କ ଅଫିସରେ କାର୍ଯ୍ୟ କରିବାକୁ ହୋଇଥିଲେ । ଓଡ଼ିଶାର ତତ୍କାଳୀନ ଛଅଟି ଜିଲ୍ଲା ଯଥା କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, କୋରପୁଟ ଓ ସମ୍ବଲପୁର ମଧ୍ୟରୁ ଉପକୂଳବର୍ତ୍ତୀ ଚାରୋଟି ଜିଲ୍ଲା ଓ ସମ୍ବଲପୁର ଜିଲ୍ଲାରେ ନାଗରିକ ପ୍ରତିରକ୍ଷା ବ୍ୟବସ୍ଥାମାନ କରଯାଇଥିଲା । ପ୍ରତ୍ୟେକ ଜିଲ୍ଲାର ବଡ ସହରମାନଙ୍କରେ ଏ ବ୍ୟବସ୍ଥା ଥିବାରୁ ସେଠାରେ ବିଭିନ୍ନ ପ୍ରକାରର ଚାରୋଟି ସେବାପାଇଁ ଚାରି ରକମର ଗାଡ଼ି ପ୍ରସ୍ତୁତ ହୋଇ ରଖାଯାଇଥିଲା । ଉପକୂଳବର୍ତ୍ତୀ ପ୍ରତ୍ୟେକ ଜିଲ୍ଲାରେ କୋଡ଼ିଏଟି କରି ମୋଟରଗାଡ଼ି ରହିଥାଏ । ପ୍ରାଥମିକ ଚିକିତ୍ସାପାଇଁ ମଟରକାର, ଆହତମାନଙ୍କୁ ହସପିଟାଲ ନେବାକୁ ଆମ୍ବୁଲାନ୍‌ସ ଗାଡ଼ି, ବୋମାମାଡରେ ଭଙ୍ଗାରୁଜା ଗୃହମାନଙ୍କରୁ ଲୋକମାନଙ୍କୁ ଉଦ୍ଧାର କରିବାପାଇଁ ଉଦ୍ଧାରକାରୀ ଟ୍ରକ୍ (Rescue Truck) ଏବଂ ବିଧ୍ୱସ୍ତ ସହରମାନଙ୍କରୁ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବାପାଇଁ ବସ୍, ଏହିପରି ଚାରି ପ୍ରକାରର ଗାଡ଼ି ରହିଥାଏ । ସେଗୁଡ଼ିକର ରକ୍ଷଣା-

Digitized by srujanika@gmail.com

ବେକ୍ଷଣ ଓ ମରମତି ନିମିତ୍ତ ମୋତେ ଗୋଟିଏ ଗୋଟିଏ ଛୋଟ କାରଖାନା ସ୍ଥାପନ କରି ତହିଁରେ ଆବଶ୍ୟକୀୟ ଯନ୍ତ୍ରପାତି ଓ କର୍ମଚାରୀ ନିଯୁକ୍ତି କରିବାକୁ ପଡ଼ିଥିଲା । ଅଟୋମୋବାଇଲ୍ ଇଂଜିନିୟର ହିସାବରେ ମୋତେ ଏହି ପାଞ୍ଚୋଟି ଜିଲ୍ଲାର ନାଗରିକ ପ୍ରତିରକ୍ଷା ବିଭାଗର ମଟରଗାଡ଼ି ଗୁଡ଼ିକର ତତ୍ତ୍ୱାବଧାନ ଓ ମରମତି ଇତ୍ୟାଦି ପରିଦର୍ଶନ କରିବାକୁ ପଡ଼ୁଥିଲା । ପ୍ରାୟ ଛଅ ମାସ ଏ ପଦବୀରେ କାର୍ଯ୍ୟ କଲାପରେ ମୋତେ ସହକାରୀ ନାଗରିକ ପ୍ରତିରକ୍ଷା ଅଧିକାରୀ (Assistant Civil Defence Officer) ଓ ଅଟୋମୋବାଇଲ ଇଂଜିନିୟର ପଦବୀରେ ନିଯୁକ୍ତି ମିଳିବାରୁ ମୁଁ ପ୍ରଥମକରି ଗେଜେଟେଡ୍ ଅଫିସର ହୋଇପାରିଥିଲି ଓ ମୋ ଦରମା ଶହେ ଅଶିଟଙ୍କାକୁ ବଢ଼ିଥିଲା । ଯେଉଁମାନେ ଏହି ନାଗରିକ ପ୍ରତିରକ୍ଷା ବିଭାଗରେ କାର୍ଯ୍ୟକରୁଥିଲେ ସେମାନଙ୍କୁ ସେହି ବିଭାଗପାଇଁ ଉର୍ଦ୍ଦିଷ୍ଟ ପୋଷାକ ପିନ୍ଧିବାକୁ ହେଉଥିଲା । ତାହା ରୟାଲ ଏୟାର ଫୋର୍ସର ପୋଷାକ ପରି ହେଲେ ମଧ୍ୟ ମାଢ଼ିରୀ କନାରେ ତିଆରି କରାଯାଉଥିଲା । ଏହି ପୋଷାକ ପିନ୍ଧିବାକୁ ମୁଁ ଭାରି ଭଲ ପାଉଥିଲି । କାରଣ ତାହା ପିନ୍ଧିଲେ ମୁଁ ସତେଜ ବୋଧ କରୁଥିଲି ।

ମୁଁ ଅଟୋମୋବାଇଲ ଇଂଜିନିୟର ହେବାର ଚାରି ପାଞ୍ଚ ମାସପରେ ୧୯୪୩ ମସିହା ପ୍ରଥମ ଭାଗରେ ଭାରତର ତତ୍‌କାଳୀନ ନାଗରିକ ସୁରକ୍ଷା ବିଭାଗର ମହାନିର୍ଦ୍ଦେଶକ ବ୍ରିଗେଡ଼ିୟର ରୀଭ (Reeve) ନାମକ ଜଣେ ସାହେବ ଦେଶର ବିଭିନ୍ନ ରାଜ୍ୟରେ ଥିବା ନାଗରିକ ସୁରକ୍ଷା ବ୍ୟବସ୍ଥା ପରିଦର୍ଶନ କରିବା ଉଦ୍ଦେଶ୍ୟରେ ଆମ ଓଡ଼ିଶାକୁ ଆସିବାର କାର୍ଯ୍ୟସୂଚୀ ଆସିଥିଲା । ସେହି କାର୍ଯ୍ୟସୂଚୀ ପାଇଲାପରେ ଆମ ନାଗରିକ ସୁରକ୍ଷା ବିଭାଗର ସମସ୍ତ ବରିଷ୍ଠ ଅଫିସରଙ୍କର ଗୋଟିଏ ଆଲୋଚନା ସଭା ଡକାଯାଇଥିଲା । ସେଥିରେ ଆମର ଡେପୁଟି ଡ଼ାଇରେକ୍ଟର ମଲ୍ଲିକ ସାହେବ ସଭାପତିତ୍ୱ କରିଥିଲେ । ସେ ଅନ୍ୟ ବରିଷ୍ଠ ଅଫିସର୍‌ମାନଙ୍କସହ ଆଲୋଚନା କରିସାରିବାପରେ ମୋତେ ପଚାରିଲେ ଆମର ନାଗରିକ ସୁରକ୍ଷା ନିମନ୍ତେ ସବୁ ପ୍ରକାର ଯାନ ରହିଛି କି ? ତାର ଉତ୍ତରରେ ମୁଁ କହିଲି "ସାର୍, ଆମର ପ୍ରାଥମିକ ଚିକିତ୍ସା କାର, ଉଦ୍ଧାରକାରୀ ଟ୍ରକ୍ (Rescue Truck) ଓ ପରିବହନପାଇଁ ବସ୍ ଅଛି । କିନ୍ତୁ କୌଣସି ଆମ୍ବୁଲାନ୍‌ସ ଗାଡ଼ି ନାହିଁ ।" କଟକ ହସପିଟାଲରେ ସେ ସମୟରେ ଗୋଟିଏ ଆମ୍ବୁଲାନ୍‌ସ ଗାଡ଼ିଥିଲେ ମଧ୍ୟ ତାହା ଅକର୍ମଣ୍ୟ ହୋଇପଡ଼ିଥିଲା । ତେଣୁ ଆମକୁ ଅନ୍ତତଃ ଦୁଇଟି ଆମ୍ବୁଲାନସ ଗାଡ଼ି ନିହାତି ଦରକାରଥିଲା । ମଲ୍ଲିକ ସାହେବ

Digitized by srujanika@gmail.com

ଏହାଶୁଣି ବଡ ଉଦ୍‌ବେଗ ପ୍ରକାଶ କରି କହିଲେ "ମହାନିର୍ଦ୍ଦେଶକ ବିଗ୍ରେଡ଼ିୟର-ରିଭଙ୍କୁ ଆମେ ସମ୍ପୂର୍ଣ୍ଣ ନାଗରିକ ପ୍ରତିରକ୍ଷା ସେବା ଦେଖାଇ ପାରିବାନାହିଁ । ଏବେ ମଧ୍ୟ ସମୟ ନାହିଁ ଯେ ଦୁଇଟି ଆମ୍ବୁଲାନସ୍ ଗାଡ଼ି କଲିକତାରୁ କିଣି ଆଣିବାପାଇଁ । ତାହେଲେ କଣ କରଯାଇପାରେ ?" ସେହି କଥା ଶୁଣି ମୁଁ କହିଲି "ସାର, ଆପଣ ଯଦି ଅନୁମତି ଦିଅନ୍ତି ତାହେଲେ ମୁଁ ଦୁଇଟି ଛୋଟ ମୋଟର ବସକୁ ପରିବର୍ତ୍ତନ କରି ଆମ୍ବୁଲାନସରେ ପରିଣତ କରିଦେବି ।" ତାହା କିପରି କରଯିବ ସେ ମୋତେ ପଚାରି ବୁଝି, ତାହା କରିବାପାଇଁ ଆନୁମାନିକ କେତେ ଟଙ୍କା ଦରକାର ହେବ ପଚାରିଲେ । ମୁଁ କହିଲି ମୋତେ ପାଞ୍ଚଶତ ଟଙ୍କା ଅଗ୍ରୀମ ଦିଆଗଲେ ମୁଁ କାର୍ଯ୍ୟ ଆରମ୍ଭ କରିବି । ସେ ସେଥିରେ ଖୁସି ହେଲେ ମଧ୍ୟ ବିଗ୍ରେଡ଼ିୟର୍ ରିଭଙ୍କର କଟକ ଆଗମନ ମାତ୍ର ପାଞ୍ଚୋଟି ଦିନ ବାକିଥିବାରୁ ଏହା କିପରି ସମ୍ଭବହେବ ବୋଲି ପଚାରିଲେ । ମୁଁ କହିଲି "ଆପଣ ଆଜି ଟଙ୍କା ମଞ୍ଜୁର କଲେ ମୁଁ ଆଜିଠାରୁ କାମ ଆରମ୍ଭ କରିଦେବି ।" ସେହିପରାମର୍ଶ ସଭ ଶେଷ ହେବାପରେ ମୁଁ ତାଙ୍କଠାରୁ ଆଦେଶପତ୍ର ନେଇ ଅଫିସରୁ ପାଞ୍ଚସତ ଟଙ୍କା ପାଇ ସେହି ଦିନ ଉପରବେଳା କାଠଗୋଲାକୁଯାଇ ଗୋଟିଏ କାଠଗଡ କିଣି ଟ୍ରକ୍‌ରେ ବୋଝେଇ କରି ତିନିକୋଣିଆ ବଗିଚାରେ ଥିବା ଆମର ଏ.ଆର.ପି ଡ଼ିପୋକୁ ଆଣିଲି । ସେହିଦିନ କଟକରେ କାଠକରତିଆ କେଉଁଠାରେ ଅଛନ୍ତି ବୁଝି ତହିଁ ଆରଦିନ ସକାଳୁ ପଟା ଚିରାଇବାର ବ୍ୟବସ୍ଥା କଲି । ଆମ ବିଭାଗରେ କାର୍ଯ୍ୟ କରୁଥିବା ବଢ଼େଇମାନଙ୍କୁ ଲଗାଇ ଦୁଇଟି ଛୋଟ ବସର ପଛଭାଗକୁ କଟାଇ ବସ ମଧ୍ୟରେ ଥିବା ସିଟ୍ ଗୁଡ଼ିକୁ ସବୁ ବାହାର କରି ଦିଆଗଲା । ତାପରେ କମାର ଶାଳରେ ଚାରୋଟି ବଡ ଦେଢ ଇଞ୍ଚିଆ ଏଙ୍ଗଲ ଲୁହାକୁ କଟାଇ ଆବଶ୍ୟକୀୟ ଲମ୍ବରେ ସେଗୁଡ଼ିକୁ ବ୍ରାକେଟ୍ ତିଆରି କରାଗଲା । ତାପରେ ଲୁହାର ଚ୍ୟାନାଲ କିଣି ତାକୁ ଆବଶ୍ୟକ ଲମ୍ବାରେ କଟାଇ ସେହି ଏଙ୍ଗଲ ବ୍ରାକେଟ୍‌ରେ ଯୋଡାଗଲା । ଆମର ଯଥେଷ୍ଟ ସଂଖ୍ୟାରେ ଷ୍ଟ୍ରେଚର ଥିଲା, କାରଣ ତାହା ଆହତ ବ୍ୟକ୍ତିମାନଙ୍କୁ ବୋହି ନେବା ଉଦ୍ଦେଶ୍ୟରେ କିଣାଯାଇଥିଲା । ସେଥିରୁ ତଳେ ଚକାଲଗିଥିବା ଆଠଟି ଷ୍ଟ୍ରେଚର ବାଛି ଏହି ଆମ୍ବୁଲାନ୍‌ସ ଗାଡ଼ିରେ ବ୍ୟବହାର କରିବାପାଇଁ ଆଣିଲି । ତିନି ଦିନ ତିନି ରାତି ପ୍ରାୟ ବାରଟା ପର୍ଯ୍ୟନ୍ତ ଏହି କାର୍ଯ୍ୟରେ କାରିଗରମାନଙ୍କୁ ଲଗାଇ ଓ ମୁଁ ନିଜେ ଉପସ୍ଥିତରହି ସବୁ କାର୍ଯ୍ୟ କରାଇଥିଲି । ଭାରତର ନାଗରିକ ପ୍ରତିରକ୍ଷା ବିଭାଗର ମହାନିର୍ଦ୍ଦେଶକ ବିଗ୍ରେ-ଡ଼ିୟର ରିଭ ଯେଉଁ ଦିନ ଆସିବେ ସେହି ଦିନ ଦୁଇଟି ଆମ୍ବୁଲାନ୍‌ସ ଗାଡ଼ି ସମ୍ପୂର୍ଣ୍ଣ

Digitized by srujanika@gmail.com

କରି ବାହାରେ ମାଟିଆ ରଙ୍ଗ ଓ ଭିତରେ ଧଳାରଙ୍ଗ ବିଆ ସରିଲାବେଳକୁ ଭୋର ତିନିଟା ହୋଇଯାଇଥାଏ । କାରିଗରମାନଙ୍କୁ ଧନ୍ୟବାଦ ଦେଇ ମୁଁ ରାତି ତିନିଟାରେ ଘରେ ପହଞ୍ଚି, ସେଦିନ ସକାଳ ସାତଟାବେଳେ କଟକ ସନ୍‌ସାଇନ ପଡ଼ିଆରେ ଆମମାନଙ୍କ ନାଗରିକ ପ୍ରତିରକ୍ଷା ବିଭାଗର ସମସ୍ତ ଅଫିସର ଓ କର୍ମଚାରୀ ସବୁ ପ୍ରକାର ସରଞ୍ଜାମ ସହିତ ଚାରି ପ୍ରକାର ସେବାରେ ନିଯୁକ୍ତ ମଟର ଗାଡ଼ିକୁନେଇ ଉପସ୍ଥିତ ହୋଇଥିଲୁ । ସେ ସମୟରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିଲେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେଓ ଓ ମନ୍ତ୍ରୀ ଥିଲେ ସ୍ୱର୍ଗତ ଗୋଦାବରୀଶ ମିଶ୍ର ଓ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ । ଆମ ନାଗରିକ ପ୍ରତିରକ୍ଷା ବିଭାଗର ନିର୍ଦ୍ଦେଶକ ବଉଷ୍ଟେଡ୍ ସାହେବ, ଉପନିର୍ଦ୍ଦେଶକ ମଲ୍ଲିକ ସାହେବ ଓ ବରିଷ୍ଠ ପଦାଧିକାରୀଙ୍କ ଗହଣରେ ବ୍ରିଗେଡ୍‌ିୟର ରିଭ ଆସି ଠିକ୍ ଆଠଟା ସମୟରେ ସନ୍‌ସାଇନ ପଡ଼ିଆରେ ପହଞ୍ଚିଲେ । ମୁଁ ମୋର ଚାରିପ୍ରକାର ମଟର ଗାଡ଼ି ଓ ତାହାର ଆବଶ୍ୟକୀୟ ସରଞ୍ଜାମ ସହିତ ଡ୍ରାଇଭର, କର୍ମଚାରୀ-ମାନଙ୍କୁ ଧରି ଆମର ବିଭାଗୀୟ ପୋଷାକ ପିନ୍ଧି ଉପସ୍ଥିତଥିଲି । ପରିଦର୍ଶକ-ମାନଙ୍କ ମଧ୍ୟରେ ମଲ୍ଲିକ ସାହେବ ଥିଲେ ସବୁଠାରୁ ଡେଙ୍ଗା । ସେ ପ୍ରାୟ ଛଅଫୁଟ ଦୁଇଇଞ୍ଚ ଉଚ୍ଚଥିଲେ । ସେ ସନସାଇନ ପଡ଼ିଆ ପ୍ରବେଶ ଫାଟକଠାରୁ ଆମ ଗାଡ଼ିଆଡ଼େ ତୀକ୍ଷଣ ଦୃଷ୍ଟିପାତ କରିବାର ମୁଁ ଲକ୍ଷକଲି ଓ ଆମ ଗାଡ଼ି ଯେଉଁ ଧାଡ଼ିରେ ରହିଥିଲା ସେ ଧାଡ଼ି ଆଡକୁ ମୁହାଁଇବାର ଦେଖିଲି । ଯେହେତୁ ଆମ୍ବୁଲାନସ ଗୁଡ଼ିକ ଅଳ୍ପ ସମୟ ପୂର୍ବରୁ ରଙ୍ଗକରାଯାଇଥିଲା, ମୋର ଭାରି ଭୟ ହେଉଥାଏ କାଳେ କେହି ଆମ୍ବୁଲାନସ ଭିତରେ ପଶିବାକୁ ଚେଷ୍ଟାକଲେ ତାଙ୍କ ଦେହରେ ହୁଏତ ରଙ୍ଗ ଲାଗିଯାଇପାରେ । ଆମ ଧାଡ଼ିରେ ମୁଁ ପ୍ରଥମେ ଛିଡ଼ା ହୋଇଥିବାରୁ ମଲ୍ଲିକ ସାହେବ ରିଭ ସାହେବଙ୍କୁ ଆଣି ସର୍ବ ପ୍ରଥମେ ମୋ ସହିତ ପରିଚୟ କରାଇଥିଲେ । ସେ କହିଥିଲେ, "ଇଏ.ମି.ଏଲ୍.ଏନ୍. ସାହୁ ହେଉଛନ୍ତି ଆମର ଅଟୋମୋବାଇଲ ଇଂଜିନିୟର, ଏ ଆମର ଚାରିପ୍ରକାର ସେବାର ଯାନବାହାନ ରକ୍ଷଣା ବେକ୍ଷଣ ଓ ମରାମତି କରନ୍ତି । ବର୍ତ୍ତମାନ ଓଡ଼ିଶାରେ ମୋଟର ଗାଡ଼ି ଓ ମୋଟର ପାର୍ଟସ ଇତ୍ୟାଦିର ଭାରି ଅଭାବ ଥିବା ସତ୍ତ୍ୱେ ସେ ବହୁତ ପରିଶ୍ରମ କରି ଏହି ପୁରୁଣା ଗାଡ଼ି ଗୁଡ଼ିକୁ କାର୍ଯ୍ୟକ୍ଷମ ରଖିଛନ୍ତି ।" ଏହାପରେ ଗାଡ଼ିମାନଙ୍କର କ୍ରମଭାବରେ ନିରୀକ୍ଷଣ ଆରମ୍ଭହେଲା । ପ୍ରଥମେ ପ୍ରାଥମିକ ଚିକିତ୍ସାକାର୍ ଓ ତାହାର ଦରକାରୀ ସରଞ୍ଜାମ ସମସ୍ତ ରିଭ ସାହେବ ଚିକିନିଖି ଦେଖିଲେ, ଏପରିକି ସେଫ୍‌ଟିପିନ୍ ପର୍ଯ୍ୟନ୍ତ ଦେଖିଲେ ।

Digitized by srujanika@gmail.com

ତାହାପରେ ଆମ୍ବୁଲାନ୍‌ସର ପାଳି । କାଳେ ସେମାନେ ଟାକୁ ଛୁଇଁ ଦେବେ ଏ ଭୟରେ ମୁଁ ଆଗତୁରା ଯାଇ ସେ ଗାଡ଼ି ଗୁଡ଼ିକରେ ଲାଗିଥିବା ପଛ ପରଦା-ଗୁଡ଼ିକୁ ଉଠାଇଦେବାକୁ ଡ୍ରାଇଭର ଓ କର୍ମଚାରୀମାନଙ୍କୁ କହିଲି । ପରିଦର୍ଶକ ମଣ୍ଡଳୀ ଆମ୍ବୁଲାନ୍‌ସଗାଡ଼ି ନିକଟକୁ ଆସିବାକ୍ଷଣି ମୁଁ ଗାଡ଼ି ଭିତରେ ଖଞ୍ଜା ହୋଇଥିବା ଷ୍ଟେଚେର ଗୁଡ଼ିକର ହୁକ୍ ଖୋଲି ଅଧାବାହାରକୁ ଟାଣି ପୁଣି ଭିତରକୁ ଠେଲି ଦେବାରୁ ସେ ଗୁଡ଼ିକ ଅତି ସହଜରେ ଓ ଶୀଘ୍ର ଖଞ୍ଜାଯାଇଥିବା ଚାନେଲରେ ଭିତରକୁ ଚାଲିଗଲା । ମୁଁ ତାର ହୁକ୍ ଲଗାଇଦେଲି, ଯଦ୍ଵାରା କି ସେଗୁଡ଼ିକ ଆଉ ହଲଚଲ ହେଉନାହିଁ । ଏହା ଦେଖି ବିଗ୍ରେଡ଼ିୟର ରିଭସାହେବ ଆମ ବଡ଼ଷ୍ଟେଡ଼୍ ସାହେବଙ୍କୁ ପଚାରିଲେ "ଏ ଆମ୍ବୁଲାନ୍‌ସ ଆପଣ କେଉଁଠୁ ପାଇଛନ୍ତି ।" ତାଙ୍କର ଜବାବ୍‌ରେ ମଲ୍ଲିକ ସାହେବ କହିଲେ ? "ଆମର ଅଟୋ-ମୋବାଇଲ ଇଂଜିନିୟର ଦୁଇଟି ବସକୁ ପରିବର୍ତ୍ତନ କରି ଏଗୁଡ଼ିକ ତିଆରି କରିଛନ୍ତି ।" ବିଗ୍ରେଡ଼ିୟର ରିଭ ଭାରି ଖୁସି ହୋଇ ମୋର କରମର୍ଦ୍ଦନ କଲେ ଓ ଏପରି ଆମ୍ବୁଲାନସ ଆଉକେତୋଟି କରି ଅନ୍ୟାନ୍ୟ ସହରମାନଙ୍କୁ ଦେବାପାଇଁ କହିଲେ । ଏହାପରେ ଅନ୍ୟାନ୍ୟ ସେବାଗାଡ଼ି ଯଥା Rescue Truck ଓ ବସ ନିରୀକ୍ଷଣ କରି ପୁଣି ମୋର କରମର୍ଦ୍ଦନ କରି ଧନ୍ୟବାଦ ଜଣାଇ ଅନ୍ୟ ସେବା ମାନଙ୍କର ଅଫିସର ଓ କର୍ମଚାରୀମାନଙ୍କ ପ୍ୟାରେଡ ପରିଦର୍ଶନ କରିଥିଲେ । ତାହା ସ୍ୱର୍ଗତ ଡ଼କ୍ଟର ପ୍ରାଣକୃଷ୍ଣ ପରିଜା ଯେ କି କଟକର ଅବୈତନିକ ଏ.ଆର.ପି.ଚିଫ୍ ଓ୍ୱାର୍ଡେନ ଥିଲେ, ତାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ତାହାପରେ ସେଠାରୁ ଏକ ଦୂରସ୍ଥାନରେ ଗୋଟିଏ ଅଭ୍ୟାସ ସୂଚକ ଘଟଣା ଘଟାଇ ତହିଁରେ ନାଗରିକ ସୁରକ୍ଷା ବିଭାଗର କାର୍ଯ୍ୟ ଦକ୍ଷତା ପରୀକ୍ଷା କରା-ଯାଇଥିଲା । ମୋ ବିଭାଗର ଚାରି ପ୍ରକାର ସେବାରେ ନିଯୁକ୍ତ ଗାଡ଼ିଗୁଡ଼ିକ କୌଣସି ବିଳମ୍ବ ନକରି ତତ୍‌ପରତା ସହିତ ଦାୟୀତ୍ୱ ତୁଲାଇ ପାରିଥିଲେ ।

ତାପର ଦିନ ମଲ୍ଲିକ ସାହେବ ଅଫିସ ସମୟରେ ତାଙ୍କ ଚାମ୍ବରକୁ-ମତେ ଡ଼କାଇ ବହୁତ ପ୍ରଶଂସା କଲେ ଓ କହିଲେ "ତୁମେ ଆମ ବିଭାଗର ମହତ୍ତ୍ୱ ବଢାଇ ପାରିଛ । ତୁମକୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।" ଏହା ଶୁଣି ମୁଁ କହିଲି, "ସାର୍ ! ଆପଣଙ୍କ ପରି ଦକ୍ଷ ଅଫିସରଙ୍କ ଅଧୀନରେ କାର୍ଯ୍ୟ କରିବା-ଦ୍ୱାରା ମୋର ବହୁତ ଆଗ୍ରହ ଓ ଉତ୍ସାହ ବୃଦ୍ଧି ପାଇଛି । ଆପଣ ଯେପରି ମୋତେ ସମସ୍ତ ବରିଷ୍ଠ ଅଫିସରଙ୍କ ଆଗରେ ବିଗ୍ରେଡ଼ିୟର ରିଭଙ୍କ ନିକଟରେ ପ୍ରଶଂସା

Digitized by srujanika@gmail.com

କଲେ ତାହା ମୋ ଜୀବନରେ କେବେ ଭୁଲି ପାରିବି ନାହିଁ ।" ଏତକ କହି ଧନ୍ୟବାଦ ଦେଇ ମୁଁ ପ୍ରସ୍ଥାନ କଲି । ସେହି ଦିନଠାରୁ ମଲ୍ଲିକ ସାହେବ ମୁଁ ସେହି ବିଭାଗ ଛାଡ଼ିବା ପର୍ଯ୍ୟନ୍ତ ମୋ ପ୍ରତି ବହୁତ ଶ୍ରଦ୍ଧା ଓ ବିଶ୍ୱାସ ସ୍ଥାପନ କରିଥିଲେ । ସେ ଭାବ ଏପରି ଥିଲା ଯେ ତାହାର ୧୯ ବର୍ଷ ପରେ ସେ ମୋତେ ପୁନର୍ବାର ତାଙ୍କ ଭାରତ ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ଦେଇଥିଲେ । ଏହାର ବିବରଣୀ ଯଥା ସ୍ଥାନରେ ପ୍ରଦାନ କରିବି ।

ଆମ ବିଭାଗର କେତେ ଜଣ ଓଡ଼ିଆ ଅଫିସର କହୁଥିଲେ ଯେ ମଲ୍ଲିକ ସାହେବ ଓଡ଼ିଆ ମାନଙ୍କୁ ଭଲ ପାଆନ୍ତି ନାହିଁ । ମୁଁ କହେ ଯେ ମୋ ସହିତ ମଲ୍ଲିକ ସାହେବ ଖୁବ୍ ଭଲ ବ୍ୟବହାର କରୁଛନ୍ତି ଓ ମୁଁ ତାଙ୍କ ଠାରେ ଓଡ଼ିଆଙ୍କ ପ୍ରତି କୌଣସି ମନ୍ଦ ଭାବ ଥିବାର ଦେଖି ପାରୁନାହିଁ । ସେ ମୋତେ ଏପରି ଭଲ ପାଉଥିଲେ ଯେ ସେ ଯେବେ ବ୍ରହ୍ମପୁରକୁ ଗସ୍ତରେ ଯିବାକୁ ଥାଏ ମୋତେ ପଚାରନ୍ତି, "କଣ ତୁମ ବାପାଙ୍କୁ ଦେଖିବାପାଇଁ ବ୍ରହ୍ମପୁର ଯିବ ନାହିଁ ?" ମୁଁ କହେ "ସାର୍, ମୁଁ ଅଳ୍ପ ଦିନ ତଳେ ବ୍ରହ୍ମପୁର ଗସ୍ତରେ ଯାଇଥିଲି । ଘରେ ସମସ୍ତଙ୍କୁ ଦେଖି ଆସିଛି । ତେଣୁ ଏବେ ମୋର ଯିବା ଦରକାର ନାହିଁ ।" ଥରେ ତାଙ୍କର ବ୍ରହ୍ମପୁର ଗସ୍ତ କରିବାକୁ ଥିଲା । ସେ ମୋତେ ପଚାରିଲେ, "ତୁମର ବ୍ରହ୍ମପୁର ଯିବା ଦରକାର ଅଛି କି ?" ମୁଁ କହିଲି, "ମୁଁ ଦୁଇମାସ ହେଲା ବ୍ରହ୍ମପୁର ଗସ୍ତରେ ଯାଇ ନାହିଁ । ମୋତେ ଏହା ଭିତରେ ଥରେ ଯାଇ ଗାଡ଼ି ଗୁଡ଼ିକୁ ନିରୀକ୍ଷଣ କରି ଆସିବାକୁ ପଡ଼ିବ ।" ସେ କହିଲେ, "ମୁଁ କାଲି ବ୍ରହ୍ମପୁର ଯାଉଛି । ଆଉ ତୁମେ ମୋ ସହିତ ମୋ ଗାଡିରେ ଯିବ ।" ତା' ପର ଦିନ ସକାଳୁ ମୁଁ ମୋର ବ୍ୟାଗ ପତ୍ର ଓ ବିଛଣା ଧରି ମଲ୍ଲିକ ସାହେବଙ୍କ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ଥିବା ବଙ୍ଗଳାକୁ ଗଲି । ସେ ତାଙ୍କ ନିଜ ଗାଡ଼ିରେ ତାଙ୍କ ସ୍ତ୍ରୀ ଓ ଜଣେ ଅର୍ଦ୍ଦଳି ସହିତ ବାହାରିଲେ । ଆମେ ଚାରିଜଣ ମିଶି ବରକୁଳ ଡାକ ବଙ୍ଗଳାରେ ମଧ୍ୟାହ୍ନ ଭୋଜନ କରି କିଛି ସମୟ ବିଶ୍ରାମ ନେଲୁ । ମଲ୍ଲିକ ସାହେବଙ୍କ ସ୍ତ୍ରୀ ଗୋଟିଏ ବଡ଼ ଟିଫିନ କ୍ୟାରିୟରରେ ଖାଇବା ଜିନିଷ ନେଇ ଯାଇଥିଲେ ଏବଂ ଆମେ ତିନିଜଣ ଗୋଟିଏ ଟେବୁଲରେ ବସି ତାଙ୍କ ସ୍ତ୍ରୀ ପରଶିବା ପରେ ଖାଇଲୁ । ତାଙ୍କ ସ୍ତ୍ରୀ ମଧ୍ୟ ମୋତେ ବହୁତ ସମ୍ମାନ କରୁଥିଲେ । ଖିଆପିଆ ପରେ ପ୍ରାୟ ଦିନ ତିନିଟା ପର୍ଯ୍ୟନ୍ତ ସେହି ବରକୁଳ ଚିଲିକା ତଟରେ ଗଛମୂଳେ ବସି ସମୟ ବିତାଇଥିଲୁ । ତହିଁରେ

Digitized by srujanika@gmail.com

ମଲ୍ଲିକ ସାହେବ ମୋର ଘର କଥା ଇତ୍ୟାଦି ବୁଝିଥିଲେ ଓ ସେ ମଧ୍ୟ ତାଙ୍କ ନିଜ କଥା ଅନ୍ତରଙ୍ଗ ବନ୍ଧୁଙ୍କୁ କହିଲା ପରି ମୋତେ କହିଥିଲେ । ଏପରି ବ୍ୟବହାର ତାଙ୍କଠାରୁ ଯିଏ ପାଇଛି ସେ କିପରି ଓଡ଼ିଆମାନଙ୍କୁ ମଲ୍ଲିକ ସାହେବ ଭଲ ପାଉ ନଥିଲେ ବୋଲି କହିବ ? ମୁଁ ଯେତେଦୂର ଜାଣେ, ଯେଉଁ କେତେଜଣ ଓଡ଼ିଆ ଅଫିସର ମଲ୍ଲିକ ସାହେବ ଓଡ଼ିଆଙ୍କୁ ଭଲ ପାଆନ୍ତି ନାହିଁ ବୋଲି କହୁଥିଲେ ସେମାନେ ସେପରି କାର୍ଯ୍ୟ ଦକ୍ଷ ଅଫିସର ନଥିଲେ । ମଲ୍ଲିକ ସାହେବ କାହାର ମୁହଁକୁ ଦେଖି କିମ୍ବା କଥା ଚାତୁର୍ଯ୍ୟରେ ଭୁଲିଯିବା ଲୋକ ନଥିଲେ । ସେ ଥିଲେ କର୍ମର ପୂଜାରୀ । ଯିଏ ଭଲ କାମ କରୁଥିଲା ତାଙ୍କୁ ସେ ଭଲ ପାଉଥିଲେ ଓ ଯିଏ କାମରେ ଢ଼ିଲା କିମ୍ବା ଅସାଧୁତା ଦେଖାଉଥିଲା ତା' ପ୍ରତି ସେ ବଡ଼ କଠୋର ବ୍ୟବହାର କରୁଥିଲେ । ସେ କେବଳ କାର୍ଯ୍ୟର ହିଁ ପ୍ରଶଂସକ ଥିଲେ, କଥାର ନୁହେଁ । ସେପରି ହୋଇ ନଥିଲେ ସେ ଦିନେ ଭାରତବର୍ଷର ସର୍ବୋଚ୍ଚ ପୋଲିସ୍ ପଦବୀ (Director General of Security, India) କୁ ଉନ୍ନୀତ ହୋଇ ନଥାନ୍ତେ ।

୧୯୪୫ ସାଲ ଅଗଷ୍ଟ ୬ ତାରିଖ ଦିନ ହିରୋସୀମା ଓ ଅଗଷ୍ଟ ୯ ତାରିଖ ଦିନ ନାଗାସାକି ଉପରେ ଆମେରିକା ଯେତେବେଳେ ଆଟମ୍ ବମ୍ ନିକ୍ଷେପ କଲା, ତାର ପରିଣାମ ସ୍ୱରୂପ ଜାପାନ ଯୁଦ୍ଧରେ ପରାଜୟ ସ୍ୱୀକାର କରିବାରୁ ଦକ୍ଷିଣ ପୂର୍ବ ଏସିଆ ମହାଦେଶରୁ ଯୁଦ୍ଧ ବିଗ୍ରହର ଅବସାନ ହେଲା । ତେଣୁ ଆଉ ଭାରତବର୍ଷରେ ନାଗରିକ ସୁରକ୍ଷା ବ୍ୟବସ୍ଥା ଦରକାର ପଡ଼ିଲା ନାହିଁ । ସେହି ସମୟରେ ଯୁଦ୍ଧ ଉପରାନ୍ତ ଦେଶ ପୁନର୍ଗଠନ ଉଦ୍ଦେଶ୍ୟରେ କେତେକ ନୂତନ ବିଭାଗ ପ୍ରତ୍ୟେକ ରାଜ୍ୟରେ ଖୋଲା ଯାଇଥିଲା । ସେଥିଯୋଗୁ ଓଡ଼ିଶା ସରକାରଙ୍କର ଯୋଗାଣ ଓ ପରିବହନ (Supply and Transport Deptt,) ନାମରେ ଗୋଟିଏ ବିଭାଗ ଖୋଲା ଯାଇଥିଲା । ସେହି ବିଭାଗରେ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ଝା ଆଇ.ସି.ଏସ୍ ଶାସନ ସଚିବ ଓ ଶ୍ରୀ ବ୍ରହ୍ମଦେବ୍ ମୁଖାର୍ଜୀ ଆଇ. ସି. ଏସ୍ ଉପଶାସନ ସଚିବ ଭାବରେ କାର୍ଯ୍ୟ କରୁଥିଲେ । ତେଣେ ପୋଲିସ ବିଭାଗରେ ଅଗ୍ନି ଉପଶମ ନିମନ୍ତେ ଓଡ଼ିଶାରେ ଅଗ୍ନି ଉପଶମ ବିଭାଗ ଖୋଲା ଯାଇ ତତ୍‌କାଳୀନ ଆଇ. ଜି. ପୋଲିସ ମିଷ୍ଟର ପାରକିନ୍ ନାମକ ସାହେବଙ୍କ ଅଧୀନରେ ଥିଲା । ନାଗରିକ ପ୍ରତିରକ୍ଷା ବିଭାଗର ମଟର ଗାଡ଼ି ଗୁଡ଼ିକର ମରାମତି ପାଇଁ କଟକଠାରେ ଗୋଟିଏ ଛୋଟ କାରଖାନା

Digitized by srujanika@gmail.com

ମୋ କର୍ତ୍ତୃତ୍ୱରେ ପ୍ରତିଷ୍ଠିତ ହୋଇଥିଲା । ଏହି ଛୋଟ ମଟର କାରଖାନାଟି ସମସ୍ତ ସରଞ୍ଜାମ ଓ କର୍ମଚାରୀ ମାନଙ୍କ ସହିତ ପୋଲିସ୍ ଆଇ. ଜି. ଙ୍କ ଅଧୀନକୁ ଚାଲିଗଲା । ଅନ୍ୟ ପଟେ ଯୋଗାଣ ଓ ପରିବହନ ବିଭାଗରେ ମଟରଗାଡ଼ି ଚଳାଚଳ ନିୟନ୍ତ୍ରଣ ଇତ୍ୟାଦି କରିବା ପାଇଁ ଜଣେ ପରିବହନ ଅଧିକାରୀ ଦରକାର ପଡ଼ିବା ବେଳକୁ ଏଣେ ପୋଲିସ ଅଧୀନକୁ ଯାଇଥିବା ମଟର କାରଖାନାର ପରିଚାଳକ ଭାବରେ ମଟର ଡ଼ି. ଏସ୍. ପି. ପଦବୀ ସୃଷ୍ଟି ହୋଇଥିଲା । ଯେହେତୁ ମୁଁ ସେହି ମଟର ମରମତି କାରଖାନାର ଦାୟିତ୍ୱରେ ଥିଲି, ପୋଲିସ୍ ଆଇ.ଜି. ପାରକିନ୍ ସାହେବ ମୋତେ ତାଙ୍କ ବିଭାଗର ମଟର ଡ଼ି. ଏସ୍. ପି. ପଦବୀରେ ନିଯୁକ୍ତି ଦେବାକୁ ଆମ ନିର୍ଦ୍ଦେଶକ ବଉଷ୍ଟେଡ୍ ସାହେବଙ୍କ ନିକଟକୁ ପତ୍ର ଲେଖିଥିଲେ । ସେହି ସମୟରେ ମି: ଚନ୍ଦ୍ରଶେଖର ଝା ମଧ୍ୟ ତାଙ୍କର ଯୋଗାଣ ଓ ପରିବହନ ବିଭାଗପାଇଁ ଜଣେ ଟ୍ରାନସ୍‌ପୋର୍ଟ ଅଫିସର (ପରିବହନ ଅଧିକାରୀ) ପଦପାଇଁ ମୋତେ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ଆମର ମଲ୍ଲିକ ସାହେବଙ୍କ ନିକଟକୁ ପତ୍ର ଲେଖିଥିଲେ । ଏ ଉଭୟ ପତ୍ର ମଲ୍ଲିକ ସାହେବ ପ୍ରାୟ ଏକ ସମୟରେ ପାଇ ମୋର କେଉଁ ବିଭାଗକୁ ଯିବାର ଇଚ୍ଛା ଜାଣିବାପାଇଁ ତାଙ୍କ ନିକଟକୁ ମୋତେ ଡକାଇ କହିଲେ "ଏହି ଦୁଇଟି ବିଭାଗରେ ତୁମକୁ ନିଯୁକ୍ତି ଦେବାପାଇଁ ପ୍ରସ୍ତାବ ଆସିଛି, ତମେ କେଉଁଟାକୁ ଗ୍ରହଣ କରିବ ମତେ କାଲି ଜଣାଇବ ।" ଉଭୟଙ୍କର ଦରମା ଭିତରେ ଅଳ୍ପ ତାରତମ୍ୟଥିଲା । ତତ୍‌କାଳୀନ ଡ଼ି.ଏସ୍.ପି ମାନଙ୍କ ଦରମା ମାସିକ ଦୁଇଶତ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ପରିବହନ ଅଧିକାରୀ (Transport Officer) ଙ୍କ ଦରମା ଦୁଇଶହ ପଚାଶ ଟଙ୍କା ଥିଲା । ମୁଁ ସେହିଦିନ ରାତିଅନିଦ୍ରାରେ ଛଟପଟ ହୋଇ ଶେଷରେ ଡ଼ି.ଏସ୍.ପି ମାନଙ୍କର ବିଭାଗୀୟ ପୋଷାକ ମୋତେ ସେ ବିଭାଗକୁ ଆକୃଷ୍ଟ କରିଥିଲା । କାରଣ ମୁଁ ସେ ପର୍ଯ୍ୟନ୍ତ ନାଗରିକ ସୁରକ୍ଷା ବିଭାଗ ପୋଷାକ ପରିଧାନ କରୁଥିଲି । ଦରମା କମ୍ ହେଲେ ମଧ୍ୟ ମୁଁ ପୋଲିସ୍ ବିଭାଗର ମଟର ଡ଼ି.ଏସ୍.ପି ହେବାପାଇଁ ସ୍ଥିର କରି ତା ପରଦିନ ଅଫିସରେ ମଲ୍ଲିକ ସାହେବଙ୍କୁ କହିଲି । ସେହି ସମୟରେ ତାଙ୍କ ସହ ମୋର ଯେଉଁ କଥୋପକଥନ ହୋଇଥିଲା ତାହା ନିମ୍ନରେ ଦେଉଅଛି ।

ମଲ୍ଲିକ ସାହେବ :—"ସାହୁ, ତୁମେ କ'ଣ ଠିକ୍ କଲ ?"

ମୁଁ :—"ସାର୍, ମୁଁ ପୋଲିସ ବିଭାଗରେ ମଟର ଡ଼ି.ଏସ.ପି ହେବାକୁ ସ୍ଥିର କଲି ।"

Digitized by srujanika@gmail.com

ମଲ୍ଲିକ ସାହେବ :–(ଟିକିଏ ମୁରୁକି ହସାଦେଇ) "ମୁଁ ଜାଣିଥିଲି ତୁମେ ଏହା କହିବବୋଲି, କିନ୍ତୁ ମୋ ମତରେ ତୁମେ ଟ୍ରାନ୍ସ୍‌ପୋର୍ଟ ଅଫିସର ହେବା ଭଲ ହେବ । କାରଣ ଏବେ ଯେଉଁ ପୋଲିସ ବିଭାଗରେ କାର୍ଯ୍ୟ କରୁଥିବା ଧଳା ଚମଡ଼ା ବାଲା ସର୍ଜେଣ୍ଟ ଓ ସର୍ଜେଣ୍ଟ ମେଜରମାନେ ମଟରଗାଡ଼ି ସବୁ ଅପ-ବ୍ୟବହାର କରୁଛନ୍ତି, ମୁଁ ତୁମକୁ ଯେପରି ଜାଣେ, ତୁମେ ସେପରି ଅପବ୍ୟବହାର ସହ୍ୟ କରି ପାରିବ ନାହିଁ । ତୁମେ ଯାହା ପାଖରେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବ ସେ ମଧ୍ୟ ସେହି ଗୋର ଚମଡ଼ାବାଲା ହୋଇଥିବାରୁ ତୁମ ଅଭିଯୋଗକୁ ସେତେଟା ଗୁରୁତ୍ୱ ଦେବେ ନାହିଁ । ଗୋର ଚମଡ଼ାବାଲାଙ୍କୁ ସାହାଯ୍ୟ କରିବେ । ତୁମେ ଶେଷରେ ହତାଶହୋଇ ଚାକିରୀରୁ ଇସ୍ତଫାଦେଇ ଘରକୁଯିବ । ତେଣୁ ମୁଁ ଭାବୁଛି ତୁମ ପକ୍ଷରେ ପରିବହନ ଅଧିକାରୀ ହେବା ଉଚିତ ହେବ । କାରଣ ସେ ବିଭାଗରେ ବହୁତ ଉନ୍ନତି କରିବାର ସୋପାନ ଖୋଲିବ । ଏହା ତୁମେ ଚିନ୍ତା କରି ଠିକ୍ କ'ଣ ସ୍ଥିର କଲ ମୋତେ ଉପରବେଳା କହିବ ।"

ମୁଁ :–"ସାର୍, ଆପଣଙ୍କପରି ଜଣେ ଚିନ୍ତାଶୀଳ ଓ ସୁଦକ୍ଷ ଅଫିସର୍‌ଙ୍କର ଉପଦେଶ ମୁଁ ମନପ୍ରାଣର ସହ ଗ୍ରହଣକଲି । ଆପଣ ଯୋଗାଣ ଓ ପରିବହନ ବିଭାଗକୁ ମୋତେ ପଠାଇବେ ବୋଲି ସେମାନଙ୍କୁ ଜଣାଇ ଦିଅନ୍ତୁ ।"

ମୁଁ ପରିବହନ ବିଭାଗକୁ ଯିବାପାଇଁ ଇଚ୍ଛା ପ୍ରକାଶ କରିବାର ଜାଣିଲେ ସୁଦ୍ଧା ପୋଲିସ ଆଇ.ଜି. ପାର୍‌କିନ ସାହେବ ମୋତେ ତାଙ୍କ ବିଭାଗରେ ଅବୈ-ତନିକ ପରାମର୍ଶଦାତା ଭାବରେ ନିଯୁକ୍ତି ଦେବାର ଇଚ୍ଛା ପ୍ରକାଶକଲେ । ମୁଁ ଯୋଗାଣ ଓ ପରିବହନ ବିଭାଗରେ ୧୯୪୬ ସାଲ ଅପ୍ରେଲ ଛଅ ତାରିଖରେ ଯୋଗଦେଲି ଓ ସେହି ବିଭାଗର ଅନେକ ନୂତନ କାର୍ଯ୍ୟ କରିବାକୁ ଥିବାରୁ ଅନ୍ୟ କାମ କରିପାରିବି ନାହିଁ ବୋଲି ଆଇ.ଜି. ସାହେବଙ୍କୁ ଜଣାଇଦେଲି । ୧୯୪୫ ମସିହା ଅକ୍ଟୋବର ମାସଠାରୁ ନାଗରିକ ପ୍ରତିରକ୍ଷା ବିଭାଗର ଗାଡ଼ିଗୁଡ଼ିକ ବିଭିନ୍ନ ବିଭାଗକୁ ସ୍ଥାନାନ୍ତରିତ କରିବା ପର୍ଯ୍ୟନ୍ତ ମୋତେ ମଲ୍ଲିକ ସାହେବଙ୍କ ଅଧୀନରେ କାର୍ଯ୍ୟ କରିବାକୁ ପଡ଼ିଥିଲା । ସେହି ସମୟ ମଧ୍ୟରେ ମୋର ପ୍ରାର୍ଥୀତ୍ୱକୁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ଅନୁମୋଦନର ଦରକାର ଥିଲା, କାରଣ ତାହା ଗୋଟିଏ ଗେଜେଟେଡ୍ ପୋଷ୍ଟ । ଏ ସବୁ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମୋତେ ନାଗରିକ ପ୍ରତିରକ୍ଷା ବିଭାଗରେ ୧୯୪୬ ମସିହା ଏପ୍ରିଲ ପାଞ୍ଚ ତାରିଖ ପର୍ଯ୍ୟନ୍ତ ରହିବାକୁ

Digitized by srujanika@gmail.com

ପଢ଼ୁଥିଲା । ସେ ସମୟରେ ଓଡ଼ିଶାର ଛଅଟି ଜିଲ୍ଲା ପାଇଁ ଥିଲେ ମାତ୍ର ତିନିଜଣ Part time M. V. I. (ଆଂଶିକ ସମୟ ଯାନବାହନ ନିରୀକ୍ଷକ କଟକ ପୁରୀ, ଗଞ୍ଜାମ ଓ ବାଲେଶ୍ୱର ଜିଲ୍ଲା ମାନଙ୍କ ପାଇଁ ଥିଲେ ସ୍ୱର୍ଗତ ଚନ୍ଦ୍ରକିଶୋର ଦାସ, ସମ୍ବଲପୁର ପାଇଁଥିଲେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ କୋରାପୁଟ୍ ଜିଲ୍ଲା ପାଇଁ ଥିଲେ ଜଣେ ସାର୍ଜେଣ୍ଟ ମେଜର (ତାଙ୍କ ନାମ ମନେ ନାହିଁ) । ଏହି ଛଅଗୋଟି ଜିଲ୍ଲା ସବୁ ପ୍ରକାର ମୋଟର ଯାନ ଯଥା ଟ୍ରକ୍, ବସ୍ ଟେକ୍ସି, କାର ମୋଟର ସାଇକେଲ ଓ ଅନ୍ୟାନ୍ୟ ଯାନ ମିଶି ମାତ୍ର ଚାରିହଜାର ପର୍ଯ୍ୟନ୍ତ ଥିଲେ ମଧ୍ୟ କେବଳ ବସ୍, ଟ୍ରକ ଓ ଟେକସିଗୁଡ଼ିକୁ ପ୍ରତ୍ୟେକ ଥର ମାସରେ ଥରେ କରି ଏମ୍.ଭି. ଆଇ ମାନେ ନିରୀକ୍ଷଣ କରି ସେଗୁଡ଼ିକର Fitness Certificate (ସକ୍ଷମତା ପତ୍ର) ଦେବାକୁ ପଡ଼ୁଥିଲା । କାରଣ ସେଯାନ ଗୁଡ଼ିକ ପାସେଞ୍ଜର ଓ ମାଲପତ୍ର ପରିବହନ କରୁଥିଲେ । M.V.I. ମାନେ ସେଗୁଡ଼ିକୁ ନିରୀକ୍ଷଣ କଲେ ପ୍ରତ୍ୟେକ ଗାଡ଼ି ପିଛା ଦଶ ଟଙ୍କା କରି ସରକାରୀ ଫିସ୍ ପାଉଥିଲେ । ଯେ ହେତୁ ସେ ଗାଡ଼ିଗୁଡ଼ିକ ପାସେଞ୍ଜର ପରିବହନ କରୁଥିଲେ, ସେଗୁଡ଼ିକର ଯନ୍ତ୍ରପାତି ଯଦି ଠିକ୍ ନଥିବ ତାହାହେଲେ ଦୁର୍ଘଟଣା ଘଟିବାର ବେଶି ସମ୍ଭାବନା ରହିବ । ତେଣୁ ଏମ୍. ଭି. ଆଇ ମାନେ ସେ ଗାଡ଼ିଗୁଡ଼ିକର ଯନ୍ତ୍ରପାତି ଠିକ୍ ଅଛି କି ନାହିଁ ଭଲ ଭାବରେ ଦେଖିବାକୁ ହୁଏ । ଯେହେତୁ କଟକ ଏମ୍. ଭି.ଆଇ ସ୍ୱର୍ଗତ ଚନ୍ଦ୍ର କିଶୋର ଦାସ ଚାରିଟି ଜିଲ୍ଲାର ଗାଡ଼ିଗୁଡ଼ିକୁ ଦେଖିବାକୁ ହେଉଥିଲା, ତାହା ତାଙ୍କ ପକ୍ଷରେ ବହୁତ କଷ୍ଟ ସାଧ୍ୟ ହେଉଥିଲା, କାରଣ ସେ ସମୟରେ ବାଲେଶ୍ୱର, ପୁରୀ ଓ କଟକ ମଧ୍ୟରେ ବହୁତ ନଦୀନାଳ ଉପରେ ସଡକ ପୋଲ ନଥିବାରୁ ସେ ଗାଡ଼ିଗଡ଼ିକ କଟକ ଆସିପାରୁ ନଥିଲା । ଏପରି ଅବସ୍ଥାରେ କଟକ ଏମ୍. ଭି. ଆଇଙ୍କୁ ସେଠାକୁ ଯିବାକୁ ପଡ଼ୁଥିଲା, ନଚେତ ସେଠାରେ ଗାଡ଼ିଗୁଡ଼ିକ ବିନା ସକ୍ଷମତା ପତ୍ରରେ ଚାଲୁଥିଲେ, ଯାହା ଆଇନ ବିରୋଧୀ ହେବା ସଙ୍ଗେ ସଙ୍ଗେ ବସ୍ ଯାତ୍ରୀ ମାନଙ୍କର ବିପତ୍ତିର କାରଣ ହୋଇଥିଲା । ସମ୍ବଲପୁର ଓ କୋରାପୁଟ ଜିଲ୍ଲାମାନଙ୍କର ଥିବା ଏମ୍. ଭି ଆଇ ମାନଙ୍କର ସେତେଟା ଅସୁବିଧା ନଥିଲା, କାରଣ ସେମାନେ ଗୋଟିଏ ଗୋଟିଏ ଜିଲ୍ଲାର ଗାଡ଼ିଗୁଡ଼ିକୁ ନିରୀକ୍ଷଣ କରିବାକୁ ପଡୁଥିଲା । କିନ୍ତୁ କଟକ ଏମ୍. ଭି. ଆଇଙ୍କର ଚାରିଟି ଜିଲ୍ଲାର ଗାଡ଼ି ନିରୀକ୍ଷଣ କରିବା ଓ ସବୁ ଜିଲ୍ଲାମାନଙ୍କ ମଧ୍ୟରେ ରାସ୍ତାଘାଟର ଅସୁବିଧା ଯୋଗୁଁ ବାଲେଶ୍ୱର, ପୁରୀ ଓ ଗଞ୍ଜାମର ବସ୍, ଟ୍ରକ୍ ଓ ଟେକ୍ସିଗୁଡ଼ିକ କେବେ କେମିତି ବିନା ନିରୀକ୍ଷଣରେ ମଧ୍ୟ ଚଳାଇବାକୁ ପଡୁଥିଲା ।

Digitized by srujanika@gmail.com

ପରିବହନ ବ୍ୟବସାୟୀମାନେ ଯିଏ ଯେପରି ପ୍ରକାରେ ହେଉ ଗାଡ଼ି ଗୁଡ଼ିକୁ ଭଲ ଅବସ୍ଥାରେ ରଖୁଥିଲେ । ତାହା ନହେଲେ ସେମାନଙ୍କର ବ୍ୟବସାୟ ଚଳୁନଥାନ୍ତା । ଯେନତେନ ପ୍ରକାର ଗାଡ଼ିଗୁଡ଼ିକୁ ଭଲ ରଖିବା ଓ ସବୁ ଗୁଡ଼ିକ ଯନ୍ତ୍ରପାତି ଠିକ୍ ନରଖି ମଧ୍ୟ ସକ୍ଷମତା ପ୍ରମାଣପତ୍ର ହାସଲ କରିବା ସେମାନଙ୍କର ବ୍ୟବସାୟିକ ଭାବଥିଲା । ମାତ୍ର ଗାଡ଼ିଗୁଡ଼ିକ ବହୁତ ମୂଲ୍ୟବାନ ମନୁଷ୍ୟଜୀବନକୁ ପରିବହନ କରୁଥିବାରୁ ଗାଡ଼ିର ସମସ୍ତ ଯନ୍ତ୍ରପାତି ଠିକ୍‌ଭାବରେ ରଖିବା ଓ ଭଲଭାବରେ ନିରୀକ୍ଷଣ କରିବା ନିତାନ୍ତ ଦରକାର । ଯାନବାହାନ ନିରୀକ୍ଷକମାନେ ଛଅମାସରେ ଅନ୍ତତଃ ଥରେ ଭଲ ଭାବରେ ନିରୀକ୍ଷଣକରି ସଂଶୟ ଥିବା ଯନ୍ତ୍ରପାତି ଗୁଡ଼ିକୁ ବଦଳାଇ ନୂଆ ଯନ୍ତ୍ରପାତି ଖଞ୍ଜିବାପାଇଁ ନିର୍ଦ୍ଦେଶ ଦେଇ ତଦନୁସାରେ କାର୍ଯ୍ୟ ହେଉଛି କି ନାହିଁ ନିଜେ ପରୀକ୍ଷା କରି ଦେଖିବାକୁ ହୁଏ । ସେପରି ନକରି ଖାଲି ମଟର ବ୍ୟବସାୟୀମାନଙ୍କ କଥା ଉପରେ ନିର୍ଭର କରି ସକ୍ଷମତା ପ୍ରମାଣପତ୍ର ଦେବା ପାଣି ଭିତରେ ମଚ୍ଛିଷରଖି କିଣାବିକା କରିବାପରି ହେଉଥିଲା । ମୁଁ ପରିବହନ ଅଧିକାରୀ ହେବାପରେ ଏ ବ୍ୟବସ୍ଥାକୁ ପରିବର୍ତ୍ତନ କରି ପ୍ରତ୍ୟେକ ଜିଲ୍ଲାରେ ଜଣେ ଜଣେ ସରକାରୀ ଯାନବାହାନ ନିରୀକ୍ଷକ ପୂର୍ଣ୍ଣ ସମୟ ପାଇଁ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କଲି ।

ଏହା ମଧ୍ୟରେ ଆମ ବିଭାଗର ଶାସନ ସଚିବ ମି: ଚନ୍ଦ୍ର ଶେଖର ଝା ଆଇ. ସି. ଏସ୍. ବଦଳି ହୋଇ ଅର୍ଥ ବିଭାଗର ଶାସନ ସଚିବ ହେଲେ ଓ ତାଙ୍କ ସ୍ଥାନରେ ବିହାର ପ୍ରଦେଶରେ କାର୍ଯ୍ୟ କରୁଥିବା ମି: ବଳରାମନ୍ ଶିବରାମନ୍ ଆଇ. ସି. ଏସ୍. ଆମ ବିଭାଗର ଶାସନ ସଚିବଭାବେ ଓ ଶ୍ରୀଯୁକ୍ତ ବୁଦ୍ଧଦେବ ମୁଖାର୍ଜୀଙ୍କ ସ୍ଥାନରେ ଶ୍ରୀଯୁକ୍ତ ବିଷ୍ଣୁ ଶ୍ରୀହରି ସୋହନୀ ନାମକ ଜଣେ ମହାରାଷ୍ଟ୍ରୀ ଆଇ. ସି. ଏସ୍. ଅଫିସର ଉପଶାସନ ସଚିବଭାବେ ଆମ ବିଭାଗରେ ଯୋଗଦେଲେ ।

୧୯୪୬ ମସିହାରେ ପ୍ରଥମ କରି ସ୍ୱର୍ଗତ ଡା: ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରାଯାଇଥିଲା । ସେଥିରେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ରାଜସ୍ୱ, ଯୋଗାଣ ଓ ପରିବହନ ବିଭାଗର ମନ୍ତ୍ରୀ ହୋଇଥିଲେ । ଯେହେତୁ ପୂର୍ବରୁ ମୋର ତାଙ୍କ ସହିତ ଘନିଷ୍ଠ ସମ୍ପର୍କଥିଲା, ସେ ଆମ ମନ୍ତ୍ରୀ ହେବାରୁ ମୁଁ ବଡ଼ ଉତ୍ସାହିତ ହୋଇଥିଲି । ଯେତେବେଳେ ନାଗରିକ ପ୍ରତିରକ୍ଷା ବିଭାଗ ଉଠାଇ ଦିଆଗଲା, ମଲ୍ଲିକ ସାହେବ ମୋତେ ଏହି

Digitized by srujanika@gmail.com

ସରକାରୀ ବସ ଓ ଟ୍ରକ ଗୁଡ଼ିକ କିପରି ସଦ୍‌ବ୍ୟବହାର କରଯାଇପାରିବ ତାର ଗୋଟିଏ ଯୋଜନା ପ୍ରସ୍ତୁତ କରିବାପାଇଁ କହିଥିଲେ । ସେ ସମୟରେ ମୁଁ ଓଡ଼ିଶାର ମଟର ଯାନ ବାହାନ ପରିବହନ ସଂସ୍ଥା ଗଢ଼ିବାପାଇଁ ଗୋଟିଏ ଯୋଜନା ପ୍ରସ୍ତୁତ କରି ମର୍ଛିକ ସାହେବଙ୍କୁ ଦେଇଥିଲି । ସେ ତାକୁ ନିରୀକ୍ଷଣ କରି ପ୍ରଶଂସା କରି କହିଲେ "ତୁମେ ପରିବହନ ବିଭାଗକୁ ଯାଉଚ, ସେହି ବିଭାଗ-ଦ୍ୱାରା ଏହି ଯୋଜନାକୁ କାର୍ଯ୍ୟକାରୀ କରାଇ ପାରିବ ।" ତେଣୁ ମୁଁ ସେହି ଯୋଜନାର ଦୁଇଟି ଟାଇପ୍ ନକଲ କରି ମୋ ସହିତ ପରିବହନ ବିଭାଗକୁ ନେଇ ଆସିଥିଲି । ଶିବରମନ୍ ସାହେବ ଯେତେବେଳେ ଆମ ବିଭାଗର ଶାସନ ଧରିବ ହେଲେ ମୁଁ ତାଙ୍କୁ ମୋର ସଡ଼କ ପରିବହନ ଯୋଜନାକୁ ଦେଖାଇ ଥିଲି ଓ ସେ କହିଥିଲେ ବର୍ତ୍ତମାନ ଯୁଦ୍ଧୋତ୍ତର ପରିବହନ ସଂକ୍ରାନ୍ତରେ ବହୁତ କିଛି କରିବାକୁ ଅଛି । ଭାରତ ସରକାର ତଦନୁପଲକ୍ଷେ କେତୋଟି ନିର୍ଦ୍ଦେଶ ଦେଇଅଛନ୍ତି । ଯଥା–ମଟର ଯନ୍ତ୍ରପାତି ନିୟନ୍ତ୍ରଣ ଆଦେଶ ଇତ୍ୟାଦି । ଏଗୁଡ଼ିକ କାର୍ଯ୍ୟକାରୀ କରିବାପରେ ତୁମ ଯୋଜନାକୁ ଦେଖିବା ।

ଯେମିତି ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଆମ ବିଭାଗର ମନ୍ତ୍ରୀ ହେଲେ ତାର ଅଳ୍ପ ଦିନ ମଧ୍ୟରେ ମୁଁ ତାଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ପାଇଁ ତାଙ୍କ ଅଫିସକୁ ଯାଇଥିଲି । ସେ ଆଗରୁ ମୁଁ ସରକାରୀ ଚାକିରୀ କରୁଥିବାର ଜାଣିଥିଲେ । କିନ୍ତୁ ମୁଁ କେଉଁ ବିଭାଗରେ ଚାକିରୀ କରୁଛି ତାହା ଜାଣି ନଥିଲେ । ମୁଁ ଦେଖା କରିବା ସମୟରେ ସେ ଜାଣିଲେ ଯେ ମୁଁ ତାଙ୍କରି ବିଭାଗରେ ଜଣେ ଅଧିକାରୀ, ଆଉ ମୋତେ ଦେଖି ସେ ଭରି ଖୁସି ହେଲେ । ମୋ ସହିତ ମୁଁ ମୋର ସଡ଼କ ପରିବହନ ଯୋଜନାଟି ନେଇ ଯାଇଥିଲି । ସେହି ଯୋଜନା ତାଙ୍କ ସମ୍ମୁଖରେ ରଖି କହିଲି, "ସାର୍, ଆପଣ ଆମ୍ଭମାନଙ୍କୁ ସମାଜବାଦ ଶିକ୍ଷା ଦେଇଛନ୍ତି ଓ ତଦନୁସାରେ ଓଡ଼ିଶାରେ ଯାତ୍ରୀ ପରିବହନ ପାଇଁ ମୁଁ ଗୋଟିଏ ସଡ଼କ ପରିବହନ ଯୋଜନା ଅନେକ ଦିନରୁ ପ୍ରସ୍ତୁତ କରିଛି । ଆପଣ ଆମ ବିଭାଗ ମନ୍ତ୍ରୀ ହେବା ଜାଣି ମୁଁ ଆନନ୍ଦିତ ଓ ଉତ୍ସାହିତ ହୋଇଛି । ମୁଁ ଆଶା କରୁଛି ଆପଣ ନିଶ୍ଚୟ ଏହି ଯୋଜନାଟି କାର୍ଯ୍ୟକାରୀ କରିବାପାଇଁ ଆଦେଶ ଦେବେ ।" ଏହା ଶୁଣି ସେ ମୋତେ କହିଲେ, "ମୋର ଏହି ଯୋଜନା ସବୁ ପଢ଼ିବାକୁ ସମୟ ନାହିଁ । ତୁମେ ତାର ଗୋଟିଏ ସଂକ୍ଷିପ୍ତ ବିବରଣୀ ମୋତେ କୁହ ।" ମୁଁ ମୋ ଯୋଜନାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରୀତା

Digitized by srujanika@gmail.com

ସରକାରଙ୍କର ଆୟ ବୃଦ୍ଧି ଦିଗରେ ତାହା କିପରି ସହାୟ ହେବ ତାହା ତାଙ୍କୁ ସଂକ୍ଷିପ୍ତରେ ବୁଝାଇ ଦେଲି । ଏହାଶୁଣି ସେ ମୋତେ ଯେଉଁ ଉତ୍ତର ଦେଲେ ମୁଁ ବଡ଼ ଆଶ୍ଚର୍ଯ୍ୟ ହୋଇଗଲି । ସେ କହିଲେ "ଲୋକନାଥ ବାବୁ, କଂଗ୍ରେସ ଏବେ ସରକାର ଗଢ଼ିଛି । ଆମକୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ଅଛି । ଏବେ ଅଧିକାଂଶ ମାରୱାଡ଼ି, ଗୁଜୁରଟି ଓ ପଠାଣ ଏ ପରିବହନ ବ୍ୟବସାୟ କରୁଛନ୍ତି । ସେମାନେ ତାଙ୍କ ଗାଡ଼ି ଗୁଡ଼ିକରେ ଯାତ୍ରୀମାନଙ୍କୁ ବସ୍ତା ଲଦିଲା ପରି ଖୁନ୍ଦି କରି ନେଉଛନ୍ତି । କିନ୍ତୁ ଆମ ଲୋକେ କିଛି କହୁ ନାହାନ୍ତି । ଯେଉଁ ଦିନ ସରକାର ଏ ବ୍ୟବସାୟ ହାତକୁ ନେବ, ଯାତ୍ରୀ କହିବେ ଅମୁକ ହେଲା ନାହିଁ, ସମୁକ ହେଲା ନାହିଁ ଓ ନାନା ପ୍ରକାର ଅଭିଯୋଗ କରିବେ । ଆମେ କାଦୁଅକୁ ଯିବା କାହିଁକି, ଗୋଡ ଧୋଇବା କାହିଁକି ?" ତାଙ୍କ ମୁହଁରୁ ଏ କଥା ଶୁଣି ମୁଁ ଭରି ନିରୁତ୍ସାହ ବୋଧ କଲି ଓ କହିଲି, "ଆପଣ ବାହାରେ ଥିଲା ବେଳେ ଆମ ମାନଙ୍କୁ କହୁଥିଲେ ଯାକୁ ରାଷ୍ଟ୍ରୀୟ କରଣ, ତାକୁ ରାଷ୍ଟ୍ରୀୟ କରଣ କରିବା ଦରକାର ବୋଲି । କିନ୍ତୁ ମନ୍ତ୍ରୀ ହେଲା ପରେ କଣ ଏପରି କହିଲେଣି ?" ଏହା ଶୁଣି ସେ ହଠାତ୍ କହିଲେ, "ନା ନା, ମୁଁ ସେକଥା ମନା କରୁ ନାହିଁ । କିନ୍ତୁ କଂଗ୍ରେସ ଅଳ୍ପ ଦିନ ହେଲା ସରକାର ଗଠନ କରିଛି ଓ ତହିଁରେ ଆମକୁ ବହୁତ କିଛି କରିବାକୁ ଅଛି । ଆଉ ଏଥିରେ ତୁମ ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ଯେପରି ତାଲିମ ପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ଦରକାର, ସେମାନେ ବର୍ତ୍ତମାନ ମିଳିବେ ତ ?" ମୁଁ କହିଲି "ସାର୍, ଯେଉଁମାନେ ବର୍ତ୍ତମାନ ଘରୋଇ ସଡ଼କ ପରିବହନରେ ନିଯୁକ୍ତ ଅଛନ୍ତି, ସେହିମାନଙ୍କ ମଧ୍ୟରୁ ଆମେ ଉପଯୁକ୍ତ ଲୋକମାନଙ୍କୁ ବାଛି ଆମ କାର୍ଯ୍ୟରେ ଲଗାଇ ପାରିବା । ଆମକୁ ବାହାରୁ କାହାକୁ ଆଣିବାକୁ ପଡ଼ିବ ନାହିଁ । ପ୍ରଥମରେ ଅଳ୍ପ କେତୋଟି ସଡ଼କରେ ସରକାରୀ ସଂସ୍ଥା କାର୍ଯ୍ୟ କଲା ପରେ କ୍ରମେ ତାକୁ ବଢାଇ ପାରିବା । ତେଣୁ ମୋର ଅନୁରୋଧ, ଆପଣ ଏହି ଯୋଜନାକୁ କାର୍ଯ୍ୟକାରୀ କରାଇବା ପାଇଁ ଚେଷ୍ଟା କରନ୍ତୁ ।" ଏହା ଶୁଣି ସେ କହିଲେ, "ତୁମେ ମହତାବ ବାବୁଙ୍କୁ ଏହି ଯୋଜନାକୁ ଦେଖାଅ ଓ କାର୍ଯ୍ୟକାରୀ କରିବା ବିଷୟରେ କୁହ । ସେ ଯଦି ରାଜି ହେବେ ତାହେଲେ ଆମେ ଏହାକୁ କାର୍ଯ୍ୟକାରୀ କରିବା ।" ମୁଁ କହିଲି, "ସାର୍ ଆପଣ ବିଭାଗୀୟ ମନ୍ତ୍ରୀ ଅଛନ୍ତି । ଆପଣ ସିନା ମହତାବ ବାବୁଙ୍କୁ କହିବେ । ମୁଁ କିପରି ତାଙ୍କ ପାଖକୁ ସିଧା ଯାଇ ଏ ବିଷୟ ଉତ୍ଥାପନ କରିବି ?" ଏହା ଶୁଣି ସେ କହିଲେ "ତୁମେ ମହତାବ ବାବୁଙ୍କୁ ଭଲ ଭବରେ ଜାଣ ଓ ତୁମେ ଯେପରି

Digitized by srujanika@gmail.com

ତୁମ ଯୋଜନା ବିଷୟରେ ବୁଝାଇ ଦେଇ ପାରିବ ମୁଁ କଣ ପାରିବି ? ତୁମେ ଯାଅ, ତାଙ୍କୁ ଦେଖା କରି ଏ ବିଷୟ କହିବ ।'' ଏହା ଶୁଣି ମୁଁ ମହତାବ ବାବୁଙ୍କ ଅଫିସରେ ତାଙ୍କର ତତ୍‌କାଳୀନ ବ୍ୟକ୍ତିଗତ ସହାୟକ ସ୍ୱର୍ଗତ କୈଳାସ ଘୋଷଙ୍କ ନିକଟକୁ ଯାଇ ମହତାବ ବାବୁଙ୍କୁ ଦେଖା କରିବାକୁ ଅନୁମତି ଗ୍ଭହିଁଲି । ମୁଁ ମଧ୍ୟ କହିଲି, ନବବାବୁ ମୋର ଗୋଟିଏ ଯୋଜନା ବିଷୟରେ ତାଙ୍କ ନିକଟକୁ ପଠାଇଛନ୍ତି । କୈଳାସ ବାବୁ ତାଙ୍କ ସଂଲଗ୍ନ କୋଠରୀକୁ ଯାଇ ମହତାବ ବାବୁଙ୍କୁ ଏ ବିଷୟ ଜଣାଇଲେ ଓ ମହତାବ ବାବୁ ମୋତେ ତାଙ୍କୁ ଦେଖା କରିବାକୁ ଅନୁମତି ଦେଲେ ବୋଲି ଆସି ମୋତେ କହିଲେ । ମୁଁ ମହତାବ ବାବୁଙ୍କ ନିକଟକୁ ମୋର ଯୋଜନାଟିକୁ ଧରି ଯାଇ ପ୍ରଣାମ କରିବାରୁ ସେ ମୋ ବିଷୟରେ ଓ କି ଯୋଜନା ବୋଲି ମୋତେ ପଗ୍ଭରିଲେ । ମୁଁ ସେ ଯୋଜନା ବିଷୟ ସଂକ୍ଷିପ୍ତ ଭବେ ତାଙ୍କୁ ବୁଝାଇ ଏହା ଉଭୟ ଯାତ୍ରୀ ଓ ସରକାରଙ୍କର ଲଭ ହେବ ବୋଲି କହିବାରୁ ସେ ସଙ୍ଗେ ସଙ୍ଗେ କହିଲେ, ''ତୁମେ ଏହି ଯୋଜନାର ସାତଟି କପି କରି ନେଇ ଆସ । ଆମ ସାତ ଜଣ ମନ୍ତ୍ରୀଙ୍କୁ ଦେବ । ଏହି ଯୋଜନାଟିକୁ ଆମେ କାର୍ଯ୍ୟକାରୀ କରିବା ।'' ମୁଁ କହିଲି, ''ସାର, ଆପଣ କଣ ମୋତେ ମନ୍ତ୍ରୀ ପରିଷଦକୁ ସ୍ମାରକ ପତ୍ର (Memorandum to Council of Ministers) ଦେବାକଥା କହୁଛନ୍ତି କି ? ତାହା ମୁଁ କରି ପାରିବି ନାହିଁ । ଆପଣ ନବ ବାବୁଙ୍କୁ ଏ ବିଷୟରେ କୁହନ୍ତୁ । ସେ ବିଭାଗୀୟ ଶାସନ ସଚିବ ଶିବରମଣ ସାହେବଙ୍କୁ କହିଲେ ସେ ମନ୍ତ୍ରୀ ପରିଷଦ (Council of Ministers) ପାଇଁ ସ୍ମାରକ (Memorandum) କରି ପଠାଇବେ ।'' ମୁଁ ଏତିକି କହିବା ମାତ୍ରେ ସେ ଫୋନ ଉଠାଇ ନବ ବାବୁଙ୍କୁ କହିଲେ, ''ନବବାବୁ, ସାହୁ କ'ଣ ଗୋଟିଏ ଯୋଜନା କରି ଆଣିଛି । ସେ ଯାହା କହିଲ ମୁଁ ସେଥିରେ ଖୁସି ହେଲି । ତାକୁ ଆମେ କାର୍ଯ୍ୟରେ ପରିଣତ କରିବା । ତୁମେ ଶିବରମଣଙ୍କୁ କୁହ ସେ ମନ୍ତ୍ରୀ ପରିଷଦ ପାଇଁ ସ୍ମାରକ ପତ୍ର ପ୍ରସ୍ତୁତ କରିବେ ।'' ତା'ପରେ ଫୋନ୍ ରଖି ଦେଇ ମୋତେ କହିଲେ, ''ଯାଅ, ତୁମ କାମ ହୋଇଯିବ ।'' ମୁଁ ଗଭୀର ଆନ୍ତରିକତାର ସହ ତାଙ୍କୁ ଧନ୍ୟବାଦ ଦେଇ ପ୍ରଣାମ ଜଣାଇ ଆସି ନବବାବୁଙ୍କ ଅଫିସ ଭିତରେ ସିଧା ପଶିଗଲି । ସେ ମୋତେ ଯେମିତି ଦେଖିଲେ, ''ତୁମ କାମ ହୋଇଗଲା । ମୁଁ ଶିବରମଣଙ୍କୁ କହୁଛି ସେ ମନ୍ତ୍ରୀ ପରିଷଦ ପାଇଁ ସ୍ମାରକ ପତ୍ର ପ୍ରସ୍ତୁତ କରିବେ ।'' ମୁଁ ବହୁତ ଖୁସି ହୋଇ ଧନ୍ୟବାଦ ଦେଇ

Digitized by srujanika@gmail.com

ପ୍ରଣାମ କରି ଆସି ମୋ ଅଫିସ କକ୍ଷରେ ପ୍ରବେଶ କରିଛି କି ନାହିଁ ବଡ଼ ସାହେବଙ୍କ ଚପରାଶି ଆସି କହିଲା, ବଡ଼ ସାହେବ (ଶିବ ରମଣ ସାହେବ) ଆପଣଙ୍କୁ ଡ଼ାକୁଛନ୍ତି, ଆପଣ ଶୀଘ୍ର ଆସନ୍ତୁ ।" ମୁଁ ଯାଇ ଶିବରମଣ ସାହେବଙ୍କ ସହିତ ଦେଖା କରିବା ମାତ୍ରେ ସେ କହିଲେ, "Sahu, The Government want to put your scheme into operation. Please put up the file with draft Memorandum to the council of Minister" ମୁଁ ଏହା ଶୁଣି ଅତି ଆନନ୍ଦ ଓ ଉତ୍ସାହର ସହିତ ଧନ୍ୟବାଦ ଦେଇ ପ୍ରସ୍ଥାନ କଲି ଓ ମୋ କାର୍ଯ୍ୟରେ ଲାଗି ପଡ଼ିଲି ।

ମୁଁ ଯେଉଁ ସଡକ ପରିବହନ ଯୋଜନା ପ୍ରସ୍ତୁତ କରିଥିଲି ତାକୁ ପୁଣି ଥରେ ଭଲ ଭାବେ ସମୀକ୍ଷା କରି ଯାହା କିଛି ଦରକାର ଭାବିଲି ତାକୁ ସଂଯୋଗ କରି ଗୋଟିଏ Draft memorandum ତିଆରି କରି ତାକୁ ଆମ ଉପ ଶାସନ ସଚିବ ସୋହିନୀ ସାହେବଙ୍କ ନିକଟରେ ଉପସ୍ଥାପନ କରି କହିଲି "କଂଗ୍ରେସ ସରକାର ମୋର ଏ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ରାଜି ଅଛନ୍ତି ବୋଲି ଶିବ ରମଣ ସାହେବ କହିଲେ । ମୋତେ ଏ ଫାଇଲ ତାଙ୍କ ନିକଟକୁ ପଠାଇବାକୁ କହିଛନ୍ତି । ଆପଣ ଏ ଫାଇଲଟିକୁ ସୁପାରିଶ କରି ଶିବରମଣ ସାହେବଙ୍କ ନିକଟକୁ ପଠାଇ ଦିଅନ୍ତୁ । "ସେ ସେହି ଫାଇଲକୁ ରଖିଲେ ଏବଂ ତଦନୁସାରେ ପଠାଇବେ ବୋଲି କହିଲେ । ଫାଇଲଟି ଶିବ ରମଣ ସାହେବଙ୍କ ନିକଟକୁ ଗଲା ପରେ ସେ ସେହି ଯୋଜନା ଉପରେ ତାଙ୍କର ଦୁଇ ପୃଷ୍ଠା ସମ୍ବଳିତ ମନ୍ତବ୍ୟ ଲେଖି ଫାଇନାନ୍ସ ଡ଼ିପାର୍ଟମେଣ୍ଟ (ଅର୍ଥ ବିଭାଗ)କୁ ପଠାଇ ଦେଲେ । ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗରେ ସେ ସମୟରେ ରାୟ ବାହାଦୂର ନିଶାମଣି ମହାନ୍ତି ଅତିରିକ୍ତ ଶାସନ ସଚିବ ଥିଲେ । ସେ କେତେ ଦିନ ପରେ ଶିବ ରମଣ ସାହେବଙ୍କୁ କହିଲେ ଯିଏ ଏହି ଯୋଜନା ପ୍ରସ୍ତୁତ କରିଛନ୍ତି ତାକୁ ତାଙ୍କ ନିକଟକୁ ପଠାଇଲେ ସେ ଏ ଯୋଜନା ତାଙ୍କୁ ବୁଝାଇ ଦେବେ ଓ ତାଙ୍କର ଯାହା ପ୍ରଶ୍ନ ଅଛି ତାର ଉତ୍ତର ଦେଲେ ସେ ଏ ଯୋଜନାକୁ ବିଚାର କରିବେ । ଶିବ ରମଣ ସାହେବ ମୋତେ ଏକଥା କହି ରାୟ ବାହାଦୂର ନିଶାମଣି ମହାନ୍ତିଙ୍କ ନିକଟକୁ ପଠାଇଲେ । ନିଶାମଣି ବାବୁ ସେ ଯୋଜନାକୁ ତନ୍ନ ତନ୍ନ କରି ପରୀକ୍ଷା କଲେ ଓ ମୋତେ ଅନେକ ପ୍ରଶ୍ନ ପଚାରି ତାର

Digitized by srujanika@gmail.com

ଉତ୍ତରରେ ସେ ସନ୍ତୁଷ୍ଟ ହେଲେ ଯାଇ ଅନ୍ୟ ପ୍ରଶ୍ନ ପଚାରୁଥାନ୍ତି । ସେହି ଯୋଜନାରେ କେତେଗୁଡ଼ିଏ ଚାକିରୀ ସୃଷ୍ଟି କରିବା ପାଇଁ ଥିଲା । ସେ ପ୍ରାୟ ସବୁ ଗୁଡ଼ିକର ଦରମା କାହିଁକି ଏତେ ବେଶି କରିଛ ବୋଲି ପ୍ରଶ୍ନ କରିଥିଲେ । ଯଥା–ସେକାଳେ ସରକାରୀ ଡ୍ରାଇଭରଙ୍କ ଦରମା ଥିଲା କେବଳ ମାସିକ ତିରିଶ ଟଙ୍କା । ମୁଁ ମୋ ଯୋଜନାରେ ତାକୁ ମାସିକ ଷାଠିଏ ଟଙ୍କା କରିଥିଲି । ସେ ମୋତେ ପଚାରିଲେ "ଆମ ଡ୍ରାଇଭର ମାନଙ୍କୁ ତିରିଶ ଟଙ୍କା ଦରମା ଦିଆ ଯାଉଛି । ତୁମେ କାହିଁକି ଡ୍ରାଇଭର ଦରମା ଷାଠିଏ ଟଙ୍କା କରିଛ ?" ତାର ଉତ୍ତରରେ ମୁଁ କହିଲି "ସରକାରୀ ଗାଡ଼ି ଡ୍ରାଇଭରମାନଙ୍କ କାମ ତୁଳନାରେ ଗୋଟିଏ ବାସ୍ ଡ୍ରାଇଭର ଯେକି ପଚାଶ ଜଣ ଯାତ୍ରୀଙ୍କର ଜୀବନ ତା ହାତ ମୁଠାରେ ରଖି ଗାଡ଼ି ଚଳାଇବ, ତାର କାମ ଯଥେଷ୍ଟ ଅଧିକ, ଦାୟୀତ୍ୱ ମଧ୍ୟ ତଦ୍ରୂପ । ତାକୁ ଦିନକୁ ଅନ୍ତତଃ ଆଠ ଘଣ୍ଟା ଗାଡ଼ି ଚଳାଇବାକୁ ହେବ । ତେଣୁ ସେହି ବସ୍ ଡ୍ରାଇଭର ଦରମା ସହିତ ଆମ ସରକାରୀ ଅନ୍ୟ ଗାଡ଼ି ଡ୍ରାଇଭର ଚାକିରୀ ଓ ଦରମାକୁ ତୁଳନା କରଯାଇ ନପାରେ ।" ସେହି ପରି ଷ୍ଟେସନ ମାଷ୍ଟର ଚାକିରୀ ପାଇଁ ମୁଁ ସତୁରୀ ଟଙ୍କା ଦରମା ଲେଖିଥିବା ଦେଖି ସେ କହିଲେ, "ସଚିବାଳୟର ବି:ଏ: ପାଶ୍ କରିଥିବା ଏଲ୍. ଡ଼ି. ଆସିଷ୍ଟାଣ୍ଟ ଜଣଙ୍କର ଦରମା ମାତ୍ର ପଇଞ୍ଚାଳିଶ ଟଙ୍କା ହେବା ସମୟରେ (ସେ ସମୟରେ ଥିଲା) ତୁମେ ଷ୍ଟେସନ୍ ମାଷ୍ଟରମାନଙ୍କର କି ଯୋଗ୍ୟତା ରଖିବାକୁ ହେବ ବୋଲି ଭାବିଛ ?" ମୁଁ କହିଲି "ଗୋଟିଏ ପରିବହନ ବିଭାଗର ଷ୍ଟେସନ୍ ମାଷ୍ଟରଙ୍କ ଦାୟିତ୍ୱକୁ ଗୋଟିଏ ଏଲ୍ ଡ଼ି. ଆସିଷ୍ଟାଣ୍ଟ ସହିତ ତୁଳନା କରଯାଇ ନପାରେ । ଷ୍ଟେସନ ମାଷ୍ଟର ସରକାରଙ୍କ ଯାନବାହାନ ଚଳାଚଳର ଜଣେ ମୁଖ୍ୟ କର୍ତ୍ତୃତ୍ୱ-ଧାରୀ ହେବ । କାରଣ ଷ୍ଟେସନ୍ ମାଷ୍ଟରଙ୍କୁ ଅଫିସ ଦାୟିତ୍ୱ ତୁଲାଇବା ଠାରୁ ଗୋଟିଏ ପରିବହନ ଇଉନିଟ୍‌ର ସମ୍ପୂର୍ଣ୍ଣ ଦାୟୀତ୍ୱ ନେବା ସଙ୍ଗେ ସଙ୍ଗେ ଟଙ୍କା ପଇସାର ଦାୟୀତ୍ୱ ମଧ୍ୟ ନେବାକୁ ହେବ । ତେଣୁ ସେପରି ଜଣେ କର୍ମଚାରୀଙ୍କୁ ମାସିକ ସତୁରୀ ଟଙ୍କା ଦରମା କିଛି ବେଶି ନୁହେଁ ।" ସେହିପରି D T. M. (District Transport Manager) ଙ୍କ ଦରମା ବିଷୟରେ ମଧ୍ୟ ଯୁକ୍ତି ତର୍କ ହୋଇଥିଲା । ମୋତେ ଏହି ଯୋଜନାଟିକୁ ସ୍ୱର୍ଗତ ନିଶାମଣି ବାବୁଙ୍କୁ ପୁରା ଦୁଇ ଦିନ ଅଫିସ୍ ଟାଇମ୍‌ରେ ବୁଝାଇବାକୁ ପଡ଼ିଥିଲା । ସେ ଯେତେବେଳେ ଯୋଜନାଟିକୁ ଟିକିନିଖି ସମୀକ୍ଷା କଲେ, ତେବେ ଯାଇ ସେ ମନ୍ତ୍ରୀ ପରିଷଦକୁ

Digitized by srujanika@gmail.com

ହୋଇଥିବା ସ୍ମାରକ ପତ୍ରକୁ ଅନୁମୋଦନ କରି ଆମ ବିଭାଗକୁ ପଠାଇ ଦେଲେ । ଶିବରମଣ ସାହେବ ତାକୁ ଆମ ମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ନିକଟକୁ ପଠାଇଲେ ଓ ନବ ବାବୁ ତାକୁ ମହତାବ ବାବୁଙ୍କ ଅନୁମୋଦନ ପାଇଁ ପଠାଇଲେ । ତେବେ ଯାଇ ତାହା ମୁଖ୍ୟ ଶାସନ ସଚିବଙ୍କ ଅଫିସରୁ ସମସ୍ତ ମନ୍ତ୍ରୀଙ୍କୁ ସର୍କୁଲେଟ୍ କରଯାଇଥିଲା । ତାର କେତେ ଦିନ ପରେ ମନ୍ତ୍ରୀ ମଣ୍ଡଳରେ ଆଲୋଚନା ହୋଇ ମୋର ଯୋଜନାଟି ଅନୁମୋଦିତ ହୋଇଗଲା ।

ଏ ଯୋଜନାଟି କାର୍ଯ୍ୟକାରୀ କରିବାକୁ ଭାରତୀୟ ମୋଟର ଭେଇକିଲ ଆକ୍ଟର କେତୋଟି ଧାରାକୁ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ଦେଢବର୍ଷ ସମୟ ଲାଗିଥିଲା । Indian Motor Vehicle Act-ଟି ଭାରତ ସରକାରଙ୍କ ଅଧୀନସ୍ଥ ହୋଇଥିବାରୁ ତାର ଧାରା ଅଦଳ ବଦଳ କେବଳ ଭାରତୀୟ ସଂସଦ (Indian Parliament) ଦ୍ୱାରା କରିବାକୁ ହୋଇଥିଲା । ତାପରେ ସେହି Indian Motor Vehicle Act ଧାରା ପରିବର୍ତ୍ତନ ହୋଇ Orissa Motor Vehicle Rulesର କେତୋଟି ଧାରା ପରିବର୍ତ୍ତନ କରି ଓଡ଼ିଶା ବିଧାନ ସଭାର ଅନୁମୋଦନ ଲାଭ କରିବାକୁ ହୋଇଥିଲା । ଯାହାଦ୍ୱାରା ଓଡ଼ିଶାର କେତେଗୁଡ଼ିଏ ସଡ଼କରେ କେବଳ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ଗାଡ଼ି ଚାଲି ପାରିବ । ଏ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବା ସମୟକୁ ୧୯୪୮ ମସିହାର ପ୍ରାରମ୍ଭ । ଏ ମଧ୍ୟରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଠାରୁ ଭାରତବର୍ଷ ସ୍ୱାଧୀନତା ଲାଭ କରି ସାରିଥାଏ । ୧୯୪୮ ମସିହା ଜାନୁୟାରୀ ପହିଲା ଠାରୁ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ କେବଳ ଷଢ଼େଇକଳା ବ୍ୟତୀତ ଅନ୍ୟସବୁ ଓଡ଼ିଶା ରାଜ୍ୟ ସହିତ ସମ୍ମିଳିତ ହେଲା । ଏତିକି ବେଳକୁ ଆମ ବିଭାଗରେ Special Officer, Transport cum-Secretary State Transport Authority ଭାବେ କାର୍ଯ୍ୟ କରୁଥିବା ସି. ଏଚ୍. ବାଉଡେନ ସାହେବ ଭାରତୀୟ ରେଲୱେ ସର୍ଭିସରେ ନିଯୁକ୍ତି ପାଇ ସେହି ବର୍ଷ ଜାନୁୟାରୀ ମାସ ଛଅ ତାରିଖରେ ରେଲୱେ ବିଭାଗର କଲିକତାସ୍ଥ ଗାର୍ଡେନରିଚ୍ ମୁଖ୍ୟ କାର୍ଯ୍ୟାଳୟରେ ଯୋଗ ଦେବାକୁ ଥିଲା । ସେ ଆମ ବିଭାଗ ଛାଡ଼ିବେ ବୋଲି ପ୍ରାୟ ମାସେ ଆଗରୁ ଜଣା ଯାଇଥିଲା କିନ୍ତୁ ତାଙ୍କ ସ୍ଥାନରେ କିଏ ସେ ଆସିବେ ସେ କଥା ଆମ ଅଫିସରେ କେହି ଜାଣି ନଥିଲେ, ଏପରିକି ନିଜେ ବାଉଡେନ୍ ସାହେବ ମଧ୍ୟ

Digitized by srujanika@gmail.com

ତାହା ଜାଣି ନଥିଲେ । ମୋର ବନ୍ଧୁ କେତେଜଣ ମୋତେ କହିଥିଲେ ସେ ପଦବୀ ପାଇଁ ମୋତେ ଚେଷ୍ଟା କରିବାକୁ । ମୁଁ ସେମାନଙ୍କୁ କହିଥିଲି "ଯଦି ଶିବରମଣ ସାହେବ ମନେ କରିବେ ଯେ ମୁଁ ସେ ପଦବୀ ପାଇଁ ଉପଯୁକ୍ତ, ତାହେଲେ ମୁଁ ସେ ପଦବୀ ପାଇବି, ନଚେତ୍ ଆଉ ଜଣେ ଯୋଗ୍ୟ ବ୍ୟକ୍ତି ସେ ପଦବୀକୁ ଆସିବେ । ମୁଁ ଶିବରମଣ ସାହେବଙ୍କୁ ଯେପରି ଜାଣିଥିଲି ସେ କାହାରି କଥା ଶୁଣିବାର ବ୍ୟକ୍ତି ନଥିଲେ । ସେ ଜଣେ ଅତି ବୁଦ୍ଧିମାନ ଓ ଦକ୍ଷ ପ୍ରଶାସନିକ ଅଫିସର ଥିଲେ । ତାଙ୍କ ନିକଟକୁ କେହି ସହଜରେ ପ୍ରବେଶ କରି ପାରୁ ନଥିଲେ । ଏଣେ ବଉଡେନ ସାହେବ ଜାନୁଯାରୀ ଚାରି ତାରିଖ ପର୍ଯ୍ୟନ୍ତ ସେ ବିଷୟରେ କିଛି ଜାଣି ନ ପାରିବାରୁ ବଡ଼ ବ୍ୟସ୍ତ ହେଉଥିଲେ । କାରଣ ତାଙ୍କୁ ପାଞ୍ଚ ତାରିଖ ସୁଦ୍ଧା ଓଡ଼ିଶା ଛାଡ଼ିବାକୁ ଦରକାର ଥିଲା । ଚାରି ତାରିଖ ଦିନ ଅପରାହ୍ଣ ପ୍ରାୟ ଚାରିଟା ସମୟରେ ବଡ ସାହେବଙ୍କ ଅର୍ଦ୍ଦଳୀ ମୋ ନିକଟକୁ ଆସି କହିଲା "ବଡ ସାହେବ ଆପଣଙ୍କୁ ସଲାମ ଦେଇଛନ୍ତି, ଆସନ୍ତୁ ।" ମୁଁ କଣ କାମ ଥିବ ଭାବି ତାଙ୍କ କୋଠରୀ ନିକଟକୁ ଯାଇ "May I come in Sir" ବୋଲି କହିବାରୁ ସେ କହିଲେ "Come in Sahu, I am promoting you to the post of Special Officer and I expect good results." ଅର୍ଥାତ୍ "ଭିତରକୁ ଆସ ସାହୁ । ମୁଁ ତୁମଙ୍କୁ ସ୍ପେଶାଲ ଅଫିସର ପଦବୀକୁ ପଦୋନ୍ନତି ଦେଉଛି ଓ ତୁମଠାରୁ ଭଲ ପରିଣାମ ଆଶା କରୁଛି ।" ମୁଁ ତାଙ୍କୁ କହିଲି,"Sir, thank you very much, I will try to do my best" ଅର୍ଥାତ୍ "ଆପଣଙ୍କୁ ବହୁତ ଧନ୍ୟବାଦ । ମୁଁ ଯଥାସାଧ୍ୟ ଭଲ କାମ କରିବାକୁ ଚେଷ୍ଟା କରିବି ।" ଏତକ କହି ମୁଁ ତାଙ୍କ ଠାରୁ ବିଦାୟ ନେଇ ବଉଡେନ ସାହେବଙ୍କୁ ଯେମିତି ଏକଥା ଜଣାଇଲି, ସେ ମୋତେ କୁଣ୍ଢାଇ ପକାଇ କହିଲେ "ମୁଁ ଭାବୁଥିଲି ତୁମେ ନିଶ୍ଚୟ ମୋ ପଦବୀକୁ ଉନ୍ନୀତ ହୋଇ ମୋ କାର୍ଯ୍ୟଭାର ମୋ ଠାରୁ ଗ୍ରହଣ କରିବ ।" ତା ପରଦିନ ସକାଳୁ ଅଫିସ ସମୟରେ ତାଙ୍କର ଦାୟିତ୍ୱ ମୁଁ ଗ୍ରହଣ କଲି ଓ ଅଫିସର ସମସ୍ତେ ଆସି ମୋତେ ସମ୍ବର୍ଦ୍ଧନା ଜଣାଇଲେ । ସେହି ଦିନ ଚାରିଟା ବେଳେ ବଉଡେନ ସାହେବଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।

୧୯୪୮ ମସିହା ପ୍ରାରମ୍ଭରୁ ଯେତେବେଳେ ଗଡ଼ଜାତ ମିଶ୍ରଣ ହେଲା ସେତେବେଳକୁ କେତେକ ଦେଶୀୟ ରାଜ୍ୟ ଗୁଡ଼ିକର ନିଜ ନିଜ ଯାତ୍ରୀ ପରିବହନ

Digitized by srujanika@gmail.com

ବ୍ୟବସ୍ଥା ଥିଲା, କିମ୍ବା ଆରମ୍ଭ ହେବାକୁ ଥିଲା । ଏହି ସବୁ ଦେଶୀୟ ରାଜ୍ୟଗୁଡ଼ିକୁ ଓଡ଼ିଶା ସରକାରଙ୍କ ଅଧୀନକୁ ଆଣିବାପାଇଁ କେତେ ଜଣ ବରିଷ୍ଠ ଅଫିସରଙ୍କୁ ସେହି ରାଜ୍ୟ ଗୁଡ଼ିକର Administrator (ପ୍ରଶାସକ) ଭାବରେ ନିଯୁକ୍ତ କରାଗଲା । ସେମାନେ ସେହି ରାଜ୍ୟ ଗୁଡ଼ିକର ଜିଲ୍ଲା ମାଜିଷ୍ଟ୍ରେଟ ଓ କଲେକ୍ଟର ଭାବରେ କାର୍ଯ୍ୟ କରିବା ସହିତ ଆଉ ସେମାନଙ୍କୁ ଅଧିକ କିଛି କ୍ଷମତା ଦିଆ-ଯାଇଥିଲା । ମୁଁ ଏହି ସ୍ପେସିଆଲ ଅଫିସର ଦାୟୀତ୍ୱ ଗ୍ରହଣ କରିବା ଅଳ୍ପ ଦିନ ମଧ୍ୟରେ ଶିବରମଣ ସାହେବ ମୋତେ ଡାକି କହିଲେ "ସାହୁ, ବଲାଙ୍ଗୀର, ବାମଣ୍ଡା, କଳାହାଣ୍ଡି, କେଉଁଝର ଓ ସୁନ୍ଦରଗଡ଼ ଏପରି ପାଞ୍ଚଟି ଗଡ଼ଜାତ ରାଜ୍ୟରେ ସେମାନଙ୍କର ନିଜର ଯାତ୍ରୀ ପରିବହନ ବ୍ୟବସ୍ଥା ଅଛି ବୋଲି ମୁଁ ରିପୋର୍ଟ ପାଇଲି ଓ ତୁମେ ସେ ସ୍ଥାନମାନଙ୍କୁ ଯାଇ ସେଠାରେ ଯାହା ବ୍ୟବସ୍ଥା ଅଛି ଦେଖିବ ଓ ତୁମେ ଯାହା ଯୋଜନା କରିଛ ଏହି ବ୍ୟବସ୍ଥା ଗୁଡ଼ିକୁ ତୁମ ଯୋଜନାର ପରିସରଭୁକ୍ତ କରିବ । ଯାହା ହେଉ, ତୁମ ଯୋଜନା ଏତେ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମୁଁ ମଧ୍ୟ କଳ୍ପନା କରି ନ ଥିଲି । ତୁମେ ଏ ସ୍ଥାନ-ଗୁଡ଼ିକୁ ଗସ୍ତରେଯାଇ ଶୀଘ୍ର କାର୍ଯ୍ୟ ଆରମ୍ଭ କରିଦିଅ ।" ଏହା ଶୁଣି ମୁଁ ଅତି ଉତ୍ସାହର ସହିତ କାର୍ଯ୍ୟରେ ଲାଗିପଡ଼ିଲି ଓ ସେହି ସ୍ଥାନ ଗୁଡ଼ିକୁ ଗସ୍ତରେ ବାହାରିଲି ।

ପ୍ରଥମେ ମୁଁ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ମହକୁମାକୁ ଯିବାର ଗସ୍ତକ୍ରମ ଆଗରୁ ପଠାଇ ତାପରେ ବାହାରିଲି । ସେ ସମୟରେ ଶ୍ରୀ ଗୁରୁଚରଣ ଲାଲ ଢୋନେଢା ଆଇ.ଏ.ଏସ୍ ବଲାଙ୍ଗୀରର ଓ ଶ୍ରୀରାମ ମୂର୍ତ୍ତି ଆଇ.ଏ.ଏସ୍ କଳାହାଣ୍ଡି ଜିଲାର ପ୍ରଶାସକ ଥିଲେ । ପ୍ରଥମେ ବଲାଙ୍ଗୀର ଯାଇ ଶ୍ରୀ ଢୋନେଢାଙ୍କ ସହିତ ଦେଖାକରି ସେଠାରେ ଆଗରୁ ଚାଲୁଥିବା ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଦେଖିଲି । ସେ ସମୟରେ ଏଥିରେ ଦୁଇ ତିନିଟା ବସ୍‌ଥିଲା ଓ କେତୋଟି ଟ୍ରକ ଯୋଗେ ଯାତ୍ରୀମାନଙ୍କୁ ବୁହାଯାଉଥିଲା । କେବଳ ତିନୋଟି ରାସ୍ତା, ଯଥା— ବଲାଙ୍ଗୀର-ଟିଟିଲାଗଡ, ବଲାଙ୍ଗୀର-ପାଟଣାଗଡ଼ ଓ ବଲାଙ୍ଗୀର—ସୋନପୁର ରାସ୍ତାରେ ଯାତ୍ରୀ ପରିବହନ କରାଯାଉଥିଲା । ବଲାଙ୍ଗୀରରେ ମୁଁ ଦୁଇ ତିନି ଦିନ ଅବସ୍ଥାନ କରି ଭବାନୀପାଟଣା ଗଲି । ସେଠାରେ ମୂର୍ତ୍ତିସାହେବଙ୍କୁ ଦେଖାକରି ତାଙ୍କର ଯାତ୍ରୀ ପରିବହନ ବ୍ୟବସ୍ଥା ଦେଖିଲି । ସେଠାରେ ମଧ୍ୟ ଗୋଟିଏ କି ଦୁଇଟି ବସ୍‌ଥିଲା, ଯାହା ମୁଖ୍ୟତଃ ଭବାନୀପାଟଣା-କେସିଙ୍ଗା ଓ ଭବାନୀପାଟଣା

Digitized by srujanika@gmail.com

ଜୁନାଗଡ଼ ରାସ୍ତାରେ ଯାତାୟତ କରୁଥିଲା । ଏହି ଉଭୟ ସଂସ୍ଥାରେ ତତ୍କାଳୀନ ଦାୟିତ୍ୱରେ ଥିବା ଅଫିସରମାନଙ୍କ ସହିତ ପରାମର୍ଶ କରି ଓ ସେମାନଙ୍କର ସଂସ୍ଥାପାଇଁ କେତୋଟି ଯାତ୍ରୀବାହିଗାଡ଼ି ଓ ସେ ଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତିପାଇଁ କେତେ କାରୀଗର ଓ ସରଞ୍ଜାମ ଦରକାର ତାକୁ ଟିକିନିଖି ଯାଞ୍ଚ କରି ମୁଁ କଟକ ଫେରିଆସି ମୋ ପୂର୍ବ ଯୋଜନା ଢାଞ୍ଚାରେ ଏହି ଦୁଇଟି ସଂସ୍ଥାକୁ ରୂପ ଦେଇଥିଲି । ତାପରେ ବାମଣ୍ଡା ଓ ସୁନ୍ଦରଗଡ଼ଯାଇ ସେଠାର ଯାତ୍ରୀ ପରିବହନ ବ୍ୟବସ୍ଥା ଦେଖି ସେହିପରି ଅତିକ୍ଷୁଦ୍ର ସଂସ୍ଥାଗୁଡ଼ିକୁ ମୋର ଯୋଜନା ଅନ୍ତର୍ଭୁକ୍ତ କରି ସେମାନଙ୍କର ଆବଶ୍ୟକୀୟ ଯାତ୍ରୀବାହୀ ମୋଟରଗାଡ଼ି, ରକ୍ଷଣା ବେକ୍ଷଣ ସରଞ୍ଜାମ, କାରୀଗର ଓ ପରିଚାଳକ ଇତ୍ୟାଦି ପାଇଁ ଓଡ଼ିଶା ସରକାରଙ୍କର ମଞ୍ଜୁରୀ କରାଇଥିଲି । ଶେଷରେ କେଉଁଝର ଯାଇ ସେଠାକାର ପ୍ରଶାସକ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଆଇ.ଏ.ଏସ୍‌ଙ୍କ ସହିତ ପରାମର୍ଶ କରି ସେଠାରେ ସଡ଼କ ପରିବହନ ସଂସ୍ଥାପାଇଁ କିଛି କାର୍ଯ୍ୟ ଆରମ୍ଭ ହୋଇଥିବାର ଦେଖିଲି । ସେ ସଂସ୍ଥାରେ ସେସମୟରେ ମଧୁସୂଦନ ପଟ୍ଟନାୟକ ନାମକ ଜଣେ ଅଫିସର ମେନେଜରରୂପେ ତତ୍କାଳୀନ ରାଜାଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ ହୋଇଥିଲେ ଓ ଆଉ କେତୋଟି ଗାଡ଼ି କିଣିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସଂସ୍ଥାକୁ ମଧ୍ୟ ମୋ ଯୋଜନା ଅନୁସାରେ ପରିବର୍ତ୍ତନକରି ଓଡ଼ିଶା ସରକାରଙ୍କ ଅନୁମୋଦନ ପ୍ରାପ୍ତ ହେବାପରେ ତାକୁ କାର୍ଯ୍ୟରେ ପରିଣତ କରାଯାଇଥିଲା । ଏହିପରି ଭାବରେ ଓଡ଼ିଶା ସରକାର ପ୍ରଥମକରି ୧୯୪୮ ମସିହା ଅକ୍ଟୋବର ପହିଲା ତାରିଖଠାରୁ ଉପରୋକ୍ତ ପାଞ୍ଚୋଟି ସ୍ଥାନରେ ରାଜ୍ୟ ପରିବହନ ସେବା ଆରମ୍ଭ କରିଥିଲେ । ଏଗୁଡ଼ିକୁ ଠିକ୍ ସରକାରୀ ଢାଞ୍ଚାରେ ଯୋଜନା ଅନ୍ତର୍ଭୁକ୍ତ କରି ପରିଚାଳନା କରିବାକୁ ମୋତେ ବହୁତ ପରିଶ୍ରମ କରିବାକୁ ପଡୁଥିଲା । ଏଥିଲାଗି ମୁଁ ଅନେକ ସମୟରେ ଗସ୍ତରେ ଯିବାକୁ ପଡୁଥିଲା । ମୋତେ ଉଭୟ ସରକାରଙ୍କ ପରିବହନ ସ୍ୱତନ୍ତ୍ର ଅଧିକାରୀ ଓ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (State Transport Authority)ର ସମ୍ପାଦକ ହିସାବରେ ମଧ୍ୟ କାର୍ଯ୍ୟଭାର ତୁଲାଇବାକୁ ପଡୁଥିଲା । ମୋର ଏପରି କାର୍ଯ୍ୟବ୍ୟସ୍ତତା ଦେଖି ଶିବରମଣ ସାହେବ ମୋ ପ୍ରତି ଦୟା ପରବଶ ହୋଇ ଦିନେ କହିଲେ "ସାହୁ, ତୁମେ ଭାରି କାର୍ଯ୍ୟବ୍ୟସ୍ତ ରହୁଛ ଓ ଏକଲା ଏ ସମସ୍ତ କାର୍ଯ୍ୟ ତୁଲାଇବା ବହୁତ କଷ୍ଟ ହେଉଥିବ, ମୁଁ ଜାଣିପାରୁଛି । ତେଣୁ ମୁଁ ଆମ ବିଭାଗରେ ଜଣେ ଅନୁଶାସନ ସଚିବ (Under Secretary) ନିଯୁକ୍ତ

Digitized by srujanika@gmail.com

କରିବାକୁ ଚାହୁଁଛି । ତୁମର ମତ କଣ ?" ମୁଁ କହିଲି "ସାର୍, ତାହା ହେଲେ ମୁଁ ବାହାର କାମ ଗୁଡ଼ିକ ଭଲଭାବରେ କରି ପାରନ୍ତି । ସେ ମୋର ସଚିବାଳୟ କାର୍ଯ୍ୟଭାର ତୁଲାନ୍ତେ ।" ସେ କହିଲେ "ମୁଁ ଖୋର୍ଦ୍ଧା ଏସ୍.ଡ଼ି.ଓ. ଶ୍ରୀ ଏମ୍. ରାମକ୍ରିଷ୍ଣୟା ଆଇ.ଏ.ଏସ୍.ଙ୍କୁ ଆମ ବିଭାଗର Under Secretary କରି ଆଣିବାକୁ ଚାହୁଁଛି ।" ଏହା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି । ରାମକ୍ରିଷ୍ଣୟା ସାହେବ ଆମ ବିଭାଗରେ ଅବସ୍ଥାପିତ ହେଲାପରେ ତାଙ୍କୁ ଆମ ବିଭାଗର କାର୍ଯ୍ୟ ବିଷୟରେ ଅବଗତ କରାଇଥିଲି । ଏହା ତାଙ୍କର ପ୍ରଥମ ସଚିବାଳୟ କାର୍ଯ୍ୟ ହୋଇଥିଲା । ରାମ କ୍ରିଷ୍ଣୟା ସାହେବ ଜଣେ ଅତି ଉତ୍ତମ ଓ ଦକ୍ଷ ଅଫିସର୍ ଥିଲେ । ମୋତେ ସେ ବହୁତ ଭଲ ପାଉଥିଲେ । କାରଣ ସେ ତେଲୁଗୁ ଲୋକ ହୋଇଥିବାରୁ ଓ ମୁଁ ତେଲୁଗୁ ଭାଷା ଭଲରୂପେ ଜାଣିଥିବାରୁ ଆମ ଦୁହିଁଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ସ୍ଥାପନ ହୋଇଥିଲା । ସେ ଆମ ବିଭାଗର ଡେପୁଟି ସେକ୍ରେଟାରୀ ହୋଇ ତାପରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ସଚିବ ହୋଇଥିଲେ । ଶେଷରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ହୋଇ ଭାରତ ସରକାରଙ୍କ ଅଧୀନକୁ ଯାଇଥିଲେ । ସେ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ହୋଇ ଶେଷରେ ନାବାର୍ଡ଼ର ଚେୟାରମେନ୍ ହୋଇ ଅବସର ନେଲେ । ଏପର୍ଯ୍ୟନ୍ତ ତାଙ୍କର ମୋ ପ୍ରତି ଗଭୀର ଶ୍ରଦ୍ଧା ରହିଛି । ମୋ ପିଲାମାନଙ୍କ ବିଭାଘର ଓ ତାଙ୍କ ପିଲାମାନଙ୍କ ବିଭାଘର ସମୟରେ ତାଙ୍କ ମୋ ମଧ୍ୟରେ ନିମନ୍ତ୍ରଣ ପତ୍ର ଆଦାନ ପ୍ରଦାନ ହୋଇଥିଲା ।

୧୯୫୧ ମସିହାରେ ଆମ ଯୋଗାଣ ଓ ପରିବହନ ବିଭାଗ ଭୁବନେଶ୍ୱର ସଚିବାଳୟକୁ ସ୍ଥାନାନ୍ତରିତ ହୋଇଥିଲା । ସେ ସମୟରେ ମୋତେ ମଧ୍ୟ ଭୁବନେଶ୍ୱର ସଚିବାଳୟରେ ଅଳ୍ପ କେତେ ଦିନ କାର୍ଯ୍ୟ କରିବାକୁ ପଡ଼ିଥିଲା । ତାପରେ ଗୋଟିଏ ବିଭାଗୀୟ ମୁଖ୍ୟ ପଦବୀ ସୃଷ୍ଟି ହୋଇ ପରିବହନ ସଂସ୍ଥାକୁ ତାଙ୍କ ଅଧୀନରେ କଟକଠାରେ ଅବସ୍ଥାପିତ କରା ଯାଇଥିଲା । ସେଥିରେ ମୋତେ ସହକାରୀ ପରିବହନ ନିୟନ୍ତ୍ରକ ଓ ରାଜ୍ୟ ପରିବହନ କର୍ତ୍ତୃପକ୍ଷର ସମ୍ପାଦକ Assistant Transport Controller-cum-Secretary, State Transport Authority ପଦବୀରେ ପରିବର୍ତ୍ତିତ ନିଯୁକ୍ତି ଦିଆଯିବା ଦ୍ୱାରା ମୋତେ କଟକକୁ ଫେରି ଆସିବାକୁ ହୋଇଥିଲା ।

Digitized by srujanika@gmail.com

୧୯୪୮ ମସିହା ଜାନୁୟାରୀ ଛଅ ତାରିଖ ଦିନ ମୁଁ ଯେତେବେଳେ Secretary, State Transport Authority ପଦରେ ଯୋଗ ଦେଲି ସେତେବେଳେ ରାୟବାହାଦୂର ସାମୁଏଲ୍ ଦାସ State Transport Authorityର Chairman ଥିଲେ । ତାଙ୍କପରେ ସ୍ୱର୍ଗତ ନୀଳମଣି ସେନାପତି ଆଇ.ସି.ଏସ୍. ଏହି ପଦବୀ ଅଳଙ୍କୃତ କରିଥିଲେ । ତାପରେ ଶ୍ରୀଯୁକ୍ତ କପିଳା ନାମକ ଜଣେ ଆଇ.ଏ.ଏସ୍ ଅଫିସର ସେ ପଦବୀରେ କିଛି ଦିନ ରହିବାପରେ ୧୯୫୦ ମସିହା ବେଳକୁ ତତ୍‌କାଳୀନ ଯୋଗାଣ ଓ ପରିବହନ ବିଭାଗର ଶାସନ ସଚିବ ଶ୍ରୀ ରତ୍ନାକର ଷଡ଼ଙ୍ଗୀ ଆଇ.ଏ.ଏସ୍ ଉକ୍ତ ପଦବୀ ମଣ୍ଡନ କରିଥିଲେ । ତାଙ୍କପରେ ୧୯୫୧ ମସିହାରେ ଯେତେବେଳେ ପରିବହନ ବିଭାଗକୁ ସଚିବାଳୟରୁ ଅନ୍ତର କରିଦିଆଗଲା ତହିଁରେ ପ୍ରଥମ ବିଭାଗୀୟ ମୁଖ୍ୟ ଭାବରେ ସ୍ୱର୍ଗତ ଏମ୍.ଏ.ଖାନ୍.ଆଇ.ପି ତତ୍‌କାଳୀନ ପୋଲିସ ବିଭାଗର ଡ଼ି.ଆଇ.ଜିଙ୍କୁ ନିଯୁକ୍ତ କରଯାଇଥିଲା । ମୁଁ ତାଙ୍କର ସହକାରୀ Assistant Transport Controller Cum-Secretary, State Transport Authority ଭାବରେ ନିଯୁକ୍ତି ପାଇଥିଲି ।

୧୯୪୮ ଓ ୧୯୪୯ ମସିହାରେ ଗଞ୍ଜାମ ଜିଲ୍ଲାର ଯେତେଗୁଡ଼ିଏ ବସ୍ ସର୍ଭିସ ଥିଲା ସେଗୁଡ଼ିକୁ ରଷ୍ଟ୍ରାୟତ୍ତ କରିବାପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେଥିପାଇଁ ଶ୍ରୀରାମଙ୍କିଷ୍ଟେୟା ଓ ମୁଁ ଗଞ୍ଜାମ ଜିଲ୍ଲାତମାମ ଗସ୍ତକରି କେଉଁଠାରେ O.R.T. Company (Orissa Road Transport Company Ltd.) ମୁଖ୍ୟ କାର୍ଯ୍ୟାଳୟ ଓ ଆଞ୍ଚଳିକ କର୍ଯ୍ୟାଳୟ ପ୍ରତିଷ୍ଠା କରଯିବ ଓ ବିଭିନ୍ନ ସ୍ଥାନରେ ବସ୍ ଷ୍ଟେସନ୍ ଇତ୍ୟାଦି ନିର୍ମାଣ କରିବାପାଇଁ ସ୍ଥାନ ନିରୂପଣ କରିଥିଲୁ । ସେହି ଓ.ଆର୍.ଟି କମ୍ପାନୀପାଇଁ ପ୍ରଥମେ ତିରିଶିଟି ନୂଆ ଯାତ୍ରୀବାହୀ ଗାଡ଼ି କିଣାଯିବାର ବ୍ୟବସ୍ଥା ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ମରମତି ଆଦି କାର୍ଯ୍ୟପାଇଁ ସ୍ଥାନ ନିରୂପଣ, କାରଖାନା ନିର୍ମାଣ ଓ କର୍ମଚାରୀ ନିଯୁକ୍ତି ଇତ୍ୟାଦି କରିବାକୁ ପଡ଼ିଥିଲା । ଏହି ସବୁର ବ୍ୟବସ୍ଥା କରିବା ବେଳକୁ ଓ ଗଞ୍ଜାମ ଜିଲ୍ଲାର କେତୋଟି ସଡ଼କରେ କେବଳ ଓ.ଆର୍.ଟି. କମ୍ପାନୀର ଗାଡ଼ି ଚାଲିବାକୁ ଆଇନ ସଂଶୋଧନ ଇତ୍ୟାଦି ଶେଷ ହେଲା ବେଳକୁ ୧୯୫୦ ମସିହା ପୂର୍ଣ୍ଣ ହୋଇ-ଯାଇଥିଲା । ସେତେବେଳକୁ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ଓ ସ୍ୱର୍ଗତ ସଦାଶିବ ତ୍ରିପାଠୀ ଓଡ଼ିଶାର ଯୋଗାଣ ଓ ପରିବହନ ମନ୍ତ୍ରୀ ଭାବରେ

Digitized by srujanika@gmail.com

କାର୍ଯ୍ୟ କରୁଥିଲେ । ୧୯୫୧ ମସିହା ଜାନୁୟାରୀ ପହିଲା ତାରିଖ ଦିନ ବ୍ରହ୍ମପୁରଠାରେ ଓ.ଆର୍.ଟି କମ୍ପାନୀ ସ୍ଥାପନ କରାଗଲା । ସେଦିନ ସକାଳ ଆଠଟା ସମୟରେ ବ୍ରହ୍ମପୁରର ବାରେକ୍ସ ପଡ଼ିଆରେ ଗୋଟିଏ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଯୋଗାଣ ଓ ପରିବହନ ମନ୍ତ୍ରୀ ସଦାଶିବ ତ୍ରିପାଠୀ ସଭାପତି ଓ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ମୁଖ୍ୟ ଅତିଥି-ଭାବେ ଯୋଗ ଦେଇଥିଲେ । ସେଦିନ ସଭାପରେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ପ୍ରଥମ ଟିକେଟ୍‌ଟି, ସଦାଶିବ ବାବୁ ଦ୍ୱିତୀୟ ଶ୍ରୀ ରାମଚନ୍ଦ୍ର ଷେୟା ତୃତୀୟ ଓ ମୁଁ ନିଜେ ଚତୁର୍ଥ ଟିକେଟ କିଣି ପ୍ରଥମ ବସ୍‌ରେ କିଛି ଦୂରଯାଇ ଫେରି-ଆସିଲୁ । ତାପରେ ଗୋଟିଏ ଛୋଟ ଜଳଯୋଗର ବ୍ୟବସ୍ଥା ହୋଇଥିଲା । ଏହିପରି ଓଡ଼ିଶା ରୋଡ୍ ଟ୍ରାନ୍ସ୍‌ପୋର୍ଟ କମ୍ପାନୀ ଜନ୍ମଲାଭ କରିଥିଲା ଓ ତାର ପ୍ରଥମ ପରିଚାଳକ ହୋଇଥିଲେ କଟକର ଶ୍ରୀ ବଳଭଦ୍ର ପ୍ରସାଦ ଦାସ, ଆଡ୍‌ଭୋକେଟ୍, ଯାହାଙ୍କର ନିଜର ବସ୍ କଟକ ମୋଟର ଆସୋସିଏସନ୍ ଅଧୀନରେ ଚାଲୁଥିଲା ଓ ତାଙ୍କର ବସ ଚଳାଚଳରେ କିଛିଟା ଅଭିଜ୍ଞତା ଥିଲା । ଓଡ଼ିଶା ସଡ଼କ ପରିବହନ କମ୍ପାନୀର ପ୍ରଥମ ବସ୍ ଷ୍ଟେସନ୍ ବ୍ରହ୍ମପୁରର ମ୍ୟୁନିସିପାଲିଟି ନିର୍ମିତ ବାରେକ୍ସ ପଡ଼ିଆ ନିକଟସ୍ଥ ଗୋଟିଏ ଖପରଲିଘରେ ଆରମ୍ଭ ହୋଇଥିଲା ଓ ତାହା ଆଜି ପର୍ଯ୍ୟନ୍ତ ସେହିଠାରେ ହିଁ ରହିଥିଲା । ବ୍ରହ୍ମପୁରଠାରେ ଗୋଟିଏ ସୁନ୍ଦର ବସ୍ ଷ୍ଟେସନ୍ ନିର୍ମାଣ କରିବାପାଇଁ ବହୁଦିନରୁ କଳ୍ପନା କରାଯାଇ ସ୍ଥାନ ନିରୂପଣ କରାଯାଇଥିଲେ ମଧ୍ୟ ସେ କମ୍ପାନୀ କେତେ ବର୍ଷ ହେଲା କ୍ଷତିରେ ଚାଲୁଛି ବୋଲି ତାର କୌଣସି ଉନ୍ନତି ହୋଇପାରୁନାହିଁ । ଏହା ମୋ ପକ୍ଷରେ ଗଭୀର ଦୁଃଖର ବିଷୟ, କାରଣ ମୁଁ ଯେତେ ଦିନ ପର୍ଯ୍ୟନ୍ତ ପରିବହନ ବିଭାଗରେ କାର୍ଯ୍ୟ କରୁଥିଲି ଯଥା–୧୯୬୨ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ରାଜ୍ୟ ସଡ଼କ ପରିବହନ ସେବା କିମ୍ବା ଓଡ଼ିଶା ସଡକ ପରିବହନ କମ୍ପାନୀ କ୍ଷତିରେ ଚାଲୁ ନ ଥିଲା ବରଂ ଭଲ ଲାଭ କରୁଥିଲା । ଏହି ଉଭୟ ସଂସ୍ଥାର ସେ ସମୟର ବାର୍ଷିକ ରିପୋର୍ଟ ସବୁ ଏହାର ପ୍ରମାଣ । ଏହି କ୍ଷତିର ମୂଳ କାରଣ ହେଲା ଓଡ଼ିଶା ସରକାରଙ୍କର ପରିବହନ ନୀତିର ପରିବର୍ତ୍ତନ ଓ କେତେକ କର୍ମଚାରୀମାନଙ୍କର ନୀତିହୀନ କର୍ମ ।

ସ୍ୱର୍ଗତ ଏମ୍.ଏ.ଖାନ୍ ଆଇ.ପି. ଆମ ପରିବହନ ବିଭାଗର ବିଭାଗୀୟ ମୁଖ୍ୟ ହୋଇ କାର୍ଯ୍ୟାରମ୍ଭ କରିବାଠାରୁ ଆମ ପରିବହନ ସଂସ୍ଥାର ଆଞ୍ଚଳିକ ଅଫିସ୍

Digitized by srujanika@gmail.com

ଓ ଇଉନିଟ୍ ଗୁଡ଼ିକୁ ପରିଦର୍ଶନରେ ବାହାରି ସେଗୁଡ଼ିକର ଉନ୍ନତି ସକାଶେ ବହୁ ପରିଶ୍ରମ କରିଥିଲେ । ମୁଁ ମଧ୍ୟ ମୋର କର୍ତ୍ତବ୍ୟ ଉଭୟ ପରିବହନ ସଂସ୍ଥାର ଯାନ୍ତ୍ରୀକ ମୁଖ୍ୟ ହିସାବରେ କରି ଗ୍ଭଲିଥିଲି । ପ୍ରଥମେ ଓଡ଼ିଶା ସଡକ ପରିବହନ ସେବାରେ ମୋଟ ତେଇଆଳିଶ (୪୩)ଟି ବସ୍ ଗ୍ଭଲୁଥିଲା । ତାକୁ ଏକଶତ ପର୍ଯ୍ୟନ୍ତ ଓ ଓ.ଆର.ଟି କମ୍ପାନୀର ବସ୍ ସଂଖ୍ୟା ମଧ୍ୟ ଅଶି ପର୍ଯ୍ୟନ୍ତ ବଢାଯାଇ ପାରିଥିଲା, ସେତେବେଳେ ମୁଁ Secretary, State Transport Authority କାର୍ଯ୍ୟରେ ସେତେଟା ସମୟ ଦେଇପାରୁ ନ ଥିଲି । ତେଣୁ ତାକୁ ମୋଠାରୁ ନେଇ ଅନ୍ୟ ଜଣେ ଅଫିସରଙ୍କୁ ଦେବାକୁ ମୁଁ ପ୍ରସ୍ତାବ କଲି । ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଉ ହେଉ ୧୯୫୩ ସାଲର ମଧ୍ୟଭାଗ ହୋଇଗଲା, କାରଣ ଗୋଟିଏ ସ୍ୱତନ୍ତ୍ର ଅଫିସର ଓ Secretary, State Transport Athority ଗ୍ଭକିରୀ ସୃଷ୍ଟି କରିବାକୁ ପଡ଼ିଥିଲା । ସେହି ଗ୍ଭକିରୀ ସୃଷ୍ଟି ହେବାପରେ ଶ୍ରୀ ନୀଳମଣି ତ୍ରିପାଠୀ ତତ୍କାଳୀନ ସିଭିଲ ଏସ୍.ଡ଼ି.ଓ ସେହି ପଦବୀରେ ନିଯୁକ୍ତି ପାଇଲେ । (ସେ ପରେ ଆଇ.ଏ.ଏସ୍‌କୁ ଉନ୍ନତ ହୋଇ ଅବସର ଗ୍ରହଣ କରିଛନ୍ତି) । ନୀଳମଣି ବାବୁ ଜଣେ ଅତି ଧୀରସ୍ଥିର ମେଳାପି ଅଫିସର ଥିଲେ । ସେ ସ୍ୱର୍ଗତ ଶ୍ୟାମାଚରଣ ତ୍ରିପାଠୀ, ଓଡ଼ିଶାର ପ୍ରଥମ ଡ଼ି.ପି.ଆଇଙ୍କ ପୁତ୍ର ଅଟନ୍ତି । ସେ ଆମ ବିଭାଗକୁ ଆସି ମୋଠାରୁ Secretary, State Transport Authority ଦାୟୀତ୍ୱ ନେବାରୁ ମୁଁ ବଡ ଆନନ୍ଦିତ ହୋଇଥିଲି । ତାପରେ ମୁଁ ମୋ କାର୍ଯ୍ୟରେ ମାସକୁ ପ୍ରାୟ ପନ୍ଦର ଦିନ ଗସ୍ତରେ ଯାଇ ଭିନ୍ନ ଭିନ୍ନ ଇଉନିଟ୍ ମାନଙ୍କର କାର୍ଯ୍ୟ ତଦାରଖ କରିପାରୁଥିଲି ।

ମୁଁ ସେକ୍ରେଟାରୀ କାର୍ଯ୍ୟ ୧୯୪୮ ମସିହା ଜାନୁଯାରୀ ୬ ତାରିଖଠାରୁ ୧୯୫୩ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ଛଅ ବର୍ଷ ନଅ ମାସ କରିବା ମଧ୍ୟରେ କେତୋଟି ଘଟଣା ଏପର୍ଯ୍ୟନ୍ତ ମୋ ମନରେ ରହିଛି । ଅନୁଗୁଳ ନିକଟସ୍ଥ ରନ୍ତଲେଇ ନାମକ ଗ୍ରାମରେ ଗୋଟିଏ ବାର ଚଉଦ ବରଷର ଗୋପାଳ ବାଳକ ହଠାତ୍ ଓଡ଼ିଶାର କେନ୍ଦ୍ରବିନ୍ଦୁ ହୋଇଯାଇଥିଲା । ସେ ନେପାଳୀବାବା ନାମରେ ଅତି ଅଳ୍ପ ସମୟ ମଧ୍ୟରେ ଖ୍ୟାତି ଲାଭ କରିଥିଲା । ଏହା ୧୯୫୦ ମସିହାର ଘଟଣା । ସେତେବେଳକୁ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ଥିଲେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ । ଆମ ବିଭାଗରେ ଶ୍ରୀଯୁକ୍ତ ରତ୍ନାକର ଷଡଙ୍ଗୀ ଆଇ.ଏ.ଏସ୍

Digitized by srujanika@gmail.com

ଉଭୟ ଶାସନ ସଚିବ ଓ ଚେୟାରମ୍ୟାନ State Transport Authority ହୋଇଥିଲେ । ରନ୍ତଲେଇରେ ସେ ନେପାଳି ବାବାଙ୍କର ଆବିର୍ଭାବ ହେବାପରେ ଓଡ଼ିଶାର ଅନେକ ବିଶିଷ୍ଟ ଲୋକଙ୍କ ଛଡା ଓଡ଼ିଶା ବାହାରୁ ମଧ୍ୟ ଅନେକ ଲୋକ ଆସି ସେ ନେପାଳୀ ବାବାଙ୍କଠାରୁ ଔଷଧ ଗ୍ରହଣ କରିବାକୁ ଲାଗିଲେ । ସେ ବାବା ଛଅ ମାସ ପର୍ଯ୍ୟନ୍ତ ଅତି ମାତ୍ରାରେ ପ୍ରଭାବ ପକାଇଥିଲେ । ତାହା ଏପରି ଥିଲା ଯେ ଲକ୍ଷ ଲକ୍ଷ ଲୋକଙ୍କର ସେଠାରେ ସମାଗମ ହେଉଥିଲା । ସେ ସମୟରେ ବଳଦଗାଡ଼ି, କାର୍, ଟ୍ରକ ଓ ବସ୍ ଯୋଗେ ଲକ୍ଷ ଲକ୍ଷ ଲୋକ ସେଠାକୁ ବୁହାହୋଇ ଯାଇ ରୁଣ୍ଡ ହେଉଥିଲେ । ଦିନେ କଲିକତାରୁ ଜଣେ ପଗଡ଼ି ବାନ୍ଧିଥିବା ଉତ୍ତର ପ୍ରଦେଶର ବସ୍ ମାଲିକ ଗୋଟିଏ ମୋଟା ହ୍ୟାଣ୍ଡ ବ୍ୟାଗ ଧରି ମୋ ଅଫିସ୍‌କୁ ଆସି ମୋତେ କହିଲେ "ମୁଁ କଲିକତାରୁ ଶହେ ଖଣ୍ଡେ ବସ୍‌ରେ ଯାତ୍ରୀମାନଙ୍କୁ ରନ୍ତଲେଇ ଆଣିବାପାଇଁ ପଶ୍ଚିମବଙ୍ଗ ଟ୍ରାନ୍‌ସପୋର୍ଟ ଅଥରିଟିରୁ ପର୍‌ମିଟ୍ ଆଣିଛି । ସେ ଗୁଡ଼ିକରେ ଆପଣ ଅଫିସ ଷ୍ଟାମ୍ପଦେଇ ଦସ୍ତଖତ କରିଦେଲେ ମୁଁ ସେ ବସଗୁଡ଼ିକୁ ଓଡ଼ିଶାର ରନ୍ତଲେଇ ପର୍ଯ୍ୟନ୍ତ ଚଳ ପ୍ରଚଳ କରିପାରିବି । ମୁଁ ସେଥିପାଇଁ ଦରଖାସ୍ତକରି ଏ ପରମିଟ୍ ଗୁଡ଼ିକ ଦେଉଛି ଆଉ ଏହାର ଫିସ କେତେ ଲାଗିବ ତାହା ମୋତେ ଜଣାଇଲେ ମୁଁ ତାହା ଟ୍ରେଜେରୀରେ ଦାଖଲ କରି ଚାଲାଣ ଆଣିବି ।" ମୁଁ ଏହା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହେଲି, କାରଣ ସେ ସମୟରେ କଲିକତାରୁ ଓଡ଼ିଶା ଆସିବାକୁ ହେଲେ ବହୁତ ରାସ୍ତା ଘୁରି ଆସିବାକୁ ହେଉଥିଲା । କଲିକତା ଓ କଟକ ମଧ୍ୟରେ ନଈନାଳଗୁଡ଼ିକ ଉପରେ ପୋଲ ନ ଥିଲା । ତାପରେ ଏ ରନ୍ତଲେଇ-ଠାରେ ଲୋକ ଗହଳି କମାଇବାପାଇଁ ବହୁତ କଟକଣା ଲଗାଇ ଚେଷ୍ଟା କରୁ-ଥିଲେ । ତେଣୁ ଆଉ ଲୋକ ଗହଳି ନ ବଢାଇବାପାଇଁ ମୁଁ ସେ ବସ ମାଲିକଙ୍କୁ ସିଧା ମନା କରିଦେଲି ଯେ ମୁଁ କୌଣସି ବସ ଓଡ଼ିଶା ମଧ୍ୟକୁ ଆସିବାକୁ ଅନୁମତି ଦେବିନାହିଁ । ସେ କହିଲା "ସାହେବ, ମୁଁ କଲିକତାରୁ ବହୁତ ପଇସା ଖର୍ଚ୍ଚ କରି ଏ ବସ ପର୍‌ମିଟ୍ ଗୁଡ଼ିକ ଯୋଗାଡ କରିଛି । ଆଉ ଆପଣ ଏହାକୁ Counter Sign ନ କଲେ ମୋର ବହୁତ କ୍ଷତି ହେବ ଓ ଲୋକେ ରନ୍ତଲେଇ ବାବାଙ୍କର ଔଷଧ ଗ୍ରହଣରୁ ବଞ୍ଚିତ ହେବେ । ତେଣୁ ଆପଣ ଦୟା କରି ଏଗୁଡ଼ିକ Counter Sign କରି ଦିଅନ୍ତୁ ।" ମୁଁ ପୁନର୍ବାର ମନା କରିବାରୁ ସେ ମୋତେ ତାର ଡାହାଣ ହାତ ଆଙ୍ଗୁଳି ଦେଖାଇ ହିନ୍ଦିରେ କହିଲା "ଏକ୍ ଏକ୍ ପରିମିଟ୍‌କେଲିୟେ ଏକ୍ ଏକ୍ ଶୌ ରୁପେୟା

Digitized by srujanika@gmail.com

ଦେଙ୍ଗେ । ଆପ୍ କର୍ ଦିଜିଏ ନା ।" ମୁଁ ଏହା ଶୁଣି ଭୟ ଓ କ୍ରୋଧରେ ଅସ୍ଥିର ହୋଇ ତାକୁ ମୋର କକ୍ଷ ମଧ୍ୟରୁ ଶୀଘ୍ର ବାହାରକୁ ଚାଲିଯିବାକୁ କହିଲି । ସେ ହିନ୍ଦିରେ କହିଲା "ସାହେବ, କଲିକତା ମେ ହାମକୁ ଦୁଇ୍ ପାଞ୍ଚସ ରୁପେୟା କରକେ ଏକ ପର୍ମିଟ୍ କେଲିଏ ଦେନା ହୁଆ ଥା । ଆପକୋ ହାମ ଏକ ଶୌ ରୁପେୟା କରକେ ଦେତେ ହେଁ । ଆପ୍ କିଉଁ ମନା କରେଁ ହେଁ ? ମୁଁ ତାକୁ ହିନ୍ଦିରେ କହିଲି "ତୁମେ ଏଠୁ ବାହାରି ଯିବ ନା ମୁଁ ପୋଲିସକୁ ଫୋନ୍ କରିବି ।" ସେ ପରିହାସ କରି କହିଲା "ବାବୁ ସାହେବ, ହମ ଆପକା ମାଫିକ୍ ବହୁତ ସାହେବ ଦେଖା ହେ, ପହିଲେ ସବ୍ ମାନା କରତେ ହେଁ, ଫୀର୍ ଭି ହାମରା କାମ ହାସଲ ହୋତା ହେ । ନେହିଁ ତୋ ଆପକୋ ଔର ଏକ୍ ଶହ କର୍‌କେ ଜ୍ୟାଦା ଦେଙ୍ଗେ । ଆପ ଏକାମ୍ କର୍ ଦିଜିଏ ।" ମୁଁ ସେ ଲୋକଠାରୁ ମୁକ୍ତି ପାଇବାପାଇଁ ମୋର ଯେ ଚପରାଶୀ ବାହାରେ ଷ୍ଟୁଲରେ ବସିଥିଲା ତାକୁ ଡ଼ାକି କହିଲି, "ଏ ବାବୁଙ୍କୁ ଆମ ଚେୟାରମ୍ୟାନ ଷଡ଼ଙ୍ଗୀ ସାହେବଙ୍କ ଅଫିସ ଦେଖାଇଦେବୁ ।" ଏହା କହି ମୁଁ ସେ ପଗଡ଼ି ଧାରୀକୁ କହିଲି ସେ ଚପରାଶୀ ସହିତ ଆମ ଚେୟାରମ୍ୟାନଙ୍କ ନିକଟକୁ ଯିବାପାଇଁ । ତାର ଉତ୍ତରରେ ସେ କହିଲା "ବାବୁ ସାହେବ, ହାମ୍ ସବ୍ ଜାନତା ହେ । ଆପ ପରମିଟ୍‌ପର ସାଇନ୍ କରେ ଙ୍ଗେ, ଚେୟାରମ୍ୟାନ ସାହେବ ନାହିଁ । ଆପ କେଉଁ ମୁଝକୋ ଉନ୍‌କା ପାଶ୍ ଭେଜତେ ହେଁ ।" ମୁଁ କହିଲି "ଚେୟାରମ୍ୟାନ ସାହେବ ଯଦି ରାଜି ହେବେ ତେବେ ମୋ ପାଖକୁ ଆସିଲେ କେବଳ ଫିସ୍ ଦାଖଲ କଲେ ମୁଁ ପର୍ମିଟ୍ ଗୁଡ଼ିକରେ Counter Sign କରିଦେବି । ତେଣୁ ତୁମେ ଚେୟାରମ୍ୟାନ ସାହେବଙ୍କ ନିକଟକୁ ଯାଅ ।" ଏହା କହିବାପରେ ସେ ଯେତେବେଳେ ମୋ କକ୍ଷରୁ ତାର ବ୍ୟାଗ ଧରି ବାହାରିଲା ମୁଁ ସଙ୍ଗେ ସଙ୍ଗେ ଚେୟାରମ୍ୟାନ ସାହେବଙ୍କୁ ଫୋନ କରି କହିଲି "ସାର୍, ଜଣେ କଲିକତା ବସ ମାଲିକ ଆସି ମୋତେ ଶହେ ଖଣ୍ଡ ବସ ପରିମିଟ୍‌ରେ Counter Sign କରିଦେବାପାଇଁ ବଡ ବ୍ୟସ୍ତ କରୁଛି । ମୁଁ ତାକୁ ଆପଣଙ୍କ ନିକଟକୁ ପଠାଉଛି । କିନ୍ତୁ ଆପଣ ତାକୁ ମନା କରିଦେବେ । ମୁଁ ଅଫିସ ଛାଡ଼ି ବାହାରିଯାଉଛି, କାରଣ ଆପଣମନା କଲେ ସେ ମୋ ପାଖକୁ ପୁଣି ଆସି ମୋତେ ହରକତ କରିବ ।" ରତ୍ନାକର ବାବୁ ଅତି ଉତ୍ତମ ଆଇ.ଏ,ଏସ୍ ଅଫିସର ଥିଲେ, ଓ ମୋତେ ଅତି ଭଲ ପାଉଥିଲେ । ଏପରି କହିବା ଶୁଣି ସେ ମୋତେ ଦେଖୁଛି ବୋଲି କହି ଫୋନ ରଖିଦେଲେ । ସେ ଲୋକଟି ଷଡଙ୍ଗୀ ସାହେବଙ୍କ ପାଖକୁ

Digitized by srujanika@gmail.com

ଯାଇଥାଇପାରେ କିନ୍ତୁ ଷଡ଼ଙ୍ଗୀ ସାହେବ ବୋଧ ହୁଏ ତାକୁ ଦେଖା କରିବାକୁ ମନା କରି ଦେଇଥିବାରୁ ସେ କଲିକତା ଫେରି ଯାଇଥିବ । କାରଣ ତହିଁଆରଦିନ ସେ ମୋ ଅଫିସକୁ ଆସି ନ ଥିଲା ।

ସେହି Secretary State Transport Authority ଥିବା ସମୟର ଅନ୍ୟ ଏକ ଘଟଣା ଯାହାକି ଅଦ୍ୟାବଧି ଅବିସ୍ମରଣୀୟ ରହିଛି । ସ୍ୱର୍ଗତ ବୀରେନ ମିତ୍ର ସେ ସମୟରେ ବିଧାନ ସଭାର ସଭ୍ୟଥାନ୍ତି । ମୁଁ ତାଙ୍କୁ ସେ ପର୍ଯ୍ୟନ୍ତ ଦେଖି ନ ଥାଏ । ଦିନେ ମୁଁ ଅଫିସରେ କାର୍ଯ୍ୟରତ ଥିବା ସମୟରେ ବୀରେନ ବାବୁ ଡକ୍ଟର ମହତାବଙ୍କ ତତ୍କାଳୀନ ଡ୍ରାଇଭରକୁ ଧରି ମୋ ବିନା-ଅନୁମତିରେ ପରଦା ଠେଲି ଅଫିସ କକ୍ଷ ମଧ୍ୟକୁ ପଶିଆସି ଉଚ୍ଚସ୍ୱରରେ କହିଲେ "ଏ ଲୋକଟିର ଟ୍ରକ ପର୍‌ମିଟ୍ କାହିଁକି ଦିଆଯାଉନାହିଁ ? ସେ ଛଅ ମାସ ହେଲା ଦରଖାସ୍ତ କରି ଏ ପର୍ଯ୍ୟନ୍ତ ପର୍‌ମିଟ୍ ପାଇନାହିଁ ।" ମୁଁ ଫାଇଲରୁ ମୁଣ୍ଡ ଟେକି ଦେଖିଲି ଜଣେ ଖଦଡଧାରୀ ଯୁବକ ଅନ୍ୟ ଜଣେ ସାଧାରଣ ଲୋକଙ୍କ ସହ ମୋ ଟେବୁଲ ସାମ୍ନାରେ ଦଣ୍ଡାୟମାନ । ମୁଁ ସେହି ଲୋକ ବୀରେନ ବାବୁ ବୋଲି ଜାଣି ନ ଥିବାରୁ ତାଙ୍କୁ ଇଂରେଜିରେ ପଚାରିଲି "Who are you ? Why do you shout like this ?" ଯେମିତି ମୁଁ ଏହା କହିଛି ସେ ତତ୍କ୍ଷଣାତ୍ ମୋ କକ୍ଷ ଛାଡ଼ି ଚାଲିଗଲେ । ଏ ଘଟଣା ଏତିକିରେ ସମାପ୍ତ ହୋଇଥିଲା । ମାତ୍ର ତାର କେତେ ଦିନପରେ ତତ୍କାଳୀନ ଆମ ମନ୍ତ୍ରୀ ନବ ବାବୁଙ୍କ ପି.ଏ. ମୋତେ ଆସି କହିଲେ, "ଆପଣ ବୀରେନ ବାବୁଙ୍କୁ ଅପମାନିତ କଲେ ବୋଲି ସେ ଆମ ମନ୍ତ୍ରୀଙ୍କ ଟେବୁଲ ବାଡ଼େଇ ତାଙ୍କ ନିକଟରେ ଅଭିଯୋଗ କରି କହିଲେ "L. N. Sahu ବୋଲି S.T.A.ର କିଏ Secretary ଅଛି । ସେ ମୋତେ who are you ବୋଲି କହି ଅପମାନିତ କରିଛି । ମହତାବଙ୍କ ଡ୍ରାଇଭରର ଟ୍ରକ୍ ପର୍‌ମିଟ୍ ନ ଦେଇ ତାକୁ ଛଅ ମାସ ହେଲା ହଇରାଣ କରଯାଉଛି ।" ଏହା ଶୁଣି ଆମ ମନ୍ତ୍ରୀ କହିଲେ "ତମେ କଣ ଲୋକନାଥ ବାବୁଙ୍କ କଥା କହୁଛ କି ? ତାଙ୍କୁ ତମେ ବୋଧେ ଚିହ୍ନିନାହିଁ । ସେ ଆମ ସହିତ କାମ କରୁଥିଲେ ଓ କଲେଜ ପିଲାମାନଙ୍କୁ ନେଇ Dignity of Labour Society ଗଢ଼ି ମୁଣ୍ଡରେ ପରିବା ବୋଝ ମୁଣ୍ଡେଇ ସାହି ସାହି ବୁଲି ପରିବା ବିକ୍ରି କରୁଥିଲେ । ତମେ କଣ ଏହା ଜାଣି ନାହଁ । ସେ କେବେ କୌଣସି ଲୋକକୁ ଅନ୍ୟାୟଭାବେ ହଇରାଣ କରି ନ ଥିବେ ।"

Digitized by srujanika@gmail.com

ଏହା କହିବାରୁ ବୀରେନ୍ ବାବୁ ଶାନ୍ତ ହୋଇଯାଇଥିଲେ । ଏହାର କେତେ ଦିନ ପରେ କଟକ ସେକ୍ରେଟାରୀଏଟ୍‌ରେ ମୁଁ ଅଫିସ ପରିସର ମଧ୍ୟରେ ତଳକୁ ମୁଣ୍ଡ ପୋତି ଗ୍ଭଲିଯାଉଥିଲି । ହଠାତ୍ ପଛରୁ କିଏ ଏପରି ଡାକିବାର ଶୁଣି-ପାରିଲି । "ଏ ସାହୁ ବାବୁ ! ତମ କଥା ନବ ବାବୁ ମୋତେ କହିଛନ୍ତି ।" ଏହା କହୁ କହୁ ମୋ ନିକଟକୁ ଆସି ମୋତେ କୁଣ୍ଢାଇ ଧରି କହିଲେ "ତମେ ଏବେ ପରିବା ଡାଲା ମୁଣ୍ଡାଇ ସାଇରେ ବିକ୍ରି କରିପାରିବ ?" ମୁଁ ଉତ୍ତର ଦେଲି, "ଦରକାର ପଡ଼ିଲେ ଏବେ ମଧ୍ୟ କରିବା । ଆମ କଲେଜ ପିଲାମାନେ ଶାରୀରିକ ପରିଶ୍ରମ ପ୍ରତି ବିମୁଖ ହେଉଥିବାରୁ ଆମେ ସବୁ ସେପରି କରିଥିଲୁ ।" ତାପରେ ସେ ଲେକର ପର୍‌ମିଟ୍ କଥା କହି ବନ୍ଧୁତ୍ୱପୂର୍ଣ୍ଣ କଥା ବାର୍ତ୍ତା ସହ ବିଦାୟ ନେଇଥିଲେ । ତାପରଠାରୁ ବୀରେନ୍ ବାବୁ ମୋର ଜଣେ ଘନିଷ୍ଠ ବନ୍ଧୁ ହୋଇଥିଲେ ଓ ସେ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ଥିବା ସମୟରେ ମଧ୍ୟ ସେହି ବନ୍ଧୁତ୍ୱଭାବ ବଜାୟ ରହିଥିଲା, କାରଣ ସେ ମଣିଷମାନଙ୍କର ଗୁଣଗ୍ରାହୀ ଥିଲେ ।

୧୯୫୪ ମସିହାରେ ସ୍ୱର୍ଗତ ଏମ୍.ଏ.ଖାନ ପୋଲିସ୍ ବିଭାଗକୁ ସ୍ଥାନା-ନ୍ତରିତ ହୋଇଯିବାରୁ ତାଙ୍କ ସ୍ଥାନରେ ଜଣେ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଏ କେ. ମଜୁମ୍‌ଦାର ଟ୍ରାନ୍‌ସପୋର୍ଟ କଣ୍ଟ୍ରୋଲର ହୋଇ ଆସିଥିଲେ । ସେ ପ୍ରଥମରେ ମୋ ଉପରେ ବହୁତ ନିର୍ଭର କରି ତାଙ୍କର କାର୍ଯ୍ୟ କୁଶଳତା ବଢ଼ାଇ ପାରିଥିଲେ । କାରଣ ଆଇ.ଏ.ଏସ୍. ଅଫିସରମାନେ ପରିବହନ ବିଭାଗର କାର୍ଯ୍ୟସେତେ ଜାଣି ନ ଥିବା ସ୍ୱାଭାବିକ । ସେ ଅଳ୍ପ ଦିନ ଆମ ବିଭାଗରେ ରହିଲାପରେ ତାଙ୍କ ସ୍ଥାନରେ ସ୍ୱର୍ଗତ କର୍ଣ୍ଣେଲ ସଂଗ୍ରାମ କେଶରୀ ରାୟ ଟ୍ରାନସପୋର୍ଟ କଣ୍ଟ୍ରୋଲର ପଦରେ ଯୋଗ ଦେଇଥିଲେ । ସ୍ୱର୍ଗତ ରାୟ ଆମ ବିଭାଗକୁ ଆସିବାପାଇଁ ମୋର ମଧ୍ୟ କିଛି ଅବଦାନ ଥିଲା ।

ସେହି ସମୟକୁ ପରିବହନ ଓ ଜଙ୍ଗଲ ବିଭାଗର ଉପମନ୍ତ୍ରୀଥିଲେ ସ୍ୱର୍ଗତ ତୀର୍ଥବାସୀ ପ୍ରଧାନ । ଦଶପଲ୍ଲାର ସ୍ୱର୍ଗତ ରାଜା ସାହେବ ଆମର ମନ୍ତ୍ରୀ ଥିଲେ ମଧ୍ୟ ତୀର୍ଥବାସୀ ବାବୁ ଆମ ବିଭାଗର ସବୁ କାର୍ଯ୍ୟ କରୁଥିଲେ ଓ ତାଙ୍କର ନିଷ୍ପତ୍ତିହିଁ ଶେଷ ନିଷ୍ପତ୍ତି ହେଉଥିଲା । ତୀର୍ଥବାସୀ ବାବୁ ୧୯୫୨ ମସିହାରେ ଆମ ବିଭାଗର ଉପମନ୍ତ୍ରୀ ହେବାଠାରୁ ସେ ତାଙ୍କର ପରିବହନ ବିଭାଗ କାର୍ଯ୍ୟରେ ଅନେକ ସମୟରେ ମୋର ପରାମର୍ଶ ନେଉଥିଲେ, କାରଣ ସେ ଜାଣିଥିଲେ ଯେ

Digitized by srujanika@gmail.com

ମୋରି ଯୋଜନାଦ୍ୱାରା ଓଡ଼ିଶାର ଏହି ଯାତ୍ରୀ ପରିବହନ ସଂସ୍ଥାଗୁଡ଼ିକ ପ୍ରତିଷ୍ଠିତ ହୋଇଅଛି । ସ୍ୱର୍ଗତ କର୍ଣ୍ଣେଲ ସଂଗ୍ରାମ କେଶରୀ ରାୟ ସାମରିକ ବିଭାଗରୁ ଅବ୍ୟାହତିପାଇ ଓଡ଼ିଶାକୁ ଫେରି ଆସିଥିଲେ । ସେ ସ୍ୱର୍ଗତ ବାଚସ୍ପତି ରାଜମୋହନ ପଟ୍ଟନାୟକଙ୍କ ଜାମାତାଥିଲେ । ରାଜମୋହନ ବାବୁଙ୍କ ସହିତ ମୋର ଭଲ ପରିଚୟ ଥିଲା, ଯେହେତୁ ସେ ମୋର ଜଣେ ଦୂରସଂପର୍କ ମାମୁଁ-ଙ୍କର ସହପାଠୀଥିଲେ । ଦିନେ ସେ ମୋତେ ଡ଼ାକାଇ କହିଲେ, "ସାହୁ, ମୁଁ ଶୁଣୁଛି ତୁମ ବିଭାଗ ମନ୍ତ୍ରୀ ତୀର୍ଥବାସୀ ପ୍ରଧାନଙ୍କ ସହିତ ତୁମର ଭଲ ସମ୍ପର୍କ ରହିଛି । ଆମ ସଂଗ୍ରାମ ତୁମ ବିଭାଗରେ ନିଯୁକ୍ତି ପାଇବାପାଇଁ ନବ ବାବୁଙ୍କ ନିକଟକୁ ଗୋଟିଏ ଦରଖାସ୍ତ କରିଥିଲେ । ମୁଁ ଶୁଣୁଛି ସେହି ଦରଖାସ୍ତଟି ତୀର୍ଥବାସୀ ବାବୁଙ୍କ ପାଖରେ ବହୁତ ଦିନ ହେଲା ପଡ଼ିରହିଛି । ସେ କିଛି କରୁ ନାହାନ୍ତି । ତୁମେ ଟିକିଏ ତୀର୍ଥବାସୀ ବାବୁଙ୍କୁ କହିବ ।" ସେ ପର୍ଯ୍ୟନ୍ତ ମୁଁ ଏ ଘଟଣା ବିଷୟରେ କିଛି ଜାଣି ନ ଥିଲି ଓ ଯେମିତି ଜାଣିଲି ବଡ଼ ଖୁସି ହୋଇ-ଥିଲି । କାରଣ ଜଣେ ଓଡ଼ିଆ ଉଚ୍ଚ ପାହ୍ୟାର ସାମରିକ ଅଫିସର ଆମ ବିଭାଗରେ କଣ୍ଟ୍ରୋଲର୍ ହେଲେ ବଡ ଭଲ ହେବ ବୋଲି ଭାବିଥିଲି । ମୁଁ ରାଜମୋହନ ବାବୁଙ୍କୁ ଯଥାସାଧ୍ୟ ଚେଷ୍ଟା କରିବାର ପ୍ରତିଶ୍ରୁତି ଦେଇ ଆସିଥିଲି । ତାର ପରବର୍ତ୍ତୀ ସମୟରେ ଯେବେ ଆମ ମନ୍ତ୍ରୀ ତୀର୍ଥବାସୀ ବାବୁ କୌଣସି କାର୍ଯ୍ୟପାଇଁ ତାଙ୍କ ନିବାସକୁ ଡକାଇଥିଲେ ସେ ସମୟରେ ମୁଁ ସଂଗ୍ରାମ ବାବୁଙ୍କ କଥା କହିଲି । ସେ ମୁରୁକି ହସାଦେଇ ମୋତେ କହିଲେ "ସାହୁ ବାବୁ, ଆପଣ ଏ କଟକୀ କରଣଙ୍କ କଥା ଜାଣି ନାହାନ୍ତି । ଆଗ୍‌ଠୁ ପଶୁ ପଶୁ ବାହା ପଶିବ ଆଉ ପରିବହନ ସେବାରେ କେବଳ କରଣ ହିଁ ଭର୍ତ୍ତିହେବେ । ଆପଣ କାହିଁକି ଏ ବିଷୟରେ ମୁଣ୍ଡ ଖେଳାଉଛନ୍ତି । ଏବେ ଯାହା ଯେପରି ଚାଲିଛି ଖୁବ୍ ଭଲ ଚାଲିଛି ।" ଏହାର ଉତ୍ତରରେ ମୁଁ କହିଲି "ସାର୍, ସେ ଜଣେ ଦକ୍ଷ ସାମରିକ ଅଫିସର ଓ ଆମ ବିଭାଗକୁ ଆସିଲେ ସାମରିକ ବିଭାଗପରି କର୍ମ ତତ୍ପରତା ବୃଦ୍ଧି ପାଇବ । ଆମ ବିଭାଗର ଉନ୍ନତି ହେବ । ଏହା ଭାବି ମୁଁ ଆପଣଙ୍କୁ ଏ ବିଷୟ କହୁଛି ।" ସେ "ଆଚ୍ଛା ଦେଖିବା" କହି ସେ ଅନ୍ୟ ବିଷୟରେ ଆଲୋଚନା କରିଥିଲେ । ଏ ଘଟଣାର ମାସକ ପର୍ଯ୍ୟନ୍ତ ସଂଗ୍ରାମ କେଶରୀଙ୍କର ନିଯୁକ୍ତି ବିଷୟରେ କିଛି ହୋଇ ନ ଥିଲା । ଏତିକିବେଳେ ଆମ ଉପମନ୍ତ୍ରୀଙ୍କର କୋରାପୁଟ ଜିଲ୍ଲା ଗସ୍ତ ନିର୍ଘଣ୍ଟ ବାହାରିଲା ଓ ସେ ଆଦେଶ ଦେଇଥିଲେ ମୁଁ ତାଙ୍କ ସହିତ ସେ ଗସ୍ତରେ ଯୋଗଦେବି ବୋଲି । ସେ

Digitized by srujanika@gmail.com

ଭୁବନେଶ୍ୱରରେ ରହୁଥାନ୍ତି ଓ ମୁଁ କଟକ କିଲ୍ଲା ପଡ଼ିଆସ୍ଥ ଦଶ ନମ୍ବର ବଙ୍ଗଳାରେ ରହୁଥାଏ । ମୁଁ ମୋ ଗାଡ଼ିରେ ଭୁବନେଶ୍ୱର ଯାଇ ତାଙ୍କ ଗ୍ୟାରେଜରେ ଗାଡ଼ି ରଖି ତାଙ୍କ ଗାଡ଼ିରେ ଆମେ ଦୁଇ ଜଣ ଡ୍ରାଇଭର ଓ ଚପରାଶିଙ୍କୁ ନେଇ କୋରାପୁଟ୍ ବାହାରିଲୁ । ବାଟଯାକ ବିଭିନ୍ନ ବିଷୟରେ କଥା ବାର୍ତ୍ତା ମଧ୍ୟରେ କର୍ଣ୍ଣେଲ ସଂଗ୍ରାମ କେଶରୀ ରାୟଙ୍କ କଥା ମୁଁ ମନ୍ତ୍ରୀଙ୍କୁ କହିଥିଲି । କୋରାପୁଟ ଜିଲ୍ଲା ଗସ୍ତରୁ ଫେରିବା ସମୟରେ କିନ୍ତୁ ବାଟଯାକ ସେହି କଥା ଘୋଷା ଲଗେଇ ଭୁବନେଶ୍ୱରରେ ଆସି ପହଞ୍ଚି ବିଦାୟ ନେବା ସମୟରେ ପଚାରିଥିଲି "ସାର୍, ଆପଣ କଣ ସ୍ଥିର କଲେ । ସେ କହିଲେ "ଆଚ୍ଛା, ଆପଣ ଯାଆନ୍ତୁ । ମୁଁ ସେ ନିଯୁକ୍ତିକୁ ଅନୁମୋଦନ କରି ତାଙ୍କର କାଗଜପତ୍ର ପବ୍ଲିକ ସର୍ଭିସ୍ କମିଶନକୁ ପଠାଇବା ବନ୍ଦୋବସ୍ତ କରିବି ।" ଏହା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇ ଘରକୁ ଫେରିଲି ଓ ତାପରଦିନ ଲଳମୋହନ ବାବୁଙ୍କୁ ଏକଥା ଜଣାଇଲି । ମୁଁ ଅନେକ ବର୍ଷତଳେ ସଂଗ୍ରାମ କେଶରୀ ରାୟ ଯେବେ ପ୍ରଥମକରି ସାମରିକ ବିଭାଗରେ ଲେଫ୍‌ଟନାଣ୍ଟ ହୋଇ ଯୋଗ ଦେଇଥିଲେ, ସେ ସମୟରେ ତାଙ୍କୁ ଶ୍ରୀରାମଚନ୍ଦ୍ର ଭବନରେ ଯେଉଁ ଅଭ୍ୟର୍ଥନା ଦିଆଯାଇଥିଲା ତହିଁରେ ଯୋଗ ଦେଇ ତାଙ୍କୁ ଦେଖିଥିଲି । ତାପରେ ଅନେକ ବର୍ଷ ପର୍ଯ୍ୟନ୍ତ ତାଙ୍କୁ ଦେଖି ନ ଥିଲି । ସେ ଆମ ବିଭାଗରେ ଯୋଗ ଦେଉଛନ୍ତି ବୋଲି ମୋର ଅନେକ ବନ୍ଧୁଙ୍କୁ କହିଥିଲି ୧୯୫୪ ମସିହା ଅକ୍ଟୋବର ମାସରେ ସ୍ୱର୍ଗତ କର୍ଣ୍ଣେଲ ସଂଗ୍ରାମ କେଶରୀ ରାୟ ଆମ ବିଭାଗକୁ ଟ୍ରାନ୍‌ସପୋର୍ଟ କଣ୍ଟ୍ରୋଲର ହୋଇ ଆସିଲେ । ଆମ ଅଫିସ୍‌ରେ ସମସ୍ତ ଅଫିସର ଓ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇଲେ । କିନ୍ତୁ କିଏ ଜାଣିଥିଲା ସେ ମୋତେ ଦିନେ ସେହି ବିଭାଗରୁ ତଡ଼ିବାପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରି ଓ ଶେଷରେ ସେ ନିଜେ ସେହି ବିଭାଗ ତ୍ୟାଗ କରି State Commercial Transport ସଂସ୍ଥାକୁ ସ୍ଥାନାନ୍ତରିତ ହେବେ ବୋଲି ? ଏହା ନିମ୍ନଲିଖିତ ପ୍ରକାରେ ଘଟିଥିଲା ।

ସ୍ୱର୍ଗତ କର୍ଣ୍ଣେଲ ସଂଗ୍ରାମ କେଶରୀ ରାୟ କାର୍ଯ୍ୟଭାର ଗ୍ରହଣ କରିବାପରେ ୧୯୫୬ ମସିହାରେ କଟକର ଗୋଟିଏ ପ୍ରତିଷ୍ଠିତ ମୋଟର ଗାଡ଼ି-କମ୍ପାନୀର ମାଲିକ ତାଙ୍କ ନିକଟରେ ଦରଖାସ୍ତ କରି ଛଅ ଗୋଟି ପାର୍କିନ୍‌ସ୍ ଡ଼ିଜେଲ ଇଞ୍ଜିନ (Parkins Diesel Engine) ତାଙ୍କଠାରୁ କିଣିବାପାଇଁ ଆଦେଶ ପ୍ରାର୍ଥନା କରିଥିଲେ । ସେହି ଚିଠି ଉପରେ ସେ ତଦନୁରୂପ

Digitized by srujanika@gmail.com

ଆଦେଶଦେଇ ଅଫିସକୁ ସେ ଚିଠିଟି ପଠାଇଦେଇଥିଲେ । ସେତେବେଳକୁ ମୁଁ ଗୋଟିଏ ଲମ୍ବା ଗସ୍ତରେ ଯାଇଥାଏ । ଆମ ଅଫିସର ମ୍ୟାନେଜର ରାଘବ ରାଓ ବଡ ଚତୁର ଲୋକଥିଲେ । ସେ କୌଣସି ଦିଗରୁ ପ୍ରଭାବିତ ହୋଇ କଣ୍ଟ୍ରୋଲର ସାହେବଙ୍କର ଆଦେଶ ଅନୁସାରେ ଗୋଟିଏ ଡ୍ରାଫ୍ଟ ଅର୍ଡରଲେଖି ତତ୍କାଳୀନ ସ୍ୱତନ୍ତ୍ର ଅଫିସର୍, ଟ୍ରାନ୍ସପୋର୍ଟ ଶ୍ରୀ ନୀଳମଣି ତ୍ରିପାଠୀଙ୍କ ନିକଟକୁ ଫାଇଲ ପଠାଇଲେ । ଏ ଫାଇଲ ଦେଖି ନୀଳମଣି ବାବୁ ଆଶ୍ଚର୍ଯ୍ୟ ହୋଇଥିବେ ନିଶ୍ଚୟ । ରାଜ୍ୟ ପରିବହନ ସେବାର ଯାନ୍ତ୍ରିକ ବିଭାଗର ମୁଖ୍ୟ ମୁଁ ହୋଇଥିବାରୁ ସେ ଫାଇଲ ସେ ମୋ ନିକଟକୁ ମାର୍କ କରିଦେଇ ଅଫିସ୍କୁ ଫେରାଇଦେଲେ । ମ୍ୟାନେଜର ବାବୁ ବୋଧେ ଚାହୁଁଥିଲେ ମୋ ଅଜାଣତରେ ଏ ଅର୍ଡ଼ର ଚାଲିଯାଉ । କିନ୍ତୁ ସ୍ୱତନ୍ତ୍ର ପରିବହନ ଅଧିକାରୀ ସେ ଫାଇଲ ମୋତେ ମାର୍କ କରିଦେବାରୁ ବାଧ୍ୟ ହୋଇ ମୁଁ ଆସିବା ପର୍ଯ୍ୟନ୍ତ ସେ ଅର୍ଡର ଦିଆଯାଇ ପାରି ନ ଥିଲ । ମୁଁ ଗସ୍ତରୁ ଫେରିଆସି ଯେତେବେଳେ ଅଫିସକୁଯାଏ ସେତେବେଳେ ସେ ଫାଇଲ ମୋ ନିକଟକୁ ଆସିଲା, ମୁଁ ସେ କମ୍ପାନୀର ଚିଠି ଓ ଆମ କଣ୍ଟ୍ରୋଲର ସାହେବଙ୍କର ତା ଉପରେ ଦେଇଥିବା ନିର୍ଦ୍ଦେଶ ପଢ଼ି ଆଶ୍ଚର୍ଯ୍ୟ ହୋଇଥିଲି । ସେ ପର୍ଯ୍ୟନ୍ତ ଆମେ ଆମର ଯେତେ Parkins Diesel Engine ଦରକାର ପଡୁଥିଲା ସେଗୁଡ଼ିକୁ ସିଧା ତାର ଉତ୍ପାଦନକାରୀ ମାଡ୍ରାସସ୍ଥ ସିମ୍ପସନ ଏଣ୍ଡ କୋ ଲିମିଟେଡ୍ଠାରୁ ମଗାଉଥିଲୁ । ଆମେ ତାଙ୍କଠାରୁ ଯେଉଁ ଦାମରେ ପାଉଥିଲୁ କଟକର କମ୍ପାନୀ ଆମକୁ ତାହା ଯୋଗାଇବା ଦ୍ୱାରା ପ୍ରତ୍ୟେକ ଇଂଜିନ ପିଛା ଦୁଇ ହଜାର ଟଙ୍କା ବେଶି ଦେବାକୁ ପଡ଼ିଥାନ୍ତା । ଏହାର କାରଣ ହେଲା କଟକର କମ୍ପାନୀ ବମ୍ବେସ୍ଥିତ ପ୍ରିମିୟର ଅଟୋ ମୋବାଇଲସ ଲିମିଟେଡ୍ ନାମକ କମ୍ପାନୀଠାରୁ ତାହା କିଣି ଆମକୁ ବିକ୍ରୟ କରିଥାନ୍ତା । ପ୍ରିମିୟର ଅଟୋମୋବାଇଲସ୍ କମ୍ପାନୀ ସେ ପାର୍କିନସ ଇଂଜିନ ତାର ଉତ୍ପାଦକ Simpson & Co. Ltd. ଠାରୁ କିଣି କଟକ କମ୍ପାନୀକୁ ଯୋଗାଇଥାନ୍ତା । ତେଣୁ ଆମେ କଟକ କମ୍ପାନୀଠାରୁ ସେ ଇଂଜିନ କିଣିଥିଲେ ପ୍ରତ୍ୟେକ ଇଂଜିନରେ ଦୁଇହଜାର ଟଙ୍କା କରି ବେଶୀ ଦେବାକୁ ପଡ଼ିଥାନ୍ତା । ଏ ବିଷୟରେ ମୁଁ Transport Controllerଙ୍କ ନିକଟକୁ ପଠାଇବା ଫାଇଲରେ ଲେଖି ଶେଷରେ ଲେଖିଥିଲି "It is not known under what consideration the T.C. has passed orders to purchase Six Diesel Engines from the

Digitized by srujanika@gmail.com

Cuttack firm" ଏହି ଫାଇଲ ଦେଖି ସଗ୍ରାମ ବାବୁ ତାଙ୍କ ଚପରାଶିଦ୍ୱାରା ମୋତେ ତାଙ୍କ ଅଫିସକୁ ଡ଼କାଇ ମୁଁ ପ୍ରବେଶ କଲାମାତ୍ରେ ପ୍ରବେଶଦ୍ୱାର ନିଜେ ବନ୍ଦ କରିଦେଇ ମୋତେ ବସିବାକୁ କହି ପଗ୍ଭରିଲେ "What do you mean by "under what consideration ?" Do you mean to say that I am taking a consideration for placing the orders with this firm ?" ଏହାଶୁଣି ମୁଁ ବଡ଼ ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲି "ଆପଣ ମୋର ଟିପ୍ପଣୀ (Note) ଟାକୁ ବଡ ଭୁଲ ବୁଝିଲେ । ଆପଣ କିଛି ପାଇବାପାଇଁ ଯେ ଏ ନିର୍ଦ୍ଦେଶ ଦେଉଛନ୍ତି ଏ କଥା ମୁଁ କେବେ ଭାବିନାହିଁ, କିମ୍ବା ଲେଖିନାହିଁ । ସଚିବାଳୟରେ ଅନେକ ଫାଇଲରେ ଗୋଟିଏ ବିଷୟ ବିବେଚନା କରିବାପାଇଁ ଏପରି Under what Consideration ବୋଲି ଲେଖିବାର ମାନେ କେଉଁ ବିଗ୍ଭରରେ ଏପରି ଅର୍ଡର ଦିଆଯାଇଛି ବୋଲି ଅର୍ଥ ହେବ । ସେହି ଅର୍ଥରେ ମୁଁ ଏ ପଦଟି ବ୍ୟବହାର କରିଛି । ଆପଣ ମୋର ମନ୍ତବ୍ୟକୁ ଏପରି ଅର୍ଥରେ ନେବା ଉଚିତ ହୋଇନାହିଁ ।" ସେ ମୋ ଉପରେ ଭାରି ରାଗି ସେ ଧରିଥିବା ତାଙ୍କର ବ୍ୟାଟେନ୍ ବାଡ଼ିକୁ ତାଙ୍କ ଟେବୁଲ ଉପରେ ପ୍ରହାର କରି ଇଂରେଜିରେ କହିଲେ "ତୁମେ ମୋତେ ବଦନାମ କରିବାକୁ ବାହାରିଛ । ତାର ପରିଣତି ତୁମକୁ ଭୋଗ କରିବାକୁ ହେବ ।" ସେ କଥା ଗୁଡ଼ିକ ଏତେ ଯୋର ଓ ରାଗରେ କହୁଥାନ୍ତି ଯେ ତାହା ସହ୍ୟ କରିବା ମୋ ପକ୍ଷରେ କଷ୍ଟସାଧ୍ୟହେଲା । ତାପରେ ମୁଁ ମୋ କକ୍ଷକୁ ଫେରିଆସି ଟ୍ରାନସପୋର୍ଟ ବିଭାଗର ତତ୍କାଳୀନ ଶାସନ ସଚିବ ଶ୍ରୀ ଜି.ସି.ଏଲ୍. ଜୋନେଡାଙ୍କ ପାଖକୁ ଏ ଘଟଣା ଓ ସଗ୍ରାମ ବାବୁଙ୍କର ମୋ ପ୍ରତି ବ୍ୟବହାର ବିଷୟରେ ଗୋଟିଏ ଅଭିଯୋଗ ଲେଖି ତାହା ଆମ କଣ୍ଟ୍ରୋଲର ସାହେବଙ୍କ ମାଧ୍ୟମରେ ପଠାଇଥିଲି । ସେହି ଅଭିଯୋଗର ଗୋଟିଏ ନକଲ ସିଧା ଶାସନ ସଚିବଙ୍କ ନିକଟକୁ ପଠାଇଥିଲି ।

ଏହା ପରଠାରୁ ଟ୍ରାନ୍ସ୍‌ପୋର୍ଟ କଣ୍ଟ୍ରୋଲର ସଗ୍ରାମ କେଶରୀ ସାହେବ ଓ ମୋ ମଧ୍ୟରେ ସଗ୍ରାମ ଆରମ୍ଭ ହେଲା । ଏହି ଘଟଣାର କେତେ ଦିନପରେ ସେ ମତେ ତାଙ୍କ କକ୍ଷକୁ ଡ଼କାଇ ବସିବାକୁ କହିଲେ ଓ ଆମ ଭିତରେ ଯେଉଁ ମନୋମାଳିନ୍ୟ ଓ ସଂଘର୍ଷ ଭାବ ଅଛି ତାକୁ ଲୋପ କରିବାକୁ କହି ମୋର ହାତ ଦୁଇଟିଧରି ଲୋତକପୂର୍ଣ୍ଣ ଚକ୍ଷୁରେ କହିଲେ "ମୁଁ ଆପଣଙ୍କୁ ଭୁଲ୍

Digitized by srujanika@gmail.com

ବୁଝିଥିଲି । Let us forget the past and start a new chapter" ତାଙ୍କର ଏ ଭବ ବିହ୍ୱଳତା ଦେଖି ମୋର ମଧ୍ୟ ଚକ୍ଷୁରୁ ଲୋତକଧାର ଝରିଲା ଓ ମୁଁ ମଧ୍ୟ ତାଙ୍କୁ କହିଲି "ଆପଣ ଜାଣନ୍ତି ନାହିଁ, ଆପଣଙ୍କୁ ଏ ବିଭଗରେ କଣ୍ଟ୍ରୋଲର ହେବାପାଇଁ ମୋର ମଧ୍ୟ କିଞ୍ଚିତ ଅବଦାନ ରହିଛି ଓ ମୁଁ ଆଶା କରୁଛି ମୁଁ ଯଦି କିଛି ଭୁଲ କରିଥାଏ ମୋତେ ଆପଣ କ୍ଷମା ଦେବେ ।" ୧୯୫୬ ସାଲର ଏ ଘଟଣା ଏ ପର୍ଯ୍ୟନ୍ତ ମୋ ମାନସ ପଟରେ ଏକ ଅଲିଭ ସ୍ମୃତି ହୋଇ ରହିଛି । ସଂଗ୍ରାମ କେଶରୀ ଜଣେ ଅତି ସରଳ ବିଶ୍ୱାସୀ ଓ ଅତି ଉଦାର ହୃଦୟର ଲୋକ ଥିଲେ । ସେ ଓ ମୁଁ ଅନେକ ଝଡ଼ଝଞ୍ଜା ମଧ୍ୟ ଦେଇ ଗତି କରିଛୁ ଏବଂ ଏତିକି ତାଙ୍କର ଦୋଷ ଥିଲା ଯେ ସେ ଯେକୌଣସି ଲୋକ ଯାହା କହିଲେ ମଧ୍ୟ ତାଙ୍କର ସରଳ ଓ ଉଦାର ସ୍ୱଭବ ଦ୍ୱାରା ତାକୁ ସତ୍ୟ ବୋଲି ବିଶ୍ୱାସ କରୁଥିଲେ । ତାଙ୍କର ସରଳ ଓ ଉଦାର ଗୁଣର ସୁଯୋଗ ନେଇ ଆମ ବିଭଗର କେତେଜଣ ଅଫିସର ଫାଇଦା ଉଠାଇଥିଲେ । ତାଙ୍କପରି ଜଣେ ଉଦାର ଓ ସରଳ ବିଶ୍ୱାସୀ ଅଫିସର ମୁଁ ମୋ ଜୀବନରେ କମ୍ ଦେଖିଛି ।

ଅନ୍ୟ ଏକ ଘଟଣା ମାନସ ପଟକୁ ଆସେ ଯାହା ଶ୍ରୀ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଘଟିଥିଲା । ସ୍ୱର୍ଗତ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ପାରାଦ୍ୱୀପ ବନ୍ଦରର ଭିତ୍ତିପ୍ରସ୍ତର ସ୍ଥାପନ ନିମିତ୍ତ ଓଡ଼ିଶା ଆସୁଥାନ୍ତି । ସେ ଯେଉଁଦିନ ଆସିବାର କଥା ତା ପୂର୍ବଦିନ ସନ୍ଧ୍ୟା ଘ ୫.୩୦ ସମୟରେ Controller ଶ୍ରୀ ରାୟଙ୍କର ଅଫିସରେ ଅନୁପସ୍ଥିତି ଯୋଗୁଁ ମୁଁ ଅଫିସ କାମରେ ବ୍ୟସ୍ତ ଥିଲି । ସେହି ସମୟରେ ବିଜୁବାବୁ ମୋତେ ଫୋନ୍ କରି କହିଲେ, "ସାହୁ, ମୁଁ ବିଜୁ କହୁଛି । କାଲି ପ୍ରଧାନମନ୍ତ୍ରୀ ପାରାଦ୍ୱୀପରେ ବନ୍ଦର ଶୁଭ ଦେବାକୁ ଆସୁଛନ୍ତି । ପାରାଦ୍ୱୀପରୁ ଫେରିବା ବାଟରେ କଟକ ଓ.ଏମ୍.ପି. ପୋଲିସ ପଡ଼ିଆରେ ଗୋଟିଏ ପ୍ୟାରେଡ୍ ଇନିସ୍‌ପେକ୍‌ସନ୍ କରିବେ ଓ ତାଙ୍କୁ ସେଠାରେ ଅଭ୍ୟର୍ଥନା ଦିଆଯିବ । ତମେ ଚାରିବାଟିଆ କ୍ୟାମ୍ପରେ ଥିବା ଅଢ଼େଇ ହଜାର ବିଭିନ୍ନ ସ୍ଥାନରୁ ଆସିଥିବା Girl Cadetମାନଙ୍କୁ ପ୍ୟାରେଡ୍ ପଡ଼ିଆରେ ଘରିଟା ପୂର୍ବରୁ ପହଞ୍ଚାଇବ ।" ଏହା ଶୁଣି ମୁଁ ଯେତେ ଆନନ୍ଦିତ ନ ହୋଇଛି ସେତେ ବିସ୍ମିତ ହେଲି । ବିଜୁବାବୁଙ୍କୁ ମୁଁ ତାଙ୍କର କଲେଜ ଜୀବନରୁ ଭଲ ଭବରେ ଜାଣିଥିଲି ଓ ତାଙ୍କ ପିତା ✓ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମୋର

Digitized by srujanika@gmail.com

ଜଣେ ପୃଷ୍ଠପୋଷକ ଥିଲେ । ସେ ହିସାବରେ ତାଙ୍କର ତିନି ପୁଅ ଓ ଜଣେ ଝିଅଙ୍କୁ ମୁଁ ନିଜର ଭାଇ ଭଉଣୀପରି ଦେଖୁଥିଲି । ସେ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କ ସହ କେତେଥର ଦେଖା ହୋଇଥିଲା । ଏହି ନିର୍ଦ୍ଦେଶ ପାଇ ମୁଁ କହିଲି, "Controller ନାହାନ୍ତି । ତାଙ୍କୁ କହିଲେ ଭଲ ହୋଇଥାନ୍ତା ।" ତା ଶୁଣି ସେ କହିଲେ "Controller କ'ଣ କରିବ ? ତମେ ତ ସବୁ କରିବ ।" ଏହି ନିର୍ଦ୍ଦେଶ ପାଇ ସେହି ସମୟଠାରୁ ମୁଁ କାର୍ଯ୍ୟରେ ଲାଗିପଡ଼ିଲି, କାରଣ ଅଢେଇ ହଜାର କ୍ୟାଡ଼େଟଙ୍କୁ ଘୁରିବାଟିଆରୁ ଆଣି ଓ.ଏମ୍.ପି. ପଡ଼ିଆରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପହଞ୍ଚାଇବା ସହଜ କଥା ନ ଥିଲା । ସେ ସମୟରେ ମହାନଦୀ ଉପରେ ସଡକ ପୋଲ ନ ଥିଲା ଓ ଯୋବ୍ରା ଆନିକଟ ତଳେ ଯେଉଁ ଖଗଦିନିଆ ରାସ୍ତା ଥିଲା, ତା ମଧ୍ୟ ଦେଇ ଗାଡ଼ି ଯିବାଆସିବା କରୁଥିଲା । ସେ ସମୟରେ State Transportର କୌଣସି ବସ୍ କଟକଠାରେ ନ ଥାଏ । କେବଳ O.R.T. Companyର କେତୋଟି ବସ୍ କଟକରେ ଥାଏ । ତେଣୁ ମୁଁ ସଙ୍ଗେ ସଙ୍ଗେ ଢେଙ୍କାନାଳ ଓ ଆଠଗଡ ଇଉନିଟ୍‌ମାନଙ୍କୁ ଫୋନ୍ କରି ଦଶଟି ବସ୍ ମଗାଇଲି ଏବଂ ଓ.ଆର୍.ଟି. କମ୍ପାନୀରୁ କେତୋଟି ବସ୍ ଆଣାଇବା ବ୍ୟବସ୍ଥା କଲି । ସେହି ସନ୍ଧ୍ୟାରେ ମୁଁ ଓ ଆମ ଅଫିସର Stastistical Officer ଥିବା ଶ୍ରୀ ନଦୀୟା ବିହାରୀ ମହାନ୍ତି ଉଭୟ ମିଶି ଘୁରିବାଟିଆ N.C.C. campରେ ପହଞ୍ଚି ତତ୍ତ୍ୱାବଧାରକ ଅଫିସରମାନଙ୍କୁ ଭେଟିଲୁ । ତତ୍କାଳୀନ ଶୈଳବାଳା ମହିଳା କଲେଜ ପ୍ରିନସ୍‌ପାଲ ଶ୍ରୀମତୀ ପ୍ରେମଲତା ବେହେରା ଓ ଅନ୍ୟ ଅଫିସରମାନଙ୍କ ସହ ଆଲୋଚନା କରି ସମସ୍ତ cadetଙ୍କୁ ତା ପରଦିନ ରାତ୍ରି୧୦-୦୦ ସୁଦ୍ଧା ଖିଆପିଆ ସାରି ପ୍ରସ୍ତୁତ ହେଲେ ଦଶଟା ବେଳ-ଠାରୁ ବସଦ୍ୱାରା ପ୍ୟାରେଡ଼ ପଡ଼ିଆକୁ ନେବା ପାଇଁ କଥାବାର୍ତ୍ତା କରି ରାତି ନଅଟା ସମୟରେ ସେଠୁ ଫେରିଲୁ । ଘୁରବାଟିଆ ଯିବା ଆଗରୁ ବିଭାଗୀୟ ଅଫିସରମାନଙ୍କୁ ବିଭିନ୍ନ କାର୍ଯ୍ୟର ଦାୟୀତ୍ୱ ବଣ୍ଟନ କରି ଯାଇଥିଲି । ରାତି ତିନିଟା ସମୟରେ ଆମର ଜଣେ ଇନିସ୍‌ପେକ୍ଟର ଆସି ମୋତେ ଉଠାଇ କହିଲେ ଯେ ମହାନଦୀ ଆନିକଟ ରାସ୍ତାରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେବାରୁ କଟକ ଘୁରିବାଟିଆ ରାସ୍ତା ବନ୍ଦ ହୋଇଯାଇଛି । ତେଣୁ ଏଠାରୁ କୌଣସି ଗାଡ଼ି ଯାଇ ପାରୁନାହିଁ । ମୁଁ ପ୍ରଭାତରୁ ଉଠି I. G. Policeଙ୍କୁ ଜଣାଇ ତାଙ୍କ ବିଭାଗର କ୍ରେନ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଟି ରାସ୍ତାରୁ ଉଠାଇବା ବନ୍ଦୋବସ୍ତ କଲି ।

Digitized by srujanika@gmail.com

ତା'ପରେ ଦିନ ଦଶଟା ବେଳଠାରୁ cadetମାନଙ୍କୁ ବସ୍‌ଦ୍ୱାରା ଅଣାଯିବା ଆରମ୍ଭ ହୋଇ ଅପରାହ୍ନ ତିନିଟା ସୁଦ୍ଧା ଶେଷହେଲା । ପ୍ରଧାନମନ୍ତ୍ରୀ ପାରଦ୍ୱୀପରୁ ଫେରି parade ଇନିସ୍‌ପେକ୍‌ସନ କରି ଉଦ୍‌ବୋଧନ ଦେଇଥିଲେ । ସେଠାରେ N.C.C. ଓ ଅନ୍ୟ ଅଫିସରମାନଙ୍କର ପ୍ରଧାନ ମନ୍ତ୍ରୀଙ୍କ ସହ ଏକ ଗ୍ରୁ'ଫୋଟ ଅନୁଷ୍ଠିତ ହୋଇଥିଲା । ସେଠାରେ ବିଜୁବାବୁ ମୋତେ ଦେଖି ମୁରୁକି ହସି Thanks Sahu" ବୋଲି କହିଥିଲେ । ଶ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ସମ୍ବନ୍ଧରେ କେତୋଟି କଥା ମୋର ମନେପଡୁଛି ।

ବିଜୁବାବୁ ଯେତେବେଳେ ଦିଲ୍ଲୀରେ ଉଡ଼ାଜାହାଜ ପାଇଲଟ୍ ଭାବେ କାମ କରୁଥିଲେ ମୁଁ କଟକସ୍ଥ ତାଙ୍କ ବାସଭବନକୁ ତାଙ୍କ ପିତାଙ୍କୁ ଦେଖା କରିବାକୁ ଯାଏ । ଦିନେ ମୁଁ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ବାବୁଙ୍କ ନିକଟରେ ବସିଛି, ପୋଷ୍ଟ ମ୍ୟାନ କେତୋଟି ଚିଠି ଆଣିଦେଲା । ଲକ୍ଷ୍ମୀନାରାୟଣ ବାବୁ ସେ ଚିଠି ମଧ୍ୟରୁ ଗୋଟିଏ ଉଠାଇ ଆଲୁଅ ଆଡ଼କୁ ଧରି ବଡ଼ ଜାଗ୍ରତରେ ଖୋଲିବାକୁ ଲାଗିଲେ । ମୁଁ ଆଶ୍ଚର୍ଯ୍ୟ ହୋଇ କଣ ଏପରି କରୁଛନ୍ତି ବୋଲି ପଚାରିବାରୁ ସେ ମୋତେ କହିଥିଲେ "ସାହୁ ! ଦେଖିବ ?" କହି ଚିଠି ଚିରି ଲଫାପାକୁ ଟେବୁଲ ଉପରେ ଝାଡ଼ିଥିଲେ । ତା ମଧ୍ୟରୁ ଗୋଟିଏ ଶହେ ଟଙ୍କିଆ ନୋଟ୍ ଟେବୁଲ ଉପରେ ପଡ଼ିଲା ଓ ଚିଠି ଭିତରେ ଆଉ କିଛି ନ ଥିଲା । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି "ଏ ଟଙ୍କା ଏପରି କେଉଁଠୁ ଆସିଲା ?" ସେ ହସି ମୋତେ କହିଲେ, "ସାହୁ, ବିଜୁ ଟଙ୍କା ପଠାଇଛି ତା ମା ପାଖକୁ । ମୁଁ ତାକୁ ଏପରି ନ ପଠାଇବାକୁ କହିବାରୁ ସେ ମୋତେ ଲେଖିଲା "Dady I have no time to stand in a queue to send it by money order. If at all any body gets it on the way, it will be a poor Post Man who will deserve it· ଏହି ଘଟଣାରୁ ମୁଁ ବିଜୁବାବୁଙ୍କ ଯୁବକ ଅବସ୍ଥାରୁ ତାଙ୍କ ଉଦାରତାର ନମୁନା ପାଇଥିଲି ।

୧୯୪୬ ମସିହାରେ ଡକ୍ଟର ମହତାବଙ୍କ ମନ୍ତ୍ରୀମଣ୍ଡଳ ସମୟରେ ବିଜୁବାବୁ ମୋ ଅଫିସକୁ ଆସି ମୋତେ କହିଲେ, "ସାହୁ ମୁଁ ଓଡ଼ିଶାରେ ଶହେଟି ବସ୍ ଚଳାଇବାକୁ ଇଚ୍ଛା କରୁଛି । ତାର ଗୋଟିଏ ଯୋଜନା ତିଆରି କରି ପାରିବ ?" ତାର ଉତ୍ତରରେ ମୁଁ କହିଥିଲି" ମୁଁ ଏବେ ଯୋଜନା ପ୍ରସ୍ତୁତ

Digitized by srujanika@gmail.com

କରି ସାରିଛି ଯେ ସରକାର ଓଡ଼ିଶାର ସଡକ ପରିବହନ ଜାତୀୟକରଣ କରିବା ପାଇଁ, ଏତିକି ବେଳକୁ ଏ ବ୍ୟବସାୟରେ କାହିଁକି ପଶିବେ ? ଅନ୍ୟ କୌଣସି ଶିଳ୍ପାନୁଷ୍ଠାନ ଆରମ୍ଭ କଲେ ତାହା ଓଡ଼ିଶାର କାମରେ ଆସିବ ।" ଏହାର କେତେଦିନ ପରେ ମୁଁ ଶୁଣିଲି ସେ ଓଡ଼ିଶା ଟେକ୍‌ସଟାଇଲ ମିଲ୍ ଚୌଦ୍ୱାର ଠାରେ ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରୁଛନ୍ତି ।

ମୁଁ ବିଜୁବାବୁଙ୍କୁ Hero ବୋଲି ସମ୍ବୋଧନ କରେ । ଥରେ ତାଙ୍କ ବଡ଼ଭାଇ ଜର୍ଜ ପଟ୍ଟନାୟକଙ୍କର ବଡ଼ ଝିଅ ବିଭାଘରରେ ଅନେକ ଦିନ ପରେ ତାଙ୍କ ସହ ଦେଖା ହୋଇଥିଲା । ମୁଁ ପଚାରିଲି "How is my hero ?" ତାର ଉତ୍ତରରେ ସେ କହିଲେ "Your hero is in troubled waters." ଏହାର ଅର୍ଥ ମୁଁ ନ ବୁଝିପାରିଥିଲେ ମଧ୍ୟ କହିଲି "what ever be the trouble, my hero will come out successful." ସେ ହସିଦେଇ ଅନେକ ଲୋକଙ୍କ ଗହଣରେ ଚାଲିଗଲେ । ତାପରେ ମୁଁ ଅନ୍ୟମାନଙ୍କଠାରୁ ଶୁଣିବାକୁ ପାଇଲି ଯେ କୋଇଲାରୁ ପେଟ୍ରୋଲ ତିଆରି କରିବା ଯୋଜନାରେ ଖର୍ଚ୍ଚ ହୋଇଥିବା ଟଙ୍କାକୁ କେନ୍ଦ୍ରକରି ଓଡ଼ିଶା ସରକାରଙ୍କ ସହ ତାଙ୍କର ବାଦବିବାଦ ଉପୁଜିଛି । ପରେ ଓଡ଼ିଶା ସରକାରଙ୍କ ଦାବୀ ଅଯୌକ୍ତିକ ହେବାରୁ ସେ ସମ୍ମାନଜନକ ଭାବେ ଜୟଯୁକ୍ତ ହୋଇଥିଲେ ।

ଆମ ଅଫିସରେ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ନୀଳମଣି ତ୍ରିପାଠୀ ବଦଳୀ ହୋଇ ତାଙ୍କ ସ୍ଥାନରେ ଶ୍ରୀ ପଦ୍ମନାଭ ସାହୁ ଏ. ଡ଼ି. ଏମ୍ ପାହ୍ୟାର ଅଫିସର ଡ଼େପୁଟି ଟ୍ରାନସ୍‌ପୋର୍ଟ କଣ୍ଟ୍ରୋଲର ଓ ସେକ୍ରେଟାରୀ ଷ୍ଟେଟ୍ ଟ୍ରାନସପୋର୍ଟ ଅଥରିଟୀ ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ କାର୍ଯ୍ୟ କରିବାର ଅନୁଭୂତିରୁ ମୁଁ ଏତିକି ବୁଝିପାରିଲି ଯେ ସେ ଜଣେ ନ୍ୟାୟପରାୟଣ ଅଫିସର ଥିଲେ । କିନ୍ତୁ କୌଣସି ନୂତନ ଦାୟୀତ୍ୱ ଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିବାର ପ୍ରବୃତ୍ତି ମୁଁ ତାଙ୍କଠାରେ ଦେଖିପାରି ନ ଥିଲି । ତାଙ୍କ ପରେ ସେହି ପଦବୀକୁ ସ୍ୱର୍ଗତ ଦୁର୍ଗାପ୍ରସାଦ ତ୍ରିପାଠୀ ଆସିଥିଲେ । ସେ ଜଣେ ସୁଦକ୍ଷ ଅଫିସର ଥିଲେ । Asst. Transport controller ଥିବା ସମୟରେ ଅନ୍ୟ ଏକ ଘଟଣା ମନେପଡୁଛି । ରାଜ୍ୟ ସଡକ ପରିବହନ ସଂସ୍ଥାର ଗୋଟିଏ ଛାପାଖାନା ଅଛି, ... ଯେଉଁଥିରେ ଟିକେଟ୍ ବହି, ରେଜିଷ୍ଟର ଓ ଫର୍ମ

Digitized by srujanika@gmail.com

ଇତ୍ୟାଦି ଛପା ହେଉଅଛି । ସେଥିରେ ବିଭିନ୍ନ ପ୍ରକାର ଚାକିରୀରେ ଲୋକ ନିଯୁକ୍ତ ହୋଇଥାନ୍ତି । ଜଣେ ଡେପୁଟୀ ଟ୍ରାନସପୋର୍ଟ କଣ୍ଟ୍ରୋଲର୍ ଆମ ବିଭାଗରେ ଯୋଗ ଦେବା ପରଠାରୁ ତାଙ୍କ ନିଜ ଘରର ପୂଜାରୀ ଓ ମାଳିକୁ ସେହି ଛାପାଖାନାରେ ଚାକିରୀ କରିଥିବା ରେକର୍ଡରେ ଦର୍ଶାଇ ଦିଆଯାଇଥିଲା । ସେମାନଙ୍କର ଦରମା ସେହି ଛାପାଖାନା ବିଭାଗରୁ ଦିଆ ଯାଉଥିଲା । ମୁଁ ଯାନ୍ତ୍ରୀକ କାର୍ଯ୍ୟ ବିଭିନ୍ନ ଇଉନିଟ୍ ଓ୍ୱାର୍କସପ୍ ଓ ମେଣ୍ଟେନାନ୍ସ ଡ଼ିପୋ ଗୁଡ଼ିକର ନିରୀକ୍ଷଣ, ଅଫିସରେ ଯାନ୍ତ୍ରୀକ ବିଭାଗର ସକଳ କାମ କରୁଥିବା ସତ୍ତ୍ୱେ ଆମ କଣ୍ଟ୍ରୋଲର ସଂଗ୍ରାମ କେଶରୀ ବାବୁ ଗୋଟିଏ ଅଫିସ ଅର୍ଡର ବାହାର କରି ତହିଁରେ ମୋର ଅନ୍ୟାନ୍ୟ କାର୍ଯ୍ୟ ସହିତ ଡ୍ରଇଁ ଏଣ୍ଡ୍ ଡ଼ିସ୍‌ବର୍ସିଂ ଅଫିସର ଭାବରେ ନିଯୁକ୍ତ କରିଥିଲେ । ଉକ୍ତ ପଦବୀର ଦାୟୀତ୍ୱ ହେଉଛି ଟ୍ରାନ୍‌ସପୋର୍ଟ କଣ୍ଟ୍ରୋଲରଙ୍କର ଅଫିସରେ ଯେତେ କର୍ମଚାରୀ ଥିଲେ ସେ ସମସ୍ତଙ୍କର ମାସିକ ଦରମା ଟ୍ରେଜେରୀରୁ ଓ ବ୍ୟାଙ୍କ୍‌ରୁ ମୋତେ ଡ୍ର କରିବାକୁ ପଡ଼ୁଥାଏ ଓ ସେ ଟଙ୍କାର ହିସାବପତ୍ର ଇତ୍ୟାଦି ମୋତେ ଦେଖିବାକୁ ହେଉଥାଏ । ଏପରିକି ମାର୍ଚ୍ଚମାସ ଏକତ୍ରିଂଶ ତାରିଖ ଦିନ ମୋତେ କଟକ ଟ୍ରେଜେରୀ ଓ ଷ୍ଟେଟବ୍ୟାଙ୍କ୍ ଅଧୀନସ୍ଥ ଅନ୍ୟ ଶାଖାମାନଙ୍କରୁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଡ୍ର କରି ମୋ ଦାୟିତ୍ୱରେ ପୁରୁଣା ସେକ୍ରେଟାରୀଏଟସ୍ଥ ଷ୍ଟ୍ରଙ୍ଗରୁମ୍‌ରେ ରଖିବାକୁ ପଡ଼ୁଥିଲା ଏବଂ ଏଥିରୁ ଅବ୍ୟାହତି ନେବାପାଇଁ ମୁଁ ପ୍ରାର୍ଥନା କରୁଥିଲି । ଏପରି ଅବସ୍ଥାରେ ମୁଁ ଦିନେ ଆମ ପ୍ରେସ୍‌କୁ ଯାଇ କର୍ମଚାରୀମାନଙ୍କର ଉପସ୍ଥିତି ତଦାରଖ କରିଥିଲି । ସେଦିନ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ମଧ୍ୟ ଡେପୁଟୀ କଣ୍ଟ୍ରୋଲରଙ୍କ ଘରେ କାର୍ଯ୍ୟ କରୁଥିବା ଦୁଇଜଣ ଅନୁପସ୍ଥିତ ଥିଲେ । ମୁଁ ସେହିଦିନ ପ୍ରଥମ କରି ଜାଣିଲି ଯେ ସେହି ଦୁଇଜଣ କର୍ମଚାରୀ ଆମ ପ୍ରେସରେ କେବେ କାମ କରନ୍ତି ନାହିଁ । ଖାଲି ଦରମା ନେବାଦିନ ଆସି ରେଜିଷ୍ଟାରରେ ଦସ୍ତଖତ କରି ଦରମା ନେଇଯାଆନ୍ତି । ଏହା ମୋତେ ସେହି ଛାପାଖାନା ମ୍ୟାନେଜର କହିଥିଲେ । ସେ ମାସ ଶେଷରେ ଛାପାଖାନା କର୍ମଚାରୀମାନଙ୍କର ଦରମା ବିଲ୍ ଟ୍ରେଜେରୀରେ ପାଶ୍ କରାଇ ଷ୍ଟେଟ୍‌ବ୍ୟାଙ୍କରୁ ଟଙ୍କା ଆମ ଟ୍ରେଜେରୀ ସରକାର ଆଣି କ୍ୟାସିୟର ବାବୁଙ୍କୁ ଦେଇଥିଲେ । ମୁଁ ଗୋଟିଏ ଆଦେଶ ଜାରି କରି ଯେଉଁ ଦୁଇଜଣ ପ୍ରେସ କର୍ମଚାରୀ ପ୍ରେସରେ ଉପସ୍ଥିତ ନ ଥିଲେ ସେମାନଙ୍କ ଦରମା ନ ଦେଇ ଅଟକାଇ ରଖିବା ପାଇଁ କହିଥିଲି । ପହିଲା ତାରିଖ ଦିନ ଉପରବେଳା ସେ ଦୁଇଜଣ କର୍ମଚାରୀ ଏକାଉଣ୍ଟାଣ୍ଟ ବାବୁଙ୍କଠାରୁ ଦରମା ନେବା ପାଇଁ ଯିବାରୁ

Digitized by srujanika@gmail.com

ସେ ମୋ ଆଦେଶ ଅନୁଯାୟୀ ସେ ଦୁଇଜଣଙ୍କୁ ଦରମା ଦେଇ ନ ଥିଲେ । ସେହି ଦୁଇଜଣ ମୋ ନିକଟକୁ ଆସି ମୋତେ ସେମାନଙ୍କର ଦରମା ଦେଇ ଦେବାକୁ ଆଦେଶ ଦେବା ପାଇଁ ଅନୁରୋଧ କଲେ । ମୁଁ କହିଲି "ତୁମମାନଙ୍କୁ, କୌଣସି ସରକାରୀ କାର୍ଯ୍ୟ କରିବାର ଗତ ମାସରେ ଦେଖିନାହିଁ । ତେଣୁକରି ତୁମେ ଦରମା କିପରି ପାଇବ ? ତୁମେ ଯାହାର କାର୍ଯ୍ୟ କରୁଥିଲ ତାଙ୍କୁ ଯାଇ ଦରମା ମାଗ ।" ସେହି ଦୁଇଜଣ ଡେପୁଟୀ କଣ୍ଟ୍ରୋଲରଙ୍କ ପାଖକୁ ନିଶ୍ଚୟ ଯାଇଥିବେ, କାରଣ ଡେପୁଟୀ କଣ୍ଟ୍ରୋଲର ସାହେବ ତମ ତମ ହୋଇ ମୋ ପ୍ରକୋଷ୍ଠରେ ପ୍ରବେଶ କରି ମୋତେ କହିଲେ "ଆପଣ ମୋର ଜଣେ ବନ୍ଧୁ ବୋଲି ଭାବୁଥିଲି । କିନ୍ତୁ ଆପଣ ମୋର ବିରୁଦ୍ଧାଚରଣ କରୁଛନ୍ତି । ଏ ଦୁଇଜଣ-ଙ୍କର ଦରମା କାହିଁକି ଦେଉନାହାନ୍ତି ?" ମୁଁ କହିଲି "ଆପଣ ଏମାନଙ୍କ ପାଇଁ କାହିଁକି ବ୍ୟସ୍ତ ହେଉଛନ୍ତି ? ତାଙ୍କର ଯାହା ଆପତ୍ତି, ସେମାନେ ତାହା ଲିଖିତ ଭାବେ ଦେଲେ ମୁଁ ତାର ବିଚାର କରିବି ।" ସେ ବିରକ୍ତ ହୋଇ ଚୌକିରୁ ଉଠି ପଡ଼ି ମୋ ପ୍ରକୋଷ୍ଠରୁ ବାହାରକୁ ଚାଲିଗଲେ । ତା ପରଦିନ ମଧ୍ୟାହ୍ନ ବାରଟା ସମୟରେ ମୁଁ ଗୋଟିଏ ଅଫିସ ଅର୍ଡର ଆମ କଣ୍ଟ୍ରୋଲର ସଂଗ୍ରାମ କେଶରୀ ରାୟଙ୍କ ଦସ୍ତଖତରେ ପାଇଲି, ଯେଉଁଥିରେ ଡ୍ରଇଂ ଏଣ୍ଡ୍ ଡ୍ରିସ୍‌ବର୍ସିଂ ଅଫିସର ପଦରୁ ମୋତେ ଅବ୍ୟାହତି କରିଦେଇ ସେ ସ୍ଥାନରେ ଶ୍ରୀ ରାମାରାଓ ନାମକ ଆମ ଅଫିସର ପି. ଏ.ଙ୍କୁ ଦାୟୀତ୍ୱ ଦିଆଯାଇଥିଲା । ମୁଁ ପ୍ରଭୁଙ୍କଠାରେ କୃତଜ୍ଞତା ଜଣାଇ ବଡ଼ ଆନନ୍ଦିତ ହୋଇଥିଲି, କାରଣ ସେହି ଦାୟିତ୍ୱଟି ମୋ ପକ୍ଷରେ ବଡ କଠିନ ଦାୟିତ୍ୱ ଥିଲା ଓ ମୋର ଅନ୍ୟାନ୍ୟ କାର୍ଯ୍ୟରେ ବହୁତ ବାଧା ସୃଷ୍ଟି କରୁଥିଲା । ମୁଁ ଅନେକ ଦିନରୁ ଏହି କାର୍ଯ୍ୟ ପରିତ୍ୟାଗ କରିବାକୁ ଇଚ୍ଛାପ୍ରକାଶ କରୁଥିଲେ ମଧ୍ୟ ତାହା ସମ୍ଭବ ହେଉ ନ ଥିଲା । ଶେଷରେ ପ୍ରଭୁ ମୋ ମନସ୍କାମନା ପୂରଣ କରିଥିଲେ । ଏହି ଘଟଣା ପରେ ସେହି ଡେପୁଟୀ କଣ୍ଟ୍ରୋଲର ସାହେବ ମୋ ସହିତ କଥାବାର୍ତ୍ତା ମଧ୍ୟ ବନ୍ଦ କରି ଦେଇଥିଲେ ଓ ଯେଉଁଠି ସୁଯୋଗ ପାଇଲେ ମୋ ସହିତ ବିରୁଦ୍ଧାଚରଣ କରିବାକୁ ମଧ୍ୟ ପଛାଉ ନ ଥିଲେ । ସେ ଆମ ବିଭାଗରୁ ଯାଇ ଅନ୍ୟ ବିଭାଗରେ କାର୍ଯ୍ୟ କରିବା ସମୟରେ ଦିନେ ମୁଁ କଲିକତା ଯିବାବେଳେ ପୁରୀ ଏକ୍‌ସପ୍ରେସ୍ ଗାଡ଼ିର ଫାଷ୍ଟ କ୍ଲାସ କୁପେ (coupe)ରେ ଆମେ ଦୁହିଁଙ୍କୁ ବର୍ଥ ମିଳିଥିଲା ଓ ସେହିଠାରେ ଅନେକ ଦିନ ପରେ ତାଙ୍କ ସହିତ ଦେଖା ହୋଇଥିଲା । ସେହି ଡେପୁଟୀ

Digitized by srujanika@gmail.com

କଣ୍ଟ୍ରୋଲର୍ ସାହେବ ଆମ ବିଭାଗରୁ ଯେପରି ଅବସ୍ଥାରେ ବିଦାୟ ନେଇ ଯାଇଥିଲେ ତାହା ଅତି ଦୁଃଖଦାୟକ ଘଟଣା, କାରଣ ତାଙ୍କର ସଂଗ୍ରାମ କେଶରୀ ରାୟ କଣ୍ଟ୍ରୋଲର୍ ସାହେବଙ୍କ ସହିତ ମଧ୍ୟ ଅପଦସ୍ଥ ହୋଇଥିଲା । ଶେଷରେ ସେ ଦେହ ଖରାପ ଆଳରେ ଛୁଟି ନେଇ ରହିଲେ ଓ ତାହାପରେ ଆମ ବିଭାଗକୁ ଫେରି ନ ଥିଲେ । ଯେପରି ଆମ ଦୁହିଁଙ୍କର ସେହି ଟ୍ରେନ୍‌ରେ ଦେଖାହେଲା ସେ ମୋର ହାତ ଦୁଇଟି ଧରି ବର୍ଥ ଉପରେ ବସି ଲୋତକପୂର୍ଣ୍ଣ ନୟନରେ ମୋତେ କହିଲେ "ମୁଁ ଆପଣଙ୍କୁ ଚିହ୍ନି ନଥିଲି । ଆପଣ ଯାହା କରିଥିଲେ ମୁଁ ମଧ୍ୟ ତାହା କରିଥାନ୍ତି । କିନ୍ତୁ ମୁଁ ଆପଣଙ୍କ ପ୍ରତି ବହୁତ ଅନ୍ୟାୟ କରିଛି ।" ମୁଁ ମଧ୍ୟ ଲୋତକପୂର୍ଣ୍ଣ ଚକ୍ଷୁରେ କହିଲି "ମୁଁ କାହାରିପ୍ରତି ଅନ୍ୟାୟ କେବେ କରେନାହିଁ । ମାତ୍ର ଅନ୍ୟାୟ ଦେଖିଲେ ସହି ପାରେନାହିଁ । ତେଣୁକରି ମୁଁ ଯାହା କରିଥିଲି ଆପଣଙ୍କ ବିପକ୍ଷରେ ହେଲେ ମଧ୍ୟ ମୋର କର୍ତ୍ତବ୍ୟ ଦୃଷ୍ଟିରୁ ତାହା କରିବାକୁ ପଡ଼ିଥିଲା । ମୁଁ ଆପଣଙ୍କୁ ଆଶୀର୍ବାଦ କରୁଛି (ତାଙ୍କଠାରୁ ମୁଁ ବୟସରେ ପ୍ରାୟ ଦଶବର୍ଷ ବଡ ଥିଲି) ଆପଣ ଆପଣଙ୍କ ଜୀବନରେ ଉନ୍ନତି କରନ୍ତୁ କିନ୍ତୁ କେଉଁଠାରେ ଅନ୍ୟାୟ କରନ୍ତୁ ନାହିଁ ।"

୧୯୬୧–୬୨ ସାଲରେ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟ-ମନ୍ତ୍ରୀ ଥିଲେ ଓ ଆମ ପରିବହନ ବିଭାଗର ମନ୍ତ୍ରୀ ଥିଲେ ଖଣ୍ଡପଡ଼ା ରାଜା ସ୍ୱର୍ଗତ ହରିହର ସିଂହ ମର୍ଦ୍ଦରାଜ । ସେ ଜଣେ ବଡ଼ ଟାଣୁଆ ମନ୍ତ୍ରୀ ଥିଲେ । ସ୍ୱର୍ଗତ ସଂଗ୍ରାମ କେଶରୀ ରାୟ ତାଙ୍କ ସମୟରେ ଆମ ବିଭାଗରୁ ଷ୍ଟେଟ୍ କମର୍ସିଆଲ ଟ୍ରାନସ୍‌ପୋର୍ଟ କର୍ପୋରେସନ୍ ସଂସ୍ଥାର ମ୍ୟାନେଜିଂ ଡାଇରେକ୍ଟର ହୋଇ ସ୍ଥାନାନ୍ତରିତ ହୋଇଥିଲେ ଏବଂ ତାଙ୍କ ସ୍ଥାନରେ ପୋଲିସ ବିଭାଗର ତତ୍‌କାଳୀନ ଆଇ. ଜି. ସ୍ୱର୍ଗତ ରାମକୃଷ୍ଣ ପାତ୍ରୀ ଆଇ. ପି. ଆମ ବିଭାଗକୁ କଣ୍ଟ୍ରୋଲର୍ ହୋଇ ଆସିଲେ । ସେହି କେତେମାସ ଭିତରେ ଭୁବନେଶ୍ୱରଠାରେ ନିଖିଳ ଭାରତ କଂଗ୍ରେସ କମିଟିର ଗୋଟିଏ ଅଧିବେଶନ ହେବାକୁ ଥିଲା । ତାର ପ୍ରସ୍ତୁତି ପାଇଁ ପଚିଶ ଖଣ୍ଡ ନୂଆ ମୋଟର ବସ୍ ପ୍ରତିନିଧିମାନଙ୍କ ଯାତାୟତ ପାଇଁ ଦରକାର ପଡ଼ିଥିଲା । ଏହା ସେମାନେ ଆମଠାରୁ ଭଡ଼ାରେ ନେବାକୁ ଚାହୁଁଥିଲେ । ଆମ ମନ୍ତ୍ରୀ ସ୍ୱର୍ଗତ ହରିହର ସିଂହ ମର୍ଦ୍ଦରାଜ ଉଭୟ କଣ୍ଟ୍ରୋଲର୍ ସାହେବଙ୍କୁ ଓ ମୋତେ ସେହି ବିଷୟରେ ଆଲୋଚନା କରିବା ପାଇଁ ଭୁବନେଶ୍ୱର ସଚିବା-ଳୟକୁ ଡକାଇ ଏହି ବିଷୟରେ ପରାମର୍ଶ କରିଥିଲେ । ଆମ କଣ୍ଟ୍ରୋଲର୍

Digitized by srujanika@gmail.com

ସାହେବ କହିଲେ ଯେ ଦରକାର ପଡୁଥିବା ପଚିଶଟିଯାକ ନୂଆ ବସ ଆମେ ଦୁଇମାସ ମଧ୍ୟରେ ତିଆରି କରିଦେଇ ପାରିବା । ସେହି ମନ୍ତବ୍ୟ ଦେବା ଆଗରୁ ଯେହେତୁ ମୁଁ ଯାନ୍ତ୍ରୀକ ବିଭାଗର ମୁଖ୍ୟ ଥିଲି, କଣ୍ଟ୍ରୋଲର୍ ସାହେବ ମୋତେ ପଚାରି ମନ୍ତ୍ରୀଙ୍କୁ ଉତ୍ତର ଦେବା ଉଚିତ ହୋଇଥାନ୍ତା କିନ୍ତୁ ତାହା ନ କରି ହଠାତ୍ ପଚିଶଟିଯାକ ବସ୍ ଦୁଇମାସ ଭିତରେ ଆମେ ତିଆରି କରିଦେବୁ ବୋଲି କହି ପକାଇଲେ । ଏହା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି । ମନ୍ତ୍ରୀ ମହୋଦୟ ମୋତେ ଅନାଇ କହିଲେ "ଆପଣ କଣ ଭାବୁଛନ୍ତି ? କଣ ପଚିଶଟି ବସ୍ ତିଆରି କରି ଦେଇ ପାରିବେ ?" ତାର ଉତ୍ତରରେ ମୁଁ କହିଲି, "ସାର୍, ଆମ ସମ୍ବଲପୁର ଠାରେ ଥିବା କେନ୍ଦ୍ରୀୟ କାରଖାନାରେ ମାତ୍ର ଦଶଟି ବସ୍ ବଡ଼ି ପାଇଁ ସରଞ୍ଜାମ ରହିଛି । ତେଣୁ ଦୁଇମାସ ଭିତରେ ଆମେ ମାତ୍ର ଦଶଟି ବସ୍ ତିଆରି କରି ପାରିବା । ଆଉ ପନ୍ଦରଟି ବସ୍ ପାଇଁ ଦରକାରୀ ସରଞ୍ଜାମ କଲିକତା ଓ ବମ୍ବେଠାରୁ ମଗାଇବାକୁ ପଡ଼ିବ । ସେଗୁଡ଼ିକ ଦୁଇମାସ ଭିତରେ ପହଞ୍ଚି ଗଲେ ଆମେ ଆଉ ପନ୍ଦରଟି ବସ୍ ତିଆରି କରି ପାରିବା, ଏ ଆଶା ମୁଁ କରି ପାରୁନାହିଁ । ତେଣୁ ମୋ ମତରେ ଆମ କାରଖାନାରେ ଦଶଟି ବସ୍ ତିଆରି କରି ଓଡ଼ିଶାର ଭିନ୍ନ ଭିନ୍ନ ଜାଗାରେ ବସ୍ ବଡ଼ି ତିଆରି କରିବା କାରଖାନାରେ ଅନ୍ୟ ପନ୍ଦରଟି ବସ ବଡ଼ି ତିଆରି କରାଇ ନିଆଯାଇ ପାରେ । ଯଦି ଓଡ଼ିଶାରୁ ଘରୋଇ କମ୍ପାନୀ ଗୁଡ଼ିକ ତାହା ଯୋଗାଇବାକୁ ଅକ୍ଷମ ହୁଅନ୍ତି, ତେବେ ଆମେ କଲିକତା କିମ୍ବା ମାଡ୍ରାସଠାରେ ଥିବା କମ୍ପାନୀମାନଙ୍କୁ ପନ୍ଦରଟି ବସ୍ ଯୋଗାଇ ଦେବା ପାଇଁ ବରାଦ ଦେବାକୁ ହେବ ।" ମୋର ଏହିକଥା ଶୁଣି ମନ୍ତ୍ରୀ ମହୋଦୟ ଆମ କଣ୍ଟ୍ରୋଲର୍ ସାହେବଙ୍କୁ ମୋ ସାମନାରେ କହିଲେ "ଆପଣ କିଛି ନ ଜାଣି କିପରି କହିଦେଲେ ଯେ, ପଚିଶଟିଯାକ ବସ୍ ଆମ କାରଖାନାରେ ତିଆରି କରିଦେବେ ବୋଲି । ଆପଣଙ୍କର ଯାନ୍ତ୍ରୀକ ଅଧିକାରୀଙ୍କୁ ପଚାରି ମୋତେ କହିବାର ଥିଲା ।" ଏହି ଅପ୍ରୀତିକର ଘଟଣା ପରଠାରୁ ଆମର ଟ୍ରାନସପୋର୍ଟ କଣ୍ଟ୍ରୋଲର ସାହେବ ଓ ମୋ ମଧ୍ୟରେ ଆଗରୁ ଯେଉଁ ସଦ୍‌ଭାବ ଥିଲା ତାହା କ୍ଷୁର୍ଣ୍ଣ ହୋଇଥିଲା । ସେହି ସମୟରେ ମୋର ପଦୋନ୍ନତି ହୋଇ ମୁଁ ଓଡ଼ିଶାର ମୁଖ୍ୟ ଯାନବାହାନ ନିରିକ୍ଷକ (Chief Inspector of Motor Vehicles, Orissa) ଭାବରେ ଷ୍ଟେଟ ଟ୍ରାନ୍‌ସପୋର୍ଟ ଅଥରିଟିର ଚେୟାର୍‌ମ୍ୟାନ ସ୍ୱର୍ଗତ ଭି. ରାମନାଥନ୍ ଆଇ.ସି.ଏସ୍‌ଙ୍କ ଅଫିସରେ ଯୋଗ ଦେଇଥିଲି । ସ୍ୱର୍ଗତ ରାମନାଥନ୍ ସାହେବ ଅତି ଉତ୍ତମ ଓ ନିଷ୍ଠାପରାୟଣ ଅଫିସର

Digitized by srujanika@gmail.com

ଥିଲେ । ଯାଙ୍କ ଅଧୀନରେ ମୁଁ ୧୯୬୨ ଅକ୍ଟୋବର ମାସଠାରୁ ୧୯୬୪ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ପ୍ରାୟ ଦୁଇବର୍ଷ କାର୍ଯ୍ୟ କରିଥିଲି ଏବଂ ଏହି ଦୁଇ ବର୍ଷ ମଧ୍ୟରେ ସ୍ୱତନ୍ତ୍ରଭାବେ Motor Vehicle Inspectorate ଅଫିସ ସ୍ଥାପନ କରି ପ୍ରତ୍ୟେକ ଜିଲ୍ଲାରେ ଥିବା ଜଣେ ଜଣେ M.V.I. ଓ ଜୁନିଅର M.V.I. ମାନଙ୍କର କାର୍ଯ୍ୟ ନିରୀକ୍ଷଣ ଦାୟିତ୍ୱ ଗ୍ରହଣ କରିଥିଲି । କାରଣ ସେତେବେଳକୁ ଓଡ଼ିଶାର ମୋଟରଗାଡ଼ି ସଂଖ୍ୟା ଖୁବ୍ ବଢି ଯାଇଥିଲା । ପୂର୍ବରୁ ମୁଁ Asst. Transport controller ଥିବା ସମୟଠାରୁ ଏହି ମୋଟର ଭେଇକିଲ ଇନସ୍ପେକ୍ଟରମାନେ ମୋ ଅଧୀନରେ ଥିଲେ ମଧ୍ୟ ମୋର ଅନ୍ୟାନ୍ୟ କାର୍ଯ୍ୟ ବହୁଳତା ଦୃଷ୍ଟିରୁ ସେମାନଙ୍କ କାର୍ଯ୍ୟ ପ୍ରତି ସେତେଟା ଧ୍ୟାନ ଦେଇପାରୁ ନ ଥିଲି । ମୁଁ ଯେତେବେଳେ Chief Inspector of Motor Vehicles ପଦବୀରେ ନିଯୁକ୍ତି ପାଇଲି ତେବେ ଏହି ବିଭାଗକୁ ସୁଦୃଢ କରିବା ଓ ପ୍ରତ୍ୟେକ ଜିଲ୍ଲାରେ ଥିବା M.V I. ମାନଙ୍କର କାର୍ଯ୍ୟ ଟିକିନିଖି ଭାବରେ ନିରୀକ୍ଷଣ କରିବାର ସୁଯୋଗ ପାଇଥିଲି ଓ ପ୍ରତ୍ୟେକ ଜିଲ୍ଲାର ରାସ୍ତାରେ ଚାଲୁଥିବା ଯାନବାହାନ ଗୁଡ଼ିକୁ ମଝିରେ ମଝିରେ ନିରୀକ୍ଷଣ କରି କିଛି ଯାନ୍ତ୍ରୀକ ତ୍ରୁଟୀ ଥିବାର ଦେଖିଲେ ସେହି ଗାଡ଼ିଗୁଡ଼ିକର ଫିଟ୍‌ନେସ ସାର୍ଟିଫିକେଟକୁ ସସ୍‌ପେଣ୍ଡ କିମ୍ବା କ୍ୟାନ୍‌ସେଲ କରଉଥିଲି । ଏହିପରି କରିବା ଦ୍ୱାରା ଓଡ଼ିଶାର ଯାନବାହାନ ଗୁଡ଼ିକର ଅବସ୍ଥା ସୁଧୁରିବାକୁ ଲାଗିଲା ଓ ଯାନ୍ତ୍ରୀକ ତ୍ରୁଟୀ ଯୋଗୁ ଘଟୁଥିବା ମୋଟର ଦୁର୍ଘଟଣା ଗୁଡ଼ିକ କମିବାକୁ ଲାଗିଲା ।

ଏହି ସମୟରେ କଟକରେ ଗୋଟିଏ ଶକ୍ତିଶାଳୀ ମୋଟର ଆସୋସିଏସନ୍ ଥିଲା, ଯାହାର କର୍ମକର୍ତ୍ତାମାନଙ୍କର ରାଜନୈତିକ କ୍ଷେତ୍ରରେ ବହୁତ ପ୍ରଭାବ ଥିଲା । ମୁଁ ଯେତେବେଳେ କଟକ ମଟର ଆସୋସିଏସନର କେତୋଟି ଗାଡ଼ି ନିରୀକ୍ଷଣ କରି ସେଗୁଡ଼ିକର ଫିଟ୍‌ନେସ ସାଟଫିକେଟ୍‌କୁ ସ୍ଥଗିତ କରି ଦେଇଥିଲି, ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରେନ୍ ମିତ୍ର ମୋତେ ଡକାଇ କହିଲେ "ଏହି ମୋଟର ବସ୍ ମାଲିକମାନଙ୍କ ପ୍ରତି ଟିକିଏ ଦୟା ପରବଶ ହୋଇ କାର୍ଯ୍ୟ କରିବ । ଏହି ଛୋଟ ଛୋଟ ବସ୍ ମାଲିକମାନେ ଓ ତାଙ୍କ ସଭାପତି ମଣିବାବୁ ଏ ବିଷୟରେ ବାରମ୍ବାର ଆସି ମୋ ପାଖରେ ଗୁହାରୀ କରୁଛନ୍ତି ।" ମୁଁ କହିଥିଲି ଆପଣ କଣ ଚାହାନ୍ତି କଟକ ମୋଟର ଆସୋସିଏସନ୍ ବସ୍‌ରେ ବସି ଲୋକଗୁଡାକ ମରନ୍ତୁ ବୋଲି ? ତାଙ୍କୁ କହିବେ

Digitized by srujanika@gmail.com

ଗାଡ଼ିଗୁଡ଼ିକ ସେମାନେ ଠିକ୍ ମରମତି କରି ଚଳାଇବେ । ଯଦି ନ କରନ୍ତି ତାହେଲେ ମୁଁ ନିଶ୍ଚୟ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ।" ସେ କହିଲେ "ହଁ, ସେମାନଙ୍କୁ ନିଶ୍ଚୟ କହିବି ଓ ସେମାନଙ୍କର ଗାଡ଼ି ଠିକ୍ କରି ଚଳାଇବେ । ଯଦି ସେମାନେ ସେପରି ନ କରନ୍ତି ତା'ହେଲେ ତୁମେ ତୁମ କାର୍ଯ୍ୟ କରିଯିବ ।"

ମୁଁ ଏହି କାର୍ଯ୍ୟରେ ନିଯୁକ୍ତ ଥିବା ସମୟରେ ୧୯୬୩ ମସିହାରେ ଭାରତର ତତ୍କାଳୀନ Director General, Security of India, ସ୍ୱର୍ଗତ ଭୋଳାନାଥ ମଲ୍ଲିକ ସାହେବ ଆସି ନୂତନ ଭାବେ ଚୌଦ୍ୱାର ନିକଟସ୍ଥ ଚାରବାଟିଆଠାରେ ଦେଶର ସୁରକ୍ଷା ପ୍ରକଳ୍ପ ଆରମ୍ଭ କରିଥିଲେ । ୧୯୬୪ ମସିହାରେ ମଲ୍ଲିକ ସାହେବ ଆସି ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କୁ ମୋତେ ତାଙ୍କ ଅଧୀନରେ ଚାର୍‌ବାଟିଆଠାରେ କାର୍ଯ୍ୟ କରିବା ପାଇଁ ପଠାଇବାକୁ ଅନୁରୋଧ କରିଥିଲେ । ମୁଁ ଏକଥା ଜାଣି ନ ଥିଲି । ବୀରେନ୍ ବାବୁ ମୋତେ ଭଲରୂପେ ଜାଣିଥିବାରୁ ଭାରତ ସରକାରଙ୍କର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମୁଁ କାର୍ଯ୍ୟ କରିବା ପାଇଁ ଯେତେବେଳେ ମଲ୍ଲିକ ସାହେବ କହିଲେ, ସେ ବଡ଼ ଆନନ୍ଦିତ ହୋଇଥିଲେ ଓ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀ ଶିବରମନ୍ ସାହେବଙ୍କୁ ଡକାଇ ମୋର ସେବା ଭାରତ ସରକାରଙ୍କ ଅଧୀନକୁ Deputationରେ ପଠାଇବାକୁ କହିଲେ । ସେକଥା ମୁଁ ଆଦୌ ଜାଣି ନ ଥିଲି । ଦିନେ ମୁଁ ଭୁବନେଶ୍ୱର ସଚିବାଳୟକୁ କୌଣସି କାର୍ଯ୍ୟରେ ଆସିଥିବା ବେଳେ ତଳ ମହଲର ଲିଫ୍ଟ ନିକଟରେ ମୁଖ୍ୟମନ୍ତ୍ରୀ ବୀରେନ୍ ବାବୁଙ୍କ ସହିତ ସାକ୍ଷାତ ହୋଇଥିଲା । ସେ ମୋତେ ଯେମିତି ଦେଖିଲେ ପାଟିକରି କହିଲେ' "ସାହୁ, ମଲ୍ଲିକ ସାହେବ ତୁମକୁ ବହୁତ ଚାହୁଁଛନ୍ତି । ତୁମେ ଯିବ ?" ମୁଁ ନମସ୍କାର କରି ପଚାରିଲି, "ସାର୍, କେଉଁ ମଲ୍ଲିକ ସାହେବ ?" ସେ କହିଲେ "କଣ ତୁମେ ମଲ୍ଲିକ ସାହେବଙ୍କୁ ଜାଣିନାହଁ ? ସେ ତୁମର ଭୂୟସୀ ପ୍ରଶଂସା କରୁଥିଲେ ଓ କହିଲେ ତାଙ୍କର ଚାରବାଟିଆଠାରେ ଭାରତ ସରକାରଙ୍କର ଯେଉଁ ସୁରକ୍ଷା ପ୍ରକଳ୍ପ ପ୍ରତିଷ୍ଠା କରଯାଉଛି ତହିଁରେ ତୁମକୁ ଯୋଗ ଦେବାପାଇଁ ।" ମୁଁ କହିଲି ସାର୍, ମୁଁ ଜଣେ ମଲ୍ଲିକ ସାହେବଙ୍କୁ ଜାଣେ, ଯାହାଙ୍କ ତଳେ ଉଣେଇଶ ବର୍ଷ ପୂର୍ବେ ମୁଁ କାର୍ଯ୍ୟ କରିଥିଲି । ଯଦି ସେହି ମଲ୍ଲିକ ସାହେବ ହୋଇଥିବେ, ତାହେଲେ ମୁଁ ନିଶ୍ଚୟ ତାଙ୍କ କାର୍ଯ୍ୟରେ ଯୋଗ ଦେବି ।" ସେ କହିଲେ ।। ହଁ, ହଁ,

Digitized by srujanika@gmail.com

ସେହି ମଲ୍ଲିକ ସାହେବ । ତୁମକୁ ସେ ଭଲରୂପେ ଜାଣନ୍ତି ବୋଲି କହୁଥିଲେ ଓ ତୁମକୁ ତାଙ୍କ ବିଭାଗକୁ ନେବା ପାଇଁ ଭାରି ଆଗ୍ରହ ପ୍ରକାଶ କରୁଛନ୍ତି । ମୁଁ ଶିବରମନ୍ ସାହେବଙ୍କୁ କହିଛି ତୁମକୁ ସେଠାକୁ ପଠାଇବା ପାଇଁ ।" ଆମେ ଏହି କଥାବାର୍ତ୍ତା ହେଉ ହେଉ ଲିଫ୍‌ଟରେ ଉପରକୁ ଉଠି ତାଙ୍କ ପ୍ରକୋଷ୍ଠ ମଧ୍ୟକୁ ପ୍ରବେଶ କରି ସାରିଥିଲୁ । ସେଠାରୁ ମୁଁ ବିଦାୟ ନେଇଆସି ଆମର ତତ୍‌କାଳୀନ ବିଭାଗୀୟ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ ଆଇ.ଏ.ଏସ୍.ଙ୍କୁ ଦେଖା କରିବାକୁ ଯାଇଥିଲି । ମୋତେ ସେ ଦେଖି ଭାରି ବିରକ୍ତ ପ୍ରକାଶ କରି କହିଲେ, "ତୁମେ ଭିତରେ ଭିତରେ ଚେଷ୍ଟାକରି ଭାରତ ସରକାରଙ୍କ ଅଧୀନକୁ ପଳାଇବାକୁ ଚାହୁଁଛ । ତୁମେ ଏବେ ନୂଆକରି ଏ Chief Inspector of Motor Vehicles ଦାୟିତ୍ୱ ବହନ କରିଛ । ଭାରତ ସରକାର ଯେବେ ଚାହୁଁଛନ୍ତି ତାହେଲେ ଜଣେ ଜୁନିୟର ଅଫିସରଙ୍କୁ ନେଇ ପାରନ୍ତି । ତୁମପରି ଜଣେ ସିନିୟର ଅଫିସରଙ୍କୁ ଆମେ ଛାଡ଼ି ପାରିବୁ ନାହିଁ ।" ଏହାଶୁଣି ମୁଁ ଅବାକ୍ ହେଲି, କାରଣ ସେଦିନ ପର୍ଯ୍ୟନ୍ତ ମୁଁ ଏ ବିଷୟରେ କିଛି ଜାଣି ନ ଥିଲି । ମାତ୍ର ଅଳ୍ପ କେତେ ସମୟ ପୂର୍ବରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋତେ ଏ ବିଷୟରେ କହିବାରୁ ଯାହା ଜାଣିଲି । ସୁଧାଂଶୁ ବାବୁ ମୋ ବିରୁଦ୍ଧରେ ଏପରି ଅଭିଯୋଗ କରିବା ତାଙ୍କର ଉଚିତ ହୋଇ ନ ଥିଲା । ତାଙ୍କ ମନୋଭାବ ଦେଖି ମୁଁ ସେଠାରୁ ବଡ ଦୁଃଖରେ ବିଦାୟ ନେଇ କଟକ ଫେରି ଆସିଲି । ମୋତେ ମୋ କାର୍ଯ୍ୟରୁ ଅବ୍ୟାହତି ନ ମିଳିବାରୁ ଭାରତ ସରକାରଙ୍କର କ୍ୟାବିନେଟ୍ ଡ଼ିପାର୍ଟ-ମେଣ୍ଟରେ ତତ୍‌କାଳୀନ ସଚିବ ଆମ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ମୋତେ ଶୀଘ୍ର Depute କରିବା ପାଇଁ ଲେଖିଥିଲେ । ତେଣୁ ବାଧ୍ୟ ହୋଇ ଆମ ବିଭାଗ ମୋତେ ଭାରତ ସରକାରଙ୍କ ଅଧୀନକୁ ଯିବାପାଇଁ ଗେଜେଟ୍ ନୋଟିଫିକେସନ କଲେ । ମୋ ସ୍ଥାନରେ ଆମ ବିଭାଗର ବରିଷ୍ଠ ଏମ୍.ଭି.ଆଇ (M.V.I.) ଗଉରକେଲା, ସ୍ୱର୍ଗତ ରବୀନ୍ଦ୍ରନାଥ ଚାଟାର୍ଜୀଙ୍କୁ ନିଯୁକ୍ତି ମିଳିଥିଲା । କିନ୍ତୁ ମୋତେ ଆମ ବିଭାଗ ଛାଡ଼ିବା ପାଇଁ ପ୍ରାୟ ମାସେ ସମୟ ଲାଗିଥିଲା । ମୁଁ ୧୯୬୪ ମସିହା ସେପ୍‌ଟେମ୍ବର ମାସ ସାତ ତାରିଖରୁ ଚାରବାଟିଆସ୍ଥିତ ଭାରତ ସରକାରଙ୍କର ଏ ଆର୍.ସି. (Aircraft Research Centre)ରେ ୱାର୍କସପ୍ ସୁପରିଣ୍ଟେଣ୍ଡେଣ୍ଟ ହୋଇ ଯୋଗ ଦେଲି । ମୁଁ ସେପର୍ଯ୍ୟନ୍ତ ମଲ୍ଲିକ ସାହେବଙ୍କୁ ସେ ଓଡ଼ିଶା ଛାଡ଼ିବା ପରଠାରୁ ଦେଖି ନ ଥିଲି, ଆଉ ତାଙ୍କୁ କହିବା ତ ଦୂରର କଥା ।

Digitized by srujanika@gmail.com

ଏ.ଆର୍.ସି. ଭାରତ ସରକାରଙ୍କର ଗୋଟିଏ ବଡ଼ ଗୋପନୀୟ ସଂସ୍ଥା ଅଟେ । ତହିଁରେ କେବଳ ବଛା ବଛା ଅଫିସରମାନଙ୍କୁ ନିଆଯାଇଥାଏ । ସେ ସଂସ୍ଥାରେ ମୋର ଦାୟିତ୍ୱ ଥିଲା ଯେତେ ମଟରଗାଡ଼ି ଓ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର କରାଯାଉଥିଲା ସେଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି କରିବା ଏବଂ ସେ ବିଭାଗର ଯାବତୀୟ ପରିବହନର ବ୍ୟବସ୍ଥା କରିବା । ମୁଁ ଯିବା ସମୟକୁ ସେଠାରେ କୋଡ଼ିଏଟି ଉଡ଼ାଜାହାଜ ଓ ତହିଁର ରକ୍ଷଣାବେକ୍ଷଣ ମରାମତି ପାଇଁ ଯାହା କିଛି ସବୁ ବ୍ୟବସ୍ଥା ହୋଇଥିଲା । ମୋତେ ସେହି ଚାରିବାଟିଆର ଉପନିର୍ଦ୍ଦେଶକଙ୍କ ବଙ୍ଗଳାକୁ ଲାଗି ସେହିପରି ଗୋଟିଏ ବଙ୍ଗଳାରେ ରହିବା ପାଇଁ ଦିଆ ଯାଇଥିଲା । ମୁଁ ସେହିଠାରେ ଯୋଗ ଦେବାର ପନ୍ଦର ଦିନ ପରେ Director General, Security of India ମଲ୍ଲିକ ସାହେବ ଆସିବାର ପ୍ରୋଗ୍ରାମ ପାଇ ସେଠାକାର ସମସ୍ତ ବରିଷ୍ଠ ଅଫିସର ଉଡାଜାହାଜପଡ଼ିଆରେ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ରହିବାକୁ ପଡ଼ିଥିଲା । ସେଠାରେ ମୋଠାରୁ ଖୁବ୍ ବଡ଼ ବଡ଼ ଅଫିସର ଯଥା ବାୟୁସେନାର ଗ୍ରୁପ କ୍ୟାପ୍‌ଟେନ୍, ଉଇଙ୍ଗ କମାଣ୍ଡର କେତେଜଣ, ପୋଲିସ ବିଭାଗର ଅଫିସର ମାନେ, ଆମର ଡେପୁଟୀ ଡାଇରେକ୍ଟର ସାହେବ ଓ ମୁଁ ସମସ୍ତେ ତାଙ୍କ ଆଗମନକୁ ଅପେକ୍ଷା କରିଥିଲୁ । ମୁଁ ସେଠାରେ ତୁଳନାତ୍ମକ ଭାବେ ନୂତନ ଅଫିସର୍ ହୋଇଥିବାରୁ ଅଫିସରମାନଙ୍କ ଧାଡ଼ିର ଶେଷରେ ଠିଆ ହୋଇଥିଲି । ମଲ୍ଲିକ ସାହେବଙ୍କ ପ୍ଲେନ୍ ଆସି ପହଞ୍ଚିଲା ଓ ଆମ ନିକଟକୁ ଆସି ରହିଲା । ସେଥିରେ ସିଡ଼ି ଖଞ୍ଜାଗଲା । ମଲ୍ଲିକ ସାହେବ ସେ ସିଡ଼ିର ଉପରିଭାଗରେ ଠିଆ ହୋଇ ଅଫିସର୍‌ମାନଙ୍କ ଧାଡ଼ିକୁ ନିରୀକ୍ଷଣ କଲେ । ସେ ଯେତେବେଳେ ମୁଁ ଧାଡ଼ିର ଶେଷରେ ଠିଆ ହୋଇଥିବାର ଦେଖିଲେ ସେ ସିଡ଼ିରୁ ଓହ୍ଲାଇ ସିଧା ମୋ ନିକଟକୁ ଆସି ମୋତେ କୁଣ୍ଢାଇ ଧରିଲେ ଓ କହିଲେ, "Hallow Sahu, my old friend, so glad that you have joined here" ଏହା ଆମର ଉଣେଇଶ ବର୍ଷ ପରେ ପ୍ରଥମ ଦେଖା । ଏହା ଦେଖି ସମସ୍ତ ଅଫିସର ଆଶ୍ଚର୍ଯ୍ୟ ହୋଇଥିବେ ନିଶ୍ଚୟ, କାରଣ ମୁଁ ଅଳ୍ପ ଦିନ ତଳେ ସେହି ବିଭାଗରେ ଯୋଗ ଦେଇଥିଲେ ମଧ୍ୟ ସେହି ବିଭାଗର ସର୍ବୋଚ୍ଚ ଅଧିକାରୀ ମୋ ପ୍ରତି ଏପରି ସ୍ନେହ ପ୍ରଦର୍ଶନ କରିବା ସେମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିବ । ସେହିଦିନଠାରୁ ଚାରିବାଟିଆ ଅଫିସର୍‌ମାନଙ୍କ ମଧ୍ୟରେ

Digitized by srujanika@gmail.com

ମୁଁ ବଡ଼ ପ୍ରିୟପାତ୍ର ହୋଇଥିଲି ଓ ମଲ୍ଲିକ ସାହେବଙ୍କର ପୁରାତନ ସହଯୋଗୀ ହିସାବରେ ସେଠାକାର ଅଫିସର୍‌ମାନେ ମୋତେ ବହୁତ ସମ୍ମାନ ଦେଖାଉଥିଲେ । ସେହି ବିଭାଗରେ ମୁଁ ତିନିବର୍ଷ କାର୍ଯ୍ୟକରି ସେହିଠାରୁ ମୋର ଅଠାବନ ବର୍ଷ ପୂର୍ଣ୍ଣ ହେବାରୁ କାର୍ଯ୍ୟରୁ ଅବସର ଗ୍ରହଣ କଲି । ସେହି ତିନିବର୍ଷ ମୋର ଚାକିରୀ ଜୀବନର ଏକ ଅତି ସ୍ମରଣୀୟ ପର୍ଯ୍ୟାୟ ଥିଲା ।

ମୋର ଅବସର ଗ୍ରହଣ କରିବା ପୂର୍ବରୁ ଭାରତ ସରକାରଙ୍କ ଅଧୀନରେ ମୋର ସେବା ଆଉ ଗୋଟିଏ ବର୍ଷ ବଢ଼ାଇ ଦେବା ପାଇଁ ଭାରତର କ୍ୟାବିନେଟ୍ ସେକ୍ରେଟାରୀ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଲେଖିଥିଲେ ଓ ମୋତେ ଆମ ଅନୁଷ୍ଠାନର ଡେପୁଟୀ ଡାଇରେକ୍ଟର ନାଗରାଣୀ ସାହେବ ଅବସରକାଳ ପୂର୍ବ ଛୁଟୀରେ ଯିବାକୁ ମଧ୍ୟ ରାଜି ନ ଥିଲେ । ତେଣୁ ମୁଁ ମୋ ଚାକିରୀରୁ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ଅବସରକାଳୀନ ଛୁଟୀ ମଧ୍ୟ ନେଇ ନ ଥିଲି । ଶେଷରେ ଓଡ଼ିଶା ସରକାରଙ୍କଠାରୁ ଉତ୍ତର ଆସିଲା ଯେ ଓଡ଼ିଶା ସରକାର ତାଙ୍କର କର୍ମଚାରୀମାନଙ୍କ ସେବାର ଅବସର ଗ୍ରହଣ ସମୟ ଅଠାବନ ବର୍ଷରୁ ପଞ୍ଚାବନ ବର୍ଷକୁ କମାଇ ଦେବାକୁ ଯାଉଥିଲା ବେଳେ ଅଠାବନ ବର୍ଷ ପରେ ଆଉ ଚାକିରୀକାଳ ବଢ଼ାଇବାର କଥା ଉଠୁନାହିଁ । ଭାରତ ସରକାର ଯେବେ ଇଚ୍ଛା କରନ୍ତି ଶ୍ରୀ ସାହୁଙ୍କୁ ପୁନଃନିଯୁକ୍ତି ଦେଇ ପାରନ୍ତି । ଏହି ଚିଠିର ନକଲ କ୍ୟାବିନେଟ୍ ଡ଼ିପାର୍ଟମେଣ୍ଟରୁ ଆମ ଅଫିସକୁ ଆସିଲା । ଏ ଚିଠି ଆସିବାରୁ ମୋତେ ଆମ ଡେପୁଟୀ ଡାଇରେକ୍ଟର ନାଗରାଣୀ ସାହେବ ପଚାରିଲେ ମୁଁ ଏହି ପୁନର୍ନିଯୁକ୍ତିରେ ରାଜି ଅଛି କି ? ଏହାର ଅର୍ଥ ମୋତେ ପୁଣି ଦରମାର ପ୍ରଥମ ସ୍ତରକୁ ଫେରି ଯିବାକୁ ହେବ । କାରଣ ମୋର ପେନ୍‌ସନ୍ ଓ ଦରମା ମୋ ସେବାର ଶେଷ ସମୟରେ ଯାହା ମିଳିଥିଲା ତାଠାରୁ ବେଶୀ ହୋଇ ପାରିବ ନାହିଁ । ମୋର ଏହିପରି ସର୍ତ୍ତରେ ଚାକିରୀ କରିବା ପାଇଁ ଇଚ୍ଛା ନଥିଲା । କାରଣ ମୁଁ ମୋର ପ୍ରାପ୍ୟ ପ୍ରୋଭିଡ଼େଣ୍ଟ ଫଣ୍ଡ ଓ ଗ୍ରାଚ୍ୟୁଇଟି ପାଇଲା ପରେ ମୋ ନିଜ ସହର ବ୍ରହ୍ମପୁରଠାରେ ଗୋଟିଏ ବ୍ୟବସାୟ କରିବା ପାଇଁ ମନସ୍ଥ କରିଥିଲି ଯେଉଁଥିରେ ମୋ ବଡ଼ପୁଅ ବିଜୟ ଯେ କି ମୋଟର ଇଞ୍ଜିନିୟରିଙ୍ଗ୍ ପାସ କରିଥିଲା, ତାକୁ ନିଯୁକ୍ତ କରିପାରିବି ।

ମୋର ଚାକିରୀରୁ ବିଦାୟ ସମ୍ବର୍ଦ୍ଧନା ବଡ଼ ମର୍ମସ୍ପର୍ଶୀ ହୋଇଥିଲା, କାରଣ ସେଠାକାର ଅଫିସରମାନେ ମୋର ବୌଦ୍ଧିକ ସ୍ଥିତି ଜାଣିଥିଲେ ଓ

Digitized by srujanika@gmail.com

ତଦନୁସାରେ ବିଦାୟ ସମ୍ବର୍ଦ୍ଧନା ସଭାରେ ମୋତେ ଗୋଟିଏ ସୁନ୍ଦର ଫାଇବର ଗ୍ଲାସ ବୁଦ୍ଧ ମୂର୍ତ୍ତି, ଗୋଟିଏ ସିଙ୍ଗର ହାତବାଡ଼ି ଓ ଗୋଟିଏ ରୂପାର ପାନଡ଼ିବା (ସେତେବେଳେ ମୁଁ ପାନ ଖାଉଥିଲି) ଉପହାର ଦେଇଥିଲେ । ସେହି ସଭାରେ ବୁଦ୍ଧମୂର୍ତ୍ତି ଅଣାଯାଇ ମୋତେ ଯେତେବେଳେ ପ୍ରଦାନ କରାଗଲା ମୁଁ ବଡ଼ ଭାବ ବିହ୍ୱଳ ହୋଇ କାନ୍ଦି ପକାଇଥିଲି । ସେଥିରୁ ଜଣାଯାଉଥିଲା ସେଠାକାର ଅଫିସର୍‌ମାନେ ମୋତେ କେତେଦୂର ଭଲ ପାଉଥିଲେ ଓ ମୋର ମନ ଚିହ୍ନି ଉପହାର ବ୍ୟବସ୍ଥା କରିଥିଲେ । ଚାକିରିବାଟିଆରେ ପରିବାରଥାଇ ମୁଁ ବ୍ରହ୍ମପୁର ଗଲି । ସେଠାରେ ଆମର ଗୋଟିଏ ଛୋଟ ଘରକୁ ଆମ ପରିବାର ରହିବାପରି ସମ୍ପ୍ରସାରଣ କରିବାକୁ ହୋଇଥିଲା । ମାସକପରେ ସେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରୁ ସକୁଟୁମ୍ବ ବ୍ରହ୍ମପୁର ପ୍ରତ୍ୟାବର୍ତ୍ତନ କରିଥିଲି ।

ଏହି ମୋର ପ୍ରାୟ ପଚିଶି ବର୍ଷ ଚାକିରୀକାଳ (ମୁଁ ସରକାରୀ ଚାକିରୀରେ ମୋର ପ୍ରାୟ ତେତିରିଶ ବର୍ଷ ବୟସରେ ଯୋଗଦେଇଥିବାରୁ ଅବସର ଗ୍ରହଣ ସମୟକୁ ଚାକିରୀ କାଳ ମାତ୍ର ପଚିଶି ବର୍ଷ ହୋଇଥିଲା) ଭିତରେ ମୋର ଯେଉଁ କେତେଗୁଡ଼ିଏ ଅନୁଭୂତି ହୋଇଥିଲା ତାହା ବ୍ୟକ୍ତ କରିବାପାଇଁ ଯାଉଅଛି ।

ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଯେତେବେଳେ ଆମ ବିଭାଗର ମନ୍ତ୍ରୀ ଥିଲେ ଓ ପ୍ରାୟ ଛଅ ବର୍ଷ ମୁଖ୍ୟମନ୍ତ୍ରୀ ହୋଇରହିଲେ, ସେ ସମୟ ମଧ୍ୟରେ ମୋର ତାଙ୍କ ସହିତ ବହୁବାର ଦେଖାସାକ୍ଷାତ ହୋଇଛି । ଆଉ ସେ ଏତେ ସରଳ, ସଚ୍ଚୋଟ ଓ ହୃଦୟବାନ ବ୍ୟକ୍ତି ଥିଲେ ଯେ ତାହାର ସୁଯୋଗ କେତେଜଣ ନିଶ୍ଚୟ ନେଇଥିବେ । କିନ୍ତୁ ମୋ ସହିତ ତାଙ୍କର ଦୁଇ ତିନୋଟି ବିଷୟ ମୋର ମନରେ ଗଭୀର ରେଖାପାତ କରିପାରିଥିଲା । ଆମ ବିଭାଗର ମନ୍ତ୍ରୀ ଥିଲାବେଳେ କେତେଜଣ ତାଙ୍କ ନିକଟକୁଯାଇ ଆମ ବିଭାଗରେ ଚାକିରୀ ପ୍ରାର୍ଥନା କରୁଥାନ୍ତି । ସେ ସମସ୍ତଙ୍କୁ ମୋ ନିକଟକୁ ପଠାଇ ଦେଉଥାନ୍ତି । ଥରେ ମୁଖ୍ୟମନ୍ତ୍ରୀ ଥିଲାବେଳେ ଜଣେ କଂଗ୍ରେସ ନେତା ତାଙ୍କ ନିଜ ଭାଇଙ୍କର ଗୋଟିଏ ଚାକିରୀପାଇଁ ନବ ବାବୁଙ୍କ ନିକଟରେ ଦରଖାସ୍ତ ଦେଇଥିଲେ । ନବ ବାବୁ ଦରଖାସ୍ତ ମାର୍ଜିନରେ ନିଜର ସୁପାରିଶ ଲେଖି ମୋ ନିକଟକୁ ପଠାଇ ଦେଇଥିଲେ । ମୁଁ ସେହି ଦରଖାସ୍ତ କାରୀଙ୍କୁ ଯୋଗ୍ୟତା ଅନୁସାରେ ସେତେ-ବେଳେ ଖାଲିଥିବା ଷ୍ଟେସନ ମାଷ୍ଟର ପଦବୀ ଯାହାର ଦରମା ସେ ସମୟରେ

Digitized by srujanika@gmail.com

ମାସିକ ସତୁରୀ ଟଙ୍କାଥିଲା, ଯଦି ସେ ସେହି ପଦବୀରେ ନିଯୁକ୍ତି ପାଇବାକୁ ଆଗ୍ରହୀଥାନ୍ତି, ତାହେଲେ ତାଙ୍କର କାଗଜପତ୍ର ସହ ମୋ ନିକଟକୁ ଆସିବାପାଇଁ ଲେଖିଥିଲି । ସେ କେତେ ଦିନପରେ ମୋ ନିକଟକୁ ନ ଆସି ସିଧା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯାଇ ମୋର ଚିଠି କଥା ଜଣାଇଥିଲେ । ନବ ବାବୁ ମୋତେ ଡକାଇ କହିଲେ "ସେ ଜଣେ ଅଭିଜ୍ଞ ବ୍ୟକ୍ତି ଓ ବୟସରେ ମାସିକ ତିନିଶହ ଟଙ୍କା ବେତନରେ ଚାକିରୀ କରୁଥିଲେ । ସେ ସତୁରୀ ଟଙ୍କାରେ କିପରି କାର୍ଯ୍ୟ କରିବେ ?" ମୁଁ କହିଲି, "ସାର, ବର୍ତ୍ତମାନ ଆମ ସଂସ୍ଥାରେ (State Transport Service) କେବଳ ଗୋଟିଏ ଷ୍ଟେସନ ମାଷ୍ଟର ଚାକିରୀ ଖାଲି ଅଛି । ତେଣୁ ତାଙ୍କ ନିକଟକୁ ସେପରି ଲେଖିଥିଲି । ପ୍ରଥମେ ଏଥିରେ ଯୋଗଦେଇ ଅଭିଜ୍ଞତା ଲାଭକଲାପରେ ଅନ୍ୟ ପଦବୀ ଖାଲି ହେଲେ ତାଙ୍କ କଥା ବିଚାର କରାଯିବ ।" ତାହା ଶୁଣି ନବ ବାବୁ କହିଲେ ଏତେ ଅଳ୍ପ ଦରମାରେ ସେ କିପରି ଚଳିବେ ?" ମୁଁ କହିଲି, "ସାର, ଆପଣ ହେଉଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଆପଣ ଯଦି ଚାହିଁବେ ଆମର ଗୋଟିଏ ଆସିଷ୍ଟାଣ୍ଟ ମ୍ୟାନେଜର (ସହକାରୀ ପରିଚାଳକ) ପଦବୀ ସୃଷ୍ଟି କରି ତାଙ୍କୁ ସେଥିରେ ନିଯୁକ୍ତି ଦିଆଯାଇପାରିବ ।" ଏକଥା ଶୁଣିବା ମାତ୍ରେ ସେ ନିଜ ଚୌକୀରୁ ହଠାତ୍ ଉଠିପଡ଼ି ତାଙ୍କ ପ୍ରକୋଷ୍ଠରେ ଏପଟ ସେପଟ ଚାଲି ହାତ ଉପରକୁ ଉଠାଇ ହାତରେ ଇଙ୍ଗିତର ସହିତ କହିଲେ, "ମୁଁ ଏ କଥା କହୁ ନାହିଁ, ତୁମେ ଯାହା କରୁଛ କର ।" ସେ ଚୌକୀରେ ବସିଗଲାପରେ ମୁଁ କହିଲି "ସେ ଏ ପଦବୀକୁ ଗ୍ରହଣ କରନ୍ତୁ । କ୍ରମଶଃ ତାଙ୍କର ଅଭିଜ୍ଞତା ହେବ ଓ ଭବିଷ୍ୟତରେ କୌଣସି ଉଚ୍ଚ ପଦବୀ ଖାଲି ହେଲେ ତାଙ୍କ କଥା ଆଗ ବିଚାରକୁ ନିଆଯାଇ ତାଙ୍କୁ ସେଥିରେ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା କରାଯିବ ।" ଦରଖାସ୍ତକାରୀ ସେହି କଥାରେ ରାଜି ହେବାରୁ ତାଙ୍କୁ ଆମ ସଂସ୍ଥାରେ ନିଯୁକ୍ତି ଦିଆଯାଇଥିଲା ଓ ପରେ ତାଙ୍କୁ ସହକାରୀ ପରିଚାଳକ ପଦବୀକୁ ଉନ୍ନୀତ କରାଯାଇଥିଲା । ଉକ୍ତ ଘଟଣାଟି ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ କେବେ କୌଣସି ଅନ୍ୟାୟ କରୁ ନ ଥିଲେ ବା ତାଙ୍କ କ୍ଷମତାର ଅପବ୍ୟବହାର କରୁ ନଥିଲେ ।

ତାଙ୍କପରେ ଆମ ବିଭାଗର ମନ୍ତ୍ରୀ ହୋଇଥିଲେ ସ୍ୱର୍ଗତ ସଦାଶିବ ତ୍ରିପାଠୀ । ସେ ଅତି ସରଳ ଓ ଉତ୍ତମ ଲୋକଥିଲେ । ସେ ମନ୍ତ୍ରୀ ହେବାର

Digitized by srujanika@gmail.com

ଅନେକ ଦିନ ପୂର୍ବରୁ ତାଙ୍କ ବାସସ୍ଥାନ ନବରଙ୍ଗପୁରଠାରେ ତାଙ୍କ ସହିତ କେତେଥର ଦେଖାସାକ୍ଷାତ ଓ କଥା ବାର୍ତ୍ତା ହୋଇଥିଲା । ଏଣୁ ସେ ଆମର ମନ୍ତ୍ରୀ ହେବାପରେ ମୋତେ ତାଙ୍କ ବିଶ୍ୱାସକୁ ନେଇଥିଲେ ଓ ଆମ ବିଭାଗର କେତୋଟି ବିଷୟରେ ମୋର ପରାମର୍ଶ ଗ୍ରହୁଁଥିଲେ । କାରଣ ସେ ଜାଣିଥିଲେ ଯେ ମୋରି ଯୋଜନା ଅନୁସାରେ ଏ ରାଜ୍ୟ ପରିବହନ ସଂସ୍ଥା ଗଢିଉଠିଥିଲା । ସେ ଯଦି କୌଣସି ଲୋକକୁ ଆମ ବିଭାଗରେ ଚାକିରୀ କରାଇଦେବାର ଇଚ୍ଛା କରୁଥିଲେ, ତେବେ ମୋତେ ତାଙ୍କ ପ୍ରକୋଷ୍ଠକୁ ଡ଼କାଇ ବା ନିଜେ ଫୋନ୍ କରି କୁଶଳ ବାର୍ତ୍ତାଳାପପରେ ମୋତେ କୁହନ୍ତି, "ସାହୁ ବାବୁ, ଆପଣ ସେ ଅମୁକ ଲୋକକୁ ଜାଣନ୍ତି କି ?" ମୁଁ ଯଦି କୁହେ ମୁଁ ଜାଣେ ବୋଲି ତାହେଲେ ସେ ମୋତେ ପଚାରନ୍ତି, ସେ କିପରି ଲୋକ ? ମୁଁ ଯଦି ସେ ଲୋକ ବିଷୟରେ ଭଲ ରୂପେ ଜାଣିଥାଏ ତେବେ ସେ ଲୋକ ବିଷୟରେ ମୋର ଧାରଣାକୁ ବ୍ୟକ୍ତ କରେ । ତାହା ଶୁଣି ସେ କୁହନ୍ତି "ସାହୁ ବାବୁ, ସେ ଲୋକର ଗୋଟିଏ ପୁଅ କିମ୍ବା ବନ୍ଧୁବାନ୍ଧବ ଅଛି ଆଉ ସେ ଅମୁକ ପାଶ୍ କରିଛି । ତାକୁ ଆମ ସଂସ୍ଥାରେ କୌଣସି କାର୍ଯ୍ୟରେ ନିଯୁକ୍ତି କରି ପାରିବେ କି ? ମୁଁ ଯଦି କହେ ସାର, ତାଙ୍କୁ ଅମୁକ କାର୍ଯ୍ୟରେ ନିଯୁକ୍ତି ଦିଆଯାଇପାରିବ ଯଦି ସେପରି କାର୍ଯ୍ୟ ଖାଲିଥିବ ।" ତା'ଶୁଣି ସେ କୁହନ୍ତି "ତାହା ହେଲେ ଆପଣ ଦେଖନ୍ତୁ ତାକୁ କିପରି ନିଯୁକ୍ତି ଦିଆଯାଇପାରିବ ।" ଯେଉଁ ଲୋକର କଥା ସେ ପଚାରନ୍ତି ତାଙ୍କ ବିଷୟରେ ଯଦି ମୁଁ କୁହେ ତାକୁ ଜାଣେ ନାହିଁ ବୋଲି ତାହେଲେ ସେ ନିଜେ ସେ ବ୍ୟକ୍ତିର ପରିଚୟ ମୋତେ ଦିଅନ୍ତି ଓ କୁହନ୍ତି ସେ ଜଣେ ଭଲ ଲୋକ । ତାଙ୍କର ଗୋଟିଏ ପୁଅ ଅମୁକ ପାଶ୍ କରିଛି ଇତ୍ୟାଦି ଇତ୍ୟାଦି ..... । ଏହି ଘଟଣା ଗୁଡ଼ିକରୁ ବୁଝାଯିବ ଯେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ସ୍ୱର୍ଗତ ସଦାଶିବ ତ୍ରିପାଠୀ କିପରି ତାଙ୍କର କ୍ଷମତା ପ୍ରତି ନିର୍ଲିପ୍ତରହି ଅନ୍ୟକୁ ସାହାଯ୍ୟ କରିବାକୁ ହେଲେ ନିଜର ଅଫିସରମାନଙ୍କୁ ତାଙ୍କ ସହିତ ସଂପୃକ୍ତ କରି କାର୍ଯ୍ୟ କରୁଥିଲେ, କିନ୍ତୁ ଆଦେଶ ଦେଉ ନ ଥିଲେ ।

ସ୍ୱର୍ଗତ ବୀରେନ ମିତ୍ର ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କ ନିକଟକୁ ଅନେକ ଚାକିରୀ ପ୍ରାର୍ଥୀ ଆସୁଥିଲେ, କାରଣ ସେ ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଥିଲେ ଓ ସମସ୍ତଙ୍କୁ ନିଜ ନିଜର ଅଭାବ ଅସୁବିଧା ଜଣାଇବାକୁ ସୁଯୋଗ ଦେଉଥିଲେ । ତାଙ୍କର ଜଣେ ବ୍ୟକ୍ତିଗତ ସହକାରୀଥିଲେ ଖେପାୟ ତୁଙ୍ଗା

Digitized by srujanika@gmail.com

ମୁନସୀ ଯିଏ କି ତାଙ୍କ ନିକଟରେ ଅନେକ ବର୍ଷ କାର୍ଯ୍ୟ କରିଥିଲେ । ସେ କେତେଥର କେତେଜଣ ପ୍ରାର୍ଥୀଙ୍କୁ ମୋ ନିକଟକୁ ଆଣି ତାଙ୍କର ଦରଖାସ୍ତ ଦେଇ କହୁଥିଲେ ବୀରେନ ବାବୁ ଆପଣଙ୍କୁ କହିଛନ୍ତି ଯେ ଆପଣଙ୍କ ସହାରେ ଆପଣ ସେ ଦରଖାସ୍ତ କାରୀ ବ୍ୟକ୍ତିର ନିଯୁକ୍ତିପାଇଁ ଚେଷ୍ଟା କରିବେ । ସେ ପଠାଉଥିବା ସମସ୍ତ ପ୍ରାର୍ଥୀ ଯେ ଚାକିରୀ ପାଉଥିଲେ ଏପରି ନୁହେଁ, ଯେଉଁମାନେ ଯୋଗ୍ୟ ବିବେଚିତ ହେଉଥିଲେ ସ୍ଥାନ ଖାଲିଥିଲେ ସେମାନଙ୍କୁ କେବଳ ନିଯୁକ୍ତି ମିଳୁଥିଲା । ବୀରେନ୍ ବାବୁ ମଧ୍ୟ କାହାକୁ ଚାକିରୀ ଦେବାପାଇଁ ଆଦେଶ ଦେଉ ନ ଥିଲେ । ମୁଁ କେତେ ବର୍ଷ ଆମ ବିଭାଗର ମନ୍ତ୍ରୀ ଥିବା ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ କର୍ମୀ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କର ଘନିଷ୍ଠ ସମ୍ପର୍କରେ ଆସିଥିଲି । (୧୯୫୭ ମସିହା ମହତାବ ବାବୁଙ୍କ ମନ୍ତ୍ରୀ ମଣ୍ଡଳରେ ସେ ପରିବହନ ବିଭାଗ ମନ୍ତ୍ରୀ ଥିଲେ ।) ସେ ମଧ୍ୟ ଜଣେ ବଡ଼ ଉତ୍ତମ ଓ ବିଚାର ବନ୍ତ ଲୋକ । ସେ ମୋତେ ଅତି ଭଲ ପାଉଥିଲେ । ସେ ଆମ ବିଭାଗର କାର୍ଯ୍ୟରେ କେବେକେବେ ମୋର ପରାମର୍ଶ ନେଉଥିଲେ । ସେ କେବେ କୌଣସି ବ୍ୟକ୍ତିର ଚାକିରୀପାଇଁ ମୋତେ କହିଥିଲାପରି ମୋର ମନେପଡ଼ୁନାହିଁ ।

ମୋର ଚାକିରୀ କାଳରେ ମୋର ବେଶଭୂଷା ଓ ଚାଲିଚଳନ ଦେଖି ମୋର ବନ୍ଧୁମାନେ କେତେଥର କହିବା ମୁଁ ଶୁଣିଛି ଯେ "ତୁମପରି ଚାକିରୀ ଯେ କରିବ ତାର କୌଣସି ଅଭାବ ରହିବ ନାହିଁ । ତୁମର ମୋଟର ଭେଇକିଲ୍ସ ଇନିସପେକ୍ଟରମାନେ ଗୋଟିଏ ଗୋଟିଏ ନୂଆ ଆମ୍ବାସଡର୍ କିମ୍ବା ଫିଏଟ୍ ଗାଡ଼ି କିଣି ଚଢ଼ି ବୁଲୁଛନ୍ତି । କିନ୍ତୁ ତୁମେ ତୁମର ସେ ଦଦରା ଗାଡ଼ିରେ ଓଡ଼ିଶାଯାକ ଟୁର କରୁଛ । ତୁମେ ଜଣେ ବଡ଼ ବୋକା ହେଲେ ହୋଇଥିବ ନ ହେଲେ ଗୋଟିଏ ବଡ ଗୁପ୍ତ ଲୋକ ହୋଇଥିବ, ଯିଏ ବହୁତ ପଇସା କମାଇଥିଲେ ମଧ୍ୟ ତାକୁ ଏପରି ଲୁଚାଇ ରଖିଥିବ ଯେ ତାର କିଛି ସୂଚନା ସ୍ୱଚକ ବାହାରକୁ ଜଣାପଡୁ ନ ଥିବ ।" କିନ୍ତୁ ମୋ କଥା ମୁଁ ଜାଣିଥିଲି ଓ ସେମାନେ ଏପରି କହିଲେ ମୁଁ ହସି ଦେଉଥିଲି । ମୋର ଚାକିରୀକାଳ ମଧ୍ୟରେ ଗୋଟିଏ କଥାକୁ ଲକ୍ଷ୍ୟ ରଖିଥିଲି, ତାହା ହେଉଛି ମୁଁ ସରକାରୀ ଚାକିରୀରେ ପ୍ରଥମେ ମଲ୍ଲିକ ସାହେବଙ୍କ ଅଧୀନରେ ଯେଉଁଦିନ ଅଟୋମୋବାଇଲ ଇଂଜିନିୟରଭାବେ ଯୋଗ ଦେଲି, ସେ ଦିନ ସେ ମୋତେ ତିନୋଟି ଉପଦେଶ ଦେଇଥିଲେ । ତାହାହେଲା "ସାହୁ, ତୁମେ ଜଣେ ବଡ଼ ଇଂଜିନିୟର ନୁହଁ ଏହା ମୁଁ ଜାଣେ । କିନ୍ତୁ ତୁମେ

Digitized by srujanika@gmail.com

ଯାହା ତୁମ ବିଭାଗ ବିଷୟରେ ଭାବ, ତାହା ପରିଷ୍କାର ଭାବରେ ମୋ ନିକଟରେ ବ୍ୟକ୍ତ କରିବାରେ ପଛାଇବ ନାହିଁ । ଦ୍ୱିତୀୟରେ ତୁମ ଚାକିରୀରେ ବହୁତ ପ୍ରକାରର ପ୍ରଲୋଭନ ଦେଖାଯିବ, ସେଥିରେ ବଶବର୍ତ୍ତୀ ହେବ ନାହିଁ । ତୃତୀୟରେ ତୁମେ ଯେଉଁ କାର୍ଯ୍ୟ କରିପାରିବ ନାହିଁ କିମ୍ବା ତୁମର ଅଭିଜ୍ଞତା ନାହିଁ, ତାହା ନିର୍ଭୟରେ ମୋଠାରେ ବ୍ୟକ୍ତ କରିବ । ଏହି ତିନୋଟି ଉପଦେଶ ମୋର ଚାକିରୀ ଜୀବନରେ ଆଧାର ସ୍ୱରୂପଥିଲା । ତେଣୁ ଚାକିରୀ କାଳ ଗୌରବର ସହିତ ସମାପ୍ତ କରିପାରିଥିଲି । ମୁଁ ଯଦି ଇଚ୍ଛା କରିଥାନ୍ତି ବହୁତ ଧନ ଉତ୍କୋଚ ଭାବରେ ଗ୍ରହଣ କରିପାରିଥାନ୍ତି, ଯଦ୍ୱାରା ମୋର ବହୁତ ସମ୍ପତ୍ତି ହୋଇଥାନ୍ତା, ତାହା ଯଦି ହୋଇଥାନ୍ତା, ତାହେଲେ ମୁଁ କେବେ ହେଲେ ସବୁ ତ୍ୟାଗ କରି ଜଣେ ବୌଦ୍ଧ ଭିକ୍ଷୁ (ସନ୍ୟାସୀ) ହୋଇପାରିନଥାନ୍ତି, ଆଉ ମୋ ଜୀବନ ଯେପରି ସୁଖମୟ ହୋଇଛି ତାହା ହୋଇନଥାନ୍ତା । ତାହାଛଡା ମୁଁ ପ୍ରଥମ ଚାକିରୀରେ ପ୍ରବେଶ କଲା ସମୟରେ ମାତ୍ର ସତୁରୀ ଟଙ୍କା ଦରମା ପାଉଥିଲି ଓ ଚାକିରୀରୁ ଅବସର ନେବା ସମୟକୁ ମୁଁ ପାଉଥିଲି ବାରଶହ ପଚାଶ ଟଙ୍କା । ମୁଁ ତତ୍‌କାଳୀନ ଜଣେ ଓଭରସିୟରର ଦରମା ସତୁରୀ ଟଙ୍କାରେ ଚାକିରୀ ଆରମ୍ଭ କରି ଜଣେ ସୁପରିନ୍‌ଟେଣ୍ଡିଂ ଇଞ୍ଜିନିୟରର ଦରମା ବାରଶହ ପଚାଶ ଟଙ୍କାକୁ କ୍ରମୋନ୍ନତି ଲାଭ କରିଥିଲି ଯଦ୍ୱାରା ମୋର ମନରେ କର୍ମନିଷ୍ଠା ଓ ସଚ୍ଚୋଟତା ପ୍ରତି ଆନ୍ତରିକତା ଉପୁଜିଥିଲା ଏବଂ ତାହା ଦ୍ୱାରା ହିଁ ମୋର ଚାକିରୀରେ ଉନ୍ନତି ଘଟିଥିଲା ବୋଲି ମୋର ଦୃଢ ବିଶ୍ୱାସ ।

ମୋର ଚାକିରୀ କାଳ ମଧ୍ୟରେ ମୋର ସାତୋଟି ସନ୍ତାନ (ତିନୋଟି ପୁଅ ଓ ଚାରେଟି ଝିଅ) ମଧ୍ୟରୁ କେବଳ ଦୁଇଟି ଝିଅଙ୍କୁ ବିଭା କରାଇବା, ଦଶ ଗୁଣ୍ଠର ଖଣ୍ଡେ ଧାନବିଲ ଯାହାର ଦାମ ମାତ୍ର ଷୋଳଶହ ଟଙ୍କା ପଡ଼ିଥିଲା ଓ ତାହା ଉପରେ ଗୋଟିଏ ଛୋଟ ତିନି ବଖରା ଘର ଛଡ଼ା ଆଉ କିଛି କରି ପାରିନଥିଲି । ମୋ ଚାକିରୀରୁ ଅବସର ଗ୍ରହଣ କଲା ସମୟରେ ମୋର ପିତା ଓ ସାବତମା, ମୋ ସ୍ତ୍ରୀ ଆଉ ପାଞ୍ଚୋଟି ସନ୍ତାନ, ଗୋଟିଏ ଚାକର ପିଲା ମୋ ଉପରେ ନିର୍ଭରଶୀଳ ଥିଲେ । ଚାକିରୀ ଶେଷରେ ମୋର ଗ୍ରାଚ୍ୟୁଇଟୀ ଓ ପ୍ରୋଭିଡେଣ୍ଟଫଣ୍ଡ ସବୁ ମିଶି ପ୍ରାୟ ଚଉବନ ହଜାର ଟଙ୍କା ମିଳିଥିଲା । ତହିଁରୁ ଅର୍ଦ୍ଧେକ ଟଙ୍କା ଖଟାଇ ବ୍ରହ୍ମପୁରଠାରେ ଗୋଟିଏ ଛୋଟ ମଟର ସରଞ୍ଜାମ ଦୋକାନ ଆରମ୍ଭ କରି ଦେଇଥିବାରୁ ଅବସର ଗ୍ରହଣପରେ ମୋର ଏତେବଡ

Digitized by srujanika@gmail.com

କୁଟୁମ୍ବଙ୍କୁ ନେଇ ସୁରୁଖୁରୁରେ ଚଳିପାରୁଥିଲି । ସେ ପର୍ଯ୍ୟନ୍ତ ମୋର ପୁଅମାନେ କୌଣସି ଚାକିରୀ କରିନଥିଲେ । ମୋର ଅବସର ଗ୍ରହଣ କରିବାପରେ ଆଉ ଦୁଇଟି ଝିଅଙ୍କୁ ଓ ତିନୋଟି ଯାକ ପୁଅଙ୍କୁ ବିବାହ କରାଇବାକୁ ହୋଇଥିଲା. ମୋର ଚାରିଟି ଯାକ ଝିଅଙ୍କର ବିବାହ କିପରି ହୋଇଗଲା ତାହା ମୁଁ ଏବେ ବି ବୁଝିପାରୁନାହିଁ । ମୋର ଜ୍ୟେଷ୍ଠା କନ୍ୟା ମନୋରମାର ସ୍ୱାମୀ ଶ୍ରୀ ଲକ୍ଷ୍ମୀକେଶ୍ୱର ସାହୁ ଗୋଟିଏ ପ୍ରଥମ ଶ୍ରେଣୀ ଅଫିସର ପଦବୀରୁ ଅବସର ଗ୍ରହଣ କରିଛନ୍ତି । ଦ୍ୱିତୀୟା କନ୍ୟା ନିରୁପମା ଯାହାର ସ୍ୱାମୀ ଶ୍ରୀ ସୁଧାଂଶୁ ମୋହନ ମହାପାତ୍ର ବର୍ତ୍ତମାନ ଛାଏଷ୍ଟ କଲେଜରେ ଇତିହାସ ବିଭାଗର ମୁଖ୍ୟ ଅଛନ୍ତି । ତୃତୀୟା କନ୍ୟା ସୁଜାତାର ସ୍ୱାମୀ ଶ୍ରୀ ଦୁର୍ଗା ପ୍ରସାଦ ସାହୁ ଓଡ଼ିଶା ହାଇକୋର୍ଟରେ ରାଜ୍ୟ ସରକାରଙ୍କର ଆଡ଼ିସନାଲ ଗଭର୍ଣ୍ଣମେଣ୍ଟ ଆଡ୍‌ଭୋକେଟ୍ ଅଛନ୍ତି ଓ ଚତୁର୍ଥୀ କନ୍ୟା ଫାଲ୍ଗୁନୀ ବ୍ରହ୍ମପୁରର ଜଣେ ମଟର ବ୍ୟବସାୟୀ ଶ୍ରୀ ସନ୍ତୋଷ କୁମାର ଚୌଧୁରୀଙ୍କୁ ବିବାହ କରିଛି । ମୋର ପୁତ୍ରମାନଙ୍କ ମଧ୍ୟରୁ ବଡ଼ପୁଅ ବିଜୟ ବ୍ରହ୍ମପୁରଠାରେ ମୁଁ ଯେଉଁ ବ୍ୟବସାୟ ଆରମ୍ଭ କରିଥିଲି ତାର ମାଲିକ ଅଛି । ଦ୍ୱିତୀୟ ପୁତ୍ର ସୁଭାଷ ହାଇଦ୍ରାବାଦଠାରେ ବ୍ୟାଙ୍କ ଅଫିସରଭାବେ କାର୍ଯ୍ୟ କରୁଛି ଓ ତୃତୀୟ ପୁତ୍ର ସିଦ୍ଧାର୍ଥ କଟକଠାରେ ଇଲେକ୍ଟ୍ରୋନିକ୍ସ ବ୍ୟବସାୟ କରୁଅଛି । ମୋର ସ୍ତ୍ରୀ ଶ୍ରୀମତୀ କମଳା ଦେବୀ ବର୍ତ୍ତମାନ ମୋର ଜ୍ୟେଷ୍ଠ ପୁତ୍ର ବିଜୟ ନିକଟରେ ଆମ ବ୍ରହ୍ମପୁରଘରେ ରହୁଛନ୍ତି । ତେଣୁ ପୁତ୍ର କନ୍ୟାଦି କ୍ଷେତ୍ରରେ ମୁଁ ଜଣେ ତୃପ୍ତ ପିତା ଯାହାଦ୍ୱାରା ମୋର ସକଳ ପ୍ରକାର ଦାୟିତ୍ୱ ସାରି ମୁଁ ସନ୍ନ୍ୟାସ ଗ୍ରହଣ କରିବାର ଭାଗ୍ୟ ଲାଭ କରିପାରିଛି । ମୋର କର୍ମ ଜୀବନ ମଧ୍ୟ ସାଫଲ୍ୟ ମଣ୍ଡିତ ହୋଇଛି, ତେଣୁ ଏ ଉଭୟ ଦିଗରୁ ମୁଁ ଜଣେ ଭାଗ୍ୟବାନ ମନୁଷ୍ୟ ହୋଇପାରିଛି । ମୋର ଦୃଢ଼ ବିଶ୍ୱାସ ଯେ ସମସ୍ତେ ମୋରପରି ଭାଗ୍ୟବାନ ହୋଇପାରିବେ ଯେବେ ସେମାନେ ନିଜର ବୁଦ୍ଧି, ବିଦ୍ୟା ଓ ପରିଶ୍ରମକୁ ମନପ୍ରାଣ ଦେଇ ଉପଯୁକ୍ତ ମାର୍ଗରେ ବିନିଯୋଗ କରିପାରିବେ ।

●

Digitized by srujanika@gmail.com

ଭିକ୍ଷୁ ଶଦ୍ଧାନନ୍ଦ ଥେର

Digitized by srujanika@gmail.com

ମୋର ଧର୍ମ ଜୀବନ

ସବ୍ବ ପାପସ୍ସ ଅକରଣମ୍
କୁଶଲସ୍ସ ଉପସମ୍ପଦା
ସଚିତ୍ତ ପରିୟୋଦପନମ୍
ଏତମ ବୁଦ୍ଧାନୁଶାସନମ୍ ।

ଧମ୍ମପଦ–୧୮୩

(ସବୁପ୍ରକାର ପାପକର୍ମରୁ ଦୂରରେ ରହି, କୁଶଳକର୍ମ ସମ୍ପାଦନକରି ଓ ନିଜର ମନକୁ ପବିତ୍ର ରଖିବା ହେଉଛି ବୁଦ୍ଧଦେବଙ୍କ ଅନୁଶାସନ ।)

ମୋର ପିତା ସ୍ୱର୍ଗତ ଶିବରାମ ସାହୁ ଜଣେ ଶିବଭକ୍ତ ଥିଲେ । ତାଙ୍କୁ ଅନୁସରଣ କରି ମୋର ମାତା ସ୍ୱର୍ଗତା ଲବଙ୍ଗଲତା ଦେବୀ ମଧ୍ୟ ଶିବଭକ୍ତ ଥିଲେ । ଏମାନଙ୍କ ବିବାହର ଗ୍ୱରିବର୍ଷ ପର୍ଯ୍ୟନ୍ତ କୌଣସି ସନ୍ତାନ ସନ୍ତତି ନହେବାରୁ ଆମ ସାହି ପଡ଼ିଶାର କେତେକ ସ୍ତ୍ରୀ ଲୋକ ଓ ବନ୍ଧୁବାନ୍ଧବ ଆମ ମାଙ୍କୁ ଜଣେ ବନ୍ଧ୍ୟା ବୋଲି କହୁଥିବାର ମୋର ଜେଜେମାଙ୍କଠାରୁ ଶୁଣିଥିଲି । ସେମାନେ ପୁରୀ ଲୋକନାଥ ଠାକୁରଙ୍କଠାରେ ମାନସିକ କରି ପୁରୀଯାଇ ପୂଜା ଅର୍ଚ୍ଚନା ସମ୍ପନ୍ନ କରି ଫେରିବାର କେତେମାସପରେ ମୁଁ ଗର୍ଭସ୍ଥ ହୋଇଥିଲି ବୋଲି ଜେଜେମା କହୁଥିଲେ । ତେଣୁ ମୋର ଶ୍ରଦ୍ଧା ନାମ ଲୋକନାଥ ଦିଆ-ଯାଇଥିଲା । କିନ୍ତୁ ମୋର ଜାତକ ନାମ ହେଉଛି ଗଙ୍ଗାଧର । ମୋ ପିତା ପ୍ରତ୍ୟେକ ସୋମବାର ଦିନ ଆମ ଘର ନିକଟସ୍ଥ ଶିବ ମନ୍ଦିରକୁଯାଇ ବେଲପତ୍ର ଓ ପୁଷ୍ପ ଇତ୍ୟାଦି ସହିତ ନଡ଼ିଆଭଙ୍ଗି ଫେରୁଥିଲେ । ମୋ ମା ମଧ୍ୟ ମଝିରେ ମଝିରେ ଶିବ ମନ୍ଦିରଯାଇ ପୂଜାକରିବା ମୁଁ ଦେଖିଛି । ଏମାନଙ୍କ ସହିତ ମୋର ଦୁଇ ତିନି ବର୍ଷ ବୟସ ହେବାପରେ ମୁଁ ମଧ୍ୟ ଶିବମନ୍ଦିରକୁଯାଇ ଶିବ-

Digitized by srujanika@gmail.com

ଲିଙ୍ଗକୁ ପ୍ରଣାମ କରି ଆସୁଥିଲି । ଏହିପରି ପ୍ରଥମ ଅବସ୍ଥାରେ ମୋ ମନରେ ଦେବତାଙ୍କପ୍ରତି ଭକ୍ତି ଜାତ ହୋଇଥିଲା । ମୁଁ ପିଲାବେଳେ ବଡ ଦୁଷ୍ଟ ହୋଇଥାଏ । ମୋ ମା'ର ମୁଁ ଏକମାତ୍ର ପୁତ୍ର ହୋଇଥିଲେ ମଧ୍ୟ ସେ ମୋ ଉପରେ ଭାରି ବିରକ୍ତ ହୋଇ ବେଳେବେଳେ ମାଡ଼ ବି ଦିଅନ୍ତି । ସେ କୁହନ୍ତି "ମୁଁ କାହିଁକି ପୁରୀଯାଇ ଲୋକନାଥ ଠାକୁରଙ୍କଠାରେ ପୁଅଟିଏ ହେଉ ବୋଲି ମନାସିଥିଲି । ତୋପରି ଗୋଟିଏ ଦୁଷ୍ଟ ପିଲା ହେବ ବୋଲି ମୁଁ କେବେ ଆଶା କରିନଥିଲି ।" ମୁଁ ଏହାର ଅର୍ଥ ନବୁଝିପାରି ଜେଜେମାଙ୍କୁ ପଚାରିବାରୁ ସେ ମୋତେ ଉପରୋକ୍ତ କଥା କହିଥିଲେ । ମୁଁ ପିଲାଟି ଦିନରୁ ଶିବରାତ୍ରୀ ଦିନ ତମାମ ବାପ ମାଙ୍କ ସହିତ ଉପବାସ କରି ରାତିରେ ବାପ ମାଙ୍କ ସହିତ ମିଶି କିଛି ଫଳାହାର କରୁଥିଲି ଓ ରାତି ତମାମ ଉଜାଗର ରହୁଥିଲି । ମୋ ଜନ୍ମ-ହେବାର ଚାରିବର୍ଷପରେ ମୋର ଗୋଟିଏ ଭଉଣୀ ଓ ତାର କେତେବର୍ଷପରେ ଆଉ ଦୁଇଟି ଭଉଣୀ ଓ ଶେଷରେ ଗୋଟିଏ ଭାଇ ଜନ୍ମଗ୍ରହଣ କରିଥିଲେ । ତେଣୁ ମୋ ମା ଯେ ବନ୍ଧ୍ୟାଥିଲେ କିମ୍ବା ଲୋକନାଥ ଠାକୁରଙ୍କଠାରେ ମନାସି ତାଙ୍କ କୃପାରୁ ଯେ ମୋତେ ପାଇଥିଲେ ଏ କଥା ନୁହେଁ । ହୁଏତ ପ୍ରାକୃତିକ କାରଣରୁ ମୋ ମା ବିବାହର ଚାରିବର୍ଷ ପର୍ଯ୍ୟନ୍ତ କୌଣସି ସନ୍ତାନ ଲାଭ କରି ନଥିବେ । ମୋର ପିଲାଟିବେଳୁ ଏହିପରି ଧାର୍ମିକ ଚେତନା ପ୍ରାୟ ଷୋଳ ବର୍ଷ ପର୍ଯ୍ୟନ୍ତ ରହିଥିଲା । ତାପରେ ମୁଁ ଓଡ଼ିଆରେ ଲିଖିତ କେତେଗୁଡ଼ିଏ ପୁରାଣ ପାଠ କରିବାରୁ ମୋର ଏହି ଠାକୁରମାନଙ୍କଠାରୁ ଭକ୍ତିଭାବ କ୍ରମେ ହ୍ରାସ ପାଇବାକୁ ଲାଗିଲା । ଗୋଟିଏ ପୁରାଣରୁ ପଢିଲି ଯେ ଜଳନ୍ଧରକୁ ବଧ କରିବାପାଇଁ ଦେବତାମାନେ ସକ୍ଷମ ହୋଇ ନ ଥିଲେ । କାରଣ ଜଳନ୍ଧରର ସ୍ତ୍ରୀ ବୃନ୍ଦାଦେବୀ ପରମ ପତିବ୍ରତାଥିଲେ । ତେଣୁ କୁଆଡେ ବିଷ୍ଣୁ ନିଜେ ଯେ କି ସର୍ବଶ୍ରେଷ୍ଠ ଦେବତା ଓ ଅବତାରୀ ସେ ଜଳନ୍ଧର ବେଶରେ ଯାଇ ସତୀ ସାଧ୍ୱୀ ବୃନ୍ଦାବତୀର ସତୀତ୍ୱ ଅପହରଣ କଲେ । ଏହିପରି କେତୋଟି ଘଟଣା ପୁରାଣ ମାନଙ୍କରୁ ପଢ଼ି ମୋ ମନରେ ଦେବଦେବୀଙ୍କପ୍ରତି ଆସ୍ଥା କମିଗଲା । ଯଦି ବିଷ୍ଣୁ ନିଜେ ଏତେ ନୀଚସ୍ତରକୁ ଯାଇପାରନ୍ତି, ତାହେଲେ ଆଉ କେଉଁ ଦେବତାଙ୍କୁ ପୂଜା କରାଯିବ ? ଏହି କେତେକ ବିଷୟ ମୋ ମନରେ ଆମର ଚିରଚରିତ ହିନ୍ଦୁ ଧର୍ମ ପ୍ରତି ବିରକ୍ତି ଜାତ କରିଥିଲା ଓ ମୁଁ ଆମ ଦେଶରେ ପ୍ରଚଳିତ ଖ୍ରୀଷ୍ଟିଆନ ଓ ଇସଲାମ ଧର୍ମର ଧର୍ମଗ୍ରନ୍ଥ ଯଥା :—ପବିତ୍ର ବାଇବେଲ ଓ ପବିତ୍ର କୋରାନ୍ ପଢ଼ିଲି । ସେହି ଧର୍ମ ଗ୍ରନ୍ଥ ପଢ଼ିବାପରେ ସେହି ଧର୍ମ ପ୍ରତି ମଧ୍ୟ ମୋର

Digitized by srujanika@gmail.com

ମନ ଆକୃଷ୍ଟ ହେଉନାହିଁ । କାରଣ ସେହି ଧର୍ମଗ୍ରନ୍ଥ ମାନଙ୍କରେ ମଧ୍ୟ ଏପରି କେତେକ ଘଟଣା ଲିଖିତ ଅଛି ଯାହା ମୋର ବିଶ୍ୱାସ ଯୋଗ୍ୟ ହୋଇନଥିଲା । ତେଣୁ ମୁଁ ଜଣେ ନାସ୍ତିକବାଦୀ ହୋଇଯାଇଥିଲି । ମୋର ଖାଲି ଗୋଟିଏ ବିଶ୍ୱାସ ଥିଲା ତାହା ହେଉଛି ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି ହୋଇଛି ପ୍ରକୃତିଦ୍ୱାରା ଯାହାକୁ ଭିନ୍ନ ଭିନ୍ନ ନାମରେ ନାମିତ କରାହୋଇଛି ଯଥା ବ୍ରହ୍ମ, ଈଶ୍ୱର, ଭଗବାନ, ପରମାତ୍ମା, ଆଲ୍ଲା ଇତ୍ୟାଦି ଇତ୍ୟାଦି । ଏହିପରି ଭାବରେ ମୋର ପଚାଶଚାଳିଶ ବର୍ଷ ବୟସ ପର୍ଯ୍ୟନ୍ତ କାଳାତିପାତ କରିଥିଲି । ଗୋଟିଏ କଥା ପ୍ରତି ମୋର ସଦା ଲକ୍ଷ୍ୟ ଥିଲା ତାହା ହେଉଛି ନ୍ୟାୟ । ପ୍ରକୃତି ସହିତ ଆମେ ସମତାରଖି ପାରିଲେ ତାହା ନ୍ୟାୟ ସଙ୍ଗତ ହେବ ଓ ପ୍ରକୃତି ବିରୁଦ୍ଧରେ ଯାହା କିଛି କରୁ ତାହା ଅନ୍ୟାୟ ବୋଲି ମୋର ଧାରଣାଥିଲା । ତେଣୁ ମୋର ଚାକିରୀ ଜୀବନରେ ଏହି ନ୍ୟାୟ ଅନ୍ୟାୟ କଥା ଉପରେ ସଦା ଧ୍ୟାନ ରଖି କାର୍ଯ୍ୟ କରୁଥିଲି । ଦିନେ ଅର୍ଥାତ୍ ୧୯୫୪ ମସିହା ଫେବୃୟାରୀ ମାସ ଅଠେଇଶ ତାରିଖ ରାତ୍ର ଅଢେଇଟା ସମୟରେ ମୁଁ ଗୋଟିଏ ବିଚିତ୍ର ସ୍ୱପ୍ନ ଦେଖିଲି, ଯାହା ମୋର ଜୀବନକୁ ସମ୍ପୂର୍ଣ୍ଣଭାବେ ପରିବର୍ତ୍ତନ କରିପାରିଛି । ମୁଁ ସେତେବେଳେ କଟକ କିଲ୍ଲା ପଡ଼ିଆସ୍ଥ ଦଶନମ୍ବର ବଙ୍ଗଳାରେ ବାସ କରୁଥିଲି । ମୋର ଶୋଇବାଘରେ ମୁଁ ଗୋଟିଏ ଖଟରେ ଶୋଇଥିଲି ଓ ମୋ ସ୍ତ୍ରୀ ଅନ୍ୟ ଏକ ଖଟରେ ଛୋଟ ପିଲାକୁଧରି ଶୋଇଥିଲେ । ମୋର ଏ ସ୍ୱପ୍ନରେ ମୋ ଶୋଇବା ଘରଟି ଅତି ଉଜ୍ଜ୍ୱଳଭାବେ ଆଲୋକିତ ହୋଇଉଠିଥିଲା ଏବଂ ଜଣେ ଗୌରବର୍ଣ୍ଣ ଦୀର୍ଘକାୟ ପୁରୁଷ ମୋର ଖଟର ମଥା ନିକଟରେ କିଛି କ୍ଷଣ ଠିଆ ହୋଇ ମୋତେ ମାତ୍ର ଦୁଇପଦ ଇଂରେଜିରେ "FOLLOW ME" କହି ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ସେ ଅନ୍ତର୍ଦ୍ଧାନ ହେବାପରେ ମୋର ନିଦ୍ରାଭଗ୍ନ ହୋଇଥିଲା ଓ ସେପର୍ଯ୍ୟନ୍ତ ପ୍ରକୋଷ୍ଠଟି ଆଲୋକରେ ପୂରିରହିଥିଲାପରି ମୋତେ ଦେଖାଯାଉଥିଲା । ମୁଁ ବଡ଼ ପାଟିରେ ମୋ ସ୍ତ୍ରୀଙ୍କୁ ଡ଼ାକି ଉଠାଇ କହିଲି, "ଉଠ, ଉଠ, ଘରଭିତରେ କିପରି ଉଜ୍ଜ୍ୱଳ ଦେଖାଯାଉଛି, ଦେଖ । ମୋତେ କିଏ ଜଣେ ଗୋରା ଓ ଦୀର୍ଘକାୟ ସନ୍ନ୍ୟାସୀ ଆସି "FOLLOW ME" କହି ଚାଲି-ଗଲେ ।" ମୋ ସ୍ତ୍ରୀ ହଠାତ୍ ନିଦରୁ ଉଠି ଚାରିଆଡ଼େ ଚାହିଁ କହିଲେ "କାହିଁ ମୁଁ ତ କିଛି ଆଲୋକ ଦେଖିପାରୁନାହିଁ । ତୁମେ ବୋଧ ହୁଏ ସ୍ୱପ୍ନ ଦେଖିଥିବ । ଶୋଇପଡ଼ ।" ମୁଁ ତାଙ୍କୁ ସେ ସ୍ୱପ୍ନର ପୂର୍ଣ୍ଣ ବିବରଣୀ ଦେଇ ଆଉ ସେହି ଲୋକର ବର୍ଣ୍ଣନା କରି ଏପରି କଥାବାର୍ତ୍ତା ହେଉ ହେଉ ପାହାନ୍ତା କୁକୁଡ଼ା

Digitized by srujanika@gmail.com

ବୋବାଇଲା । ମୁଁ ଉଠି ମୋ ନିତ୍ୟକର୍ମ ସାରିବାକୁ ଗଲି । ସେ ଦୃଶ୍ୟ ମୋ ମାନସପଟରେ ଏପର୍ଯ୍ୟନ୍ତ ସତେଜ ରହିଛି । ମୁଁ ଭାବିଥିଲି ସେ ରାମକୃଷ୍ଣ ମିଶନର ଜଣେ ସନ୍ନ୍ୟାସୀ ହୋଇଥିବେ । ରାମକୃଷ୍ଣ ମିଶନର ସନ୍ନ୍ୟାସୀମାନେ ଗୈରିକବସ୍ତ୍ର ପରିଧାନ କରିଥାନ୍ତି । ମୋ ସ୍ୱପ୍ନର ପୁରୁଷ କିନ୍ତୁ କମଳାରଙ୍ଗର ବସ୍ତ୍ର ପରିଧାନ କରିଥିଲେ ଯାହା ସ୍ୱର୍ଣ୍ଣପରି ଝଟକୁଥିଲା । ତେଣୁ ମୁଁ ବୁଝିପାରିଲି ନାହିଁ ଯେ ସେ କିଏ ହୋଇଥିବେ ବୋଲି । ସେଦିନ ଓ ତାପରଦିନ ମୁଁ ମୋର ଅନେକ ବନ୍ଧୁଙ୍କୁ ଏ ବିଷୟରେ କହିଥିଲି । କିନ୍ତୁ କେହି ମୋତେ ମୋ ସ୍ୱପ୍ନର ମର୍ମ ଠିକ୍‌ରୂପେ ବୁଝାଇପାରିନଥିଲେ । ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁ ତାଙ୍କ ଦେଉଳ ସାହି ଘରୁ ସହରକୁ ସାଇକେଲ କିମ୍ବା ରିକ୍‌ସାରେ ଆସିଲାବେଳେ ଆମ ବସା ବାଟ ହୋଇଯାଆନ୍ତି ଓ ମଝିରେ ଆମ ବସାକୁ ଆସି କଥାବାର୍ତ୍ତା ହୋଇ ଯାଉଥାନ୍ତି । ମୋ ସ୍ୱପ୍ନର ଦୁଇ ଦିନ ଭିତରେ ସେ ଆମ ବସାକୁ ଆସିବାରୁ ମୁଁ ତାଙ୍କୁ ମୋ ସ୍ୱପ୍ନ ବିଷୟ କହିଲି, ଆଉ କହିଲି ମୁଁ ଏହାର ତାତ୍ପର୍ଯ୍ୟ କିଛି ବୁଝିପାରୁନାହିଁ । ସେ ମୋତେ ମୋ ସ୍ୱପ୍ନ ବିଷୟରେ ଟିକିନିଖି ପଚାରିଲେ ଓ କହିଲେ ତୁମେ ତାଙ୍କର କଣ ଆସାଧାରଣ କଥା ଦେଖିଥିଲ ? ମୁଁ କହିଲି ଯେ ମୋତେ ତାଙ୍କର ରୂପ ଏପରି ଉଜ୍ଜ୍ୱଳ ଦେଖାଯାଉଥିଲା, ମୁଁ ଭଲ ରୂପେ ଦେଖିପାରିନଥିଲି । କିନ୍ତୁ ମୋତେ ତାଙ୍କର କାନ ଦୁଇଟି ଟିକିଏ ଲମ୍ବା ଥିଲାପରି ଦେଖାଯାଉଥିଲା । ଏହା କହିବା ମାତ୍ରେ ସେ କହିଲେ "ଲୋକନାଥ, ତୁମେ ବୁଦ୍ଧ ଦେବଙ୍କୁ ସ୍ୱପ୍ନରେ ଦେଖିଛ । ତାଙ୍କ ବିଷୟରେ ପଢ଼ାପଢ଼ି କର ।" ଏକଥା ଶୁଣି ମୋ ମନରେ ଏପରି ଏକ ଆନନ୍ଦ ଜାତ ହୋଇଥିଲା ଯାହା ବହୁତ କମ୍ ସମୟରେ ମୁଁ ଅନୁଭବ କରିଛି । ସେ ପର୍ଯ୍ୟନ୍ତ ମୁଁ ବୁଦ୍ଧଦେବଙ୍କ ବିଷୟରେ ସେପରି କିଛି ଜାଣି ନଥିଲି । ପିଲାଦିନେ କେବଳ ବହିରେ ତାଙ୍କର ଛବି ଓ **"ଅହିଂସା ପରମ ଧର୍ମ"** ବାଣୀ ଛଡ଼ା ଆଉ ବିଶେଷ କିଛି ମୋର ମନେ ନଥିଲା । ଲକ୍ଷ୍ମୀନାରାୟଣ ବାବୁଙ୍କୁ ବୁଦ୍ଧଦେବଙ୍କ ବିଷୟରେ ବହି ଇତ୍ୟାଦି କେଉଁଠୁ ପାଇବି ବୋଲି ପଚାରିବାରୁ ସେ କହିଲେ "ମୋ ପାଖରେ ବୁଦ୍ଧଦେବ ଓ ବୌଦ୍ଧ ଧର୍ମ ବିଷୟରେ ଅଳ୍ପ କେତୋଟି ବହି ଅଛି, ତୁମେ ଆଣି ପଢ଼ିବ । ତାପରେ ରେଭେନ୍‌ସା କଲେଜ କନିକା ଲାଇବ୍ରେରୀରେ Buddhism ଉପରେ ବହୁତ ବହି ଅଛି । ତୁମେ କେଉଁ ଲେକଚରର୍ କିମ୍ବା ଛାତ୍ରଙ୍କ ଦ୍ୱାରା ସେ ବହି ଆଣି ପଢ଼ିପାରିବ ।" ସେହି ଦିନଠାରୁ ଆଜିପର୍ଯ୍ୟନ୍ତ ବୁଦ୍ଧଦେବ ଓ ବୌଦ୍ଧ

Digitized by srujanika@gmail.com

ମତବାଦ ବିଷୟକ ବହି ପ୍ରତ୍ୟେକ ଦିନ ରାତ୍ରରେ ଶୋଇବା ଆଗରୁ କିଛି ପଢ଼ି ଶୋଇଥାଏ । ନ ପଢ଼ିଲେ ମୋତେ ନିଦ ହୁଏ ନାହିଁ ।

ବୁଦ୍ଧ ଦେବଙ୍କ ସ୍ୱପ୍ନ ଦର୍ଶନ ପାଇବା ଆଗରୁ ମୋର ଧର୍ମ ଦିଗରେ ସେପରି କୌଣସି ଆଗ୍ରହ ନ ଥିଲା । କାରଣ ଧର୍ମ ବିଷୟରେ ଯେତେଟା ବହି ମୁଁ ପଢ଼ିଥିଲି ସେଥିରେ ମୋର ମନବୋଧ ହେଲପରି କୌଣସି ସନ୍ଦେଶ ପାଇନଥିଲି । କିନ୍ତୁ ଯେଉଁ ଦିନଠାରୁ ଭଗବାନ ବୁଦ୍ଧଙ୍କର ଓ ବୌଦ୍ଧ ମତବାଦ ବିଷୟରେ ପଢ଼ାପଢି ଆରମ୍ଭ କଲି ସେହି ଦିନଠାରୁ ମୋ ମନରେ ବୁଦ୍ଧଙ୍କ ବାଣୀ ପ୍ରତି ଗଭୀର ଶ୍ରଦ୍ଧା ଓ ବିଶ୍ୱାସ ଜାତ ହୋଇଥିଲା । ଅଢ଼େଇ ହଜାର ବର୍ଷରୁ ଊର୍ଦ୍ଧ୍ୱ ସମୟରେ ତଥାଗତ ବୁଦ୍ଧ ନିଜଚେଷ୍ଟା ଓ ସାଧନା ବଳରେ ଯେଉଁ ସତ୍ୟ ଆବିଷ୍କାର କରିଥିଲେ ତହିଁରେ ଆଇନ୍‌ଷ୍ଟାଇନଙ୍କପରି ଜଣେ ପ୍ରଖ୍ୟାତ ବୈଜ୍ଞାନିକ ମଧ୍ୟ କୌଣସି ଅସାମଞ୍ଜସ୍ୟ କିମ୍ବା ଅଯୌକ୍ତିକତାପାଇ ନଥିଲେ । ଆଇନଷ୍ଟାଇନ ଗୋଟିଏ ସ୍ଥାନରେ ଲେଖି ଯାଇଛନ୍ତି "ଯଦି କୌଣସି ମତବାଦ ଭବିଷ୍ୟତରେ ସମସ୍ତଙ୍କର ଗ୍ରହଣୀୟ ହେବ, ତାହା ହେଉଛି ବୌଦ୍ଧ ମତବାଦ ।" ବୌଦ୍ଧ ମତବାଦରେ ମୋର ପଢ଼ା ଆରମ୍ଭଠାରୁ ଏପର୍ଯ୍ୟନ୍ତ କୌଣସିଠାରେ କୌଣସି ଅନ୍ଧ ବିଶ୍ୱାସ କିମ୍ବା ଅତି ଭୌତିକତା କିଛି ଦେଖିପାରୁନାହିଁ । ବୌଦ୍ଧ ମତବାଦରେ ଜାତିଭେଦ, ଯାଗଯଜ୍ଞ କିମ୍ବା ପୌରୋହିତ୍ୟ ଆଧିପତ୍ୟ ନାହିଁ । ଏହି କେତୋଟି କଥାରୁ ମୁଁ ବୌଦ୍ଧ ମତବାଦପ୍ରତି ଗଭୀର ଭାବରେ ଆକୃଷ୍ଟ ହୋଇଥିଲି ଓ ତାହା ଦିନକୁ ଦିନ ବୃଦ୍ଧି ପ୍ରାପ୍ତ ହୋଇ ଶେଷରେ ମୋତେ ଜଣେ ବୌଦ୍ଧ ଭିକ୍ଷୁରେ ପରିଣତ କରିଛି ।

ଆମ ଉପନିଷଦ ଗୁଡ଼ିକରେ ଯେଉଁ ସବୁ ଜ୍ଞାନର ଭଣ୍ଡାର ରହିଛି ତାହାକୁ ଭିତ୍ତିକରି ବୌଦ୍ଧମତବାଦ ସୃଷ୍ଟି ହେଲପରି ମନେହୁଏ । କାରଣ ହିନ୍ଦୁ ମତବାଦରେ ଏପର୍ଯ୍ୟନ୍ତ ଯେତେ ଦେବାଦେବୀ ସୃଷ୍ଟି ହୋଇଛନ୍ତି ସେମାନେ ସମସ୍ତେ କାଳ୍ପନିକ, ସେମାନେ ପ୍ରକୃତ ନୁହନ୍ତି । ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପଣ୍ଡିତମାନେ ନିଜ ନିଜର ମନମୁତାବକ ଦେବଦେବୀ ସୃଷ୍ଟିକରି ସେମାନଙ୍କୁ ଭିନ୍ନ ଭିନ୍ନ ପ୍ରକାର ଶକ୍ତି ବିତରଣ କରି, ଭିନ୍ନ ଭିନ୍ନ ଲୋକର ଦରକାର ଅନୁଯାୟୀ ନାମକରଣ କରିଯାଇଛନ୍ତି ବୋଲି ମୋର ଧାରଣା । ସ୍ୱର୍ଗତ ଡ଼କ୍ଟର ରାଧାକୃଷ୍ଣନ୍ ତାଙ୍କର ଇଣ୍ଡିଆନ୍ ଫିଲୋସଫି (ଭାରତୀୟ ଦର୍ଶନ) ପୁସ୍ତକର ପ୍ରଥମ ଭାଗରେ ଲେଖିଯାଇଛନ୍ତି "The Process of god making in the

Digitized by srujanika@gmail.com

factory of man's mind cannot be seen so clearly any where else as in the Rgveda." (The Hyms of the Rg. veda Page-73) ଅର୍ଥାତ "ମନୁଷ୍ୟ ମସ୍ତିଷ୍କ କାରଖାନାରେ ନିର୍ମିତ ହୋଇଥିବା ଦେବତା ସୃଷ୍ଟିର ପ୍ରଣାଳୀ ଋଗ୍ ବେଦ ବ୍ୟତୀତ ଅନ୍ୟ କେଉଁଠାରେ ଏପରି ସ୍ପଷ୍ଟ ଭାବରେ ଦେଖା ଯାଏନା ।" ମୋର କ୍ଷୁଦ୍ର ମତରେ ଭଗବାନଙ୍କୁ ମଧ୍ୟ ମନୁଷ୍ୟ ନିଜର ଆକାରରେ କଳ୍ପନା କରିଛି । ଯେତେବେଳେ ଆଦିମାନବ ପର୍ବତ ଗୁହାମାନଙ୍କରେ ବାସ କରୁଥିଲେ ସେମାନେ ବନ୍ୟଜନ୍ତୁ ଶିକାର କରି ଓ ଅନ୍ୟ ଫଳମୂଳଖାଇ ବଞ୍ଚୁଥିଲେ । ଏହା ହୁଏତ ଘଟିଥିବ ଏକ ସମୟରେ ଯେବେ ଏକ ସପ୍ତାହ ପର୍ଯ୍ୟନ୍ତ ଘୂର୍ଣ୍ଣିବାତ୍ୟା ଓ ଭୂମିକମ୍ପ ହେବାରୁ ସେମାନେ ଗୁହା ତ୍ୟାଗ କରି କୌଣସି ଶିକାର କିମ୍ବା ବନ୍ୟ ଫଳମୂଳ ସଂଗ୍ରହ କରିବାପାଇଁ ସୁଯୋଗ ପାଇନଥିବେ । ତେଣୁ କ୍ଷୁଧା ଜ୍ୱାଳାରେ ଉଭୟ ହସ୍ତ ଉପରକୁ ଟେକି ଉଚ୍ଚ ସ୍ୱରରେ "ହୋ" "ଓ" ନାଦ କରିଥିବେ । ତାର ଅର୍ଥ ସେମାନେ ପୂର୍ଣ୍ଣ ନିଃସହାୟ ଓ ଅନ୍ୟ ବାହ୍ୟଶକ୍ତି ଆସି ସେମାନଙ୍କୁ ବିପତ୍ତିରୁ ଉଦ୍ଧାର କରନ୍ତୁ । ସେହିଠାରୁ ହିଁ ଭଗବାନ ସୃଷ୍ଟି ହୋଇଥିବେ ବୋଲି ମୋର ଧାରଣା । ମଣିଷର ଯେକୌଣସି କାର୍ଯ୍ୟ ତାହାର ଚେଷ୍ଟା ଓ ଶକ୍ତି ବାହାରକୁ ଗଲିଗଲେ ସେ ପ୍ରକୃତରେ ହାତ ଉପରକୁ ଟେକି ଗୋଟିଏ ବାହ୍ୟ ଶକ୍ତିକୁ ଆହ୍ୱାନ କରିଥାଏ । ସେହି ବାହ୍ୟ ଶକ୍ତି ହିଁ ପରେ ଭଗବାନ ଓ ସେହି "ହୋ" "ଓ" ଶବ୍ଦପରେ ଓଁକାର ଶବ୍ଦରେ ପରିଣତ ହୋଇଥାଇପାରେ । ମନୁଷ୍ୟ ବିଭିନ୍ନ ସମୟରେ ପ୍ରାକୃତିକ ଶକ୍ତିଦ୍ୱାରା ଉପକୃତ ହେଉଥିବାରୁ ପ୍ରାକୃତିକ ଶକ୍ତି ହିଁ ଭଗବାନ ବୋଲି ବିଶ୍ୱାସ କରିବା ଅନୁଚିତ ହେବ ନାହିଁ । ତାହାର ଅନେକ ଯୁଗପରେ ମନୁଷ୍ୟ-କ୍ରମ ବିବର୍ତ୍ତନ ଦ୍ୱାରା ଶାରୀରିକ ଗଠନ ସହିତ ତାର ଜ୍ଞାନର ମଧ୍ୟ ଅଭିବୃଦ୍ଧି ଲାଭ କରିଛି ଓ ସେହି ଜ୍ଞାନ ବଳରେ ପ୍ରକୃତିର ଭିନ୍ନ ଭିନ୍ନ ଶକ୍ତିକୁ ଭିନ୍ନ ଭିନ୍ନ ଦେବଦେବୀରୂପେ ନାମ କରଣ କରି ସେମାନଙ୍କର ସ୍ତୁତି କରଯାଇଛି । ତାହା ବୈଦିକ ଯୁଗ ପ୍ରାରମ୍ଭର କଥା । ତାହାପରେ ମଣିଷର ଜ୍ଞାନର ଅଭିବୃଦ୍ଧି ଦ୍ୱାରା ସେ ବୁଝି ପାରିଥିବ ଏହି ଭିନ୍ନ ଭିନ୍ନ ଶକ୍ତିଗୁଡ଼ିକ ଦେବଦେବୀ ହୋଇପାରନ୍ତି କିନ୍ତୁ ଆଦି ସ୍ରଷ୍ଟା ହୋଇନପାରନ୍ତି । ତେଣୁ ସେ ଏପରି ଏକ ଶକ୍ତିର କଳ୍ପନା କିମ୍ବା ଉଦ୍‌ଭାବନା କରିଥିବ ଯାହାକୁ ସେ ବ୍ରହ୍ମ ଆଖ୍ୟା ଦେଇଥିବ । ଏହି ବ୍ରହ୍ମ ହେଉଛନ୍ତି ଉପନିଷଦ ଯୁଗର ସୃଷ୍ଟି । ଆମ ଉପନିଷଦ ଗୁଡ଼ିକ ଜ୍ଞାନର ଚରମ ସୀମାରେ ପହଞ୍ଚିଛନ୍ତି । ଏହାପରେ

Digitized by srujanika@gmail.com

ଯାହା କିଛି ଧର୍ମ ବା ମତବାଦ ସୃଷ୍ଟି ହୋଇ ଅଛି, ସେହି ଉପନିଷଦର ଦିବ୍ୟ ବାଣୀକୁ ନେଇ ହିଁ ସୃଷ୍ଟି ହୋଇଛି । ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ମହାପୁରୁଷମାନେ ଜନ୍ମ ଗ୍ରହଣ କରି ତତ୍‌କାଳୀନ ଆବଶ୍ୟକତା ଅନୁସାରେ ଭିନ୍ନ ଭିନ୍ନ ମତର ବ୍ୟାଖ୍ୟା କରିଯାଇଅଛନ୍ତି ଯାହାକୁ ଆମେ ଭିନ୍ନ ଭିନ୍ନ ଧର୍ମ ବୋଲି କହୁଛୁ । କିନ୍ତୁ ପ୍ରକୃତରେ ଏଗୁଡ଼ିକ ଭିନ୍ନ ଭିନ୍ନ ଧର୍ମ ନୁହନ୍ତି । ଏ ପୃଥିବୀରେ ଏକମାତ୍ର ଧର୍ମ ହେଉଛି **ମାନବ ଧର୍ମ** ଯାହା **ସତ୍ୟ, ଅହିଂସା, କରୁଣା** ଓ **ମୈତ୍ରୀ** ଉପରେ ଆଧାରିତ । ସତ୍ୟ ହେଉଛି ଚିରନ୍ତନ ଓ ପ୍ରକୃତିର ପରିପ୍ରକାଶ । ଯାହା ଘଟିଛି ତାହା ଘଟିଛି ବୋଲି କହିବା ହେଉଛି ସତ୍ୟ ଓ ଯାହା ଘଟି ନାହିଁ ତାହା ଘଟିଛି ବୋଲି କିମ୍ବା ଯାହା ଘଟିଛି ତାହା ଘଟିନାହିଁ ବୋଲି କହିବା ହେଉଛି ଅସତ୍ୟ । ଏହା ହେଲା ସାଧାରଣ ମନୁଷ୍ୟର ଧର୍ମଧାରଣା । କିନ୍ତୁ ସତ୍ୟ କେବଳ ଏତିକି ମାତ୍ର ନୁହେଁ, ସତ୍ୟ ହେଉଛି ସମତା (equilibrium) ଯାହା ବିଶ୍ୱ ବ୍ରହ୍ମାଣ୍ଡ ସାରା ବ୍ୟାପ୍ତ ରହିଛି ଓ ଏହି ସମତାର ବିଚ୍ୟୁତି ଦ୍ୱାରା ସଂଘର୍ଷ ଘଟୁଛି ।

ଏ ବିଶ୍ୱରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ । ଏପରିକି ଗ୍ରହ ଉପଗ୍ରହ, ସୂର୍ଯ୍ୟ, ଚନ୍ଦ୍ର, ତାରା ଏ ସମସ୍ତଙ୍କର ଦିନେ ନା ଦିନେ ମୃତ୍ୟୁ ଅବଶ୍ୟ-ମ୍ଭାବୀ । ଏବେ ଆମେ ଶୁଣିପାରୁଛୁ ଯେ କେତେଗୁଡ଼ିଏ ତାରାଙ୍କର ମୃତ୍ୟୁ ଘଟିଛି ଓ ଆଉ କେତେ ଗୁଡ଼ିକର ମୃତ୍ୟୁ ଆରମ୍ଭ ହୋଇଛି । ଏହି ଅନିତ୍ୟ ସଂସାରରେ ନିତ୍ୟ କଣ ? ଏହି ବିଷୟ ଅନେକ ଯୁଗରୁ ଆମ ମୁନିଋଷିମାନେ ଅନୁଧ୍ୟାନ କରି ଶେଷରେ ଉପନିଷଦରେ ବର୍ଣ୍ଣିତ ବ୍ରହ୍ମ ହିଁ ଚିରନ୍ତନ ବୋଲି ଘୋଷଣା କରିଅଛନ୍ତି । ଏ ବ୍ରହ୍ମ ନିରାକାର, ନିର୍ଗୁଣ ଓ ବିଶ୍ୱ ବ୍ୟାପୀ । ତେଣୁ ତାକୁ କେହି ଦେଖିନାହାନ୍ତି । ବ୍ରହ୍ମକୁ ଯଦି କେହି ଦେଖିନାହାନ୍ତି ତେବେ ମନୁଷ୍ୟ ସୃଷ୍ଟି କରିଥିବା ଦେବତାମାନଙ୍କୁ କିଏ କିପରି ଦେଖି ସେମାନଙ୍କର ରୂପାଙ୍କନ କରି ବିଷ୍ଣୁଙ୍କର ଚାରୋଟି ହସ୍ତ ସୃଷ୍ଟି କରି ପ୍ରତ୍ୟେକଟିରେ ଭିନ୍ନ ଭିନ୍ନ ବସ୍ତୁ ଯଥା ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଦେଇ ଉଭୟ ଶୁଭ ଓ ଅଶୁଭର ପ୍ରତୀକ ଧାରଣା କରାଯାଇଛି ? ଶଙ୍ଖ ଓ ପଦ୍ମ ଶୁଭ ସଂକେତ, ଚକ୍ର ଓ ଗଦା ମାରଣାସ୍ତ୍ର ହୋଇଥିବାରୁ ଅଶୁଭ । ଏହାର ଉଦ୍ଦେଶ୍ୟ ହେଲା ଏ ସଂସାରରେ ଭଲ ଓ ମନ୍ଦ ଉଭୟ ରହିଅଛି, ଆଉ ମନୁଷ୍ୟ ତା ମଧ୍ୟରୁ ଯେଉଁ ଗୋଟିକ ହେଉ ବାଛି ନେଇ ତା ଜୀବନରେ ବ୍ୟବହାର କରିପାରିବ । ଯେଉଁମାନେ ଭଲ କିମ୍ବା ଶୁଭକୁ

Digitized by srujanika@gmail.com

ନିଜର ଜୀବନରେ ଲାଭ କରିବାପାଇଁ ଚେଷ୍ଟା କରିବେ, ସେମାନେ ଭଲ ମଣିଷ-ଭାବେ ପରିଗଣିତ ହେବେ ଓ ଯେଉଁମାନେ ଆସକ୍ତିକୁ ଚରିତାର୍ଥ କରିବାପାଇଁ ସଦାତତ୍ପର ସେମାନେ ତାହାର ଫଳ ସ୍ୱରୂପ ଦୁଃଖ ଭୋଗ କରିବେ । ଏହା ହେଉଛି ପ୍ରକୃତିର ନିୟମ । ତେଣୁ ଭଗବାନ ବୋଲି ଯେଉଁ କଳ୍ପନା ମନୁଷ୍ୟ କରିଛି ତାହା କେବଳ ତାହାର ଅସହାୟ ଅବସ୍ଥାରେ ସହାୟକ ହେବାପାଇଁ କରିଛି । ମଣିଷ ଜୀବନ ସୁଖ ଓ ଦୁଃଖର ସମାହାର । ସଂସାରରେ ଏପରି କେହି ନାହିଁ ସଦା ସୁଖୀ କିମ୍ବା ଦୁଃଖୀ ହୋଇ ରହିବ । ପ୍ରତ୍ୟେକ ମଣିଷ ତାର ନିଜର କର୍ମାନୁସାରେ ଫଳ ଲାଭ କରିଥାଏ । ଏହା ହେଉଛି ପ୍ରକୃତିର ନିୟମ । ପ୍ରତ୍ୟେକ କର୍ମର ଫଳ ଯଦି ତତ୍‌କ୍ଷଣାତ୍ ମିଳୁଥାନ୍ତା ତାହେଲେ ମଣିଷ କେବେ ମନ୍ଦକର୍ମ କରିବାକୁ ସାହସ କରନ୍ତା ନାହିଁ । କିନ୍ତୁ କର୍ମର ବୀଜ ବୃକ୍ଷରେ ପରିଣତ ହୋଇ ଫଳଫଳିବାକୁ ବହୁତ ସମୟ ଦରକାର ପଡ଼ିଥାଏ । ଏପରିକି ଏହା ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ମଧ୍ୟ ଲାଗିରହିଥାଏ । ବୀଜ ଉପଯୁକ୍ତ ମାଟି, ପାଣି ଓ ପବନ ପାଇଲେ ଅଙ୍କୁରିତ ହୋଇଥାଏ, ତହିଁରୁ ବୃକ୍ଷ ଜାତ ହୁଏ, ବୃକ୍ଷର ବୟସ ହେଲେ ସେଥିରେ ଫଳ ଫଳିଥାଏ, ଆଉ ସେ ଫଳ ପକ୍ୱ ହେଲେ ପୁଣି ତଳେ ପଡ଼ିଥାଏ । ବୀଜାବସ୍ଥାରୁ ଫଳ ପକ୍ୱ ହୋଇ ତଳେ ପଡ଼ିବାକୁ ଯେତେ ସମୟଲାଗେ ଯେ କୌଣସି କର୍ମର ମଧ୍ୟ ଫଳ ପାଇବାପାଇଁ ସେପରି ସମୟ ଦରକାର ହୋଇଥାଏ । ଭଲ କିମ୍ବା ମନ୍ଦ କର୍ମ କଲେ ତାର ଫଳ ହଠାତ୍ ମିଳିନଥାଏ । ତେଣୁ ମଣିଷ ଭାବେ କୌଣସି ମନ୍ଦ କର୍ମ କଲେ ମଧ୍ୟ ତାର ଫଳ ସଙ୍ଗେ ସଙ୍ଗେ ନ ମିଳିବାରୁ ସେ କର୍ମର କୌଣସି ମନ୍ଦ ପରିଣାମ ନାହିଁ । ଜଣେ ଫୁଟା ପାଣିରେ ହାତ ବୁଡ଼ାଇଲେ ଯେପରି ସଙ୍ଗେ ସଙ୍ଗେ ଜ୍ୱାଳା ଓ ତାପରେ ଫୋଟକା ହୋଇଥାଏ, ସେପରି ଯଦି ପ୍ରତ୍ୟେକ କର୍ମର ଫଳ ସଙ୍ଗେ ସଙ୍ଗେ ମିଳୁଥାନ୍ତା, ତାହେଲେ ମଣିଷ କେବେ ମନ୍ଦକର୍ମ କରିବାପାଇଁ ସାହସ କରନ୍ତା ନାହିଁ । ଯେହେତୁ କର୍ମରଫଳ ଶୀଘ୍ର ଦେଖାଯାଏନାହିଁ ତେଣୁ ଏ ସଂସାରରେ ଏତେ ପ୍ରକାର ମନ୍ଦ କର୍ମ କରଯାଉଛି ।

ଆଗରୁ ମୁଁ କହିଛି ଭଗବାନ ବୁଦ୍ଧଙ୍କର ପରିଚୟ କିପରି ପାଇଲି ବୋଲି । ଯେଉଁ ଦିନଠାରୁ ତାଙ୍କର ପରିଚୟ ପାଇ ତାଙ୍କ ବିଷୟରେ ବିଭିନ୍ନ ପ୍ରକାର ପୁସ୍ତକ ଅଧ୍ୟୟନ କଲି, ତହିଁରୁ ଏତିକି ବୁଝିପାରିଲି ଯେ ପ୍ରତେକ କର୍ମର ଫଳ ରହିଛି ଏବଂ ମଣିଷ ଯେପରି କର୍ମ କରିବ ତାର ସେପରି ଫଳ ତାକୁ ହିଁ

Digitized by srujanika@gmail.com

ଭୋଗ କରିବାକୁ ପଡ଼ିବ । କର୍ମଫଳ ଭୋଗରେ ଭଗବାନ ମଧ୍ୟ ହସ୍ତକ୍ଷେପ କରନ୍ତି ନାହିଁ । କାରଣ ସେ ଅତି ନ୍ୟାୟବାନ ବୋଲି ଆମମାନଙ୍କର ଧାରଣା । ତେଣୁ ମଣିଷ ଯେପରି କର୍ମ କରିବ ତାକୁ ତାହାର ଫଳ ଭୋଗ କରିବାକୁ ହିଁ ପଡ଼ିବ । କେତେ ପୂଜା ଅର୍ଚ୍ଚନା ଓ କାକୁତି ମିନତୀକଲେ ମଧ୍ୟ ଭଗବାନ କେବେ କର୍ମଫଳରୁ ବଞ୍ଚିତ କରନ୍ତି ନାହିଁ । ଭଗବାନ ବୁଦ୍ଧ ଏହି ନୀତି ଅନୁସାରେ ହିଁ ତାଙ୍କର ମତବାଦ ପ୍ରଚାର କରିଥିଲେ ଯାହାକୁ ପରେ ବୌଦ୍ଧ ଧର୍ମ ବୋଲି କୁହାଗଲା । ଏହି ବୌଦ୍ଧ ମତବାଦ ଆଜକୁ ଅଢ଼େଇ ହଜାରରୁ ଅଧିକ ବର୍ଷ ହେଲା ପୃଥିବୀରେ କ୍ରମ ବିସ୍ତାର ଲାଭ କରି ବର୍ତ୍ତମାନ ପୃଥିବୀର ଏକ ଚତୁର୍ଥାଂଶ ମନୁଷ୍ୟ ବୌଦ୍ଧମତାବଲମ୍ବୀ ଅଛନ୍ତି । ଆମ ଭାରତ ବର୍ଷରେ ଉତ୍ପନ୍ନ ସବୁ ପ୍ରକାର ମତବାଦ ମଧ୍ୟରେ କେବଳ ବୌଦ୍ଧ ମତବାଦହିଁ ପୃଥିବୀ ମତବାଦ (world religion) ଭାବରେ ପରିଣତ ହୋଇପାରିଛି, ଅନ୍ୟ ମତବାଦ ଗୁଡ଼ିକ ଭାରତର ସୀମା ଭିତରେ ରହିଛନ୍ତି । ଏହାର ପ୍ରଧାନ କାରଣ ହେଲା ଏଥିରେ ଅନ୍ଧ ବିଶ୍ୱାସ ନାହିଁ, ଜାତିଭେଦ ନାହିଁ ଓ ପୌରହିତ୍ୟ ଆଧିପତ୍ୟ ନାହିଁ । ଅଷ୍ଟାଦଶ ଶତାବ୍ଦୀର ବୈଜ୍ଞାନିକ ସାର୍ ଆଇଜାକ୍ ନିଉଟନ୍ ଆବିଷ୍କାର କରିଥିବା (Thirdlaw) "Every action has reaction equal and Opposite." : ପ୍ରତେକ କର୍ମର ପ୍ରତିକ୍ରିୟା ସମ ଓ ବିପରୀତାତ୍ମକ । (ତୃତୀୟ ନିୟମ) ବୋଲି ଯାହା କହିଛନ୍ତି, ଭଗବାନ ବୁଦ୍ଧ ଆଜକୁ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ତାହାକୁ ପ୍ରତିପାଦନ କରିଯାଇଛନ୍ତି । ଏହି ମତ ବାଦରେ କୌଣସି ବାହ୍ୟ ଶକ୍ତିର ଅବତାରଣା କରାନଯାଇ କେବଳ ମନୁଷ୍ୟର ସ୍ୱାଧୀନ ଇଚ୍ଛା (Free will) ଉପରେ ଛାଡ଼ି ଦିଆଯାଇ ଅଛି । ମଣିଷ ଏକ ବିଚାରଶୀଳ ପ୍ରାଣୀ ହୋଇଥିବାରୁ ତାର ଜନ୍ମଗତ ଭାବେ ଧାରଣା ରହିଛି ଯେ ସେ ଭଲକାମ କରିବାଦ୍ୱାରା ତାର ଓ ଅନ୍ୟମାନଙ୍କର ଭଲହେବ ଓ ମନ୍ଦ କାର୍ଯ୍ୟକଲେ ତାର ଓ ଅନ୍ୟମାନଙ୍କର କ୍ଷତି ହେବ । କିନ୍ତୁ ଏହା ସତ୍ତ୍ୱେ ମଣିଷ କେବେକେବେ ନିଃସଙ୍କୋଚ ଭାବରେ ମନ୍ଦ କାର୍ଯ୍ୟ କରିବାକୁ ପଛାଏ ନାହିଁ । ଏହାର ମୂଳକାରଣ ହେଲା ମଣିଷର ତ୍ରିବିଧ ତୃଷ୍ଣା ଯଥା :— **କାମ ତୃଷ୍ଣା, ଭବ ତୃଷ୍ଣା** ଓ **ବୈଭବ ତୃଷ୍ଣା** । କାମ ତୃଷ୍ଣାର ଅର୍ଥ ହେଲା ଶାରୀରିକ ସୁଖଭୋଗର ଲାଳସା, ଭବ ତୃଷ୍ଣା ହେଲା ସଦା ବଞ୍ଚିରହିବାର ଇଚ୍ଛା ଓ ବୈଭବ ତୃଷ୍ଣା ହେଲା ନିଜର ଧନ, ମାନ ଓ ପ୍ରତିପତ୍ତିର ଲାଳସା । ଏହି ତ୍ରିବିଧ ତୃଷ୍ଣା ହିଁ ମଣିଷକୁ କୁପଥଗାମୀ କରାଇଥାଏ ଓ ମଣିଷର ଦୁଃଖର କାରଣ ହୋଇଥାଏ । ଭଗବାନ

Digitized by srujanika@gmail.com

ବୁଦ୍ଧ ତାଙ୍କର ଘୋର ତପସ୍ୟା ଆଉ ଧ୍ୟାନ ବଳରେ ସମ୍ୟକ୍ ସବୋଧି ପ୍ରାପ୍ତ ହୋଇ ଏହି ଦୁଃଖର କାରଣ ବୁଝି ପାରିଥିଲେ ଓ ଏହି ଦୁଃଖ ନିବାରଣର ମାର୍ଗ ମଧ୍ୟ ଆବିଷ୍କାର କରିଯାଇ ଅଛନ୍ତି । ଏହି ତ୍ରିବିଧ ତୃଷ୍ଣାକୁ ଅତିକ୍ରମ କରିପାରିଲେ ଯାଇ ମଣିଷର ଦୁଃଖ ନିବାରଣ ହୋଇ ପାରିବ ଏବଂ ଦୁଃଖ ସମ୍ପୂର୍ଣ୍ଣଭାବେ ନିବାରଣ ହୋଇପାରିଲେ ପରମ ସୁଖ ଓ ଶାନ୍ତି ଲାଭ ହେବ, ଯାହାକି ନିର୍ବାଣ ଲାଭବୋଲି କୁହାଯାଇଥାଏ । ବୌଦ୍ଧ ମତବାଦରେ ନିର୍ବାଣ କେବଳ ଜୀବିତାବସ୍ଥାରେ ହିଁ ଲାଭ ହୋଇ ଭୋଗ ମଧ୍ୟ ହୋଇଥାଏ । ଏହାକୁ ହିନ୍ଦୁ ମତବାଦରେ ଜୀବନ୍ମୁକ୍ତି ବୋଲି କୁହାଯାଇଥାଏ ।

ନିର୍ବାଣ ବା ଶାଶ୍ୱତ ସୁଖ ଲାଭର ମାର୍ଗ ମଧ୍ୟ ବୁଦ୍ଧ ଦେବ ଆବିଷ୍କାର କରି ଯାଇଅଛନ୍ତି ଯାହାକି ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗ ନାମରେ ଜଗତ୍ ବିଖ୍ୟାତ । ଏହି ଅଷ୍ଟାଙ୍ଗିକ ମାର୍ଗ ହେଉଛି ଆଠଟି ଧାରା ବିଶିଷ୍ଟ ଗୋଟିଏ ଜୀବନଯାପନର ପ୍ରଣାଳୀମାତ୍ର । ସେହି ଆଠଟିଧାରା ହେଉଛି ସମ୍ୟକ ବିଶ୍ୱାସ, ସମ୍ୟକ ସଙ୍କଳ୍ପ, ସମ୍ୟକ ବାଚ, ସମ୍ୟକ କର୍ମାନ୍ତ ବା ଆଚରଣ, ସମ୍ୟକ ଆଜୀବ ବା ଜୀବନ ପୋଷଣର ଉପାୟ, ସମ୍ୟକ ବ୍ୟାୟାମ ବା ପ୍ରଚେଷ୍ଟା, ସମ୍ୟକ୍ ସ୍ମୃତି ଓ ସମ୍ୟକ ସମାଧି । ଏହି ଆଠୋଟି ଧାରାର ସାଧାରଣ ଓଡ଼ିଆ ଅର୍ଥ ହେବ :–

(୧) ସମ୍ୟକ୍ ବିଶ୍ୱାସ :–ଆମେ ଏତିକି ବିଶ୍ୱାସ କରିବାକୁ ହେବ ଯେ ଏ ବିଶ୍ୱରେ ଯାହା କିଛି ଅଛି, ଯଥା :–ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ତାରକା ଇତ୍ୟାଦି ସମସ୍ତ ଅନିତ୍ୟ ବା ପରିବର୍ତ୍ତନ ଶୀଳ, ଶାଶ୍ୱତ ନୁହେ । ତେଣୁ ଏ ସମସ୍ତଙ୍କର ଦିନେ ନା ଦିନେ ବିଲୋପ ଘଟିବ । ଯେବେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ତାରା ଇତ୍ୟାଦି ଚିରସ୍ଥାୟୀ ନୁହେଁ ତେବେ ମନୁଷ୍ୟର ଶରୀର କିମ୍ବା ତାର ସୁଖ ସମୃଦ୍ଧ ଇତ୍ୟାଦି ମଧ୍ୟ ଚିରସ୍ଥାୟୀ ନୁହେଁ । ତେଣୁ ସଂସାର ଦୁଃଖମୟ । ତେଣୁ ଏ ସଂସାରର ଦୁଃଖ ମୋଚନପାଇଁ ଭଗବାନ ବୁଦ୍ଧ ଯେଉଁ ମାର୍ଗ ପ୍ରଦର୍ଶନ କରିଯାଇଅଛନ୍ତି ତହିଁରେ ବିଶ୍ୱାସ ରଖିବା ହେଉଛି ସମ୍ୟକ ବିଶ୍ୱାସ । ଏହି ସମ୍ୟକ୍ ବିଶ୍ୱାସ ଯଦି ଆମର ଜାତ ନ ହେବ, ତାହାହେଲେ ବୁଦ୍ଧ ଦେବଙ୍କ ପ୍ରଦର୍ଶିତ ଅଷ୍ଟାଙ୍ଗିକ ମାର୍ଗରେ ଅଗ୍ରସର ହେବାରେ କୌଣସି ଫଳ ମିଳିବ ନାହିଁ ।

Digitized by srujanika@gmail.com

(୨) ସମ୍ୟକ୍ ସଂକଳ୍ପ :—ପ୍ରତ୍ୟେକ କର୍ମ ମୂଳରେ ଆମର ଉଦ୍ଦେଶ୍ୟ ରହିଥାଏ । ସେହି ଉଦ୍ଦେଶ୍ୟ ସାଧନପାଇଁ ଆମେ କର୍ମ କରିଥାଉ । ସେହି କର୍ମ ସାଧନର ପ୍ରେରଣା ଆମର ସଙ୍କଳ୍ପ ଦ୍ୱାରା ମିଳିଥାଏ । କାରଣ ବିନା ସଙ୍କଳ୍ପରେ ଆମେ କାର୍ଯ୍ୟରେ ସିଦ୍ଧି ଲାଭ କରିବା କଷ୍ଟକର । କର୍ମ ମୂଳରେ ଯେଉଁ ଉଦ୍ଦେଶ୍ୟ ରହିଥିବ ସେ ଉଦ୍ଦେଶ୍ୟ ଯେବେ ସାଧୁ ଉଦ୍ଦେଶ୍ୟ ହୋଇଥିବ ତାହା ହେଲେ ତାହା କରିବାରେ ଯେତେ ବାଧା ପଡ଼ିଲେ ମଧ୍ୟ ସ୍ଥିର ସଙ୍କଳ୍ପ ହେତୁ ତହିଁରେ ସାଫଲ୍ୟ ନିଶ୍ଚୟ ଲାଭ ହେବ । ଅସାଧୁ ଉଦ୍ଦେଶ୍ୟନେଇ ଯେଉଁ କାର୍ଯ୍ୟ କରଯାଏ ତହିଁରେ ସଦା ଅନିଶ୍ଚିତତା ଓ ଭୟ ରହିଥାଏ । ସେଥିପାଇଁ ତାହା ସଙ୍କଳ୍ପବଦ୍ଧ କାର୍ଯ୍ୟ ହୋଇନପାରେ, ଉଦ୍ଦେଶ୍ୟ ଓ ସଙ୍କଳ୍ପ ପ୍ରାୟ ସମାନ କହିବାକୁ ହେବ । ତେଣୁ ଯେକୌଣସି କାର୍ଯ୍ୟ ଭଲ ଉଦ୍ଦେଶ୍ୟ ବା ସଙ୍କଳ୍ପନେଇ କରିବାକୁ ହେବ ।

(୩) ସମ୍ୟକ୍ ବାଚ :—ମନୁଷ୍ୟର ମନୋଭାବ ତାର ବଚନ ଦ୍ୱାରା ହିଁ ସେ ପ୍ରକାଶ କରିଥାଏ । ସେହି ବଚନ ଏପରି ହେବା ଦରକାର ଯାହା ସତ୍ୟ ଓ ମର୍ଯ୍ୟାଦା ସମ୍ପନ୍ନ ହୋଇଥିବ । ଆମେ ଆମ ବଚନ ଦ୍ୱାରା ଶତ୍ରୁ କିମ୍ବା ମିତ୍ର ସୃଷ୍ଟି କରିଥାଉ । ଯେଉଁ ବଚନ ମିତ୍ର ସୃଷ୍ଟିକରେ ସେପରି ବଚନ କହିବା ଲାଭଜନକ ଓ ଯେଉଁ ବଚନଦ୍ୱାରା ଶତ୍ରୁତା ସୃଷ୍ଟି ହୁଏ ସେପରି ବଚନ ପରିହାର କରିବା ଦରକାର । ମିଥ୍ୟା ବଚନଦ୍ୱାରା ସାମୟିକ ଅଭିପ୍ରାୟ ପୂର୍ଣ୍ଣ ହେଲେ ମଧ୍ୟ ତାହା କହିବା ଲୋକ ମନରେ ଭୟ ସୃଷ୍ଟି କରିଥାଏ କାରଣ କାଳେ ତାର ମିଥ୍ୟା ପ୍ରକାଶିତ ହୋଇଯିବ ଓ ତାଦ୍ୱାରା ତାର ମାନହାନୀ ଘଟିବ । ଆଜିକାଲି ଦୁନିଆରେ ସତ୍ୟ କହିବା ଅନେକଙ୍କ ମତରେ କଷ୍ଟକର ବୋଧ ହୋଇଥାଏ । କିନ୍ତୁ ଥରେ ଯେବେ ମଣିଷ ନିଜ ବଚନ ଉପରେ ଆୟତ ରଖି କହେ ତାହା ହେଲେ ତାକୁ ମିଥ୍ୟା କହିବାକୁ ପଡ଼ିନଥାଏ । ଥରେ ସତ୍ୟ କହିବା ଅଭ୍ୟାସ ହୋଇଗଲେ ତାର ମନର ବଳ ଏତେ ବଢ଼ିଯାଏ ଯେ ସେ କେବେ ମିଥ୍ୟାର ଆଶ୍ରୟ ନେବାକୁ ଚେଷ୍ଟା କରେ ନାହିଁ । ଆଜି ଜଣେ ମିଛୁଆ ଅଛି କାଲିକି ସେ ସତ୍ୟବାଦୀ ହୋଇଯିବ, ଏକଥା ବୁଦ୍ଧଦେବ କହି ନାହାନ୍ତି । ସେ କହିଛନ୍ତି ମଣିଷ ସତ୍ୟ କହିବାକୁ ଶିକ୍ଷା କରିବ, ଯାହାଦ୍ୱାରା ସେ କ୍ରମେ ସତ୍ୟ କହିବାର ଅଭ୍ୟାସ କରିପାରିବ ଏବଂ ଥରେ ତାହା ଅଭ୍ୟାସରେ ପରିଣତ ହୋଇଗଲେ ଆପେ ଆପେ ମିଥ୍ୟା କହିବା କମିଯିବ । ଦିନେ ଏପରି ଏକ ସମୟ ଆସିବ ଯେତେବେଳେ ତାର ମନରେ ମଧ୍ୟ ମିଥ୍ୟା ପ୍ରବେଶକରି ପାରିବନାହିଁ । ଥରେ

Digitized by srujanika@gmail.com

ଜଣେ ମନୁଷ୍ୟ ସତ୍ୟବାଦୀ ବୋଲି ବିଶ୍ୱାସ ହେଲେ ତା ପ୍ରତି ସମସ୍ତଙ୍କର ଆଦର ଓ ଭକ୍ତି ଉପୁଜିବ । ଆଉ ସେ ଏକ ସାଧୁ ମଣିଷଭାବେ ପରିଗଣିତହେବ । ଆମେ ମିଥ୍ୟା କଥାକୁ ସେତେ ଗୁରୁତ୍ୱ ଦେଇନଥାଉ । କିନ୍ତୁ ଧାର୍ମିକ ମନୁଷ୍ୟ ପକ୍ଷରେ ଗୋଟିଏ ମିଥ୍ୟା ବଚନ ତାର ଧର୍ମର ବହୁତ ଅବକ୍ଷୟ କରିଥାଏ । କାରଣ ସତ୍ୟ ହିଁ ଧର୍ମ ।

(୪) ସମ୍ୟକ୍ କର୍ମାନ୍ତ ବା ସାଧୁ ଆଚରଣ :—ସମ୍ୟକ୍ କର୍ମାନ୍ତର ଅର୍ଥ ହେଉଛି ସାଧୁ ଆଚରଣ । ମଣିଷ ତାର ଆଚରଣଦ୍ୱାରା ଅନ୍ୟକୁ ପ୍ରଭାବିତ କରିଥାଏ ଓ ଜଣେ ସାଧୁ ପୁରୁଷ ବା ସ୍ତ୍ରୀ ହେବାକୁ ହେଲେ ତାର ସାଧୁ ଆଚରଣ ଅତ୍ୟନ୍ତ ଆବଶ୍ୟକ । ଭଗବାନ ବୁଦ୍ଧ ଏହି ଆଚରଣ ଶୁଦ୍ଧି ଉପରେ ବହୁତ ଯୋର୍ ଦେଇ ଯାଇଅଛନ୍ତି । ଏଥିପାଇଁ ସେ ପଞ୍ଚ ଶୀଳ ନୀତି ଯଥା :— (୧) ଜୀବ ହିଂସାରୁ ବିରତ ହେବା, (୨) ଚୋରୀ ନ କରିବା, (୩) ବ୍ୟଭିଚାର ନ କରିବା (୪) ମିଥ୍ୟା, ଚୁଗୁଲି ଓ ପରନିନ୍ଦାରୁ ବିରତ ରହିବା ଏବଂ (୫) ମାଦକ ଦ୍ରବ୍ୟ ସେବନ ନ କରିବା ପ୍ରଚାର କରିଯାଇଅଛନ୍ତି । ଏହି ପାଞ୍ଚଟି ଶୀଳ ବା ଆଚରଣ ବିଧି ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ଅଭ୍ୟାସ କରିବାଦ୍ୱାରା ତାର ଆଚରଣ ଶୁଦ୍ଧି ହୋଇପାରିବ । ବିନା ଆଚରଣ ଶୁଦ୍ଧିରେ ଆମେ କୌଣସି ପୁଣ୍ୟ ଲାଭ କରିପାରିବାନାହିଁ । ଆମେ ଭାବିଥାଉ ଯେ ମନ୍ଦିରକୁଯାଇ ଠାକୁରଙ୍କୁ ନୈବେଦ୍ୟ ସମର୍ପଣ କରି; ବ୍ରାହ୍ମଣକୁ ଦକ୍ଷିଣା ଦେଇ ପ୍ରାର୍ଥନା କରିବାଦ୍ୱାରା ଆମ୍ଭମାନଙ୍କ ପ୍ରତି ଠାକୁରଙ୍କ ଆଶୀର୍ବାଦ ମିଳିବ । ମନ୍ଦିର ମଧ୍ୟରେ କିମ୍ବା କୌଣସି ସାଧୁ ସନ୍ନ୍ୟାସୀଙ୍କ ଗହଣରେ ଥିବା ପର୍ଯ୍ୟନ୍ତ ଆମେ ସାଧାରଣତଃ ଭକ୍ତିଭାବ ପ୍ରଦର୍ଶନ କରିଥାଉ । କିନ୍ତୁ ସେଠାରୁ ବାହାରି ଆସିବା-ପରେ ପୁଣି ସଂସାର ଜଞ୍ଜାଳରେ ନିମଗ୍ନ ହୋଇ ସେହି ଭକ୍ତି ଭାବକୁ ଅଧିକାଂଶରେ ହରାଇ ବସିଥାଉ । ଏହାଦ୍ୱାରା ଆମର କୌଣସି ଲାଭ ହୁଏ ନାହିଁ । କାରଣ ସତ୍ୟ, ଅହିଂସା, କରୁଣା ଓ ମୈତ୍ରୀ ପାଳନ ନ କଲେ ଆମର ଧାର୍ମିକତା ରକ୍ଷା ହୋଇପାରିବନାହିଁ । ଆମେ ଯଦି ଭଗବାନଙ୍କଠାରେ ବିଶ୍ୱାସ କରୁ, ଆମେ ଜାଣୁ ଯେ ସେ ଆମ ମନର ପ୍ରତ୍ୟେକଟି ଭାବନା ଜାଣି ପାରୁଥିବେ । ମନ ପବିତ୍ର ରଖିଲେ ସେହି ଭଗବାନଙ୍କର କୃପା ଲାଭ ହୁଏ ବୋଲି ଆମେ ଜାଣୁ ମନ ପବିତ୍ର ରଖିବାପାଇଁ ଆଚରଣ ଶୁଦ୍ଧି ହେଉଛି ଏକମାତ୍ର ପନ୍ଥା ଓ ବୁଦ୍ଧଦେବଙ୍କ ପଞ୍ଚଶୀଳ ପାଳନ କଲେ ତାହା ଦ୍ୱାରା ହିଁ ଆଚରଣ ଶୁଦ୍ଧି

Digitized by srujanika@gmail.com

କରିହେବ । ଏହି ପଞ୍ଚଶୀଳ ପାଳନ ନ କରି କେବଳ ଫଳ ପୁଷ୍ପ ଓ ଭୋଗଦ୍ୱାରା ଭଗବାନଙ୍କର ଆଶୀର୍ବାଦ ପାଇବାର ଚେଷ୍ଟା ବୃଥା ଚେଷ୍ଟା ମାତ୍ର । ପ୍ରତ୍ୟେକ ଚାକିରୀପାଇଁ ଯେପରି ଯୋଗ୍ୟତା ଆବଶ୍ୟକ, ସେହିପରି ଭଗବାନଙ୍କର ଆଶୀର୍ବାଦ ପାଇବାକୁ ମଧ୍ୟ ଯୋଗ୍ୟତା ଦରକାର । ଏହି କ୍ଷେତ୍ରରେ ସେ ଯୋଗ୍ୟତା ହେବ ନିଜର ମନକୁ ପବିତ୍ର ରଖିବା । ତେଣୁ ସମ୍ୟକ୍ କର୍ମାନ୍ତର ଅର୍ଥ ହେଉଛି ଆଚରଣ ଶୁଦ୍ଧି ଦ୍ୱାରା ମନକୁ ପବିତ୍ର ରଖିବା ।

(୫) **ସମ୍ୟକ୍ ଆଜୀବ** :—ସତ୍ ମାର୍ଗରେ ନିଜର ଓ ପରିବାରର ଭରଣ-ପୋଷଣ ହେଉଛି ସମ୍ୟକ ଆଜୀବ । ଏଥିପାଇଁ ଯାହା କିଛି ଧନ୍ଦା, ବ୍ୟବସାୟ ବା ଚାକିରୀ କରଯାଏ ତାହା ମନୁଷ୍ୟକୁ ଉପରୋକ୍ତ ପଞ୍ଚଶୀଳ ନୀତି ପାଳନ କରିବାରେ ବିରୁଦ୍ଧାଚରଣ କରୁନଥିବା ଦରକାର । ଗୋଟିଏ ଶିକ୍ଷକ ଗୋଟିଏ ଡାକ୍ତର ଓ ଗୋଟିଏ ସରକାରୀ କର୍ମଚାରୀ ଆଉ ଗୋଟିଏ ବ୍ୟବସାୟୀ ବା ମଜୁରୀଆ ଏ ସମସ୍ତଙ୍କ ପକ୍ଷରେ ମଧ୍ୟ ସମ୍ୟକ ଆଜୀବ ପ୍ରତି ଲକ୍ଷ୍ୟ ରଖିବା ଦରକାର, ଯାହାଦ୍ୱାରା ସେ ତାର କର୍ତ୍ତବ୍ୟରେ ହେଳା କିମ୍ବା ଅବୈଧ୍ୟ ପନ୍ଥା ଅବଲମ୍ବନ କରୁ ନଥିବ । କେତୋଟି ବ୍ୟବସାୟ ଯେଉଁଥିରେ ଜୀବହତ୍ୟା, ଚୋରୀ ଓ ବ୍ୟଭିଚାର ଇତ୍ୟାଦି କରିବାକୁ ପଡୁଥିବ, ସେପରି ବ୍ୟବସାୟ କିମ୍ବା ଧନ୍ଦା ପରିତ୍ୟାଗ କରିବାକୁ ହେବ । ସତ୍ ଉପାୟରେ ଯାହା ରୋଜଗାର ହେବ ତହିଁରେ ନିଜର ଓ କୁଟୁମ୍ବର ଭରଣପୋଷଣ କରି ତୃପ୍ତିମୟ ଜୀବନଯାପନ କରିବା ଉଚିତ । ଲୋଭର ବଶବର୍ତ୍ତୀ ହୋଇ ଅସାଧୁ ମାର୍ଗରେ ରୋଜଗାର କରୁଥିବା ବ୍ୟକ୍ତି କେବେ ସମ୍ୟକ ଆଜୀବ ପାଳନ କରିନଥାଏ । ଅନେକ ସମୟରେ ଆମେ ଅନ୍ୟର ଭଲ ଅବସ୍ଥା ପ୍ରତି ଆସକ୍ତ ହେବା ଦ୍ୱାରାହିଁ ଆମକୁ କୁପଥଗାମୀ ହେବାକୁ ପଡ଼ିଥାଏ । ଆମେ ଯଦି ନିଜ ଅବସ୍ଥାଠାରୁ ନ୍ୟୁନ ଅବସ୍ଥାରେ ଚଳୁଥିବା ବ୍ୟକ୍ତି ସହିତ ନିଜକୁ ତୁଳନା କରୁ, ତାହାହେଲେ ଆମକୁ କୁପଥ ଅବଲମ୍ବନ କରିବାକୁ ଦରକାର ପଡ଼ିନଥାଏ । ନିଜ ଅବସ୍ଥାର ଉନ୍ନତି କରିବାପାଇଁ କେହି ମନା କରୁନାହିଁ, କିନ୍ତୁ ସେ ଉନ୍ନତିପାଇଁ ସାଧୁମାର୍ଗରେ ଚେଷ୍ଟା କରିବା ଦରକାର ।

(୬) **ସମ୍ୟକ୍ ବ୍ୟାୟାମ ବା ପ୍ରଚେଷ୍ଟା** :—ନିଜ ଭିତରେ ଥିବା ଷଡ଼ରିପୁ ଯଥା—କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ଗୁଡ଼ିକୁ ଦମନ କରି ପ୍ରେମ, କରୁଣା ଓ ମୈତ୍ରୀପରି ସଦ୍‌ଗୁଣ ଗୁଡ଼ିକୁ ବିକାଶ କରିବାର ଚେଷ୍ଟା

Digitized by srujanika@gmail.com

ହେଉଛି ସମ୍ୟକ ବ୍ୟାୟାମ ବା ପ୍ରଚେଷ୍ଟା । ଆମ ଭିତରେ ପ୍ରକୃତି ଜାତ କେତେ ଗୁଡ଼ିଏ ଗୁଣ ରହିଛି ଯାହା ସବୁ ପ୍ରକାର ଜୀବମାନଙ୍କ ମଧ୍ୟରେ ପରିଲକ୍ଷିତ ହୁଏ । ଯେହେତୁ ମନୁଷ୍ୟ ସର୍ବଶ୍ରେଷ୍ଠ ଜୀବ ବୋଲାଉଛି, ତାପକ୍ଷରେ ଏହି ରିପୁକୁ ଦମନ କରିବାର ଶକ୍ତି ରହିଅଛି । କିନ୍ତୁ ସେ ଶକ୍ତି ଗୁଡ଼ିକୁ କାର୍ଯ୍ୟରେ ଲଗାଇବାକୁ ହେଲେ ମନବଳ ଦରକାର ହୋଇଥାଏ । କେବଳ ମନ ହିଁ ମଣିଷର ଚାଳକ ଅଟେ ଓ ଯେଉଁ ବ୍ୟକ୍ତିର ମନ ଯେତେ ବଳବାନ ହୋଇଥିବ ସେ ମନୁଷ୍ୟ ସେତେଦୂର ନିଜକୁ ଆୟତ କରିପାରିବ । ନିଜକୁ ଯେବେ ଆୟତ କରିବାର ଶକ୍ତି ଲାଭ କରିବ, ତେବେଯାଇ ଏହି ଷଡରିପୁକୁ ଦମନ କରିପାରିବ । ଏହିପରି ମନବଳ ଅଧିକାଂଶରେ ସତ୍ୟପାଳନ ଦ୍ୱାରା ହିଁ ଲାଭ ହୋଇଥାଏ । କାରଣ ଯେ ସର୍ବଦା ସତ୍ୟ ପାଳନ ପାଇଁ ଚେଷ୍ଟା କରିବ ତାର ମନବଳ ଅଧିକରୁ ଅଧିକତର ହେବ ଏବଂ ମନବଳଦ୍ୱାରାହିଁ ଷଡରିପୁ ଦମନ କରାଯାଇପାରିବ । ଏଠାରେ ଦମନ ଶବ୍ଦ ବ୍ୟବହାର କରାଯାଇଛି କାରଣ ଏ ଷଡ଼ରିପୁ ପ୍ରକୃତି ପ୍ରଦତ୍ତ ହୋଇଥିବାରୁ ସେଗୁଡ଼ିକୁ ଏକାବେଳେକେ ବିନାଶ କରାଯାଇ ପାରିବନାହିଁ । ମନୋବଳ ଜାଗ୍ରତ କରିବାରେ ଧ୍ୟାନ ଅନିର୍ବାର୍ଯ୍ୟ । ଧ୍ୟାନ ବଳରେ ହିଁ ମନକୁ ସଂଯତ ଓ ନିୟନ୍ତ୍ରିତ କରିହେବ । ତେଣୁ ବୁଦ୍ଧଦେବ ମଣିଷର ଚରିତ୍ର ଗଠନପାଇଁ ଧ୍ୟାନ ଏକ ଅନିବାର୍ଯ୍ୟ ପନ୍ଥା ବୋଲି କହି ଅଛନ୍ତି । ମଣୁଷ୍ୟ ପରିସ୍ଥିତି ନେଇ ଏ ଷଡ଼ରିପୁର ଉତ୍ତେଜନା ଅନୁଭବ କରିଥାଏ । କିନ୍ତୁ ସେହି ଉତ୍ତେଜନା ଦମନ କରିବାର ଶକ୍ତି କେବଳ ମନ ହିଁ ଯୋଗାଇଥାଏ । ଯେଉଁ ଲୋକ ନିୟମିତ ଧ୍ୟାନ ଅଭ୍ୟାସକରେ, ତାପକ୍ଷରେ ଏ ଷଡ଼ରିପୁ ଦମନ କରିବା ସହଜ ସାଧ୍ୟ ଅଟେ । ଷଡରିପୁ ଦମନକରି ପ୍ରେମ, କରୁଣା ଓ ମୈତ୍ରୀପରି ସଦ୍‌ଗୁଣ ଗୁଡ଼ିକର ପ୍ରକାଶ କରିବାର ଚେଷ୍ଟାକୁ ହିଁ ସମ୍ୟକ ବ୍ୟାୟାମ କୁହାଯାଏ ।

(୭) ସମ୍ୟକ୍ ସ୍ମୃତି :— ଏହାର ଅର୍ଥ ସଦା ସଜାଗ ରହିବା । ମନ ମଧ୍ୟରେ ଅନେକ ଭାବନା ଉଦୟ ହୋଇଥାଏ, ସେହି ଭାବନା ଗୁଡ଼ିକ ଭଲ ଓ ମନ୍ଦ ହୋଇପାରେ । ଭଲ ଭାବନା ନିଜର ଓ ଅନ୍ୟମାନଙ୍କର ମଧ୍ୟ ହିତକାରକ ଅଟେ । କିନ୍ତୁ ମନ୍ଦଭାବନା ନିଜର ଓ ଅନ୍ୟର ଅହିତକାରୀ ଅଟେ । ସମ୍ୟକ୍ ସ୍ମୃତି ବା ସଦା ସଜାଗ ରହିବା ଦ୍ୱାରା ମନୁଷ୍ୟ ତା ମନରେ କଣ ଭାବୁଛି, କି ଭାବନା ତା ମନରେ ପ୍ରବେଶ କରୁଛି ତାକୁ ସେ ଭଲଭାବରେ ବୁଝି ପାରି ଭଲ

Digitized by srujanika@gmail.com

ଭବନା ଗୁଡ଼ିକୁ ରଖି ମନ୍ଦ ଭବନା ଗୁଡ଼ିକୁ ତୁରନ୍ତ ମନରୁ ବାହାର କରିଦେବା ଉଚିତ । ସଦା ସଜାଗ ବ୍ୟକ୍ତି ମନ୍ଦ ଭବନା ଗୁଡ଼ିକୁ କେବେ ପ୍ରଶୟ ଦିଏ ନାହିଁ । ଯେହେତୁ ମନୁଷ୍ୟର କର୍ମ ତିନି ପ୍ରକାରର ଯଥା :– ମାନସିକ କର୍ମ, ଶାରୀରିକ କର୍ମ ଓ ବାଚନିକ କର୍ମ । ଏହି ତିନିପ୍ରକାର କର୍ମ ଦ୍ୱାରା ହିଁ ସେ ନିଜର ଜୀବନ ଅତିବାହିତ କରିଥାଏ । ଶାରୀରିକ କର୍ମ ବାହାରକୁ ଦେଖାଯାଏ । ବାଚନିକ– କର୍ମ ବାହାରକୁ ଶୁଣାଯାଏ । ମାନସିକ କର୍ମ ନା ଦେଖାଯାଏ ନା ଶୁଣାଯାଏ, ତେଣୁ ମଣିଷ ସତ୍ ଚିନ୍ତା କିମ୍ବା ଦୁଃଶ୍ଚିନ୍ତା କରୁଛି ତାହା ନିଜ ଛଡ଼ା ଆଉ କେହି ଜାଣି ପାରନ୍ତି ନାହିଁ । ଏହି ମନର ଭବନା ଦ୍ୱାରା ଆମେ ଜୀବ ବଧ ବି କରିଦେଇପାରୁ, ଯେପରି ଜଣେ ଅନ୍ୟ ମନୁଷ୍ୟର କିମ୍ବା ଅନ୍ୟ ଜୀବର ମୃତ୍ୟୁ ବି ମନରେ ପାଞ୍ଚିପାରେ । ଏହା ପ୍ରକୃତ ଜୀବ ବଧ ନହେଲେ ମଧ୍ୟ ଜୀବବଧର ସମତୁଲ୍ୟ ପାପର ଫଳ ଦେଇଥାଏ, ତେଣୁ ମାନସିକ କର୍ମ ପ୍ରତି ମନୁଷ୍ୟ ଏହି ସମ୍ୟକ୍ ସ୍ମୃତି ଦ୍ୱାରା ସଜାଗ ରହିପାରିବ । ମନୁଷ୍ୟ ଯେ କେବଳ ମାନସିକ ହତ୍ୟା କରେ ତାହା ନୁହେଁ ତାହା ସହିତ ମାନସିକ ଚୋରୀ, ମାନସିକ ବ୍ୟଭିଚାର ଓ ମାନସିକ ମିଥ୍ୟାଚରଣ ଏପରି ସବୁପ୍ରକାର ଦୁଷ୍କର୍ମ ମଧ୍ୟ କରିପାରେ, ଯାହା ପ୍ରକୃତ ହତ୍ୟା, ଚୋରୀ ବ୍ୟଭିଚାର ଇତ୍ୟାଦି ନ ହୋଇଥିଲେ ମଧ୍ୟ, କର୍ମଫଳ ନିୟମ ଅନୁଯାୟୀ ନିଶ୍ଚୟ ତାର ମନ୍ଦ ଫଳ ଭୋଗିବାକୁ ହୋଇଥାଏ । କାରଣ ପ୍ରତ୍ୟେକ କର୍ମର ଫଳ ଅଛି । (Every action has reaction) ତେଣୁ ସମ୍ୟକ୍ ସ୍ମୃତି ହିଁ ମନୁଷ୍ୟକୁ ସତ୍ ମାର୍ଗରେ ଚଳାଇ ଥାଏ ।

(୮) ସମ୍ୟକ୍ ସମାଧି – ସମ୍ୟକ୍ ସମାଧିର ଅର୍ଥହେଉଛି ଏକାଗ୍ରତା ଦ୍ୱାରା ମନକୁ ଆୟତ୍ତ କରିବା ମହର୍ଷି ପାତଞ୍ଜଳିଙ୍କ ଭଷାରେ ଯୋଗ ଚିତ୍ତବୃତ୍ତି ନିରୋଧଃ, ଅର୍ଥାତ ଚିତ୍ତବୃତ୍ତି ନିରୋଧ ହେଉଛି ଯୋଗ । ଚିତ୍ତ ହେଉଛି ମନ ଓ ତାର ବୃତ୍ତି ହେଉଛି ଭ୍ରମଣ । ମନର ଭ୍ରମଣକୁ ନିରୋଧ କରି ମନକୁ ସ୍ଥିର କରିବା ଦ୍ୱାରା ମଣିଷ ଯୋଗ ସାଧନା କରିଥାଏ । ମନର କାର୍ଯ୍ୟ ହେଉଛି ମାଙ୍କଡ ଭଳି । ମାଙ୍କଡ଼ ଯେପରି ଏଡାଳରୁ ସେ ଡାଳ ଡ଼େଇଁ ସଦା ଅସ୍ଥିରତା ପ୍ରକାଶ କରିଥାଏ ସେହିପରି ମନ କ୍ଷଣ କ୍ଷଣକେ ଭିନ୍ନ ଭିନ୍ନ ଆଡକୁ ଗତି କରିଥାଏ । ଏହି ମନର ଗତିକୁ ସ୍ଥିର କରି ତାକୁ ଗୋଟିଏ ପ୍ରଣାଳୀରେ ପ୍ରବାହିତ କରିବା ହେଉଛି ଚିତ୍ତବୃତ୍ତି ନିରୋଧ । ଏହାକୁ ହିଁ ଧ୍ୟାନ କହନ୍ତି । ମଣିଷ ଯେବେ ଏହି ଧ୍ୟାନ

Digitized by srujanika@gmail.com

ଅଭ୍ୟାସ କରେ ସେ ତା ମନକୁ ନିୟନ୍ତ୍ରିତ କରିପାରିବ, ଏଥିରେ ଟିକେ ମାତ୍ର ସନ୍ଦେହ ନାହିଁ, କାରଣ ଆମ ଦେଶରେ ଯେତେ ମୁନିଋଷି ଥିଲେ ସେ ସମସ୍ତେ ଧ୍ୟାନବଳରେ ହିଁ ଅସାଧ୍ୟ ସାଧନ କରିପାରୁଥିଲେ । ଭଗବାନ ବୁଦ୍ଧ ଛଅ ବର୍ଷ କାଳ ଏହି ଧ୍ୟାନ କରି ଶେଷରେ ବୁଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ । ତେଣୁ ଏହି ଧ୍ୟାନର ଉପକାରିତା ସେ ଭଲ ଭାବରେ ବୁଝି ତାଙ୍କର ଅଷ୍ଟାପଦ ମାର୍ଗର ଶେଷ ସାତୋଟି ଅଙ୍ଗକୁ କାର୍ଯ୍ୟକାରି କରିବାପାଇଁ ଧ୍ୟାନର ଆବଶ୍ୟକତା ବିଶେଷ ଭାବେ ଅନୁଭବ କରିଥିଲେ । ଏହି ଧ୍ୟାନ ଅଭ୍ୟାସ କରିବାକୁ ହେଲେ ଜଣେ ଧ୍ୟାନ ଜାଣିଥିବା ଲୋକଙ୍କର ପରାମର୍ଶ ନେଇ ସୁବିଧାରେ ଧ୍ୟାନ କରି ହେବ । ଆଜିକାଲି ଭାରତବର୍ଷରେ ଅନେକ ଯୋଗ ବିଦ୍ୟାଳୟ ଓ ପ୍ରତିଷ୍ଠାନ ରହିଛି ଏବଂ ଅନେକ ଲୋକ ଧ୍ୟାନ ଅଭ୍ୟାସ କରୁଛନ୍ତି । ଏଥିରୁ ଜଣାଯାଉଛି ଯେ ସେମାନେ ଏହି ଧ୍ୟାନର ଉପକାରିତା ଭଲଭାବରେ ଅନୁଭବ କରି ପାରିଛନ୍ତି । ବୌଦ୍ଧ ମତରେ ଯେଉଁ ଧ୍ୟାନର ବର୍ଣ୍ଣନା କରାଯାଇଛି ତାକୁ ବିପଶ୍ୟନା ଧ୍ୟାନ କୁହାଯାଏ । ଏହା ମନୁଷ୍ୟର ମନକୁ ନିଜର ଅନ୍ତର ମଧ୍ୟରେ ପରିଚାଳିତ କରି ଭିନ୍ନ ଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗମାନଙ୍କ ମଧ୍ୟରେ ଶକ୍ତି ସଞ୍ଚାର କରିବାର ପ୍ରଣାଳୀ ଅଟେ । କିନ୍ତୁ ଯେଉଁମାନେ ପ୍ରଥମରେ ଧ୍ୟାନ ଶିକ୍ଷା କରିବାକୁ ଆରମ୍ଭ କରିବେ । ସେମାନଙ୍କ ପକ୍ଷରେ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ଲିଖିତ ରାଜଯୋଗ ନାମକ ପୁସ୍ତକ ଅଧ୍ୟୟନ କରିବା ଭଲ । ତହିଁରେ ସେ ଧ୍ୟାନ ଓ ତାର ପ୍ରଣାଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରି ଅଛନ୍ତି । ଏହି ପ୍ରଣାଳୀ ଅଭ୍ୟାସ କଲାପରେ ବୌଦ୍ଧ ବିପଶ୍ୟନା ଧ୍ୟାନ ଆରମ୍ଭ କରିବା ଉଚିତ । ତେବେଯାଇ ଧ୍ୟାନର ପ୍ରକୃତ ପ୍ରଣାଳୀ ବୁଝିହେବ ।

ମୋର କ୍ଷୁଦ୍ର ବୁଦ୍ଧି ଦ୍ୱାରା ମୁଁ ଗୋଟିଏ ପ୍ରକାର ଧ୍ୟାନ ଅଭ୍ୟାସ କରିବାକୁ ଆରମ୍ଭ କଲି, ଯାହା ଉଭୟ ରାଜଯୋଗରେ ପ୍ରଦର୍ଶିତ ଧ୍ୟାନ ଓ ବିପଶ୍ୟନା ଧ୍ୟାନର ସମ୍ମିଶ୍ରଣ ଅଟେ । ସବୁପ୍ରକାର ଧ୍ୟାନର ଆରମ୍ଭରେ କିଛି ସମୟ ପାଇଁ ପ୍ରାଣାୟାମ କରିବା ଦ୍ୱାରା ମନର ସ୍ଥିରତା ଲାଭ ହୋଇଥାଏ । ମୋର ଧ୍ୟାନର ପ୍ରଣାଳୀ ଏହିପରି :- ପଦ୍ମାସନ, ବଜ୍ରାସନ କିମ୍ବା ସୁଖାସନରେ ବସି ପ୍ରାଣାୟାମ କରିବାକୁ ହେବ । ଏହାର ସର୍ବପ୍ରଧାନ ଆବଶ୍ୟକତା ହେଉଛି ମେରୁଦଣ୍ଡକୁ ସଳଖ ରଖିବା । ମୋ ପକ୍ଷରେ ବଜ୍ରାସନରେ ବସିଲେ ମେରୁଦଣ୍ଡ

Digitized by srujanika@gmail.com

ସଳଖ ରହିପାରୁଛି । ବଜ୍ରାସନରେ ବସି ପ୍ରଣାୟାମ ଆରମ୍ଭ କରିବାକୁ ଡାହାଣ ହସ୍ତକୁ ନାକ ପାଖକୁ ନେଇ ଡାହାଣପାଖ ନାସାରନ୍ଧ୍ରକୁ ବନ୍ଦ କରି ବାମ ନାସା ରନ୍ଧ୍ରଦ୍ୱାରା ଶ୍ୱାସ ଗ୍ରହଣ କରିବାକୁ ହୁଏ । ସେହି ଶ୍ୱାସ ଗ୍ରହଣ କଲା ସମୟରେ ମନରେ ଭାବିବାକୁ ହେବ ଯେ, ବିଶ୍ୱ ବ୍ରହ୍ମାଣ୍ଡର ମହାଶୂନ୍ୟରୁ ମହାଶକ୍ତି ଆହରଣ କରାଯାଉଛି । ଏହି ବିଶ୍ୱ ବ୍ରହ୍ମାଣ୍ଡ ଗୋଟିଏ ପ୍ରାକୃତିକ ମହାଶକ୍ତି ଦ୍ୱାରା ପରିଚାଳିତ ହେଉଛି ବୋଲି ସମସ୍ତେ ସ୍ୱୀକାର କରିବେ । ସେହି ମହାଶୂନ୍ୟରୁ ମହାଶକ୍ତି ଆହରଣ କରି ନିଜର ଦୁଇଟି ଫୁସ୍‌ଫୁସକୁ ପୂର୍ଣ୍ଣ କରିବାକୁ ହେବ । ସେହି ପୂର୍ଣ୍ଣ ଅବସ୍ଥାରେ ଭାବିବାକୁ ହେବ ଯେ ସେହି ମହାଶକ୍ତି ଯାହାକୁ ଗ୍ରହଣ କରାଗଲା ତାହା ନିଜର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ଓ ଶିରାପ୍ରଶିରାରେ ପ୍ରବାହିତ ହେଉଅଛି । ଖାଲି ଭାବିଲେ ହେବନାହିଁ, ତାହା ଅନୁଭବ କରିବାକୁ ହେବ । ଶ୍ୱାସ ତ୍ୟାଗ ସମୟରେ ବାମ ନାସାରନ୍ଧ୍ର ବନ୍ଦକରି ଡାହାଣ ନାସାରନ୍ଧ୍ର ବାଟେ ତ୍ୟାଗ କରିବାକୁ ହେବ ଓ ସେହି ତ୍ୟାଗ କରିବା ସମୟରେ ଏପରି ଭାବିବାକୁ ହେବ ଯେ ନିଜ ମଧ୍ୟରେ ଥିବା ରୋଗ, ଦୋଷ, କ୍ଳେଶ ଓ ଭୟ ସମସ୍ତକୁ ତ୍ୟାଗ କରାଯାଉଛି । ସେହି ଶ୍ୱାସ ପ୍ରଶ୍ୱାସ ଗ୍ରହଣ ଧାରଣ ଓ ତ୍ୟାଗ ଗୋଟିଏ ନିର୍ଦ୍ଧାରିତ କ୍ରମ ଅନୁସାରେ ଅଭ୍ୟାସ କରିବାକୁ ହେବ । ସେହି କ୍ରମ ହେଲା ଶ୍ୱାସ ଗ୍ରହଣ କରିବା ଯଦି ଦୁଇ ସେକେଣ୍ଡ ସମୟ ହୁଏ ତାହା ଫୁସ୍‌ଫୁସ୍‌ରେ ଧାରଣ କରିବା ସମୟ ଆଠ ସେକେଣ୍ଡ ହେବା ଦରକାର । ଏହି ଆଠ ସେକେଣ୍ଡ ଧାରଣ ମଧ୍ୟରେ ଉପରୋକ୍ତ ଭାବନା କରିବାକୁ ହେବ । ତ୍ୟାଗ କରିବାର ସମୟ ଚାରି ସେକେଣ୍ଡ ହେବା ଦରକାର । ଏହି ପ୍ରଣାଳୀ ପୂରଣ ଦୁଇ ସେକେଣ୍ଡ, ଧାରଣ ଆଠ ସେକେଣ୍ଡ ଓ ତ୍ୟାଗ ଚାରି ସେକେଣ୍ଡ ଏହି ସମୟ କିମ୍ବା ଏହାର ଦୁଇ ତିନି ବା ଚାରିଗୁଣ ହିସାବରେ ଅଭ୍ୟାସ କରିବାକୁ ହେବ । ଏହି ପ୍ରଣାଳୀରେ ଶ୍ୱାସପ୍ରଶ୍ୱାସ ଅତି କମରେ ପାଞ୍ଚଥର ଉଭୟ ନାସା-ରନ୍ଧ୍ର ଦେଇ କରିବା ଦରକାର ଓ ଉଭୟ ନାସାରନ୍ଧ୍ର ଏହି ତିନି ପ୍ରକାର ପୂରକ, କୁମ୍ଭକ ଓ ରେଚକ ଗୋଟିଏ ଥର କରିବା ପରେ ଉଭୟ ନାସାରନ୍ଧ୍ର ଦ୍ୱାରା ସାଧାରଣ ଶ୍ୱାସପ୍ରଶ୍ୱାସ ତିନିଥର ନେବାକୁ ହୁଏ । ଏହି ପ୍ରଣାଳୀ ଦ୍ୱାରା ମାନସିକ ପ୍ରଶାନ୍ତି ଲାଭ ସହିତ ଅଙ୍ଗ ପ୍ରତ୍ୟଙ୍ଗ ଶିରା ପ୍ରଶିରାରେ ଗୋଟିଏ ଶକ୍ତି ସଞ୍ଚାରିତ ହେବ ଯାହା ସାଧକକୁ ସଦା ସୁସ୍ଥ ଓ ସବଳ ରଖିପାରିବ ବୋଲି ମୋର ଧାରଣା । କାରଣ ମୋର ଏକାଅଶୀ ବର୍ଷ

Digitized by srujanika@gmail.com

ବୟସରେ ମଧ୍ୟ ମୁଁ ସେପରି ଶାରୀରିକ ଦୁର୍ବଳତା ଅନୁଭବ କରୁନାହିଁ । ତେଣୁ ମୋର ବିଶ୍ୱାସ ଏହି ପ୍ରଣାୟାମ ପ୍ରଣାଳୀ ପ୍ରତ୍ୟେକଙ୍କୁ ସୁସ୍ଥସବଳ ରଖି ପାରିବ । ଏହି ପ୍ରଣାୟାମ ପରେ ମନୁଷ୍ୟର ମନ ଶାନ୍ତ ହୁଏ ଓ ସେହି ସମୟରେ ଧ୍ୟାନ ଆରମ୍ଭ କରିବା ସହଜ ହୁଏ । ଧ୍ୟାନର ପ୍ରଥମ ଅବସ୍ଥାରେ ମନକୁ ଗୋଟିଏ ଭାବନାରେ ଆବଦ୍ଧ କରିବାକୁ ହୁଏ । ମୁଁ ମୋର ଧ୍ୟାନ ଆରମ୍ଭ ସମୟରେ ଭାବେ, "ମୁଁ ପବିତ୍ର, ମୋ ଦେହ ପବିତ୍ର, ମୋର ମନ ପବିତ୍ର ଓ ମୋର ବଚନ ପବିତ୍ର ।" ଏହିପରି ଭାବନା କରିବା ଦ୍ୱାରା ମନ ଏକ ପ୍ରଣାଳୀ ମଧ୍ୟରେ ପ୍ରବେଶ କରେ ଓ ସେହି ପ୍ରଣାଳୀରେ ମନକୁ ସୀମାବଦ୍ଧ କରି ରଖିବାକୁ ହୁଏ । ଏହିପରି ଅଭ୍ୟାସ କରୁ କରୁ କେତେକାଳ ପରେ ଏହି ଭାବନାରୁ ମନ ଆହୁରି ଉର୍ଦ୍ଧ୍ୱକୁ ଉଠି ମହା ଶୂନ୍ୟରେ ପ୍ରବେଶ କରେ । ଅର୍ଥାତ୍ ମନୁଷ୍ୟର ଆଉ କିଛି ଭାବନା ରହେନାହିଁ । କେବଳ ଶୂନ୍ୟ ହିଁ ଜଣାଯାଏ । ଆରମ୍ଭରେ ଅଭ୍ୟାସ କରାଯାଉଥିବା "ମୁଁ ପବିତ୍ରର', ଅର୍ଥ ମୋ ମଧ୍ୟରେ ଥିବା ଚେତନା ପବିତ୍ର ଅଟେ ବା ମୁଁ ହିଁ ଚେତନା ଅଟେ । ଧ୍ୟାନର ଉର୍ଦ୍ଧ୍ୱ ସ୍ତରକୁ ଉନ୍ନୀତ ହେଲେ ଏକମାତ୍ର "ମୁଁ ପବିତ୍ର" ହିଁ ରହେ । ଅନ୍ୟସବୁ ପଛରେ ପଡ଼ିଯାଏ । କ୍ରମେ ଏହି ପବିତ୍ର ଚେତନା ବିଶ୍ୱଚେତନା ସହ ମିଳିତ ହେଇ ଦେହ ଓ ବାହ୍ୟଜ୍ଞାନକୁ ମଧ୍ୟ ଭୁଲି ହୋଇଯାଏ । ଆହୁରି ଅଭ୍ୟାସ କରି ଚାଲିଲେ ସେହି ଶୂନ୍ୟର ବିଭିନ୍ନ ବର୍ଣ୍ଣର ଆଲୋକ ଦେଖାଯାଏ ଓ ଶେଷରେ ଗୋଟିଏ ସୁନ୍ଦର କୋମଳ ସ୍ୱର୍ଣ୍ଣ ଆଭା ମଧ୍ୟରେ ମନ ସ୍ଥିରରହେ । ସେଥିରୁ ଫେରି ଆସିବା ପାଇଁ ଦୁଇ ତିନିଥର ଚେଷ୍ଟା କରିବା ପରେ ହିଁ ମନ ସଂସାର ମଧ୍ୟକୁ ଫେରିଆସେ । ଏହା ଅନେକ ବର୍ଷର ଅଭ୍ୟାସରୁ ଲାଭ ହେବ । ଏହାପରେ କଣ ହେବ ମୁଁ ଏପର୍ଯ୍ୟନ୍ତ ତାହା ଅନୁଭବ କରି ପାରିନାହିଁ । ତେଣୁ ମୁଁ ଏହାର ଉର୍ଦ୍ଧ୍ୱସ୍ତରର ବର୍ଣ୍ଣନା କରିପାରୁ ନାହିଁ । କିନ୍ତୁ ଏହି ଯେଉଁ ଶେଷ ଅବସ୍ଥା ବର୍ଣ୍ଣନା କରାଗଲା ସେହି ଅବସ୍ଥାକୁ ଉଠିବାକୁ ଗଲେ ସାଧନାକୁ ଅନ୍ତତଃ ଦଶ ବାରବର୍ଷ ଧ୍ୟାନ ଅଭ୍ୟାସ କରିବାକୁ ହେବ । ଏହିପରି ଧ୍ୟାନକୁ ମନକୁ ଫେରାଇ ଆଣିବା ପରେ କିଛିସମୟ ପର୍ଯ୍ୟନ୍ତ ପରମ ଆନନ୍ଦ ଅନୁଭୂତ ହୁଏ ଓ ଧ୍ୟାନ ସ୍ତରରୁ ଉଠି ଆସିବାକୁ ମନ ହୁଏନାହିଁ । ଧ୍ୟାନ ସମୟରେ ସମୟ ଜ୍ଞାନ ମଧ୍ୟ ରହେନାହିଁ । କିନ୍ତୁ ମନକୁ ଧ୍ୟାନ ମଧ୍ୟରେ ପ୍ରବେଶ କରାଇବା ପୂର୍ବରୁ ଯଦି ସମୟ ନିର୍ଦ୍ଧାରଣ ଯଥା ଘଣ୍ଟାଏ କିମ୍ବା ଅଧ-ଘଣ୍ଟାଏ ଏପରି ନିର୍ଣ୍ଣୟ କରିବାଦ୍ୱାରା ସେହି ସମୟ ପରେ ମନ ପୁଣି ପୂର୍ବସ୍ତରକୁ

Digitized by srujanika@gmail.com

ଫେରି ଆସିବାକୁ ଚେଷ୍ଟାକରେ । ଏ ସମସ୍ତ ନିଜର ମନଯୋଗ ଓ ଅଧ୍ୟବସାୟ ଉପରେ ନିର୍ଭର କରେ । ବୌଦ୍ଧ ମତରେ ଧ୍ୟାନ ହେଉଛି ପ୍ରଧାନ ଯାହାଦ୍ୱାରା ମଣିଷ ଆଧ୍ୟାତ୍ମିକ ଉନ୍ନତି କରିପାରିବ । କେତେବର୍ଷ କାଳ ଏହିପରି ଧ୍ୟାନ ଅଭ୍ୟାସ କଲେ ମନୁଷ୍ୟ କିଛି ଅତିମାନୁଷିକ ଶକ୍ତି ଲାଭ କରିଥାଏ, ଯାହାଦ୍ୱାରା ସେ କିଛି ଅଲୌକିକ କାର୍ଯ୍ୟ ମଧ୍ୟ କରିପାରିବ । କିନ୍ତୁ ଏହି ଶକ୍ତିର ପ୍ରୟୋଗ କରିବାକୁ ହେବ ନାହିଁ । କାରଣ ସେ ଶକ୍ତି ପ୍ରୟୋଗ କରିବାଠାରୁ ତାର ଆଉ କୌଣସି ଆଧ୍ୟାତ୍ମିକ ଉନ୍ନତି ହୋଇ ପାରିବ ନାହିଁ । ବୁଦ୍ଧଦେବ ଏହି ବିଷୟ ନେଇ ବଡ଼ କଡ଼ାକଡ଼ି ନିୟମ ପ୍ରଣୟନ କରିଥିଲେ ଏବଂ ଯେଉଁ ଭିକ୍ଷୁମାନେ ସେହି ଶକ୍ତି ପ୍ରୟୋଗ କରି କିଛି ଲାଭବାନ ହେଉଥିଲେ ସେପରି ଭିକ୍ଷୁମାନଙ୍କୁ ସଂଘରୁ ବାହାର କରି ଦେଉଥିଲେ । କିନ୍ତୁ ତିବତ୍ ଓ ଅନ୍ୟ ଯେଉଁ ଦେଶରେ ବଜ୍ରଯାନ ବୌଦ୍ଧ ମତବାଦ ଅଛି, ସେହି ଦେଶର ବୌଦ୍ଧ ଭିକ୍ଷୁମାନେ ଏହିପରି ଅତିମାନସ ଶକ୍ତି ଜନହିତକର କାର୍ଯ୍ୟ ପାଇଁ ପ୍ରୟୋଗ କରିବାର ଦେଖାଯାଏ । ଆଧାତ୍ମିକ ଉନ୍ନତି ପଞ୍ଚଶୀଳ ପାଳନ ପୂର୍ବକ ଆଚରଣ ଶୁଦ୍ଧି ଦ୍ୱାରା ଓ ଧ୍ୟାନ ବଳରେ ହିଁ ସମୃଦ୍ଧ ହୁଏ, ପୂଜାପାଠ ଦ୍ୱାରା ନୁହେଁ ।

ଉପରୋକ୍ତ ଭଗବାନ ବୁଦ୍ଧଙ୍କ ପ୍ରଦର୍ଶିତ ଅଷ୍ଟାଙ୍ଗିକ ମାର୍ଗ ମନୁଷ୍ୟ ଚେଷ୍ଟା କରି ନିଜ ଜୀବନରେ ପାଳନକରିପାରିଲେ ସେ ଜଣେ ଉତ୍ତମ ମନୁଷ୍ୟଭାବେ ସୁଖ ଓ ଶାନ୍ତିମୟ ଜୀବନ ଅତିବାହିତ କରିପାରିବ । ଏହି ସୁଖ ଓ ଶାନ୍ତିମୟ ଜୀବନହିଁ ନିର୍ବାଣ ବୋଲି ବୁଝିବାକୁ ହେବ । କାରଣ ସେପରି ଜୀବନ ଯେଉଁମାନେ ଏହି ସଂସାରରେ ରହି ଅତିବାହିତ କରିପାରିବେ ସେମାନଙ୍କର ଜୀବନ ଗୋଟିଏ ସାଫଲ୍ୟ ମଣ୍ଡିତ ଜୀବନ ହେବ । ନିର୍ବାଣ ଅର୍ଥ ଲିଭିଯିବା । ମନୁଷ୍ୟ ବଞ୍ଚି ଥାଉ ଥାଉ ଲିଭିବ କଣ ? ଲିଭିବ ତାର ପୂର୍ବ ବର୍ଣ୍ଣିତ ତ୍ରିବିଧ ତୃଷ୍ଣା । ଏହି ତ୍ରିବିଧ ତୃଷ୍ଣା ଲିଭିଲେ ମନୁଷ୍ୟର ଜୀବନ ଅତି ସୁଖ ଓ ଶାନ୍ତିମୟ ହୋଇପାରିବ । ତେଣୁ ସଂସାରରେ ଯେଉଁମାନେ ଚିର ସୁଖ ଓ ଶାନ୍ତିମୟ ଜୀବନ ଯାପନକରୁ ଅଛନ୍ତି ସେମାନେ ନିର୍ବାଣ ପ୍ରାପ୍ତ ହୋଇପାରିଛନ୍ତି ବୋଲି ମୁଁ କହିବି । ସେମାନଙ୍କ ପକ୍ଷରେ ଶାରୀରିକ ସୁଖଠାରୁ ମାନସିକ ଶାନ୍ତି ହେଉଛି ମୂଳ ଲକ୍ଷ୍ୟ । ଯେକୌଣସି ପରିସ୍ଥିତିରେ ମନୁଷ୍ୟ ଯେବେ ତାର ମାନସିକ ଶାନ୍ତି ବଜାୟରଖି ପାରିଲା ତାହେଲେ ଏ ସଂସାର ତାକୁ ସ୍ୱର୍ଗ ବୋଧ ହେବ । ଭଗବାନ ବୁଦ୍ଧଙ୍କ

Digitized by srujanika@gmail.com

ପ୍ରଦର୍ଶିତ ଅଷ୍ଟାଙ୍ଗିକ ମାର୍ଗରେ ଅଗ୍ରସର ହୋଇ ସିଦ୍ଧିଲାଭ କରିପାରିଲେ, ବ୍ୟକ୍ତି ଚିରମାନସିକ ଶାନ୍ତି ଲାଭ କରିପାରିବ । ପ୍ରଥମେ ଏହି ଅଷ୍ଟାଙ୍ଗିକ ମାର୍ଗରେ ଅଗ୍ରସର ହେବାକୁ ବଡ଼ କଷ୍ଟ ବୋଧ ହେବ । କିନ୍ତୁ ତାକୁ ଦୃଢ଼ ଚିତ୍ତରେ ଅଭ୍ୟାସ କରିବାକୁ ଆରମ୍ଭ କଲା ଦିନଠାରୁ ତାର ମାନସିକ ପରିବର୍ତ୍ତନ ଆରମ୍ଭ ହେବ ଓ କେତେ କାଳପରେ ତାହା ଅଭ୍ୟାସରେ ପରିଣତ ହୋଇଯିବ । ଥରେ ଅଭ୍ୟାସରେ ପରିଣତ ହୋଇଗଲେ ତେଣିକି ଆଉ କଷ୍ଟକର ମନେ ହେବ ନାହିଁ । ଏହି ଅଭ୍ୟାସ ସମୟରେ ଧ୍ୟାନ ତାକୁ ସାହାଯ୍ୟ କରିବ ।

ମୋର କ୍ଷୁଦ୍ର ମତରେ ଏ ସଂସାରରେ ଗୋଟିଏ ମାତ୍ର ଧର୍ମ ରହିଛି, ତାହା ହେଉଛି ମାନବ ଧର୍ମ ବା ମାନବ ପାଳନ କରିବାର ଧର୍ମ । ଆମେ ଯେତେପ୍ରକାର ଧର୍ମ କଥା ଯଥା :—ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନ, ବୌଦ୍ଧ, ଜୈନ, ଶିଖ ଇତ୍ୟାଦି କହୁ, ସେଗୁଡ଼ିକୁ ଧର୍ମ କହିବାଠିକ୍ ହେଉନାହିଁ । କାରଣ ଏହି ମତବାଦଗୁଡ଼ିକ ଭିନ୍ନ ଭିନ୍ନ ମହାପୁରୁଷମାନଙ୍କଦ୍ୱାରା ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ସମୟରେ ସେହି ଦେଶମାନଙ୍କର ତତ୍କାଳୀନ ଆବଶ୍ୟକତା ଅନୁସାରେ ବ୍ୟକ୍ତ କରାଯାଇଅଛନ୍ତି, ଯାହାକୁ ଆମେ ଭିନ୍ନ ଭିନ୍ନ ଧର୍ମ ବୋଲି କହୁଛୁ, ପ୍ରକୃତରେ ସେଗୁଡ଼ିକ ଧର୍ମ ନୁହନ୍ତି, ମତବାଦ ମାତ୍ର । ତେଣୁ ହିନ୍ଦୁ ମତ ଖ୍ରୀଷ୍ଟିୟାନ ମତ, ମୁସଲମାନ ମତ, ବୌଦ୍ଧ ମତ ଇତ୍ୟାଦିକୁ ମତ ବୋଲି କହିଲେ ଠିକ୍ ହେବ । ଏ ସଂସାରରେ ଧର୍ମ ଏକ ଏବଂ ତାହା ହେଉଛି ମାନବ ଧର୍ମ ଯାହା ମନୁଷ୍ୟ ପାଳନ କରିବା ଉଚିତ । ସେହି ମାନବ ଧର୍ମ ଚାରେଟି ଗୁଣ ବିଶିଷ୍ଟ ଅଟେ । ସେଗୁଡ଼ିକ ହେଲା ସତ୍ୟ, ଅହିଂସା, କରୁଣା ଓ ମୈତ୍ରୀ । ଏହି ଚାରେଟି ଗୁଣର ବିସ୍ତୃତ ଆଲୋଚନା କରାଯାଉ ।

(୧) ସତ୍ୟ—ସତ୍ୟର ଭାବାର୍ଥ ହେଉଛି ସମତା ସମତାର ଅର୍ଥ ପ୍ରତ୍ୟେକ ଜୀବ ଓ ଜଡ ତାର ନିଜ ନିଜର ସମତା ବା Equilibrium ରକ୍ଷା କରି ଚଳିବା । ଆମେ କେବଳ କଥାକୁ ହିଁ ସତ୍ୟ କିମ୍ବା ମିଥ୍ୟା ବୋଲି କହିଥାଉ । ଯେଉଁ ଘଟଣା ଘଟିଛି ତାହା ଘଟିଛି ବୋଲି କହିବା ହେଉଛି ସତ୍ୟ, ଯାହା ଘଟିନାହିଁ ତାହା ଘଟିଛି ବୋଲି କହିବା ମିଥ୍ୟା । କିନ୍ତୁ ଏ କେବଳ ବାଚନିକ ସତ୍ୟ । ପ୍ରତ୍ୟେକ ଜୀବ, ଜଡ଼ ଓ ମହାଶୂନ୍ୟ ସବୁର ଗୋଟିଏ ଗୋଟିଏ ଧର୍ମ ରହିଛି ଯାହା ପ୍ରାକୃତିକ ନିୟମଦ୍ୱାରା ପରିଚାଳିତ ହେଉଛି । ସେ ଯେବେ

Digitized by srujanika@gmail.com

ସେହି ପ୍ରାକୃତିକ ନିୟମରୁ ଚ୍ୟୁତ ହେବ, ତାହେଲେ ସେ ଅସତ୍ୟ ଆଚରଣ କରୁଛି ବୋଲି କହିବାକୁ ହେବ । ତେଣୁ ସତ୍ୟ ଯେ କେବଳ ବାଚନିକ ତାହା ନୁହେଁ, ପ୍ରତ୍ୟେକ ବସ୍ତୁର ସତ୍ୟ ବା ନିଜର ଧର୍ମ ରହିଛି ଯାହାର ବିଚ୍ୟୁତିରେ ବିଶୃଙ୍ଖଳା ଜାତ ହୁଏ । ତେଣୁ ସତ୍ୟ ହିଁ ଧର୍ମ ବୋଲି କୁହାଯାଉଛି ।

(୨) ଅହିଂସା–ଅହିଂସାର ଅର୍ଥ ନିଜମନରେ କୌଣସି ପ୍ରାଣୀ ପ୍ରତି ହିଂସାଭାବ ପୋଷଣ ନ କରିବା । ଆମର ତିନି ପ୍ରକାରର କର୍ମ ଯଥା :– ମାନସିକ, ଶାରୀରିକ ଓ ବାଚନିକ ଯାହା ଦ୍ୱାରା ଆମେ ଅହିଂସା କିମ୍ବା ହିଂସା ଆଚରଣ କରିଥାଉ । ମନରେ ଅନ୍ୟର ଅନିଷ୍ଟ ପାଞ୍ଚିବା କିମ୍ବା କୌଣସି ଜୀବକୁ ହତ୍ୟା କରିବା ପାଇଁ ଭାବିବା ହେବ ମାନସିକ ହିଂସା । ସବୁ ଜୀବକୁ ନିଜ ପରି ଭାବିବା ହେବ ମାନସିକ ଅହିଂସା । କୌଣସି ଜୀବକୁ ହାତ କିମ୍ବା ପାଦଦ୍ୱାରା ଆଘାତ କରିବା ହେବ ଶାରୀରିକ ହିଂସା । କୌଣସି ଜୀବପ୍ରତି କର୍କଶ ଶବ୍ଦ ବ୍ୟବହାର କରିବା ହେବ ବାଚନିକ ହିଂସା । ଏହି ତିନିପ୍ରକାର ହିଂସାରୁ ମଣିଷ ଦୂରରେ ରହିପାରିଲେ ସେ ଅହିଂସା ପାଳନ କରିପାରିବ ।

୩) କରୁଣା–କରୁଣାର ଅର୍ଥ ସମସ୍ତେ ଜାଣନ୍ତି । ଏହା ଜୀବପ୍ରତି ଦୟା ଓ ସେମାନଙ୍କ ଦୁଃଖରେ ଦୁଃଖିତ ହେବା ଓ ସେମାନଙ୍କ ଦୁଃଖ ମୋଚନ କରିବା ପାଇଁ ମନରେ ଭାବିବାର ଅର୍ଥ କରୁଣା ପ୍ରଦର୍ଶନ କରିବା । ଆମର କିଛି ସାହାଯ୍ୟ କରିବାର ଶକ୍ତି ନ ଥିଲେ ମଧ୍ୟ ଅନ୍ୟର ଦୁଃଖରେ ଦୁଃଖିତ ହୋଇ ତାହା ପ୍ରତି ଗଭୀର ସମବେଦନା ପ୍ରଦର୍ଶନ କରିବା ହେଉଛି କରୁଣା । ଏହା ପ୍ରତ୍ୟେକ ମଣିଷର ସହଜାତ ହୋଇଥିଲେ ମଧ୍ୟ ତାକୁ କାର୍ଯ୍ୟରେ କମ ଲୋକ ପରିଣତ କରିଥାନ୍ତି । ଗୋଟିଏ ଦୁର୍ଘଟଣା ପୀଡ଼ିତ କିମ୍ବା ବ୍ୟାଧିଗ୍ରସ୍ତ ଜୀବ ଛଟପଟ ହେବା ଦେଖି ତା ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା, ତାର ଦୁଃଖ ଦୂରୀକରଣ ନିମିତ୍ତ ଯଥାସାଧ୍ୟ ଚେଷ୍ଟା କରିବା, ସେଥିପାଇଁ ଶକ୍ତିର ଅଭାବ ଥିଲେ ତା ପ୍ରତି ମାନସିକ ଦୟାଶୀଳ ହେବା ହିଁ କରୁଣା । ସେହିପରି କଷ୍ଟ ଭୋଗ କରୁଥିବା ଜୀବକୁ ଦେଖି ମଧ୍ୟ ତାକୁ ଭ୍ରୂକ୍ଷେପ ନ କରିବା ହେବ ନିଷ୍ଠୁରତା । ଅନେକ ସମୟରେ ଦେଖାଯାଏ କୌଣସି ପ୍ରାଣୀ ଯଦି ଦୁର୍ଘଟଣା କିମ୍ବା ଅନ୍ୟଦ୍ୱାରା ଆଘାତ ପ୍ରାପ୍ତ ହୋଇ ଛଟପଟ ହେଉଥାଏ, କେତେକ ମନୁଷ୍ୟ ତାହା ଦେଖି ନଦେଖିଲା ପରି ଚାଲିଯାଆନ୍ତି । କାରଣ ସେମାନେ ଭାବନ୍ତି ଯଦି ସେ ଜୀବ

Digitized by srujanika@gmail.com

ପ୍ରତି ସହାନୁଭୂତି ଦେଖାଇ ତାକୁ କିଛି ସାହାଯ୍ୟ କରିବେ ତେବେ ସେମାନଙ୍କର ସମୟ ନଷ୍ଟ ହେବା ସହିତ ସେହି ଦୁର୍ଘଟଣାରେ ଜଡ଼ିତ ହୋଇଯିବାର ସମ୍ଭାବନା ଦେଖା ଦେବ, ମାତ୍ର ସେଥିରୁ ନିଜକୁ ନିବୃତ୍ତ ରଖିବା ନିଷ୍ଠୁରତା ପ୍ରଦର୍ଶନର ରୂପାନ୍ତର ମାତ୍ର । ଏହିପରି ମନୁଷ୍ୟଙ୍କର କରୁଣା ଭାବ ସେତେଟା ଉନ୍ନତ ନ ଥାଏ । ଯେଉଁମାନଙ୍କର କରୁଣାଭାବ ଉନ୍ନତ ସେମାନେ କିଛି ନକରି ପାରିଲେ ମଧ୍ୟ ସେମାନଙ୍କର ଚକ୍ଷୁ ଆର୍ଦ୍ର ହୋଇ ହୃଦୟ ତରଳି ଗଲା ପରି ଲାଗିଥାଏ । ଏହିପରି ଲୋକ ହିଁ କରୁଣା ଭାବର ଅଧିକାରୀ ଅଟନ୍ତି ।

୪। **ମୈତ୍ରୀ**– ମୈତ୍ରିର ଅର୍ଥ ପରସ୍ପର ପ୍ରେମ, ପ୍ରତ୍ୟେକ ଜୀବ ଗୋଟିଏ ଗୋଟିଏ ପ୍ରାଣୀ ହୋଇଥିବାରୁ ମନୁଷ୍ୟର ଯେପରି ସୁଖ ଦୁଃଖ ଭୋଗ ହୋଇ ଥାଏ, ସେହିପରି ସେମାନଙ୍କର ମଧ୍ୟ ହୋଇଥାଏ । ତେଣୁ ମନୁଷ୍ୟ ସକଳ ପ୍ରକାର ଜୀବମାନଙ୍କ ସହିତ ସମାନ ବୋଲି ଭାବିବାକୁ ହେବ ଏବଂ ନିଜକୁ ଯେପରି ଅନ୍ୟକୁ ମଧ୍ୟ ସେହିପରି ଭାବିଲେ ସେମାନଙ୍କ ପ୍ରତି ନିଜର ସଦିଚ୍ଛା ସହାନୁଭୂତି ଜାତ ହେବ । ଅନ୍ୟପ୍ରତି ଏ ସହାନୁଭୂତି ହିଁ ମଣିଷ ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ କରି ପାରିବ । ଏହି ପରସ୍ପର ବନ୍ଧୁତ୍ୱ ରହିଲେ ଜଣେ ଅନ୍ୟକୁ ଘୃଣା କରି ପାରିବ ନାହିଁ, ଯେପର୍ଯ୍ୟନ୍ତ ତାର କୌଣସି ଦୁର୍ଗୁଣ ପ୍ରକାଶପାଇ ସହାନୁଭୂତିରେ ବାଧା ସୃଷ୍ଟି ନ କରିଛି । ଏପରି ଦେଖାଯାଏ ଯେ ଜଣେ ବ୍ୟକ୍ତି ଅନ୍ୟ ଜଣେ ମଣିଷ ପ୍ରତି ସ୍ୱତଃ ଆକୃଷ୍ଟ ହୋଇଥାଏ ଓ ଅନ୍ୟ ଗୋଟିଏ କ୍ଷେତ୍ରରେ ତାର କୌଣସି ଦୁର୍ଗୁଣ ନ ଦେଖିବା ସତ୍ତ୍ୱେ ତା ପ୍ରତି ଅରୁଚିକର ଭାବ ଜାତ ହୋଇଥାଏ । ଏହାର କାରଣ ହେଉଛି ନିଜର ପୂର୍ବଜନ୍ମମାନଙ୍କରେ କେଉଁଠାରେ ସେ ଲୋକ ସହିତ ଏହି ବ୍ୟକ୍ତିର ଅତି ଘନିଷ୍ଠ ଭାବ ଥିଲା, କିମ୍ବା ଅତି ବିରୋଧ ଭାବ ଥିଲା । ଏଥିଯୋଗୁ ସେହି ଭାବର ପ୍ରତିଫଳନ ଏହି ଜନ୍ମରେ ସେମାନଙ୍କୁ ଦେଖିବା ମାତ୍ରେ ନିଜ ଭିତରେ ପ୍ରକାଶ ପାଇଥାଏ । ଏହା ଅନେକ ଲୋକଙ୍କର ଅନୁଭୂତି ବିଷୟ ଅଟେ । କିନ୍ତୁ ଆମମାନଙ୍କ ଭିତରେ ବୈରଭାବ ନ ରଖି ସମସ୍ତଙ୍କୁ ପ୍ରତି ଆମେ ସହାନୁଭୂତିଶୀଳ ହୋଇ ତାଙ୍କୁ ନିଜପରି ମନେକରିବା ହେଉଛି ମୈତ୍ରୀ ଭାବ ।

ମନୁଷ୍ୟ ଉପରୋକ୍ତ ଗ୍ଭରିଗୁଣ ପୋଷଣ କରିବା ଉଚିତ । ତାହା କରିପାରିଲେ ସେ ପ୍ରକୃତ ଧାର୍ମିକ କିମ୍ବା ଧର୍ମପ୍ରାଣ ମନୁଷ୍ୟ ହୋଇ

Digitized by srujanika@gmail.com

ପାରିବ । ଏହି ଗୁରିଗୁଣର ବିପରୀତ ଆଚରଣ ମନୁଷ୍ୟକୁ ଅମଣିଷ କରିଥାଏ ଓ ସେ କେବେ ସୁଖ ଶାନ୍ତିର ଅଧିକାରୀ ହୋଇ ପାରେନା ।

ବୁଦ୍ଧଦେବଙ୍କ ମତରେ ମନୁଷ୍ୟର ମନ ହେଉଛି ପ୍ରଧାନ ଓ ମନୁଷ୍ୟ ଯାହାକିଛି କରୁଛି ତାହା ନିଜର ମନଦ୍ୱାରା ଗ୍ଳଳିତ ହୋଇ କରିଥାଏ । ବୁଦ୍ଧଦେବଙ୍କ ଶ୍ରୀମୁଖ ନିସୃତ ବାଣୀ ଯାହାକି ବୌଦ୍ଧ ମତର "ଧମ୍ମପଦ" ନାମରେ ଜଗତ ବିଖ୍ୟାତ, ତାହା ଏକ ଗ୍ରନ୍ଥ ଆକାରରେ ପୃଥିବୀର ସବୁ ପ୍ରଧାନ ଭାଷା ଗୁଡ଼ିକରେ ଅନୁଦିତ ହୋଇ ପ୍ରକାଶ ପାଇଛି । ହିନ୍ଦୁ ମତରେ ଶ୍ରୀଭଗବଦ୍ ଗୀତା ଯେପରି- ବୌଦ୍ଧ ମତରେ "ଧମ୍ମପଦ" ସେହିପରି ଏକ ପ୍ରଧାନ ଧର୍ମଗ୍ରନ୍ଥ । ସେହି ଗ୍ରନ୍ଥର ପ୍ରଥମ ଦୁଇଟି ଶ୍ଳୋକ ହେଉଛି ମନୁଷ୍ୟର ମନ ଉପରେ—

ମନୋ ପୁବ୍‌ବାଙ୍ଗମା ଧମ୍ମା, ମନୋଶେଷ୍ଠା ମନୋମୟା
ମାନସାଚେ ପଦୁଟ୍ଠେନ ଭଷତି ବା କରେତି ବା ।
ତତୋନାମ୍ ଦୁଃଖମ୍ ଅନ୍ୱେତି ଚକ୍‌କମ୍ ବା ବାହତୋପଦମ୍ ।

(ଧମ୍ମପଦ–୧)

ଉପରୋକ୍ତ ଶ୍ଳୋକର ଅର୍ଥ ହେଉଛି ମନ ସବୁଠାରୁ ପ୍ରଥମ, ମନ ଶ୍ରେଷ୍ଠ ଓ ଏହି ଜୀବନ ମନୋମୟ ବା ମନଦ୍ୱାରା ଗ୍ଳଳିତ । ଯଦି ଅପବିତ୍ର ମନ ଦ୍ୱାରା ଆମେ କଥା କହୁ ବା କାର୍ଯ୍ୟ କରୁ, ତାହାହେଲେ ବଳଦ ଖୁରା ପଛରେ ଶଗଡ଼ର ଚକ ଯେପରି ଗ୍ଳଲିଥାଏ, ଦୁଃଖ ଆମ ଜୀବନରେ ସର୍ବଦା ସେହିପରି ଲାଗି ରହିଥାଏ ।

ମନୋପୁବ୍‌ବାଙ୍ଗମା ଧମ୍ମା ମନୋ ଶେଷ୍ଠା ମନୋ ମୟା
ମାନସାଚେ ପସନ୍ନେନ ଭଷତି ବା କରେତି ବା
ତତୋନାମ୍ ସୁଖମ୍‌ଅନ୍ୱେତି ଛାୟାବା ଅନୁପାୟିନୀ ॥

(ଧମ୍ମପଦ–୨)

ମନ ସର୍ବ ପ୍ରଥମ, ମନ ଶ୍ରେଷ୍ଠ ଓ ଏହି ଜୀବନ ମନୋମୟ ବା ମନଦ୍ୱାରା ଗ୍ଳଳିତ ସେହି ମନକୁ ଯେବେ ଆମେ ପବିତ୍ର ରଖିପାରିବା, ତେବେ ସୁଖ ନିଜର ଛାୟାପରି ସଦା ଅନୁଧାବନ କରୁଥିବ ।

Digitized by srujanika@gmail.com

ତେଣୁ ମନକୁ ପବିତ୍ର ରଖିବା ହେଉଛି ଅତ୍ୟନ୍ତ ଆବଶ୍ୟକ, ଯଦି ଆମେ ସୁଖ ଓ ଶାନ୍ତିମୟ ଜୀବନ ଚାହୁଁ । ଯେବେ ବୁଦ୍ଧ ଦେବଙ୍କ ପ୍ରଦର୍ଶିତ ପଞ୍ଚଶୀଳନୀତିକୁ ଆମେ ଜୀବନରେ ସଦା ଅନୁସରଣକରୁ, ତେବେ ଆମର ମନ ପବିତ୍ରତା ଲାଭ କରିବ ।

ବୌଦ୍ଧ ମତବାଦର ବିଶେଷତ୍ୱ ଏହି ଯେ ବୁଦ୍ଧ ଦେବ ମନୁଷ୍ୟଙ୍କୁ କୌଣସି ବାହ୍ୟ ଶକ୍ତି ଉପରେ ନିର୍ଭର କରିବା ଅପେକ୍ଷା ନିଜ ଶକ୍ତି ଉପରେ ନିର୍ଭର କରିବାକୁ କହିଅଛନ୍ତି । ଏହାର ଅର୍ଥ ହେଲା ମନୁଷ୍ୟ ତାର ତିନି ପ୍ରକାର କର୍ମ ଯଥା :—ମାନସିକ, ଶାରୀରିକ ଓ ବାଚନିକ କର୍ମରେ ଶୁଦ୍ଧତା ଆଣିପାରିଲେ ନିଜର ଶକ୍ତି ପ୍ରୟୋଗଦ୍ୱାରା ସେ ପ୍ରତ୍ୟେକ କର୍ମରେ ସଫଳତା ଲାଭ କରିବ । ଅନ୍ୟାନ୍ୟ ମତବାଦ ଓ ବୌଦ୍ଧ ମତବାଦ ମଧ୍ୟରେ ଏତିକିମାତ୍ର ପ୍ରଭେଦ ରହିଛି ଯେ ପୃଥିବୀର ଅନ୍ୟାନ୍ୟ ସବୁ ବିଶିଷ୍ଟ ମତବାଦରେ ଭଗବାନଙ୍କ ଉପରେ ବେଶୀଟା ନିର୍ଭର କରିବାପାଇଁ ଉତ୍ସାହିତ କରାଯାଇଛି । କିନ୍ତୁ ବୌଦ୍ଧ ମତବାଦରେ ଏପରି କରାଯାଇନାହିଁ । ବୁଦ୍ଧଦେବ ଭଗବାନଙ୍କ ବିଷୟରେ ନୀରବ ଥିଲେ । ଯେହେତୁ ମନୁଷ୍ୟକର୍ମ ଅନୁସାରେ ଫଳ ମିଳିଥାଏ ତହିଁରେ ଭଗବାନଙ୍କର ହସ୍ତକ୍ଷେପ ଦରକାର ପଡ଼ିନଥାଏ । ବୌଦ୍ଧ ଶାସ୍ତ୍ରରେ ଲେଖା ଅଛି ଯେ ଦୁଇଜଣ ପଣ୍ଡିତଙ୍କ ମଧ୍ୟରେ ଭଗବାନଙ୍କ ବିଷୟରେ ତର୍କବିତର୍କ ହୋଇଥିଲା । ଜଣେ ପଣ୍ଡିତ କହିଲେ ଭଗବାନ ଅଛନ୍ତି । ଅନ୍ୟ ଜଣକ କହିଲେ ଭଗବାନ ନାହାନ୍ତି । ଏହି ଦୁଇଜଣଙ୍କ ମଧ୍ୟରେ ବହୁତ ତର୍କ ବିତର୍କ ଚାଲିବାପରେ ସେମାନେ ସ୍ଥିର କଲେ ଯେ "ଗୌତମବୁଦ୍ଧ ନାମକ ଜଣେ ଭିକ୍ଷୁ ଏହି ଗ୍ରାମ ନିକଟରେ ତାଙ୍କ ଶିଷ୍ୟମାନଙ୍କ ସହିତ ଅଛନ୍ତି ଓ ଲୋକ କହୁଛନ୍ତି ସେ ଜଣେ ବଡ଼ ଜ୍ଞାନୀ ପୁରୁଷ ବୋଲି । ଚାଲ, ତାଙ୍କ ପାଖକୁଯାଇ ଆମ୍ଭ ବିବାଦୀୟ ବିଷୟରେ ମିମାଂସା ନେଇଡ଼ିବା ।" ସେହି ଦୁଇ ଜଣ ବୁଦ୍ଧଦେବଙ୍କ ନିକଟକୁ ଆସି ଭକ୍ତି ନିବେଦନ କରିବାପରେ ଜଣେ ବୁଦ୍ଧ ଦେବଙ୍କୁ ପଚାରିଲେ "ଭଗବାନ ଅଛନ୍ତି ?" ବୁଦ୍ଧ ଦେବ ନୀରବ ରହିଲେ । ଆଉ ଜଣେ ପଚାରିଲେ "ତାହେଲେ ଭଗବାନ ନାହାନ୍ତି ?" ସେଥିରେ ମଧ୍ୟ ବୁଦ୍ଧଦେବ ନୀରବ ରହିଲେ । ସେହି ଦୁଇଜଣ ପଣ୍ଡିତ ନିଜ ନିଜର ପ୍ରଶ୍ନ ଦୁଇ ତିନିଥର ପଚାରିବା ସତ୍ତ୍ୱେ ବୁଦ୍ଧଦେବ ନିରୁତ୍ତର ରହିବାରୁ ସେମାନେ ବଡ ବିରକ୍ତ ହୋଇ କହିଲେ "କିଏ କହୁଛି ଏ ଜଣେ ଜ୍ଞାନୀ ପୁରୁଷ ବୋଲି । ଆମ ପ୍ରଶ୍ନର ଉତ୍ତର ଦେଇପାରିଲାନାହିଁ । ଚାଲ ଆମେ

Digitized by srujanika@gmail.com

ଏଠାରୁ ଅନ୍ୟ କେଉଁଠାକୁଯାଇ ଆମ ପ୍ରଶ୍ନର ଉତ୍ତର ଖୋଜିବା ।" ସେହି ଦୁଇଜଣ ପଣ୍ଡିତଙ୍କର ପ୍ରସ୍ଥାନପରେ ବୁଦ୍ଧଦେବଙ୍କ ପଟ୍ଟଶିଷ୍ୟ ଆନନ୍ଦ ଯେ କି ସଦା ବୁଦ୍ଧ ଦେବଙ୍କ ନିକଟରେ ସେବାରତଥିଲେ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଗ୍ଭରିଲେ "ପ୍ରଭୋ ! ଯେ ଯାହା ପ୍ରଶ୍ନ ପଗ୍ଭରିଲେ ଆପଣ ସଠିକ ଉତ୍ତର ଦିଅନ୍ତି । କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଉଛି ଏମାନଙ୍କର ପ୍ରଶ୍ନରେ ଆପଣ ନିରୁତ୍ତର ରହିଲେ କିପରି ?" ବୁଦ୍ଧଦେବ ଟିକିଏ ମୁରୁକି ହସି ଆନନ୍ଦଙ୍କୁ କହିଲେ "ଆନନ୍ଦ, ମୁଁ ଯଦି କହିଥାନ୍ତି ଭଗବାନ ଅଛନ୍ତି ବୋଲି ତାହେଲେ ଯେଉଁ ବ୍ୟକ୍ତି ଭଗବାନ ନାହାନ୍ତିବୋଲି କହୁଥିଲେ, ସେ ମୋତେ ବହୁତ ପ୍ରଶ୍ନ ପଗ୍ଭରିଥାନ୍ତେ ଯେ ଭଗବାନ ଦେଖିବାକୁ କିପରି, ସେ ଗୋରା କି କଳା, ସେ ଡ଼େଙ୍ଗା କି ଗେଡ଼ା ଇତ୍ୟାଦି ଇତ୍ୟାଦି ଅନେକ ପ୍ରଶ୍ନ ଯାହାକି ମୋର ବହୁତ ସମୟ ନଷ୍ଟ କରିଥାନ୍ତା । ମୁଁ ଯଦି କହନ୍ତି ଭଗବାନ ନାହାନ୍ତି ବୋଲି ତେବେ ମଧ୍ୟ ଅନ୍ୟ ଜଣକ ପଗ୍ଭରନ୍ତା ତୁମେ କିପରି ଜାଣିଲ ଭଗବାନ ନାହାନ୍ତି ବୋଲି । ଯେବେ ଭଗବାନ ନାହାନ୍ତି ତେବେ ଏ ସମସ୍ତ କିଏ ସୃଷ୍ଟି କଲା ଇତ୍ୟାଦି ଇତ୍ୟାଦି ଯାହା ଦ୍ୱାରା ମୋର ବହୁତ ସମୟ ନଷ୍ଟ ହୋଇଥାନ୍ତା । ମଣିଷ ଏ ସଂସାରରେ ଦୁଃଖ ନାମକ ଶରଦ୍ୱାରା ବିଦ୍ଧହୋଇ ଛଟପଟ ହେଉଛି । ତାର କଣ ଉଚିତ ହେବ ଯେ ସେ ଶର କିଏ ବିନ୍ଧିଲା, ସେ କିପରି ଲୋକ, ଡ଼େଙ୍ଗା କି ଗେଡ଼ା, ଗୋରା କି କଳା, ବ୍ରାହ୍ମଣ କି ଶୂଦ୍ର ଇତ୍ୟାଦି ଇତ୍ୟାଦି ନାନା ରକମର ପ୍ରଶ୍ନ କରିବା ? ତାର ଦରକାର ଶରକୁ ବାହାର କରି ଔଷଧ ପତ୍ର ଦ୍ୱାରା କ୍ଷତକୁ ଆରୋଗ୍ୟ କରି ବ୍ୟଥା ଉପଶମ କରିବା । ମୁଁ ଏ ପୃଥିବୀରେ ମନୁଷ୍ୟର ଦୁଃଖର କାରଣ ଓ ତାର ନିରାକରଣର ମାର୍ଗ ଆବିଷ୍କାର କରି ଜନ ସମାଜକୁ ଦୁଃଖରୁ କିପରି ମୁକ୍ତି ମିଳିବ, ତାହା ପ୍ରଦର୍ଶନ କରିବାକୁ ଆସିଅଛି । ଭଗବାନ ଅଛନ୍ତିକି କି ନାହାନ୍ତି ସେ ବିଷୟରେ ତର୍କ ବିତର୍କ କରି ସମୟ ନଷ୍ଟ କରିବାକୁ ମୁଁ ଆସିନାହିଁ । ଭଗବାନ ଥାନ୍ତୁ ବା ନଥାନ୍ତୁ ମନୁଷ୍ୟର କିଛି ଯାଏଆସେ ନାହିଁ, କାରଣ ଯେ ଯେପରି କର୍ମ କରିବ ତାର ସମରୂପ ଫଳ ତାକୁ ହିଁ ଭୋଗ କରିବାକୁ ପଡ଼ିବ । ମନୁଷ୍ୟର କର୍ମଫଳ ଭୋଗିବା ପାଇଁ ସମୟ ଦରକାର ପଡ଼ିଥାଏ । ଏହି ବିଷୟ ବିସ୍ତୃତ ଭାବରେ ପୂର୍ବରୁ ଆଲୋଚିତ ହୋଇଛି । ଏହି ଜନ୍ମରେ ଯେବେ ଜଣେ ତାର କର୍ମଫଳ ଭୋଗରୁ ବଞ୍ଚିତ ହୁଏ, ତାର ପରଜନ୍ମରେ ସେ ତାହା ଭୋଗ କରିବାକୁ ବାଧ୍ୟ । ସକଳ ପ୍ରକାର କର୍ମଫଳରୁ ମୁକ୍ତି ପାଇବାର ଅର୍ଥ ନିର୍ବାଣ ଲାଭ କରିବା, ଯାହାକି ଅନେକ ଜନ୍ମର ସାଧନା ବଳରେ ପ୍ରାପ୍ତ ହୋଇଥାଏ ।

Digitized by srujanika@gmail.com

ଭଗବାନ ଯଦି ଅଛନ୍ତି ତାହାହେଲେ ସେ ଆମର କେଉଁ ଉପକାରରେ ଆସିବେ ସହଜରେ ବୁଝି ହେଉନାହିଁ । କାରଣ ମନୁଷ୍ୟ ତାର କର୍ମ ଜନିତ ଫଳଦ୍ୱାରା ଗ୍ରଚ୍ଛିତ । ମନ୍ଦ କର୍ମ କରି ଯଦି ଭଗବାନଙ୍କଠାରେ ପ୍ରାର୍ଥନା କରାଯାଏ ଓ ଯଦି ଭଗବାନ ସେହି ମନ୍ଦ କର୍ମଫଳ ଭୋଗରୁ ମୁକ୍ତି ଦେଇପାରନ୍ତି, ତାହେଲେ ସେ କଣ ଅଧର୍ମ କରୁନାହାନ୍ତି ? ଜଣେ ଭଗବାନଙ୍କୁ ପ୍ରାର୍ଥନା କଲା ବୋଲି ଯଦି ତାର କର୍ମଫଳରୁ ମୁକ୍ତି ପାଇଯାଏ, ତାହାହେଲେ ଭଗବାନ ଅନ୍ୟାୟ କରୁ ନାହାନ୍ତି କି ? ସେହିପରି ଜଣେ ଯଦି ସୁକର୍ମ କରି ମନ୍ଦ ଫଳ ପାଇବ, ତାହେଲେ ଭଗବାନ ମଧ୍ୟ ଅନ୍ୟାୟ କରିବେ । ତେଣୁ ଭଗବାନଙ୍କୁ ପ୍ରାର୍ଥନା କରି ମନ୍ଦ କର୍ମର ଫଳରୁ ମୁକ୍ତି ପାଇବା ଆଶା ନିରାଶା ମାତ୍ର, ଯେହେତୁ ମନୁଷ୍ୟଙ୍କୁ ନିଜ କର୍ମର ଫଳ ଭୋଗ କରିବାକୁ ହିଁ ହୋଇଥାଏ । ଆମେ ଯଦି ଭାବୁଥାଉ ଭଗବାନଙ୍କୁ କିମ୍ବା କୌଣସି ଦେବାଦେବୀ ମନ୍ଦିରରେ ଭୋଗ ଚଢ଼େଇ ଓ ଦକ୍ଷିଣା ଦେଇ କିଛି ଲାଭବାନ ହେବୁ ବୋଲି, ତାହା ଏକ ମରୀଚିକା ପଛରେ ତୃଷାର୍ଥ ମୃଗ ଦୌଡ଼ିଲା ପରି ହେବ । ଯଦି ଭଗବାନ ଅଛନ୍ତି ଓ ଆମ୍ଭେମାନେ ତାଙ୍କ କୃପାଲାଭ କରିବା ପାଇଁ ଇଚ୍ଛାକରୁ ତେବେ ଆମକୁ ସେ କୃପା ପାଇବାର ଯୋଗ୍ୟତା ହାସଲ କରିବାକୁ ହେବ । ଯେପରି ଚାକିରୀ ପାଇଁ ଯୋଗ୍ୟତା ନିର୍ଦ୍ଧାରଣ କରାଯାଇଥାଏ ସେହିପରି ଭଗବାନଙ୍କର ଆଶୀର୍ବାଦ ପାଇବାକୁ ମଧ୍ୟ ଆମ୍ଭମାନଙ୍କୁ ଯୋଗ୍ୟତା ହାସଲ କରିବାକୁ ହେବ । ସେ ଯୋଗ୍ୟତା ହେଉଛି ନିଜ ମନର ପବିତ୍ରତା । ଅପବିତ୍ର ମନରେ ଆମେ ଭଗବନାଙ୍କୁ ଯେତେ ପ୍ରାର୍ଥନା କଲେ, ଭୋଗରାଗ ଚଢ଼ାଇଲେ ମଧ୍ୟ ସେ ଆମ ଅନ୍ତରର ଅବସ୍ଥା ଜାଣିପାରନ୍ତି ଓ ତଦନୁସାରେ ଆମ୍ଭଙ୍କୁ ଫଳପ୍ରାପ୍ତ କରନ୍ତି । ତେଣୁ ଭଗବାନଙ୍କୁ ବିଶ୍ୱାସ କରୁଥିବା ଲୋକକୁ ମଧ୍ୟ ବୁଦ୍ଧଦେବଙ୍କ ପ୍ରଦର୍ଶିତ ପଞ୍ଚଶୀଳ ପାଳନ କରି ପ୍ରଥମେ ନିଜ ମନକୁ ପବିତ୍ର କରିବାକୁ ହେବ । ମନ ପବିତ୍ର ହେଲେ ହିଁ ଭଗବାନଙ୍କର ଆଶୀର୍ବାଦ ସହିତ ଆମ ଜୀବନ ପରମ ସୁଖଶାନ୍ତି ଲାଭ କରି ପାରିବ । ଏହା ପୃଥିବୀର ସମସ୍ତ ମତବାଦରେ କୁହାଯାଇଛି ।

ମୁଁ ୧୯୫୪ ମସିହାରେ ବୁଦ୍ଧଦେବଙ୍କ ସ୍ୱପ୍ନ ଦର୍ଶନ ପାଇଥିଲେ ମଧ୍ୟ ୧୯୭୧ ମସିହା ପର୍ଯ୍ୟନ୍ତ ବୌଦ୍ଧମତରେ ଦୀକ୍ଷିତ ହୋଇ ନ ଥିଲି । କାରଣ ନିଜର ମତ ପରିବର୍ତ୍ତନ କରିବାକୁ ହେଲେ ପୃଥିବୀର ଯାହାକିଛି ବିଶିଷ୍ଟ ମତ-ବାଦ ରହିଛି ସେଗୁଡ଼ିକୁ ଭଲଭାବେ ଅନୁଧ୍ୟାନ କରି ଗୋଟିଏ ନିର୍ଣ୍ଣୟରେ

Digitized by srujanika@gmail.com

ପହଞ୍ଚିବାକୁ ହେବ । କେବଳ ଗୋଟିଏ ମତବାଦର ସବିଶେଷ ବିବରଣୀ ପାଠ କରିବା ଦ୍ୱାରା ସେ ମତବାଦ ପ୍ରତି ଦୃଢ଼ ବିଶ୍ୱାସ ଜାତ ହେଲେ ମଧ୍ୟ ଅନ୍ୟାନ୍ୟ ପ୍ରସିଦ୍ଧ ମତବାଦ ବିଷୟରେ ଜ୍ଞାନଲାଭ ନ କରି ଗୋଟିଏ ମତବାଦ ଗ୍ରହଣ କରିବା ଅନ୍ଧବିଶ୍ୱାସ ପରି ହେବ । ତେଣୁ ମୁଁ ପୃଥିବୀର ସୁପ୍ରତିଷ୍ଠିତ ଖ୍ରୀଷ୍ଟିଆନ ମତବାଦର ଧର୍ମଗ୍ରନ୍ଥ ପବିତ୍ର ବାଇବେଲ ଓ ଇସଲାମ ଧର୍ମ ଗ୍ରନ୍ଥ ପବିତ୍ର କୋରାନକୁ ଭଲଭାବରେ ପଢ଼ି ବୁଝିବାକୁ ଚେଷ୍ଟା କରିଥିଲି । ଏହି ଦୁଇ ମତବାଦରେ ମଧ୍ୟ କେତେକ ବିଷୟ ଅଛି ଯାହାକୁ ମୋର ମନ ଗ୍ରହଣ କରି ପାରିଲା ନାହିଁ । କାରଣ ଏହି ଦୁଇ ମତବାଦରେ ମଧ୍ୟ ଉତ୍ତମ ଆଚରଣ ଶିକ୍ଷା ସହିତ ଭଗବାନଙ୍କ ଉପରେ ବେଶୀଟା ନିର୍ଭର କରିବା ପାଇଁ କୁହାଯାଇଛି । ହିନ୍ଦୁ ମତରେ ପ୍ରଧାନ ଗ୍ରନ୍ଥ ଶ୍ରୀମଦ୍ ଭଗବଦ୍ ଗୀତାକୁ ପଢ଼ି ଦେଖିଲି ତାହା ତିନି ପ୍ରକାର ଯୋଗ ଯଥା–କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ଯାହା ଉପରୋକ୍ତ ଦୁଇ ଧର୍ମଗ୍ରନ୍ଥଠାରୁ ଅଧିକ ଜ୍ଞାନାଲୋକ ପ୍ରଦାନ କରୁଛି । କିନ୍ତୁ ତହିଁରେ ଗୋଟିଏ ଶ୍ଲୋକ ଏହି ଉତ୍କୃଷ୍ଟଜ୍ଞାନ ଭଣ୍ଡାର ଭଗବଦ୍ ଗୀତାପ୍ରତି ମୋତେ ଆକୃଷ୍ଟ କରି ପାରିଲା ନାହିଁ । ସେହି ଶ୍ଲୋକଟି ହେଉଛି ଭଗବଦ୍ ଗୀତାର ୧୮ର ଅଧ୍ୟାୟର ଛଅଷଠିତମ ଶ୍ଲୋକ–

"ସର୍ବ ଧର୍ମାନ୍ ପରିତ୍ୟଜ୍ୟଂ ମାମେକ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମାଃ ଶୁଚ ।।"

ଏହାର ଅର୍ଥ ହେଉଛି "ସବୁ ଧର୍ମ ପରିତ୍ୟାଗ କରି ମୋଠାରେ ଶରଣ ନିଅ । ମୁଁ ତୁମକୁ ସକଳ ପ୍ରକାର ପାପରୁ ମୋକ୍ଷ ପ୍ରଦାନ କରିବି । ଶୋଚନା କର ନାହିଁ ।" ଏହି ଗୋଟିଏ ଶ୍ଲୋକ ମୋର ମନକୁ ବିଚଳିତ କରି ଦେଲା, ଯେହେତୁ ଏହା ଚିନ୍ତାଶୀଳ ମନୁଷ୍ୟ ପକ୍ଷରେ ଗ୍ରହଣୀୟ ନୁହେଁ । ଏହା ଦ୍ୱାରା ପରୋକ୍ଷରେ କୁହାଯାଉଅଛି ଯେ ତୁମେ ଯେତେ ପାପକର୍ମ କରିବ କରି ଯାଅ । ମୋଠାରେ ଶରଣ ପଶିଲେ ମୁଁ ତୁମକୁ ସେ ସମସ୍ତ ପାପରୁ ମୁକ୍ତ କରିଦେବି । ଏହି ଉକ୍ତି ବିଜ୍ଞାନ ଯୁଗର ଲୋକମାନଙ୍କ ପକ୍ଷରେ କେତେଦୂର ଗ୍ରହଣୀୟ ବିଚାର କରିବାର କଥା । ଆଗରୁ କୁହାଯାଇଛି ଭଗବାନ ମନୁଷ୍ୟ ଦ୍ୱାରା ସୃଷ୍ଟି ହୋଇଛନ୍ତି ବୋଲି । କିନ୍ତୁ ଆମେ ଯଦି ପ୍ରକୃତିକୁ ଭଗବାନ ବୋଲି

Digitized by srujanika@gmail.com

ଗ୍ରହଣ କରୁ' ତାହା ବିଜ୍ଞାନ ସମ୍ମତ ହୋଇପାରେ । ତେବେ ମଧ୍ୟ ଆମେ କରିଥିବା ପାପରୁ ପ୍ରକୃତି କିପରି ଆମକୁ ମୋକ୍ଷ ପ୍ରଦାନ କରିବ ତାହା ବୁଝି ହେଉନାହିଁ । ଏହି ଗୋଟିଏ ଶ୍ଳୋକ ପଢି ଓ ତାର ଭାବ ବୁଝିବା ଦ୍ୱାରା ମୋର ଭଗବଦ୍ ଗୀତା ପ୍ରତି ମଧ୍ୟ ଆଗ୍ରହ କମିଗଲା । ବୌଦ୍ଧ ମତବାଦରେ ସେପରି କୌଣସି ବାହ୍ୟଶକ୍ତି ଉପରେ ନିର୍ଭର ନ କରି ନିଜର ଆଚରଣ ଶୁଦ୍ଧି ଦ୍ୱାରା ମନକୁ ପବିତ୍ର କରିବା ପାଇଁ କୁହାଯାଇଅଛି । ମନର ପବିତ୍ରତା ଦ୍ୱାରା ଯେଉଁ କର୍ମ କରାଯାଏ ତାହା ନିଶ୍ଚୟ ସୁକର୍ମ ହୋଇଥାଏ ଓ ସୁକର୍ମର ଫଳ ନିଶ୍ଚୟ ସୁଖମୟ ହୋଇଥାଏ । ତେଣୁ ଏହି ମତବାଦ ବିଜ୍ଞାନ ସମ୍ମତ ମତବାଦ ଓ ଆଜିକାଲି ବିଜ୍ଞାନ ଯୁଗରେ ପ୍ରତ୍ୟେକ ମନୁଷ୍ୟର ଅନୁସରଣୀୟ ମତବାଦ ଅଟେ ବୋଲି ମୋର ବିଶ୍ୱାସ ।

ମୁଁ ବୌଦ୍ଧମତରେ ଦୀକ୍ଷିତ ହେବା ଆଗରୁ ବୌଦ୍ଧମତ ବିଷୟରେ ମୋର ସ୍ତ୍ରୀ କମଳା ଦେବୀଙ୍କୁ ଓ ମୋର ଜ୍ୟେଷ୍ଠା କନ୍ୟା ମନୋରମାକୁ ବୁଝାଇଥିଲି । ସେମାନେ ଏହି ବୌଦ୍ଧ ମତ ପ୍ରତି ଆକୃଷ୍ଟହେବାରୁ ଆମେ ତିନି ଜଣ ମିଶି ଭୁବନେଶ୍ୱରସ୍ଥ ବୁଦ୍ଧ ବିହାରରେ ଥିବା ପବିତ୍ର ବୋଧିଦ୍ରୁମ ମୂଳେ ବୌଦ୍ଧ ଭିକ୍ଷୁ ପୂଜ୍ୟ ଇଙ୍କାନନ୍ଦ ଥେର ଓ ପୂଜ୍ୟ ବନ୍ଧୁଲ ଥେରଙ୍କଠାରୁ ୧୯୭୯ ମସିହା ଅକ୍ଟୋବର ମାସ ଏକୋଇଶ ତାରିଖ ଦିନ ଦୀକ୍ଷା ଗ୍ରହଣ କରିଥିଲୁ । ଆମ୍ଭେମାନେ ସେ ଦିନ ସକାଳବେଳା ସ୍ନାନାଦି ନିତ୍ୟକର୍ମସାରି ନୂତନ ବସ୍ତ୍ର ପରିଧାନକରି ଆଠଟା ସମୟରେ ବୁଦ୍ଧ ବିହାରଠାରେ ପହଞ୍ଚିଲୁ । ବିହାର ପରିସର ମଧ୍ୟରେ ଥିବା ମହାବୋଧି ବୃକ୍ଷ ତଳେ ଉପରୋକ୍ତ ଉଭୟ ପୂଜ୍ୟ ଭିକ୍ଷୁ କେତୋଟି ସୂତ୍ର ପାଠ କରିବାପରେ ଆମେ ତିନିଜଣଙ୍କୁ ମନ୍ତ୍ରଦ୍ୱାରା ପବିତ୍ର କରାଯାଇଥିବା ଏକ ସୂତା ମତେ, ମୋର ସ୍ତ୍ରୀ କମଳାଦେବୀ ଓ ବଡ ଝିଅ ମନୋରମାକୁ ଦୁଇ ହସ୍ତରେ ଧରିବାକୁ କହି ତ୍ରିଶରଣ ଯଥା ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି ଓ ସଙ୍ଘଂ ଶରଣଂ ଗଚ୍ଛାମି ସେମାନଙ୍କୁ ଅନୁସରଣ କରି ବୋଲିବାକୁ ହୋଇଥିଲା ଓ ତାପରେ ଆମମାନଙ୍କୁ ପଞ୍ଚଶୀଳ ଯଥା–

୧– ପାନାତିପାତା ବେରମନୀ ଶିକ୍ଷାପଦମ୍ ସମାଦିୟାମୀ–ଅର୍ଥାତ୍ ମୁଁ ପ୍ରାଣୀ ହତ୍ୟା ଓ ହିଂସାରୁ ବିରତ ହେବା ଶିକ୍ଷା ଗ୍ରହଣ କରୁଛି ।

୨– ଅଦିନ୍ନା ଦାନାବେରମାନୀ ଶିକ୍ଷାପଦମ୍ ସମାଦିୟାମୀ–ଅର୍ଥାତ୍ ମୁଁ ଅଦତ୍ତ ଦ୍ରବ୍ୟ ଗ୍ରହଣ (ଚୋରୀ)ରୁ ବିରତ ହେବା ଶିକ୍ଷା ଗ୍ରହଣ କରୁଛି ।

Digitized by srujanika@gmail.com

୩- କାମେଶୁ ମିଚ୍ଛାଗ୍ବର ବେରମନୀ ଶିକ୍ଷାପଦମ୍ ସମାଦିୟାମୀ–ଅର୍ଥାତ୍ ମୁଁ ଯୌନବ୍ୟଭିଗ୍ବରାଦି କାମାଗ୍ବରରୁ ବିରତହେବା ଶିକ୍ଷା ଗ୍ରହଣ କରୁଛି ।

୪- ମୁସାବାଦା ବେରମନୀ ଶିକ୍ଷାପଦମ୍ ସମାଦିୟାମୀ–ଅର୍ଥାତ୍ ମୁଁ ମିଥ୍ୟା କଥା ଚୁଗୁଲି ଓ ପରନିନ୍ଦାରୁ ବିରତ ହେବା ଶିକ୍ଷା ଗ୍ରହଣ କରୁଛି ।

୫- ସୁରାମେରେୟା ମଦ୍ୟପାନାଦିଠଠାନା ବେରମନୀ ଶିକ୍ଷାପଦମ୍ ସମା-ଦିୟାମୀ–ଅର୍ଥାତ୍ ମୁଁ ସୁରାପାନାଦି ମାଦକଦ୍ରବ୍ୟ ସେବନ ଓ ଜୁଆଖେଳରୁ ବିରତ ହେବା ଶିକ୍ଷା ଗ୍ରହଣ କରୁଛି ।

ଏପରି ତ୍ରିଶରଣ ଓ ପଞ୍ଚଶୀଳ ପୂଜ୍ୟ ଭିକ୍ଷୁମାନଙ୍କୁ ଅନୁସରଣ କରି ଉଚ୍ଚାରଣ କରିଥିଲୁ । ଏହା ଦ୍ୱାରା ଆମ ତିନିଜଣଙ୍କର ବୌଦ୍ଧ ମତରେ ଦୀକ୍ଷା-ଗ୍ରହଣ ପୂର୍ଣ୍ଣ ହେବାଦ୍ୱାରା ମୋର ଜୀବନର ଗୋଟିଏ ବଡ ଆଶା ଓ ଆକାଂକ୍ଷା ପୂର୍ଣ୍ଣ ହେଲା ।

ସେହି ଦିନ ଉପର ବେଳା ଗ୍ବରିଟା ସମୟରେ ବୁଦ୍ଧ ବିହାରସ୍ଥ ବୋଧି ବୃକ୍ଷ ତଳେ ସ୍ୱର୍ଗତ ଉତ୍କଳ କେଶରୀ ଡା. ହରେକୃଷ୍ଣ ମହତାବଙ୍କର ସଭାପତିତ୍ୱରେ ଗୋଟିଏ ସଭା ହୋଇଥିଲା ଓ ତହିଁରେ ଆମମାନଙ୍କର ବୌଦ୍ଧମତରେ ଦୀକ୍ଷିତ ହେବା କଥା ଘୋଷଣା କରାଯିବାପରେ ମହାବୋଧି ସୋସାଇଟିର ଆଜୀବନ ସଭ୍ୟ ଓ ପରମ ବୁଦ୍ଧ ଭକ୍ତ ସ୍ୱର୍ଗତ ଡ୍ରା. ମାୟାଧର ମାନସିଂହଙ୍କର ନାମରେ ଗୋଟିଏ ଛୋଟ ପାଠାଗାର ଉନ୍ମୋଚିତ ହୋଇଥିଲା ଓ ଡ୍. ରାଧାକୃଷ୍ଣ ସାହୁଙ୍କ ଦ୍ୱାରା ସଙ୍କଳିତ "ବୁଦ୍ଧଶାସନ" ନାମକ ଗୋଟିଏ ମାସିକ ପତ୍ରିକା ମଧ୍ୟ ଉନ୍ମୋଚିତ ହୋଇଥିଲା । ମୁଁ ବୌଦ୍ଧମତରେ ଦୀକ୍ଷା ନେବା ପରଠାରୁ ମୋର ଆଚରଣରେ ପରିବର୍ତ୍ତନ ଘଟି ଜୀବ ପ୍ରତି ଦୟା ଓ କଥାରେ ସତ୍ୟତା ପାଳନ କରିବାପାଇଁ ବହୁତ ଉତ୍ସାହ ମିଳିଥିଲା । କାରଣ ମୁଁ ଭାବିଲି ଯେ ମୁଁ ଭଗବାନ ବୁଦ୍ଧଙ୍କର ଜଣେ ଆତ୍ମୀୟ ହୋଇଛି ଏବଂ ସେ ଯେଉଁପରି ଜୀବନ ଅତିବାହିତ କରିଥିଲେ ବୋଲି ଲେଖା ଅଛି ମୋର ସେହିପରି ଜୀବନ ଯାପନ କରିବାପାଇଁ ବହୁତ ଆଗ୍ରହ ଜାତ ହୋଇଥିଲା । ଭୁବନେଶ୍ୱରଠାରେ ବୌଦ୍ଧମତରେ ଦୀକ୍ଷିତ ହୋଇ ବ୍ରହ୍ମପୁର ଫେରିଗଲୁ । ତା ପୂର୍ବରୁ ପଶୁଚିକିତ୍ସା ଉପନିର୍ଦ୍ଦେଶକ ଡ୍ରା. ରାଧାକୃଷ୍ଣ ସାହୁ ଯେ କି ଜଣେ ବୌଦ୍ଧ ଓ ସେତେବେଳେ ବ୍ରହ୍ମପୁରରେ ଅବସ୍ଥାପିତ ହୋଇଥିଲେ ଓ ଯାହାଙ୍କୁ ମୁଁ ବହୁତ ଆଗରୁ ଜାଣିଥିଲି ତାଙ୍କ ସହିତ

Digitized by srujanika@gmail.com

ଓ ବ୍ରହ୍ମପୁରର କେତେକ କଲେଜ ପ୍ରଫେସର୍ ଓ ଡ଼ାକ୍ତରମାନଙ୍କୁନେଇ ବୌଦ୍ଧ ଶୀଳ ଚକ୍ରନାମକ ଗୋଟିଏ ଅନୁଷ୍ଠାନ ବୌଦ୍ଧ ମତବାଦ ଉପରେ ଆଲୋଚନା କରିବାପାଇଁ ଗଠନ କରିଥିଲୁ ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ରହିଛି । ବ୍ରହ୍ମପୁରଠାରେ ମୋର ଅଧିକାଂଶ ସମୟ ବୌଦ୍ଧମତ ପ୍ରଚାର କରିବାରେ ନିୟୋଜିତ କରୁଥିଲି । ଗୋଟିଏ ସପ୍ତାହରେ ଭିନ୍ନ ଭିନ୍ନ ବନ୍ଧୁଙ୍କ ଘରକୁ ଯାଇ ବୁଦ୍ଧବାଣୀ ଉପରେ ଆଲୋଚନା ଓ ପ୍ରଚାର କରୁଥିଲି । ରବିବାର ଦିନ ଉପରବେଳା ବ୍ରହ୍ମପୁର ହାସପାତାଳକୁ ଯାଇ ସେଠାରେ ସର୍ଜିକାଲ ଓ୍ୱାର୍ଡରେ ଯେଉଁ ରୋଗୀମାନେ ଚିକିତ୍ସିତ ହେଉଥାନ୍ତି ସେମାନଙ୍କର ଭଲ ମନ୍ଦ କଥା ବୁଝି ସେମାନଙ୍କ ପ୍ରତି ଯାହା ସାହାଯ୍ୟ ଯଥା ଡ଼ାକ୍ତରଙ୍କୁ କହି ତାଙ୍କର ଅପରେସନକୁ ତ୍ୱରାନ୍ୱିତ କରିବା, ରୋଗୀମାନଙ୍କର ଚିକିତ୍ସା କିପରି ଚାଲିଛି ତାହା ବୁଝି ଯଦି କାହାର କିଛି ଅଭି-ଯୋଗଥାଏ ତାହା ସେହି ଓ୍ୱାର୍ଡର ଦାୟିତ୍ୱରେ ଥିବା ପ୍ରଫେସରଙ୍କୁ ଜଣାଇତାର କିଛି ପ୍ରତିକାର କରିବା, ବହୁତ ଯନ୍ତ୍ରଣା ପାଉଥିବା ରୋଗୀର ସେବା କରିବା, ନିହାତି ଗରିବ ରୋଗୀକୁ କିଛି ଆର୍ଥିକ ସାହାଯ୍ୟ କରିବା ଓ ଗୁରୁତରଭାବେ ଆଘାତ ପାଇଥିବା ଗରିବ ରୋଗୀମାନଙ୍କର ଚିକିତ୍ସାପାଇଁ ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଜଣାଇ ସେମାନଙ୍କପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫପାଣ୍ଠିରୁ ଆର୍ଥିକ ସାହାଯ୍ୟ କରାଇଦେବା ଇତ୍ୟାଦି କାମ କରୁଥିଲି । ମୁଁ ଯେତେଜଣଙ୍କପାଇଁ ଆର୍ଥିକ ସାହାଯ୍ୟ ସୁପାରିଶ କରିଥିଲି ଜାନକୀ ବାବୁ ସେ ସମସ୍ତଙ୍କୁ ସାହାଯ୍ୟ କରିଥିଲେ । ସୋମବାର ଦିନ ଉପର-ବେଳା ଡାକ୍ତର ବିଶ୍ୱନାଥ ପାଣିଗ୍ରାହୀଙ୍କ ବାସଭବନକୁ ଯାଇ ସେଠାରେ ବୌଦ୍ଧ ମତବାଦ ବିଷୟରେ ଆଲୋଚନା, ମଙ୍ଗଳବାର ଦିନ ଉପରବେଳା ଶ୍ରୀ ସଚ୍ଚିଦାନନ୍ଦ ଦାସ, ଅବସରପ୍ରାପ୍ତ ଇନ୍‌କମ୍ ଟ୍ୟାକ୍‌ସ୍ ଅଫିସରଙ୍କ ବସାକୁଯାଇ ତାଙ୍କ ପରିବାର, ସାହି ପଡ଼ିଶା ଓ ବନ୍ଧୁମାନଙ୍କ ସହିତ, ବୁଧବାର ଦିନ ଉପରବେଳା ଡାକ୍ତର ଆମୋଦ ଚନ୍ଦ୍ର ମହାକୁଡଙ୍କ ଘରକୁଯାଇ ସେଠାରେ ତାଙ୍କ ପରିବାର ଓ ଅନ୍ୟାନ୍ୟ ବନ୍ଧୁମାନଙ୍କ ସହିତ, ଗୁରୁବାର ଦିନ ଉପରବେଳା ଡାକ୍ତର ନବକୁମାର ମହାପାତ୍ରଙ୍କ ବସାକୁଯାଇ ତାଙ୍କ ପରିବାର ସହିତ ଓ ଶୁକ୍ରବାର ଦିନ ଉପର ବେଳା ଡ଼ାକ୍ତର, ଦୁର୍ଗାଚରଣ ଜେନାଙ୍କ ଘରକୁଯାଇ ତାଙ୍କ ପରିବାର ଓ ପାଖ ପଡ଼ିଶା ବନ୍ଧୁମାନଙ୍କ ସହିତ ଆଲୋଚନା କରାଯାଉଥିଲା । ଶନିବାରଟି ମୁଁ ଆମ-ଘରେ ରହି ଉପରୋକ୍ତ ବନ୍ଧୁମାନଙ୍କର ଓ ଆଉ କାହାର କିଛି ବହିପତ୍ର ଇତ୍ୟାଦି ଦରକାର ପଡୁଥିଲେ ତାକୁ ଦିଆନିଆ କରି ବୌଦ୍ଧବାଣୀ ଚର୍ଚ୍ଚା କରୁଥିଲି,

Digitized by srujanika@gmail.com

ଯାହାଦ୍ୱାରା ପୂରା ସପ୍ତାହଟି ମୁଁ ସମ୍ପୂର୍ଣ୍ଣଭାବେ ଧର୍ମ କାର୍ଯ୍ୟରେ ବ୍ୟସ୍ତ ରହୁଥିଲି । ଏହା ସହିତ ସକାଳେ ଓ ସଂଧ୍ୟାବେଳେ କିଛି ସମୟଧ୍ୟାନ କରୁଥିଲି, ଯାହା ଦ୍ୱାରା ମୁଁ ଶାନ୍ତି ଲାଭ କରୁଥିଲି । ସେଥିପାଇଁ ମୋର ଅବସର କାଳୀନ ଗାର୍ହସ୍ଥ୍ୟ ଜୀବନ ଅତି ସୁଖମୟ ହୋଇଥିଲା ।

ଏହିପରି ୧୯୮୨ ମସିହା ଡ଼ିସେମ୍ବର ମାସ ପର୍ଯ୍ୟନ୍ତ ମୋ ଜୀବନ ଅତିବାହିତ କଲାପରେ ହଠାତ୍ ଭୁବନେଶ୍ୱର ବୁଦ୍ଧ ବିହାରରୁ ଚିଠି ଦ୍ୱାରା ଡ଼ାକରା ପାଇଲି ଯେ, ଭାରତୀୟ ମହାବୋଧି ସମିତି (The Mahabodhi Society of India)ର ସାଧାରଣ ସମ୍ପାଦକ ପରମପୂଜ୍ୟ ଜ୍ଞାନରତନ୍ ମହାଥେର ସେହି ମାସ ଚବିଶ ତାରିଖରେ ଭୁବନେଶ୍ୱରସ୍ଥ ବୁଦ୍ଧ ବିହାରର ମନ୍ଦିର ନିର୍ମାଣ ପାଇଁ ଆଲୋଚନା କରିବାକୁ ଆସୁଛନ୍ତି ଓ ଯେହେତୁ ମୁଁ ସେହି ସମିତିର ଜଣେ ସଭ୍ୟ, ମୋତେ ମହାଥେରଙ୍କୁ ଦେଖା କରିବାକୁ ଓ ସଭାରେ ଯୋଗ ଦେବାକୁ ନିମନ୍ତ୍ରଣ କରା ଯାଇଥିଲା । ମୁଁ ଅତି ଆଗ୍ରହର ସହିତ ଆସି ଭୁବନେଶ୍ୱରସ୍ଥ ବୁଦ୍ଧବିହାରଠାରେ ପହଞ୍ଚିଲି ଓ ଭାରପ୍ରାପ୍ତ ଭିକ୍ଷୁ ପୂଜ୍ୟ ଶୀଳାନନ୍ଦ ଥେରଙ୍କ ସହିତ ଉକ୍ତ ସମିତିର ଓଡ଼ିଶା କେନ୍ଦ୍ରର ସଭାପତି ଡକ୍ଟର ହରେକୃଷ୍ଣ ମହତାବଙ୍କ ବାସଭବନକୁ ଗଲୁ । ଡାଃ ମହତାବଙ୍କୁ ଅନେକ ଦିନ ପରେ ସାକ୍ଷାତ କରିବାରୁ ସେ ମୋ ବିଷୟରେ ଟିକିନିଖି ଖବର ନେଇଥିଲେ । ସେଠାରେ ଆଉ କେତେଜଣ ସଭ୍ୟ ମଧ୍ୟ ଉପସ୍ଥିତ ଥିଲେ ଓ ଆମେ ସମସ୍ତେ ଡ଼କ୍ଟର ମହତାବଙ୍କ ସହିତ ଭୁବନେଶ୍ୱରସ୍ଥ ଉଡ଼ାଜାହାଜ ପଡ଼ିଆକୁ ଯାଇ ସମିତିର ସାଧାରଣ ସମ୍ପାଦକ ଡକ୍ଟର ଜ୍ଞାନରତନ୍ ମହାଥେରଙ୍କୁ ସ୍ୱାଗତ ଜଣାଇ ତାଙ୍କ ସହିତ ସରକାରୀ ଅତିଥି ଭବନକୁ ଆସିଲୁ । କିଛି ସମୟ ପରେ ସମସ୍ତେ ମିଶି ଭୁବନେଶ୍ୱର ବୁଦ୍ଧ ବିହାରର ଉନ୍ନତି କଳ୍ପେ ଆଲୋଚନା କଲୁ । ତା'ପର ଦିନ ଅର୍ଥାତ୍ ଡ଼ିସେମ୍ବର ପଚିଶ ତାରିଖରେ ବୋଧିଦ୍ରୁମ ତଳେ ଗୋଟିଏ ସଭା ଡକ୍ଟର ମହତାବଙ୍କ ଅଧ୍ୟକ୍ଷତାରେ ଆୟୋଜନ କରା ଯାଇଥିଲା, ଯେଉଁଥିରେ ବହୁତ ଉପାସକ ଓ ବୁଦ୍ଧପ୍ରେମୀ ଯୋଗ ଦେଇଥିଲେ । ସେହି ସଭାରେ ବିହାର ମଧ୍ୟରେ ଗୋଟିଏ ବୁଦ୍ଧ ମନ୍ଦିର, ଧ୍ୟାନ ପ୍ରକୋଷ୍ଠ, ଭିକ୍ଷୁଙ୍କ ବାସଗୃହ, ଅଫିସ ଓ ଲାଇବ୍ରେରୀ ଇତ୍ୟାଦି ପାଇଁ ଯେଉଁ ନକ୍ସା ଆଗରୁ ତିଆରି ହୋଇଥିଲା, ତାକୁ ଅନୁମୋଦନ କରି ପ୍ରଥମ କିସ୍ତିରେ ପଚିଶ ହଜାର ଟଙ୍କା ଭାରତୀୟ ମହାବୋଧି ସମିତି ଦେବା ପାଇଁ ସ୍ଥିର ହେଲା, ଯାହାଦ୍ୱାରା କାମ ଆରମ୍ଭ କରାଯାଇ ପାରିବ ।

Digitized by srujanika@gmail.com

ଏହାପରେ ଜେନେରଲ ସେକ୍ରେଟାରୀ ପୁରୀ ଯାଇ ସେଠାରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ସରକାରଙ୍କର ପୁରୀସ୍ଥିତ ସର୍କିଟ ହାଉସରେ ରାତ୍ରୀ ଯାପନ କରିଥିଲେ । ତାପର ଦିନ ଡକ୍ଟର ଜ୍ଞାନରତନ୍ ମହାଥେରେ ଭୁବନେଶ୍ୱର ଫେରି ଆସି ସେଦିନ ରାତିରେ ପୁରୀ ହାଓଡା ଏକସପ୍ରେସ ଗାଡ଼ିରେ କଲିକତା ଫେରିଯିବା କଥା । ଭୁବନେଶ୍ୱର ରେଳ ଷ୍ଟେସନଠାରେ କେତେଜଣ ସଭ୍ୟ ଓ ମୁଁ ତାଙ୍କୁ ବିଦାୟ ଦେବା ପାଇଁ ଉପସ୍ଥିତ ଥିଲୁ । ସେହିଦିନ ୧୯୮୨ ମସିହା ଡ଼ିସେମ୍ବର ମାସ ଛବିଶ ତାରିଖ ଯାହା ମୋ ଜୀବନର ଅତି ସ୍ମରଣୀୟ ଦିବସ । ଗାଡ଼ି ଏକଘଣ୍ଟା ଡେରିରେ ପହଞ୍ଚିବ ବୋଲି ସେଠାରେ ଜଣାପଡ଼ିଲା । ଫଳରେ ଆମ୍ଭମାନଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନ ପ୍ଲାଟଫର୍ମରେ ଅପେକ୍ଷା କରିବାକୁ ପଡ଼ିଥିଲା । ମହାଥେରଙ୍କ ପାଇଁ ରେଳଷ୍ଟେସନରୁ ଗୋଟିଏ ଚୌକୀ ଅଣାଯାଇ ତହିଁରେ ତାଙ୍କୁ ବସିବାକୁ କହି ଆମ୍ଭେମାନେ ସମସ୍ତେ ଛିଡା ହୋଇ ତାଙ୍କ ସହିତ କଥାବାର୍ତ୍ତା ହେଉଥିଲୁ । ମୋର ମନେଅଛି ସେହି କଥାବାର୍ତ୍ତା ସମୟରେ ପୂଜ୍ୟ ଭିକ୍ଷୁ ଇନ୍ଦ୍ରାନନ୍ଦ ଥେରଙ୍କ ଛଡ଼ା ତତ୍‌କାଳୀନ ଓଡ଼ିଶା କେନ୍ଦ୍ରର ସମ୍ପାଦକ ଡକ୍ଟର ରାଧାକୃଷ୍ଣ ସାହୁ, ଯୁଗ୍ମ ସମ୍ପାଦକ ଶ୍ରୀ ଖଗେଶ୍ୱର ରାଉତରାୟ ଓ ଅନ୍ୟମାନେ ଏହି କଥାବାର୍ତ୍ତାରେ ଯୋଗ ଦେଇଥିଲେ । ସ୍ୱର୍ଗତ ପରମ ପୂଜ୍ୟ ଜ୍ଞାନରତନ୍ ମହାଥେର କଥା ପ୍ରସଙ୍ଗରେ କହିଲେ "ଓଡ଼ିଶା କେନ୍ଦ୍ର ପାଇଁ ଜଣେ ଓଡ଼ିଆ ଭିକ୍ଷୁ ରହିଲେ ଭଲ ହୁଅନ୍ତା ।" କାରଣ ସିଂହଳୀ ଭିକ୍ଷୁ ଇନ୍ଦ୍ରାନନ୍ଦ ଥେର ଓଡ଼ିଆ ଜାଣନ୍ତି ନାହିଁ । ତେଣୁ ଓଡ଼ିଶାରେ ବୌଦ୍ଧମତ ପ୍ରଚାରରେ ସେପରି କିଛି ସହାୟକ ହେବେ ନାହିଁ ।" ଏହି କଥା ତାଙ୍କ ମୁଖରୁ ଉଚ୍ଚାରିତ ହୋଇଛି କି ନାହିଁ ମୁଁ କହିଦେଲି "ମୁଁ ଜଣେ ଭିକ୍ଷୁ ହେବାକୁ ଚାହେଁ ।" ଏହା ଶୁଣି ସେ ମୋ ମୁହଁକୁ କିଛି ସମୟ ଅନାଇ ବଡ଼ ଖୁସିରେ କହିଲେ "ତୁମେ ଯେବେ ଭିକ୍ଷୁ ହେବ ତା' ହେଲେ ବଡ ଭଲ ହେବ । ଆଉ ତୁମେ ଏହି ଭିକ୍ଷୁ ଇନ୍ଦ୍ରାନନ୍ଦ ଥେରଙ୍କ ତତ୍ତ୍ୱା-ବଧାନରେ ଭିକ୍ଷୁ ତାଲିମ ଅନ୍ତତଃ ଛଅମାସ ନେଲା ପରେ ମୁଁ ତୁମକୁ ଥାଇଲ୍ୟାଣ୍ଡ (ଶ୍ୟାମ ଦେଶ) ପଠାଇବି । ସେଠାରେ ତୁମେ ଉଚ୍ଚତର ତାଲିମ ପାଇବା ପରେ ତୁମକୁ ଭିକ୍ଷୁଭାବେ ଅଭିଷିକ୍ତ କରାଇବି ।" ଏହା ଶୁଣି ମୁଁ କହିଲି, "ପୂଜ୍ୟ ସାର୍, ମୁଁ ଜଣେ ତେଷଠୀ ବର୍ଷର ବୁଢା । ମୋତେ ଆପଣ ଥାଇଲଣ୍ଡ ପଠାଇବା ଦ୍ୱାରା ଆମ୍ଭ ସମିତିର କିମ୍ବା ବୌଦ୍ଧମତର ବିଶେଷ କିଛି ଉପକାର ହେବ ନାହିଁ । ମୁଁ ଏଇଠାରେ ତାଲିମ ପାଇ ବୁଦ୍ଧ ଗୟାରେ ଭିକ୍ଷୁ ଭାବରେ ଅଭିଷିକ୍ତ ହୋଇ ଏହି ଓଡ଼ିଶାରେ ବୁଦ୍ଧବାଣୀର ପ୍ରଚାର ପାଇଁ ଇଚ୍ଛା କରୁଅଛି ।

Digitized by srujanika@gmail.com

ଆପଣ ଜଣେ ଯୁବକ ଭେଜକୁ ଥାଇଲଣ୍ଡ ପଠାଇ ଉଚ୍ଚତର ତାଲିମ ପ୍ରାପ୍ତ କରାଇଲେ ବୌଦ୍ଧମଠର ଓ ଆମ ସମିତିର ଲାଭ ହେବ ।" ଏହା ଶୁଣି ସେ ବଡ଼ ଆନନ୍ଦିତ ହେଲେ ଓ ପୂଜ୍ୟ ଜ୍ଞାନାନନ୍ଦ ଥେରଙ୍କୁ ସମସ୍ତଙ୍କ ସାମନାରେ କହିଲେ ମୋତେ ଶିଷ୍ୟରୂପେ ଗ୍ରହଣ କରି ଭିକ୍ଷୁ ରୂପେ ତାଲିମ ଦେବାପାଇଁ । ତାହାପରେ ଟ୍ରେନ୍ ଆସିବାରୁ ସମସ୍ତେ ଏକାଠି ମିଶି ପରମପୂଜ୍ୟ ଡକ୍ଟର ଜୀନରତନ୍ ମହାଥେରଙ୍କୁ ବିଦାୟ ଦେଇ ଫେରିଲୁ । ତାହା ହେଉଛି ମୋର ମହାଥେରଙ୍କୁ ଶେଷ ଦର୍ଶନ, କାରଣ ସେ ୧୯୮୩ ବର୍ଷ ନଭେମ୍ବର ଦଶ ତାରିଖରେ ଦେହତ୍ୟାଗ କଲେ ।

ମୁଁ ଭୁବନେଶ୍ୱରରୁ ବ୍ରହ୍ମପୁର ଫେରିଯାଇ ମୋର ଭିକ୍ଷୁ ହେବା ପାଇଁ ଇଚ୍ଛା ଆମର କୁଟୁମ୍ବ ଓ ବନ୍ଧୁବାନ୍ଧବମାନଙ୍କୁ ଜଣାଇଲି । ସମସ୍ତେ ମୋତେ ଭିକ୍ଷୁ ହେବା ପାଇଁ ବାରଣ କଲେ । ସେମାନେ କହିଲେ "ତୁମେ ଏହି ବୁଢା ବୟସରେ ସମସ୍ତଙ୍କର ସେବା ପାଇବାର କଥା ଯାହା ତୁମେ ବର୍ତ୍ତମାନ ପାଇ ପାଉଛ । ଗୃହତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲେ ତୁମକୁ କିଏ ସେବା କରିବ ?" ଏହାର ଉତ୍ତରରେ ମୁଁ କହିଲି "ବୁଦ୍ଧଦେବ ରାଜପୁତ୍ର ଥିଲେ ଓ ଅନେକ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିଲେ । ନିଜର ଯୁବତୀ ସ୍ତ୍ରୀ ଓ ସଦ୍ୟଜାତ ଶିଶୁପୁତ୍ର ସହିତ ସକଳ ବୈଭବକୁ ତ୍ୟାଗକରି ସେ ଏକାକୀ ଅରଣ୍ୟ ମଧ୍ୟକୁ ସତ୍ୟର ଅନୁସନ୍ଧାନରେ ବାହାରି ପଡ଼ିଥିଲେ । ସେ ତ ନିଜର ଜିନିଷପତ୍ର କିମ୍ବା ରାକର କିଛି ନେଇ ନ ଥିଲେ । ମୁଁ କିନ୍ତୁ ଗୋଟିଏ ବଡ଼ ସହରକୁ ଯିବି ଓ ସେଠାରେ ଗୋଟିଏ ଘରେ ଯେଉଁଥିରେ ସବୁ ରକମର ସୁବିଧା ଅଛି ସେଠାରେ ରହିବି । ବୁଦ୍ଧଦେବ ଯେବେ ସକଳ ପ୍ରକାର ଭୋଗ ବିଳାସ, ସୁବିଧା ସୁଯୋଗ ଓ ଭୃତ୍ୟ ପରିଚାରିକାମାନଙ୍କୁ ତ୍ୟାଗକରି ଏକାକୀ ଅରଣ୍ୟବାସୀ ହୋଇ ବେଉଁ ଗଛମୂଳେ କିମ୍ବା ପର୍ବତ ଗୁହା ଭିତରେ ନିଜର କହୁଣୀକୁ ତକିଆ କରି ଶୋଇ ପାରିଲେ, ମୁଁ କାହିଁକି ସକଳ ସୁବିଧା ଥିବା ସ୍ଥାନକୁ ଯାଇ ପାରିବି ନାହିଁ ?" ତାର ଉତ୍ତରରେ ମୋର ସ୍ତ୍ରୀ କହିଲେ "ବୁଦ୍ଧଦେବ ଯୁବା ଅବସ୍ଥାରେ ସେପରି କଷ୍ଟ ସହ୍ୟ କରିଥିଲେ । କିନ୍ତୁ ତୁମେ ଷ୍ଟେଷରୀ ବର୍ଷ ବୟସରେ ସେପରି କଷ୍ଟ ନ ହେଲେ ମଧ୍ୟ ଅନ୍ତତଃ ଆମ୍ଭମାନଙ୍କର ସେବା ଶୁଶ୍ରୂଷାରୁ ତ ବଞ୍ଚିତ ହେବ ?" ଏହାର ଉତ୍ତରରେ ମୁଁ କହିଲି, "ମୁଁ କୌଣସି ଜଙ୍ଗଲକୁ ଯାଉନାହିଁ । ଘରେ ରହିବି, ଖଟରେ ଶେଯ ପକାଇ ଶୋଇବି, ଇଲେକ୍‌ଟ୍ରିକ୍ ବତୀ ଓ ପଙ୍ଖା

Digitized by srujanika@gmail.com

ବ୍ୟବହାର କରିବି ଓ ସ୍ୱକର ରୋଷେଇ କଲେ ଖାଇବି । ତେଣୁ ମୋର ସେପରି କିଛି ଅସୁବିଧା ହେବ ନାହିଁ ।” ମୁଁ ଯେତେ ପ୍ରକାର ବୁଝାଇଲେ ମଧ୍ୟ ମୋ ପିଲମାନେ ଓ ମୋ ସ୍ତ୍ରୀ କମଳା ଦେବୀ ମୋତେ ଛାଡ଼ିବାକୁ ନାରାଜ ଥିଲେ । ଏପରିକି ମୋର ମଧ୍ୟମ ପୁତ୍ର ସୁଭାଷ ଚନ୍ଦ୍ର ଯେକି ହାଇଦ୍ରାବାଦରେ ବ୍ୟାଙ୍କ୍ ଚାକିରୀରେ ଅଛି, ସେ ଆମର ଭାରତୀୟ ମହାବୋଧି ସମିତିକୁ ଗୋଟିଏ ଚିଠି ଲେଖି ବୁଢ଼ା ବୟସରେ ତାର ବାପାଙ୍କୁ ଭିକ୍ଷୁ ହେବାପାଇଁ ମନା କରିଦେବାକୁ ଅନୁରୋଧ କରିଥିଲା । ଏ ଚିଠି କଥା ମୁଁ ଅନେକ ଦିନ ପରେ କଲିକତା ଯିବା ସମୟରେ ଜାଣି ପାରିଥିଲି । ମୁଁ ଘରକୁ ଫେରି ଡକ୍ଟର ମହତାବଙ୍କ ନିକଟକୁ ମୋର ଭିକ୍ଷୁହେବା ସିଦ୍ଧାନ୍ତଟି ଜଣାଇଲି ଓ ସେ ମୋ ଚିଠିପାଇ ମୋତେ ବହୁତ ଉତ୍ସାହିତ କରି ପତ୍ର ଦେଇଥିଲେ । ତାଙ୍କର ସେହି ପ୍ରେରଣା ମୋତେ ମୋର ସିଦ୍ଧାନ୍ତରେ ଅଟଳ ରହିବାପାଇଁ ବହୁତ ସାହାଯ୍ୟ କରିଥିଲା । ମୁଁ ବ୍ରହ୍ମପୁର ଫେରିଯାଇ ମୋର ଯାହାକିଛି ସମ୍ପତ୍ତି ମୋର ସ୍ତ୍ରୀ ଉପାସିକା କମଳା ଦେବୀଙ୍କର ନାମରେ ଉଇଲ କରିଦେଇ ଏପରି ସର୍ତ୍ତ ରଖିଲି ଯେ ତାଙ୍କର ବିୟୋଗ ପରେ ହିଁ ମୋର ପୁତ୍ର କନ୍ୟାମାନେ ମୋର ସମ୍ପତ୍ତିରୁ ନିଜ ନିଜର ଅଂଶ ପାଇ ପାରିବେ । ମୋର ସ୍ତ୍ରୀ ଜୀବିତ ଥିବା ପର୍ଯ୍ୟନ୍ତ ସମସ୍ତ ଚଳନ୍ତି ଅଚଳନ୍ତି ସମ୍ପତ୍ତି ଯାହା କିଛି ଅଛି ସେ ତହିଁର ପୂର୍ଣ୍ଣ ସତ୍ତ୍ୱାଧିକାରିଣୀ ରହିଥିବେ । ତାଙ୍କୁ ମୋର ଜ୍ୟେଷ୍ଠପୁତ୍ର ବିଜୟ ଚନ୍ଦ୍ର ଓ ମୋର ଜ୍ୟେଷ୍ଠ ବୋହୂ ଭାଗ୍ୟଲତା ଯେଉଁମାନେ ଆମ ନିଜ ଘରେ ଅଛନ୍ତି ସେମାନଙ୍କ ତତ୍ତ୍ୱାବଧାନରେ ରଖି ମୁଁ ସନ୍ନ୍ୟାସ ଗ୍ରହଣ କଲି, କାରଣ ମୋର ବଡ ବୋହୂ ଭାଗ୍ୟଲତା ଜଣେ M. Sc., B. ED. ହୋଇ ବ୍ରହ୍ମପୁର ମ୍ୟୁନିସିପାଲିଟି ବାଳିକା ହାଇସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛି, ସେ ମୋର ଆତ୍ମୀୟଙ୍କର କନ୍ୟା ଓ ଗୁଣବତୀ ହୋଇଥିବାରୁ ମୋର ସ୍ତ୍ରୀଙ୍କର ସକଳ ପ୍ରକାର ଦାୟିତ୍ୱ ନେବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ଅଛି ।

ମୋର ଭିକ୍ଷୁ ହେବା କଥା ମହାବୋଧି ସମିତି ଓଡ଼ିଶା କେନ୍ଦ୍ରର ତତ୍କାଳୀନ ସଭାପତି ଡାଃ ହରେକୃଷ୍ଣ ମହତାବଙ୍କୁ ଜଣାଇବାରୁ ସେ ମତେ ଅତି ଉତ୍ସାହଜନକ ପତ୍ରଲେଖି ମୁଁ ଭୁବନେଶ୍ୱର ବୁଦ୍ଧବିହାରରେ ରହୁଥିବା ଜାଣି ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । ତାପରେ ମୁଁ ଓଡ଼ିଶା କେନ୍ଦ୍ରର ତତ୍କାଳୀନ ସମ୍ପାଦକଙ୍କ ନିକଟକୁ ପତ୍ର ଲେଖି ମୁଁ ବୁଦ୍ଧ ବିହାରରେ ରହିବାପାଇଁ ଅନୁମତି ପ୍ରାର୍ଥନା କଲି । ସେ ପତ୍ରର ଉତ୍ତର ପାଇବାରେ ବିଳମ୍ବ ହେବାରୁ ପୁଣି ଗୋଟିଏ

Digitized by srujanika@gmail.com

ପତ୍ର ଲେଖି ଶୀଘ୍ର ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରିଥିଲି କାରଣ ସେ ବ୍ରହ୍ମପୁରରେ ଥିବା ସମୟରେ ମତେ ଜଣେ ବୌଦ୍ଧଭିକ୍ଷୁ ହେବା ପାଇଁ ଉତ୍ସାହିତ କରିଥିଲେ । ସେ ବୁଦ୍ଧ ବିହାରରେ ମୋର ରହିବା ଅସୁବିଧା ହେବ ବୋଲି ମତେ ଜଣାଇବାରୁ ମୁଁ ବୁଦ୍ଧବିହାରର ତତ୍ତ୍ୱାଧିକାରୀ ଭିକ୍ଷୁ ସ୍ୱର୍ଗତ ଲଙ୍କାନନ୍ଦ ଥେରଙ୍କୁ ମୋର ରହିବାରେ କିଛି ଅସୁବିଧା ଅଛି କି ବୋଲି ଲେଖି-ବାରୁ ସେ ଉତ୍ତର ଦେଇଥିଲେ"Please come, we will adjust." ଅର୍ଥାତ୍ "ତୁମେ ଆସ, ଚଳାଇ ନେବା ।" ଏହି ଉତ୍ତର ପାଇଲା ବେଳକୁ ୧୯୮୩ ସାଲ ମାର୍ଚ୍ଚମାସ ପ୍ରବେଶ କରିଥିଲା । ଏ ପତ୍ର ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଥିଲି ଓ ମୋର ଗୃହ ତ୍ୟାଗକରି ଭୁବନେଶ୍ୱରସ୍ଥ ବୁଦ୍ଧ ବିହାରରେ ଆସି ପହଞ୍ଚିଲି । ସେ ସମୟରେ ବୁଦ୍ଧ ବିହାରରେ ଗୋଟିଏ ତିନି ବଖରା ବିଶିଷ୍ଟ ଆଜ୍‌ବେଷ୍ଟସ୍ ଘର ରୋଷେଇ ଓ ଗାଧୁଆ ଘରଛଡ଼ା ଅନ୍ୟଘର ନଥିଲା । ତହିଁରୁ ଗୋଟିଏ ଘରେ ଠାକୁର ଘର କରଯାଇ ଭଗବାନ ବୁଦ୍ଧଙ୍କର ମୂର୍ତ୍ତି ପ୍ରତିଷ୍ଠିତ ହୋଇ ପୂଜା କରା ଯାଉଥିଲା । ଅନ୍ୟ ଗୋଟିଏ ଘର ଅଫିସ ଓ ବସା ଉଠା ଘର ହୋଇଥିଲା ଓ ତୃତୀୟଟି ଉପସମ୍ପନ୍ନ ଭିକ୍ଷୁଙ୍କର ରହିବା ଘର ସହିତ ପାଇଖାନା ଓ ଗାଧୁଆଘର ସଂଯୁକ୍ତ ଥିଲା । ବାହାରେ ଗୋଟିଏ ଛୋଟ ରୋଷେଇ ଘର ଓ ଚାକର ରହିବା ପାଇଁ ଗୋଟିଏ ପଞ୍ଚାଘର ଥିଲା । ଏଥି ମଧ୍ୟରୁ ଅଫିସ ଘରଟିରେ ଅଫିସ ଓ ବୈଠକଖାନା ହୋଇଥିବାରୁ ସେଥିରେ ମୋର ରହିବା ପାଇଁ କିଛି ବ୍ୟବସ୍ଥା ନ ଥିଲା । ମୁଁ ଗୋଟିଏ ଭଙ୍ଗା ଯାଇପାରୁଥିବା କାନ୍‌ଭସ ଖଟିଆ ଆଣି ରାତ୍ରବେଳା ସେହି ଅଫିସ୍ ଓ ବୈଠକଖାନା ମଧ୍ୟରେ ତାକୁ ପକାଇ ଶୋଉଥିଲି । ସକାଳ ହେଲେ ସେହି ଖଟିଆକୁ ବାହାରକୁ ନେଇଯିବାକୁ ପଡୁଥିଲା, କାରଣ ଦିନବେଳା ଲୋକବାକ ଯା'ଆସ କରିବାରେ ବାଧା ଉପୁଜନ୍ତା । ଦିନେ ଏହିପରି କରିବାର ଦେଖି ଉପସମ୍ପନ୍ନ ଭିକ୍ଷୁ ସ୍ୱର୍ଗତ ପୂଜ୍ୟ ଲଙ୍କାନନ୍ଦ ଥେର ମୋ ପ୍ରତି ଦୟା ପରବଶ ହୋଇ କହିଲେ "ତୁମେ ବୁଢା ଲୋକ ଓ ତୁମକୁ ଦିନବେଳା ବିଶ୍ରାମ ଦରକାର । ତେଣୁ ମୋର କାଠ ଖଟପାଇଟା ତୁମେ ବ୍ୟବହାର କର ଓ ତୁମରି ଭଙ୍ଗା ଯାଇପାରୁଥିବା କାନ୍‌ଭସ ଖଟକୁ ମୋତେ ଦିଅ । ଏହି କଥାରୁ ତାଙ୍କର ଦୟାଭାବ ଦେଖି ତାଙ୍କ ପ୍ରତି ମୋର ଗଭୀର ସ୍ନେହ ଓ ଭକ୍ତି ଜାତ ହେଲା । ମୁଁ ତାଙ୍କର ଶିଷ୍ୟତ୍ୱ ସ୍ୱୀକାର କରିଥିଲେ ମଧ୍ୟ ସେହିଦିନଠାରୁ ତାଙ୍କ ପ୍ରତି ମୋର ବାତ୍ସଲ୍ୟ ମମତା ବୃଦ୍ଧି ପାଇବାକୁ ଲାଗିଲା । ସେ ଜଣେ ଶ୍ରୀଲଙ୍କାରୁ ଆସିଥିବା ଅତି ଉତ୍ତମ ପ୍ରକୃତିର

Digitized by srujanika@gmail.com

ଭିକ୍ଷୁ ଥିଲେ ଓ ସବୁବେଳେ ତାଙ୍କ ମୁଖରେ ପ୍ରଫୁଲ୍ଲତା ତଥା ମାନବିକତା ପ୍ରକାଶ ପାଉଥିଲା । ତାଙ୍କୁ ମାତ୍ର ଏକତିରିଶ ବର୍ଷ ବୟସ ହୋଇଥିଲା ଯାହାକି ମୋର ନାତିର ବୟସ ସଙ୍ଗେ ସମାନ । ତଥାପି ତାଙ୍କର ଗୁଣ ଓ ବୌଦ୍ଧ ଶାସ୍ତ୍ରଜ୍ଞାନ ମୋତେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜାଗ୍ରତ କରଉଥିଲା । କୌଣସି କଥାକୁ ନାହିଁ କରିବାର ତାଙ୍କ ସହିତ ରହିବାର ଆଠ ନଅ ମାସ ଭିତରେ କେବେ ମୁଁ ଶୁଣିନାହିଁ । ମୁଁ ବିହାରରେ ରହିବା ଦିନଠାରୁ ଶ୍ରୀ ସୁରସିଂହ ପଟ୍ଟନାୟକ ଓ ମୁଁ ମିଶି ଗୁରୁ ଲଙ୍କାନନ୍ଦ ଉନେଙ୍କଠାରୁ ବୌଦ୍ଧ-ସୂତ୍ରପାଠ ଧର୍ମଶିକ୍ଷା ଆରମ୍ଭ କଲୁ । ସୁରସିଂହ ବାବୁ ବୌଦ୍ଧ ମତର ଜଣେ ପଣ୍ଡିତ ଥାନ୍ତି ।

ଆମ ସମିତିର ସାଧାରଣ ସମ୍ପାଦକ ପରମ ପୂଜ୍ୟ ଡକ୍ଟର ଜ୍ଞାନରତନ୍ ମହାଥେର ଓଡ଼ିଶା କେନ୍ଦ୍ର ପାଇଁ କେତୋଟି କିସ୍ତିରେ ମୋଟ ପଚାଶ ହଜାର ଟଙ୍କା ସେ ବଞ୍ଚିଥିବା ସମୟ ମଧ୍ୟରେ ମଞ୍ଜୁର କରିଥିଲେ । ଏହି ଟଙ୍କାରେ ଭାରପ୍ରାପ୍ତ ଭିକ୍ଷୁ ପୂଜ୍ୟ ଲଙ୍କାନନ୍ଦ ଥେର ଓ ମୁଁ ମିଶି ମନ୍ଦିର କାମ ଆରମ୍ଭ କରିଥିଲୁ । ମୁଁ ଆସିବାର ଦୁଇଦିନ ପରେ ଅର୍ଥାତ ୧୯୮୩ ମସିହା ମାର୍ଚ୍ଚମାସ ନଅ ତାରିଖ ଦିନ ଏହି ମନ୍ଦିର କାମରେ ଶୁଭ ଦିଆଯାଇଥିଲା । ସେଦିନ ସେ ଉତ୍ସବରେ ଡାଃ ହରେକୃଷ୍ଣ ମହତାବଙ୍କ ସଭାପତିତ୍ୱରେ ଗୋଟିଏ ସଭା ହୋଇ-ଥିଲା, ଯେଉଁଥିରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପୂର୍ବ ରକ୍ଷମନ୍ତ୍ରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସେଦିନ ଆମମାନଙ୍କ ଗହଣରେ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମନ୍ଦିରର ନିଅଁରେ ସିମେଣ୍ଟ କଂକ୍ରୀଟ ପକାଇ ମନ୍ଦିର ନିର୍ମାଣରେ ଶୁଭ ଦେଇଥିଲେ । ଏହା ପରେ ଭାରପ୍ରାପ୍ତ ଭିକ୍ଷୁ ସ୍ୱର୍ଗତ ଲଙ୍କାନନ୍ଦ ଥେର ଓ ମୋ ତତ୍ତ୍ୱାବଧାନରେ ମନ୍ଦିର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଭାରପ୍ରାପ୍ତ ଭିକ୍ଷୁ ଟଙ୍କା ପଇସା ଦେଣ ନେଣ ଦାୟିତ୍ୱରେ ଥିଲେ ଓ ମୁଁ ମିସ୍ତ୍ରୀ ମୂଲିଆ ଲଗାଇ କାମ ତଦାରଖ କରୁଥିଲି । ଏହିପରି ଭାବରେ ଆମେ ସେହିବର୍ଷ ନଭେମ୍ବର ମାସ ସମୟକୁ ବିହାର ଗୃହର କାଛ ବାରଫୁଟ ଉଚ୍ଚ ପର୍ଯ୍ୟନ୍ତ ଉଠାଇ ଥିଲୁ । ଏହି ସମୟରେ ନଭେମ୍ବର ମାସ ୧୦ ତାରିଖ ଦିନ ରାତ୍ର ନଅଘଣ୍ଟା ସମୟରେ ରେଡ଼ିଓରେ ଇଂରାଜୀ ସମ୍ବାଦରେ ଶୁଣିବାକୁ ପାଇଲୁ ଯେ ଭାରତୀୟ ମହାବୋଧି ସମିତିର ସାଧାରଣ ସମ୍ପାଦକ

Digitized by srujanika@gmail.com

ପରମ ପୂଜ୍ୟ ଡକ୍ଟର ଜ୍ଞାନରତ୍ନ ମହାଥେରଙ୍କର ସେହି ଦିନ କଲିକତାରେ ଦେହାନ୍ତ ହୋଇଯାଇଛି । ଏହି ଖବର ଶୁଣିବାମାତ୍ରେ ଆମେମାନେ ବହୁ ଶୋକାକୁଳ ହୋଇପଡ଼ିଲୁ ଓ ପୂଜ୍ୟ ଭିକ୍ଷୁ ଇଙ୍ଗାନନ୍ଦ ଭନ୍ତେ ସେହି ରାତ୍ରି ଜଗନ୍ନାଥ ଏକ୍ସପ୍ରେସରେ କଲିକତା ଯାତ୍ରାକଲେ । ସେ କଲିକତାଠାରେ ନଅ ଦିନ ରହି ନଭେମ୍ବର ଊଣେଇଶ ତାରିଖ ଦିନ ଭୁବନେଶ୍ୱର ଫେରିଲେ । ସେ ବର୍ଷ (୧୯୮୩) ନଭେମ୍ବର କୋଡ଼ିଏ ତାରିଖ ଦିନ ଆମ ବିହାରରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଇଥିଲା । ପୂଜ୍ୟ ଭିକ୍ଷୁ ଇଙ୍ଗାନନ୍ଦ ଭନ୍ତେ ଉକ୍ତ ଉତ୍ସବରେ ଆମ ସହିତ ଯୋଗଦେଇ ଦିନ ଏଗାରଟା ସମୟରେ ପ୍ରସାଦ ସେବନ କରିଥିଲେ । କିଏ ଜାଣିଥିଲା ଯେ ସେହି ପ୍ରସାଦ ସେବନ ତାଙ୍କ ଜୀବନର ଶେଷ ପ୍ରସାଦ ସେବନ ହେବ ବୋଲି ? ତହିଁ ଆରଦିନ ଅର୍ଥାତ୍ ନଭେମ୍ବର ୨୧ ତାରିଖ ଦିନ ଆମେ ଦୁହେଁ ମିଶି ଡା: ହରେକୃଷ୍ଣ ମହତାବ, ଆମ ମହାବୋଧି ସମିତି ଓଡ଼ିଶା କେନ୍ଦ୍ର ସଭାପତିଙ୍କର ଜନ୍ମ ଦିନ ଉପଲକ୍ଷେ କିଛି ବହି ଉପହାର ଦେବାପାଇଁ ଏକାମ୍ର ନିବାସକୁ ଯିବାର ଥିଲା, କିନ୍ତୁ ପୂଜ୍ୟ ଭନ୍ତେଙ୍କର ଜ୍ୱର ହେବାରୁ ସେ ନଯାଇ ମତେ ଉପହାର ବହି ଡ଼ା: ମହତାବଙ୍କୁ ଦେଇ ଶୁଭେଚ୍ଛା ଜଣାଇ ଆସିବାପାଇଁ ପଠାଇଲେ । ମୁଁ ଫେରିଆସି ଦେଖିବା ସମୟକୁ ତାଙ୍କର ୧୦୫ ଡ଼ିଗ୍ରୀ ଜ୍ୱର ହୋଇଥିଲା । ଶାନ୍ତି ସ୍ତୂପର ଜାପାନୀ ଭିକ୍ଷୁ ପୂଜ୍ୟ ଯୋଦା ଓ ଜଣେ ଜାପାନୀ ଡ଼ାକ୍ତର ଆସି ଚିକିତ୍ସା କରିବା ସତ୍ତ୍ୱେ ସେ ଭଲ ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଗଲା । ଡ଼ାକ୍ତରମାନେ କହିଲେ ତାଙ୍କର ଅନେକ ଦିନରୁ କର୍କଟ ରୋଗ ଲୁକ୍କାୟିତ ଭାବରେ ଥିଲେ ମଧ୍ୟ ବାହ୍ୟ ଲକ୍ଷଣ ଦେଖାଯାଉ ନଥିଲା । ଡ଼ାକ୍ତର ଖାନାରେ Admission ହେବାପରେ ସେ ଦିନ ରାତ୍ରି ସେ ଅଚେତନ ହୋଇଗଲେ ଓ ଆଉ ତାଙ୍କର ଚେତା ଫେରି ନ ଥିଲା । ତହିଁଆର ଦିନ ଉତ୍ତରର ସନ୍ୟାସୀ ସ୍ୱାମୀ ପ୍ରାଣ ରୂପା ନନ୍ଦଜୀ, ଶ୍ରୀ ସୁରସିଂହ ପଟ୍ଟନାୟକ, ଶ୍ରୀ ଖଗେଶ୍ୱର ରାଉତରାଏ ଓ ମହାବୋଧି ସମିତିର ସଭ୍ୟ ତାଙ୍କ ନିକଟରେ ରହି ସେବାରତ ଥିଲେ । ମୁଁ ସେ ଦିନ ରାତ୍ର ନଅଟା ସମୟରେ ତାଙ୍କୁ ସେହିପରି ଅଚେତ ଅବସ୍ଥାରେ ଛାଡ଼ି ବିହାରକୁ ଫେରିଲି । ବହୁତ ଉଦ୍‌ବିଗ୍ନତା ମଧ୍ୟରେ ମୁଁ ଶୋଇବାକୁ ଚେଷ୍ଟା କଲି, କିନ୍ତୁ ନିଦ ହେଲା ନାହିଁ, ଭୋର ପାଞ୍ଚଟାରେ ମୁଁ ଉଠି ତାଙ୍କ ନିକଟକୁ ଯିବାପାଇଁ ପ୍ରସ୍ତୁତ ହେଉଥିବା ସମୟରେ ବିହାରର ଚାକର ଯେ କି ଭନ୍ତେଙ୍କ ନିକଟରେ ବରାବର ରହୁଥିଲା, ସେ ଆସି ମୋତେ ଜଣାଇଲା ଯେ ଭନ୍ତେ ଆଉ ନାହାନ୍ତି । ସେହି

Digitized by srujanika@gmail.com

କେତେ ମିନିଟ୍ ପୂର୍ବରୁ ସେ ଇହଲୀଳା ତ୍ୟାଗ କରି ଚାଲିଯାଇ ଅଛନ୍ତି । ଏହି ଖବର ମୋତେ ଚଡକ ପଡ଼ିଲାପରି ଆଘାତଦେଲା । କାରଣ ମୁଁ ଭାବିଥିଲି ଏହି ଡାକ୍ତର ମାନଙ୍କର ଚିକିତ୍ସା ଓ ସୁଶ୍ରୁଷା ଦ୍ୱାରା ସେ ଆରୋଗ୍ୟ ଲାଭ କରିବେ । କିଏ ଭାବିଥିଲା ଯେ ଜଣେ ଏକତିରିଶ ବର୍ଷ ବୟସ ଯୁବକ ଏପରି ତିନି ଚାରି ଦିନ ବେମାରରେ ଦେହତ୍ୟାଗ କରିବେ ବୋଲି ? ଏହିପରି ମନ କଷ୍ଟରେ ହସ୍‌ପିଟାଲ ଯିବାକୁ ବାହାରୁଥିବା ସମୟରେ ଭଗତ ବାବା ସ୍ୱାମୀ ପ୍ରାଣ ରୂପା ନନ୍ଦ ଭନ୍ତେଙ୍କର ମର ଶରୀରକୁ ନେଇ ଗୋଟିଏ ରିକ୍‌ସାରେ ଆସି ପହଞ୍ଚିଲେ । ତାଙ୍କର ଖଟିଆଟିକୁ ଆମ ବିହାରର ଠାକୁରଘରେ ପକାଇ ତା ଉପରେ ତାଙ୍କ ମରଶରୀରକୁ ଶୁଆଇଦେଲୁ । ଏ ଖବର ପ୍ରଥମେ ଡକ୍ଟର ମହତାବଙ୍କୁ ଜଣାଇ ତାଙ୍କ ଘରଠାରୁ ଭାରତୀୟ ମହାବୋଧି ସମିତିକୁ ଟେଲିଫୋନ ଦ୍ୱାରା ଜଣାଇ ଦିଆଗଲା । ମହାବୋଧି ସମିତିର ତତ୍‌କାଳୀନ ସାଧାରଣ ସମ୍ପାଦକ ଡ଼କ୍ଟର ଧର୍ମରତନ ମହାଥେର ସେଠାରୁ ଦୁଇଜଣ ଭିକ୍ଷୁ ପୂଜ୍ୟ ବନ୍ଦୁଲ ଥେର ଓ ପୂଜ୍ୟ ଆସ୍‌ସାଜୀ ଥେରଙ୍କୁ ଉଡାଜାହାଜ ଯୋଗେ ପଠାଇଲେ । ଏ ଖବର ଭୁବନେଶ୍ୱରରେ ବ୍ୟାପି ଯିବାରୁ ଅନେକ ଖବର କାଗଜ ପ୍ରତିନିଧି ଓ ବୁଦ୍ଧପ୍ରେମୀ ଆସି ତାଙ୍କର ମରଶରୀରକୁ ଶେଷ ଦର୍ଶନ କରିବାକୁ ଆରମ୍ଭ କଲେ । କଟକରୁ ମଧ୍ୟ ଅନେକ ବୌଦ୍ଧ ମତାବଲମ୍ବୀ ଓ ବୁଦ୍ଧପ୍ରେମୀ ଆସି ତାଙ୍କୁ ଦର୍ଶନ କରିଥିଲେ । ଲଙ୍କାନନ୍ଦ ଭନ୍ତେ ଶ୍ରୀଲଙ୍କାର ନାଗରିକ ହୋଇଥିବାରୁ କଲିକତାରୁ ଆସିଥିବା ଭିକ୍ଷୁ ଡ଼କ୍ଟର ମହତାବଙ୍କ ଘରୁ ଦିଲ୍ଲୀସ୍ଥିତ ଶ୍ରୀଲଙ୍କା ହାଇକମିଶନରଙ୍କୁ ଏ କଥା ଜଣାଇଲେ । ତାଙ୍କ ନିର୍ଦ୍ଦେଶ ଅନୁସାରେ ଭନ୍ତେଙ୍କର ମର ଶରୀରକୁ କଲିକତା ନେଇ ଯିବାପାଇଁ ବ୍ୟବସ୍ଥାମାନ କରାଗଲା । ଉପସଭାପତି ଶ୍ରୀ ସନ୍ତୋଷ କୁମାର ସାହୁ ଏମ୍.ପି., ମେମ୍ବର ଡକ୍ଟର ଦିବ୍ୟ କିଶୋର ସିଂହ ଓ ଡ଼କ୍ଟର ମହତାବଙ୍କ ସାହାଯ୍ୟରେ ସେହି ମର ଶରୀର ପଚିଶ ତାରିଖ ଦିନ ରାତ୍ର ରେଳ ଯୋଗେ କଲିକତାରୁ ଆସିଥିବା ଦୁଇ ଜଣ ଭିକ୍ଷୁଙ୍କ ସହିତ ଗୋଟିଏ ସ୍ୱତନ୍ତ୍ର ଡ଼ବାରେ ପଠା ଗଲା । କଲିକତାରେ ଯାଇ ତାଙ୍କ ମରଶରୀରକୁ ବୌଦ୍ଧ ରୀତି ଅନୁସାରେ ଦାହ କରାଗଲା ।

ସ୍ୱର୍ଗତ ପୂଜ୍ୟ ଲଙ୍କାନନ୍ଦ ଭନ୍ତେ ବୟସରେ ମୋର ନାତି ବୟସର ଓ ମୋର ଗୁରୁ ହୋଇଥିଲେ ମଧ୍ୟ, ମୁଁ ତାଙ୍କୁ ମୋର ପୁତ୍ରତୁଲ୍ୟ ସ୍ନେହ କରୁଥିଲି । ମୁଁ ଭିକ୍ଷୁତ୍ୱ ନେବାକୁ ଏଠାକୁ ଆସିବା ସମୟରେ ଭାବିଥିଲି ଯେ ଲଙ୍କାନନ୍ଦ ଭନ୍ତେ

Digitized by srujanika@gmail.com

ବିହାର ଦାୟିତ୍ୱରେ ରହିଥିବାରୁ ମୁଁ ଧ୍ୟାନ ପ୍ରାର୍ଥନାରେ ମୋର ସନ୍ନ୍ୟାସ ଜୀବନ କଟାଇବା ସହିତ ଓଡ଼ିଶା ସାରା ବୁଦ୍ଧ ବାଣୀ ପ୍ରଚାର କରିବି । ମାତ୍ର ଏପର୍ଯ୍ୟନ୍ତ ମୋର ସେହି ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିଛି । ତାହା ଯେ କେବେ ପୂର୍ଣ୍ଣ ହେବ ପ୍ରଭୁ ତଥାଗତ ଜାଣନ୍ତି । ସ୍ୱର୍ଗତ ଲୋକାନନ୍ଦ ଭନ୍ତେଙ୍କ ନିକଟରେ ମୋର ଶେଷ ଜୀବନ କଟିବା ପରିବର୍ତ୍ତେ ମୋ ଆଗରେ ତାଙ୍କର ଜୀବନଦୀପ ନିର୍ବାପିତ ହୋଇଥିବାରୁ, ତାହା ମୋ ହୃଦୟରେ ଗଭୀର କ୍ଷତ ସୃଷ୍ଟି କରିଛି ।

ପୂଜ୍ୟ ଲୋକାନନ୍ଦ ଭନ୍ତେଙ୍କର ମରଶରୀର କଲିକତା ଯିବାପରେ ଏତେ ବଡ ବୁଦ୍ଧ ବିହାରଟା ଏକ ପ୍ରକାର ଶୂନ୍ୟ ହୋଇଗଲାପରି ଲାଗିଲା । ଏଠାରେ ରହି କାର୍ଯ୍ୟ କରୁଥିବା ଚାକର ଦିନେ ଦୁଇ ଦିନ ମଧ୍ୟରେ ତା'ର ବାପା ବଡ଼ ଅସୁସ୍ଥ ଅଛନ୍ତି ବୋଲି କହି ସେ ପର୍ଯ୍ୟନ୍ତ ତାର ପ୍ରାପ୍ୟ ଦରମା ନେଇ ଚାଲିଗଲା । ଢେଙ୍କାନାଳ ଆଡ଼ର ଜଣେ ଦିନ ମଜୁରିଆ ଯେ କି ଏଠାରେ ରହି ଆମର ମନ୍ଦିର କାମ କରୁଥିଲା, ସେହି ଦିନ ରାତ୍ରରେ ଗୋଟିଏ ଦାମିକିଆ କମ୍ବଳ ନେଇ କେଉଁ ଆଡ଼େ ଚାଲିଗଲା ଆଉ ଫେରିଲା ନାହିଁ । ତେଣୁ ମୋତେ ନିଜେ ରୋଷେଇ କରି ଚଳିବାକୁ ପଡ଼ିଲା । ଯେଉଁ ଦିନ ବିହାରରେ ମୋ ଛଡା ଆଉ କେହି ନ ଥିଲେ, ସେଦିନ ରାତ୍ରରେମତେ ଟିକିଏ ଭୟ ଲାଗିଥିଲା । ବିହାର ବାହାରେ ଥିବା ଜଣେ ଲୋକ ନିକଟକୁଯାଇ ଆମ ସମିତିର ଜଣେ ମୁରୁଖା ବୌଦ୍ଧ ମତାବଲମ୍ବୀ ସଭ୍ୟଙ୍କୁ ଖବରଦେଲି ସେ କାହାକୁ ହେଲେ ଜଣକୁ ମତେ ସାହାଯ୍ୟ କରିବାକୁ ପଠାଇବା ପାଇଁ, କିନ୍ତୁ ସେ ରାତ୍ର ଦଶଟା ପର୍ଯ୍ୟନ୍ତ କାହାକୁ ନ ପଠାଇବାରୁ ମୋର ମନରେ ଗୋଟିଏ ଭାବନା ଉଦୟ ହେଲା । ମୁଁ ଭାବିବାକୁ ଲାଗିଲି "ମୁଁ ଯେବେ ଭଗବାନ ବୁଦ୍ଧଙ୍କର ଚରଣାଶ୍ରିତ ହୋଇଛି ଓ ସେ ସଦା ମୋ ନିକଟରେ ଥିବା-ପରି ମୁଁ ଅନୁଭବ କରୁଛି, ମୋତେ ଡ଼ର କାହାକୁ ? ତାଙ୍କ ନିକଟରେ ମୁଁ ଯେତେ ଦିନ ପର୍ଯ୍ୟନ୍ତ ରହିଛି ମୋର କୌଣସି ଭୟ ନାହିଁ ।" ଏହାଭାବି ସେ ଦିନଠାରୁ ଆଜି ପର୍ଯ୍ୟନ୍ତ ମୋର ମନରୁ ସବୁ ପ୍ରକାର ଭୟ ଦୂର ହୋଇଗଲା । ମତେ ସେହିପରି ଏକଲା ପ୍ରାୟ ଛଅ ମାସ ଅନ୍ୟ ଜଣେ ଭଲ ଚାକର ମିଳିଲା ପର୍ଯ୍ୟନ୍ତ ରହିବାକୁ ହୋଇଥିଲା, କିନ୍ତୁ କେବେ ମୁଁ ସେପରି କୌଣସି ଭୟ କରି ନାହିଁ । ଆମ ସମିତିର ମୁରୁଖା ବୌଦ୍ଧ ସଭ୍ୟ ମତେ ସାହାଯ୍ୟ କରିବାକୁ ସେଦିନ କାହାକୁ ନ ପଠାଇବା ଦ୍ୱାରା ସେ ମୋର ଜୀବନରେ ଗୋଟିଏ ମହତ୍ ଉପକାର କରିଛନ୍ତି ଯେଉଁଥିପାଇଁ ମୁଁ ତାଙ୍କଠାରେ ଚିର କୃତଜ୍ଞ ।

Digitized by srujanika@gmail.com

ଏହି ଘଟଣାଟି ଏଠାରେ ଲେଖିବାର ଉଦ୍ଦେଶ୍ୟ ହେଲା ମନୁଷ୍ୟର ମନ ହେଉଛି ମୂଳ ଓ ମନ ହିଁ ମନୁଷ୍ୟକୁ ସକଳ ପ୍ରକାର ଶକ୍ତି ଯୋଗାଇଥାଏ । ମନଯେବେ ଦୃଢ ଥିବ, ମନୁଷ୍ୟ ଯେ କୌଣସି ବିପଦରୁ ମଧ୍ୟ ରକ୍ଷାପାଇପାରିବ । ଦେହରେ ଯେତେ ବଳ ଥିଲେ ମଧ୍ୟ ମନ ବଳ ନଥିଲେ ସେ ଜଣେ ଭୀରୁ ହେବ ।

ଲଙ୍କାନନ୍ଦ ଭନ୍ତେଙ୍କର ବିୟୋଗପରେ ଭାରତୀୟ ମହା ବୋଧି ସମିତି ଆଉ କୌଣସି ଭିକ୍ଷୁଙ୍କୁ ଭୁବନେଶ୍ୱର ପଠାଇଲେ ନାହିଁ । ଏଥିଯୋଗୁ ବୁଦ୍ଧ ବିହାର ଦାୟିତ୍ୱ ସହ ଭାରତୀୟ ମହାବୋଧି ସମିତି, ଓଡ଼ିଶା କେନ୍ଦ୍ରର କାର୍ଯ୍ୟଭାର ମୋ ଉପରେ ପଡ଼ିଲା । ସେ ପର୍ଯ୍ୟନ୍ତ ମୁଁ ଜଣେ ଭିକ୍ଷୁ ହୋଇ ନ ଥିଲି । କେବଳ ଉପାସକ ଥିଲି । ମୋର ଭିକ୍ଷୁ ତାଲିମ ମଧ୍ୟ ସଂପୂର୍ଣ୍ଣ ହୋଇନଥିଲା । ତେଣୁ ମୋତେ ମହାବୋଧି ସମିତିକୁ ଅନେକଥର ଜଣେ ଭିକ୍ଷୁ ପଠାଇବାପାଇଁ ଲେଖିବାକୁ ପଡ଼ିଥିଲା । କିନ୍ତୁ କେହି ଏଥିପ୍ରତି କର୍ଣ୍ଣପାତ କଲେ ନାହିଁ । ପ୍ରତ୍ୟେକ କେନ୍ଦ୍ର ଦାୟିତ୍ୱରେ ଜଣେ ଜଣେ ଭିକ୍ଷୁ ରହିବାର ନିୟମ ଥିଲେ ମଧ୍ୟ ତାହାର ଏହି ଓଡ଼ିଶା କେନ୍ଦ୍ର ପାଇଁ ବ୍ୟତିକ୍ରମ ହୋଇଥିଲା । କାରଣ କୌଣସି ଭିକ୍ଷୁ ଏଠାକୁ ଆସିବାପାଇଁ ରାଜି ହେଉ ନ ଥିଲେ । ଜଣେ ଭିକ୍ଷୁ କହିବାର ମୁଁ ଶୁଣିଛି "ଆମେ ସେଠାକୁ ମରିବାକୁ ଯିବୁ ?" ତେଣୁ ବାଧ୍ୟ ହୋଇ ମୋତେ କେନ୍ଦ୍ରର ଦାୟିତ୍ୱ ନେବାକୁ ହୋଇଥିଲା । ଏହି କେନ୍ଦ୍ରର ସଭାପତି ସ୍ୱର୍ଗତ ଡ଼କ୍ଟର ହରେକୃଷ୍ଣ ମହତାବ ମୋ କାର୍ଯ୍ୟରେ ମୋତେ ବହୁତ ଉତ୍ସାହ ଓ ସାହାଯ୍ୟ କରିଥିଲେ, ଯାହା ମୁଁ ମୋ ଜୀବନରେ କେବେ ଭୁଲି ପାରିବିନାହିଁ । ଲଙ୍କାନନ୍ଦ ଭନ୍ତେଙ୍କ ସହିତ ମୁଁ ପ୍ରାୟ ଆଠ ମାସ ରହିବା ଭିତରେ ସେ ମୋତେ ଭିକ୍ଷୁମାନଙ୍କର କାର୍ଯ୍ୟ ବିଷୟରେ ବିସ୍ତୃତ ଭାବରେ ତାଲିମ ଦେଇଥିଲେ ଓ ତାଙ୍କ ଅନୁପସ୍ଥିତିରେ ମୁଁ ଏହି ବିହାରର ପୂଜା ଅର୍ଚ୍ଚନା ସୂତ୍ର ପାଠ ଇତ୍ୟାଦି କରୁଥିଲି । ବୌଦ୍ଧ ଶାସ୍ତ୍ର ଇତ୍ୟାଦିରେ ମୋର ଆଗରୁ କିଛି ଜ୍ଞାନ ଥିଲା, କାରଣ ମୁଁ ପ୍ରାୟ ପଚିଶ ବର୍ଷ ସେହି ସଂକ୍ରାନ୍ତୀୟ ପୁସ୍ତକ ସବୁ ଅଧ୍ୟୟନ ଓ ଆଲୋଚନାରେ ସଂପୃକ୍ତ ରହି ସେହି ଜ୍ଞାନ ଅର୍ଜ୍ଜନପାଇଁ ଚେଷ୍ଟା କରିଥିଲି । କିନ୍ତୁ ମୋତେ କେତେ ଗୁଡ଼ିଏ ସୂତ୍ର ମୁଖସ୍ଥ କରିବା ଦରକାର ଥିଲା, ଯାହା ମୁଁ ମୋର ବୟସାଧିକ୍ୟରୁ ସଂପନ୍ନ କରି ପାରି ନ ଥିଲି । ଲଙ୍କାନନ୍ଦ ଭନ୍ତେଙ୍କପରେ ମୁଁ ଏ ଦିଗରେ ସଚେଷ୍ଟ ହୋଇ କେତୋଟି ବୌଦ୍ଧ ସୂତ୍ର ଓ ବିଧିବିଧାନ ମୁଖସ୍ଥ କରିବାରେ ଲାଗିଲି । ମୁଁ ଯେତେବେଳେ ସେଗୁଡ଼ିକ ମୁଖସ୍ଥ କରିପାରିଲି

Digitized by srujanika@gmail.com

ସେତେବେଳେ ଯାଇ ଭବିଲି ଭିକ୍ଷୁ ହେବାପାଇଁ ଯେଉଁ ପରୀକ୍ଷା ହେବ ସେଥିରେ ଯୋଗଦେଇ ଉତ୍ତୀର୍ଣ୍ଣ ହୋଇପାରିବି । ମୋର ଏପରି ଅବସ୍ଥାରେ ମୁଁ ଆମ ଭାରତୀୟ ମହାବୋଧି ସମିତିକୁ ଚିଠି ଲେଖି ପ୍ରାର୍ଥନା କଲି ଯେ ମୋତେ ଭିକ୍ଷୁତ୍ୱ ଗ୍ରହଣ କରିବାପାଇଁ ବୁଦ୍ଧ ଗୟାସ୍ଥିତ ଭିକ୍ଷୁ ମଣ୍ଡଳୀକୁ ସୁପାରିଶ କରିବାକୁ । ଆମର ତତ୍‌କାଳୀନ ସାଧାରଣ ସମ୍ପାଦକ ପରମ ପୂଜ୍ୟ ଡକ୍ଟର ଧର୍ମରତନ ମହାଥେର ମୋ ନାମ ସୁପାରିଶ କରି ମୋତେ ଜଣାଇଲେ । ମୁଁ ବୁଦ୍ଧଗୟାସ୍ଥିତ ଭିକ୍ଷୁ ମଣ୍ଡଳୀକୁ ଚିଠି ଲେଖି କେବେ ସେଠାକୁ ଯିବାକୁ ହେବ ତାହା ବୁଝିବାରୁ ସେମାନେ ମୋ ନିକଟକୁ ଲେଖିଲେ ଯେ ମୋର ସ୍ତ୍ରୀଙ୍କୁ ମଧ୍ୟ ସଙ୍ଗରେ ସେଠାକୁ ନେବାପାଇଁ, ଯେହେତୁ ସ୍ତ୍ରୀଙ୍କ ବିନାନୁମତିରେ ଗୃହସ୍ଥଙ୍କୁ ଭିକ୍ଷୁ ଭାବରେ ଗ୍ରହଣ କରଯାଏନାହିଁ । ଏହି ସମସ୍ତ ଯୋଗାଡ କରୁ କରୁ ୧୯୮୪ ମସିହା ଜୁଲାଇ ମାସ ଉପସ୍ଥିତ ହେଲା ଓ ସେହି ମାସର ବାର ତାରିଖ ଦିନ ବୌଦ୍ଧ ମତରେ ଗୋଟିଏ ଅତୀବ ଶୁଭ ଦିନ ଆଷାଢ ପୂର୍ଣ୍ଣିମା ତିଥି ପଡ଼ିଥିଲା । ଆଷାଢ ପୂର୍ଣ୍ଣିମା ବୌଦ୍ଧ ମତରେ ଗୋଟିଏ ପ୍ରଧାନ ଉତ୍ସବର ଦିନ, କାରଣ ଆଷାଢ଼ ପୂର୍ଣ୍ଣିମା ଦିନ ଭଗବାନ ବୁଦ୍ଧ ସାରନାଥଠାରେ ତାଙ୍କର ପ୍ରଥମ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ । ତେଣୁ ସେହି ଶୁଭ ଦିନରେ ମୋର ଭିକ୍ଷୁତ୍ୱର ପ୍ରଥମ ସୋପାନ "ଶ୍ରମଣେର ଦୀକ୍ଷା" ବୌଦ୍ଧ ଭିକ୍ଷୁ ମଣ୍ଡଳୀଦ୍ୱାରା ବୁଦ୍ଧ ଗୟାସ୍ଥିତ ମହାବୋଧି ମନ୍ଦିରର ଉପରମହଲରେ ଦିଆଯାଇଥିଲା । ସେଠାରେ ସେ ଦିନ ଭିକ୍ଷୁ ମଣ୍ଡଳୀର ବାର ଜଣ ବରିଷ୍ଠ ଭିକ୍ଷୁ ଉପସ୍ଥିତ ଥିଲେ ଓ ପ୍ରଥମେ ମୋତେ ବୌଦ୍ଧ ମତବାଦ ଉପରେ କେତେ ଗୁଡ଼ିଏ ପ୍ରଶ୍ନ କରିଥିଲେ । ସେହି ପ୍ରଶ୍ନ ଗୁଡ଼ିକର ସନ୍ତୋଷ-ଜନକ ଉତ୍ତର ଦେଇପାରିବାରୁ ସେମାନେ ମୋତେ "ଶ୍ରମଣେର" ଭାବରେ ଦୀକ୍ଷା ଦେବାପାଇଁ ରାଜି ହୋଇଥିଲେ । ସେହିଠାରେ ଆମ ମହାବୋଧି ସମିତି ଓଡ଼ିଶା କେନ୍ଦ୍ରର ତତ୍‌କାଳୀନ ସମ୍ପାଦକ ଡ଼ା: ରାଧାକୃଷ୍ଣ ସାହୁ, ତାଙ୍କର ସ୍ତ୍ରୀ ଉପାସିକା ବିଷ୍ଣୁପ୍ରିୟା ଦେବୀ, ମୋର ସ୍ତ୍ରୀ ଉପାସିକା କମଳା ଦେବୀ, ତାଙ୍କର ଭାଇ ଭୁବନେଶ୍ୱର ଚୌଧୁରୀ ଓ ତାଙ୍କର ସ୍ତ୍ରୀ ଶ୍ରୀମତୀ ଚଞ୍ଚଳା ଦେବୀ ଉପସ୍ଥିତଥିଲେ । ରାଧାକୃଷ୍ଣ ବାବୁ ମତେ ପ୍ରଥମେ ଜଣେ ବୌଦ୍ଧ ଭିକ୍ଷୁ ହେବା ପାଇଁ ଯେଉଁ ପ୍ରସ୍ତାବ କରିଥିଲେ ତାହା ମୁଁ କାର୍ଯ୍ୟରେ ପରିଣତ କରିବା ସମୟରେ ତାଙ୍କର ଉପସ୍ଥିତିମୋତେ ବଡ଼ ଆନନ୍ଦିତ ଓ ଉତ୍ସାହିତ କରିଥିଲା ।

ମୋତେ "ଶ୍ରମଣେର" ଭାବରେ ଦୀକ୍ଷା ଦେବା ଆଗରୁ ଭିକ୍ଷୁମଣ୍ଡଳୀର ଅଧ୍ୟକ୍ଷ ପରମ ପୂଜ୍ୟ ପାନ୍ନାରାମ ମହାଥେର ମୋର ସ୍ତ୍ରୀଙ୍କୁ ମୋର ଭିକ୍ଷୁତ୍ୱ

Digitized by srujanika@gmail.com

ଗ୍ରହଣ କରିବାରେ ତାଙ୍କର କଣ ଆପତ୍ତି ଅଛିକି ବୋଲି ପ୍ରଶ୍ନକଲେ । ମୋର ସ୍ତ୍ରୀ ନୀରବ ରହିବାରୁ ସେ ପୁଣିଥରେ ପ୍ରଶ୍ନ କରି ପରିଷ୍କାର ଉତ୍ତର ଚାହିଁଲେ । ମୋର ସ୍ତ୍ରୀ ସ୍ୱୀକାର ସୂଚକ ମୁଣ୍ଡ ନାଡ଼ିବାରୁ ପୁଣିଥରେ ପ୍ରଶ୍ନ କରି "ହଁ" କି "ନାହିଁ" ପରିଷ୍କାର ଭାବରେ କହିବାକୁ କହିଲେ । ତେବେଯାଇ ମୋର ସ୍ତ୍ରୀ "ହଁ" ବୋଲି କହିବାରୁ ସେମାନେ ତାପରେ ମନ୍ତ୍ରପାଠ ଇତ୍ୟାଦି ଆରମ୍ଭକଲେ । ପ୍ରାୟ ଦୁଇ ଘଣ୍ଟା ଧରି ମନ୍ତ୍ର ପାଠ ଓ ବିଧିବିଧାନ ଚାଲିଲା । ତାପର ଦିନ ବୁଦ୍ଧ ଗୟାସ୍ଥିତ ବର୍ମା ଦେଶର ବୌଦ୍ଧ ମନ୍ଦିରରେ ମୋର ପ୍ରାବଜ୍ୟା ବା ଭିକ୍ଷୁତ୍ୱ ଗ୍ରହଣ କରିବାର ବିଧିବିଧାନ କରାଗଲା । ସେଠାକୁ ମଧ୍ୟ ମୋର ସ୍ତ୍ରୀ ଓ ବନ୍ଧୁମାନେ ଯାଇଥିଲେ ଓ ମୋର ଭିକ୍ଷୁଭାବରେ ଅଭିଷେକ ହେଉଥିବା ଉତ୍ସବରେ ଯୋଗ ଦେଇଥିଲେ । ଏହାପରେ ସେଦିନ ବୁଦ୍ଧଗୟାସ୍ଥିତ ଭିକ୍ଷୁ ମଣ୍ଡଳୀକୁ ମୋତେ ଭୋଜନଦାନ ଓ ଦକ୍ଷିଣା ଦେବାକୁ ହୋଇଥିଲା ଯାହା ନିୟମ ଅନୁସାରେ କରିବାକୁ ହୁଏ । ଏହିପରି ଭାବରେ ମୁଁ ଜଣେ ବୌଦ୍ଧ ଭିକ୍ଷୁ ହୋଇପାରିଛି ଯାହା ମୋ ଜୀବନରେ ଗୋଟିଏ ବଡ଼ ସାଫଲ୍ୟ ବୋଲି ମୁଁ ମନେକରୁଛି, କାରଣ ମୁଁ ଯେଉଁ କଥାଟି ଭୁବନେଶ୍ୱର ରେଳଷ୍ଟେସନ ପ୍ଲାଟଫର୍ମରେ ଆମର ତତ୍‌କାଳୀନ ସାଧାରଣ ସମ୍ପାଦକ ସ୍ୱର୍ଗତ ପରମ ପୂଜ୍ୟ ଜ୍ଞାନରତନ୍ ମହାଥେରଙ୍କ ସମ୍ମୁଖରେ ସ୍ୱତଃ ପ୍ରବୃତ୍ତ ହୋଇ କହିଥିଲି, ତାଙ୍କ ଦେହାନ୍ତପରେ ହେଉପଛେ ତାହା ମୁଁ ପୂର୍ଣ୍ଣ କରିପାରିଛି ।

ସେହି ବୁଦ୍ଧଗୟାଠାରୁ ଆମ୍ଭେମାନେ ସମସ୍ତେ ମିଶି କଲିକତାଗଲୁ । ସେଠାରେ ଆମର ନୂତନ ସାଧାରଣ ସମ୍ପାଦକ ପରମପୂଜ୍ୟ ଡ୍‌କ୍ଟର ନନ୍ଦୀଶ୍ୱର ମହାଥେରଙ୍କୁ ଦେଖାକରି ତାଙ୍କର ଉପଦେଶ ଗ୍ରହଣ କରି ସମସ୍ତେ ବ୍ରହ୍ମପୁର ଫେରିଲୁ । ସେଠାରେ ଆମ ବନ୍ଧୁମାନଙ୍କ ସହିତ ଦେଖା ସାକ୍ଷାତ କରି ମୁଁ ଭୁବନେଶ୍ୱର ବୁଦ୍ଧ ବିହାରକୁ ଫେରିଥିଲି । ସେହି ଦିନଠାରୁ ମୁଁ ଭାରତୀୟ ମହାବୋଧି ସମିତି ଓଡ଼ିଶା କେନ୍ଦ୍ରର ଦାୟିତ୍ୱରେ ରହି ଯାହା କିଛି ତାରଉନ୍ନତି ଦିଗରେ ଚେଷ୍ଟା କରିଆସିଛି । ମୋର ଦୈନନ୍ଦିନ କାର୍ଯ୍ୟକ୍ରମ ଏହିପରି ଭାବରେ ଚାଲିଆସୁଛି–

ପାହାନ୍ତା ଚାରିଟା ସମୟରୁ ଉଠି ନିତ୍ୟ କର୍ମ ସାରି ବର୍ଷା ଓ ବେଶୀ ଶୀତ ଦିନମାନଙ୍କ ଛଡ଼ା ଅନ୍ୟ ସବୁଦିନ ବିହାରସ୍ଥ ବୋଧିଦ୍ରୁମ ତଳେ ଆସନ

Digitized by srujanika@gmail.com

ପକାଇ ଧ୍ୟାନ ଆରମ୍ଭ କରି ପ୍ରାୟ ଏକ ଘଣ୍ଟା ସମୟ ଧ୍ୟାନରତ ରହିବାପରେ ସେଠୁ ଫେରିଆସି ଠାକୁରଘରେ ବୁଦ୍ଧ ବିଗ୍ରହଙ୍କୁ ପୁଷ୍ପ ଧୂପ ଦେଇ ପୂଜା ଆରାଧନା କରେ ଓ ଠିକ୍ ଛଅଟା ସମୟରେ ମାଇକ୍‌ଦ୍ୱାରା ପ୍ରଥମେ ତ୍ରିରତ୍ନ, ପଞ୍ଚଶୀଳ ଓ ବୁଦ୍ଧ ବନ୍ଦନା, ତାପରେ ଦୁଇଟି ସୂତ୍ରପାଠ କରି ପଞ୍ଚଶୀଳପାଳନର ମହତ୍ୱ ବୁଝାଇ ବିଶ୍ୱର ମଙ୍ଗଳ କାମନାକରି ପ୍ରାର୍ଥନାକରେ । ଏହାପରେ ଜଳ ଯୋଗ କରି ଅନ୍ୟ କାମରେ ବ୍ୟସ୍ତରହେ । ଠିକ୍ ଦିନ ଏଗାରଟା ସମୟରେ ସବୁ ପ୍ରକାର କାମ ବନ୍ଦ କରି ସ୍ନାନାଦି ସାରିବାପରେ ଭଗବାନ ବୁଦ୍ଧଙ୍କୁ ନୈବେଦ୍ୟ ସମର୍ପଣ କରି ତାପରେ ପ୍ରସାଦ ସେବନ କରିଥାଏ । ଏହି କାର୍ଯ୍ୟ ଦିନ ବାରଟା ଭିତରେ ସମାପନ କରିବାକୁ ହୁଏ, କାରଣ ବାରଟାପରେ ଭିକ୍ଷୁମାନଙ୍କପାଇଁ ଅନ୍ନ ଭୋଜନ ନିଷିଦ୍ଧ । ଭୋଜନପରେ ଏକଘଣ୍ଟା ବିଶ୍ରାମ କରି ପୁଣି ଦିନ ଗୋଟାଏଠାରୁ ଅନ୍ୟାନ୍ୟ କାର୍ଯ୍ୟ ସହିତ ଯେଉଁମାନେ ବୌଦ୍ଧ ମତବାଦ ବିଷୟରେ ଜାଣିବାକୁ ଚାହାନ୍ତି ସେମାନଙ୍କ ସହିତ ଧର୍ମ ଆଲୋଚନା କରିଥାଏ । ରାତ୍ରୀ ସାତଟା ସମୟରେ ଠାକୁରଘରେ ଧୂପ ଇତ୍ୟାଦିଦେଇ କିଛି ସମୟ ପ୍ରାର୍ଥନା ଓ ଧ୍ୟାନ କରେ । ସନ୍ଧ୍ୟା କାର୍ଯ୍ୟକ୍ରମ ପ୍ରତିଦିନ ଯେ ହୁଏ ସେପରି ନୁହେଁ । କାରଣ ମୁଁ ଯଦି ସନ୍ଧ୍ୟା ସମୟରେ ବାହାରକୁ କୌଣସି କାମରେ ବା ସଭା ସମିତିରେ ଯୋଗ ଦେବାପାଇଁ ଯାଇଥାଏ, ତେବେ ତାହା ହୋଇପାରେ ନାହିଁ । ରାତି ସାଢେ ଆଠଟାପରେ କିଛି ସାମାନ୍ୟ ଫଳାହାର କରି ରାତି ଦଶଟାରେ ବୌଦ୍ଧ ମତବାଦ ଉପରେ ଲିଖିତ ଓ ସେହି ସମ୍ବନ୍ଧୀୟ ବହି ପ୍ରାୟ ଅଧଘଣ୍ଟା ପଢିବାପରେ ନିଦ ଆସିଯାଏ ଓ ଶୋଇ ପଡ଼ିଥାଏ । ପୁଣି ତାପର ଦିନ ଭୋର ଚାରିଟାରୁ ଉଠି ପୂର୍ବ ଦିନ ଭଳି କାର୍ଯ୍ୟ ଆରମ୍ଭ କରିଥାଏ । ମୁଁ ଅନ୍ୟତ୍ର ଯାଇଥିଲେ କିମ୍ବା ଦେହ ଅସୁସ୍ଥ ଥିବା ଦିନ ଛଡା ଏହିପରି ମୁଁ ମୋର ଦୈନନ୍ଦିନ କାର୍ଯ୍ୟ ସମାପନ କରିଥାଏ । ଏହା ହେଲେ ମୋର ଭିକ୍ଷୁ ଜୀବନ ଯାହା ମୋର ଏକାଅଶୀ ବର୍ଷ ବୟସରେ ମଧ୍ୟ ମୋତେ ପରମ ସୁଖ ଓ ଶାନ୍ତି ପ୍ରଦାନ କରିପାରିଛି ।

ମୋର ଜୀବନର ଉପଲବ୍ଧିରୁ ଏତିକି ବୁଝିପାରିଛି ଯେ ମନୁଷ୍ୟ ନିଜର ଚେଷ୍ଟା ଓ ପରିଶ୍ରମ ଦ୍ୱାରା ସେ ତାର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ । ବାହ୍ୟ ଶକ୍ତି ଉପରେ ନିର୍ଭର କରି ନିଜେ ଚେଷ୍ଟା ନ କଲେ ସେ କେବେ ଲକ୍ଷ୍ୟ ହାସଲ କରିପାରିବ ନାହିଁ । ତ୍ୟାଗରେ ହିଁ ଆନନ୍ଦ ମିଳେ । ପ୍ରତ୍ୟେକ ମନୁଷ୍ୟ

Digitized by srujanika@gmail.com

ମାନବ ଧର୍ମ ପାଳନ ନ କଲେ ସେ କେବେ ସୁଖ ଶାନ୍ତି ଲାଭ କରିପାରିବ ନାହିଁ । ତେଣୁ ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ସତ୍ୟ, ଅହିଂସା, କରୁଣା ଓ ମୈତ୍ରୀ ଗୁଣ ବିଶିଷ୍ଟ ମାନବ ଧର୍ମ ପାଳନ କରିବା ନିତାନ୍ତ ଦରକାର । ଏହା ହିଁ ସର୍ବ ଧର୍ମର ସାରାଂଶ ।

ଆଜିର ଏହି ବୈଜ୍ଞାନିକ ଯୁଗରେ ଆମର ଶିକ୍ଷିତ ଯୁବକ ଓ ଯୁବତୀମାନେ କୌଣସି କଥା ଅନ୍ଧଭାବରେ ଗ୍ରହଣ କରିବାକୁ କିମ୍ବା କୌଣସି ଅଯୌକ୍ତିକ କଥା ମାନିବାକୁ ପ୍ରସ୍ତୁତ ନୁହନ୍ତି । ଯେଉଁ ମତବାଦରେ ଅନ୍ଧ ବିଶ୍ୱାସ କିମ୍ବା ଅଯୌକ୍ତିକତା ନାହିଁ, ସେହିପରି ମତବାଦ ହିଁ ସେମାନଙ୍କର ଗ୍ରହଣୀୟ ହେବା ସ୍ୱାଭାବିକ । ପୃଥିବିର ଶ୍ରେଷ୍ଠ ବୈଜ୍ଞାନିକ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ ଲେଖିଯାଇ ଅଛନ୍ତି–

"The religion of the future will be a Cosmic religion. It should transcend a personal god and avoid dogmas and theology. Covering both the natural and the spiritual, it should be based on religious sense arising from the experience of all things natural and spiritual, as a meaningful unity. Buddhism answers this description."

ତେଣୁ ଆଜିର ଶିକ୍ଷିତସମାଜ ପକ୍ଷରେ କେଉଁ ମତବାଦ ଗ୍ରହଣୀୟ ତାହା ସେମାନେ ହିଁ ସ୍ଥିର କରନ୍ତୁ ।

●

Digitized by srujanika@gmail.com

ଉପସଂହାର

ଉପସଂହାରରେ ମୋ ଜୀବନର କେତୋଟି ଘଟଣା ଓ କେତେଜଣ ମହାନୁଭବ ବ୍ୟକ୍ତି ମୋର ମନରେ ଚିର ସ୍ମରଣୀୟ ହୋଇ ରହିଛନ୍ତି, ତାହା ନଲେଖି ମୁଁ ମୋର ଏହି କ୍ଷୁଦ୍ର ଆତ୍ମଜୀବନୀ ସମାପ୍ତ କରି ପାରୁ ନାହିଁ ।

୧ । ବାଲ୍ୟାବସ୍ଥାରୁ ମୋର ପିତା ମାତାଙ୍କର ଧର୍ମ ନିଷ୍ଠା ମୋତେ ବହୁତ ପ୍ରଭାବିତ କରିଛି । ପୁଣି ମୁଁ ମୋ ପିତାଙ୍କର ଏକମାତ୍ର ପୁତ୍ର (ଅନ୍ୟ ଭାଇଟିର, ବାଲ୍ୟାବସ୍ଥାରୁ କାଳ ହୋଇ ଯାଇଥିଲା ଓ ତିନିଟି ଭଉଣୀ ଥିଲେ) ହୋଇଥିଲେ ମଧ୍ୟ ମୁଁ ଇଞ୍ଜିନିୟରିଂ ପଢ଼ିବା ପାଇଁ ମୋତେ ସୁଦୂର ବେଙ୍ଗଲ ବହରମପୁରକୁ ପଠାଇବା ମୋ ବାପାଙ୍କ ପକ୍ଷରେ କମ୍ ସାହସର କଥା ନଥିଲା । ସେ ତାହା ନକରି ଥିଲେ ମୋର କର୍ମ ଜୀବନ କଣ ଯେ ହୋଇଥାନ୍ତା ତାହା ମୁଁ ଭାବି ପାରୁନାହିଁ । ତେଣୁ ମୁଁ ମୋର ପିତାମାତାଙ୍କ ଠାରେ ଚିର ଋଣୀ ରହିବା ସ୍ୱାଭାବିକ । କିନ୍ତୁ ସେମାନଙ୍କର ଧର୍ମ ନିଷ୍ଠା ମୋର ପୂର୍ବ ଲିଖିତ ଦୁଇଟି ମହା ବିପଦରୁ ମୋତେ ରକ୍ଷା କରିଛି ବୋଲି ମୋର ପୂର୍ଣ୍ଣ ବିଶ୍ୱାସ । ତେଣୁ ବାପ ମାଙ୍କର ଧର୍ମ ନିଷ୍ଠା ଓ ଆଚରଣ ଯେ ସେମାନଙ୍କ ସନ୍ତାନମାନଙ୍କର କଲ୍ୟାଣର କାରଣ ହୋଇଥାଏ, ଏଥିରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ । ମୋର ମାତା ଓ ପିତାଙ୍କର ମରଣ ସମୟର ଦୃଶ୍ୟ ମୋ ହୃଦୟ ପଟରେ ଗଭୀର ରେଖାପାତ କରିଛି । ମୋର ବାରବର୍ଷ ବୟସ ସମୟରେ ମୋର ମା'ଙ୍କର ମୃତ୍ୟୁ ହୋଇଥିଲା ବୋଲି ଆଗରୁ କହିଛି । ତାଂକର ମୃତ୍ୟୁ ସମୟରେ ମୋର ଜେଜେମା ତାଙ୍କୁ ନିଜର କୋଳରେ ଧରିଥିଲେ । ଡାକ୍ତର ଦେବରାଜ ମା'ଙ୍କର ପେଟ ସଫା କରିବା ପାଇଁ ତାଙ୍କର ପାଟିବାଟେ ଗୋଟିଏ ରବର ନଳି ଦେଇ କିଛି ଔଷଧ ମିସା ପାଣି ପୁରାଇ ତାଙ୍କୁ ବାନ୍ତି କରାଇଥିଲେ । ବାନ୍ତି ହେବା କିଛି ସମୟ ପରେ ସେ ମୋର ଜେଜେମାଙ୍କର ଛାତିକୁ ଆଉଜି ଥିବା ଅବସ୍ଥାରେ ନିଜର ଡାହାଣ ହାତଟିକୁ ଭୂମିକୁ ସ୍ପର୍ଶ କରି ତିନିଥର ମୁଣ୍ଡରେ ଲଗାଇବାପରେ ପ୍ରାଣ ତ୍ୟାଗ କଲେ । ଆମ ବାପା, ଭଉଣୀମାନେ ଓ ମୁଁ ସେ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଥିଲୁ ।

Digitized by srujanika@gmail.com

ମୋର ବାପା ମୁଁ ସରକାରୀ ଚାକିରିରୁ ଅବସର ନେବାର ଛଅବର୍ଷ ଅର୍ଥାତ୍ ୧୯୭୩ ସାଲ ଜାନୁଆରୀ ଏଗାର ତାରିଖ ଦିନ ସନ୍ଧ୍ୟା ସମୟରେ ଇହଲୀଳା ସମ୍ବରଣ କରିଥିଲେ । ମାତ୍ର ଚାରି ଦିନ ଜ୍ୱର ହୋଇଥିଲା । ଜ୍ୱର ହେଲେ ସେ କୌଣସି ଖାଦ୍ୟ କିମ୍ବା ପଥ୍ୟ ଖାଉ ନଥିଲେ । ଡା. ପ୍ରଫୁଲ୍ଲ କୁମାର ସାହୁ ତାଙ୍କୁ ଚିକିତ୍ସା କରୁଥିଲେ । ସେଦିନ ଉପରବେଳା ପ୍ରାୟ ଚାରିଟା ସମୟରେ ସେ ଟିକିଏ ପ୍ରଖର ନିଶ୍ୱାସ ପ୍ରଶ୍ୱାସ ନେବାରୁ ଡ଼ାକ୍ତରଙ୍କୁ ଡାକିବା ପାଇଁ ମୋର ସାନପୁଅକୁ ପଠାଇ ଆମ କୁଟୁମ୍ବର ସମସ୍ତେ ଓ ଜ୍ୱାଇଁ ନିର୍ମଳାଂଶ ଚୌଧୁରୀ ତାଙ୍କର ଶଯ୍ୟା ନିକଟରେ ଥିଲୁ । ଏହି ସମୟରେ ତାଙ୍କର ନିଶ୍ୱାସ ପ୍ରଶ୍ୱାସ ଅଧିକ ପ୍ରଖର ଗତିରେ ଚାଲିବାକୁ ଲାଗିବାରୁ ଆମେ ସନ୍ଦେହ କରି ସମସ୍ତେ ରାମଧୂନ୍ ବୋଲିଲୁ । କିଛି ସମୟ ପରେ ମୋର ବାପା ତାଙ୍କ କରେ ଥିବା ହାତ ଦୁଇଟିକୁ ଛାତି ଉପରକୁ ଆଣି ନମସ୍କାର ମୁଦ୍ରାରେ କେତେ ସମୟ ରଖିବା ପରେ ହାତ ଦୁଇଟି ଛାତିରୁ ଖସିଗଲା ଓ ତାଙ୍କର ନିଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଗଲା । ଦେଖିଲୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା ।

ଏ ଦୁଇ ଜଣଙ୍କର ମରଣକାଳୀନ ଆଚରଣରୁ ମୁଁ ବୁଝି ପାରିଲି ଯେ ସେମାନେ ତାଙ୍କର ମୃତ୍ୟୁର ଆଗମନ ବୁଝି ପାରିଥିଲେ ଓ ସଂସାରରୁ ବିଦାୟ ନେବା ବେଳେ ମୋର ମା ଧରିତ୍ରୀଙ୍କୁ ଓ ମୋର ବାପା ତାଙ୍କର ଇଷ୍ଟ ଦେବତା ଶିବଙ୍କୁ ପ୍ରଣାମ କରି ବିଦାୟ ନେଇଥିଲେ । ସେମାନଙ୍କର ଧର୍ମଭାବ ମୋତେ ମୋର ବାଲ୍ୟାବସ୍ଥାରେ ପ୍ରଭାବିତ କରିଥିଲା ବୋଲି ଆଗରୁ ଲେଖିଛି କିନ୍ତୁ ତାଙ୍କର ମରଣ ସମୟର ଭାବ ମୋର ନିଜର ଧର୍ମ ଜୀବନକୁ ବିଶେଷ ଭାବରେ ପ୍ରଭାବିତ କରିଛି । ସଦା ଯେଉଁମାନେ ଭକ୍ତି ଭାବ ପୋଷଣ କରିଥାନ୍ତି, ସେମାନଙ୍କର ମରଣ ସମୟରେ ସେହି ଭାବରେ ହିଁ ଦେହତ୍ୟାଗ କରନ୍ତି ବୋଲି ଯେଉଁ ଶାସ୍ତ୍ରବାଣୀ ଅଛି, ତାହା ମୁଁ ପିତାମାତାଙ୍କର ମରଣ ସମୟରେ ଦେଖିବାକୁ ପାଇଥିଲି ।

୨ । ମୁଁ ବେଙ୍ଗଲ ବହରମପୁର ଠାରେ ଇଞ୍ଜିନିୟରିଂ ପଢ଼ିବା ସମୟରେ ଭାଗିରଥି ନଦୀରେ ଡଙ୍ଗାରୁ ଲମ୍ଫ ଦେଇଥିଲି ଓ ନଦୀ ସ୍ରୋତ ମୋତେ ଯେପରି ଭାବେ ନଦୀ ଗର୍ଭକୁ ଟାଣି ନେଉଥିଲା, ସେ ବିପଦରୁ ମୁଁ ଯେପରି ଭାବେ ରକ୍ଷା ପାଇଥିଲି ସେଥିପାଇଁ ମୁଁ ମୋର ତତ୍କାଳୀନ ସହପାଠୀ ଓ ଆମର ଶିକ୍ଷକ ସୁନୀଲ କୁମାର ମିତ୍ରଙ୍କ ନିକଟରେ ଚିରକାଳ ଋଣୀ ହୋଇ ରହିଛି ।

Digitized by srujanika@gmail.com

୩ । ମୋର ବାର ବର୍ଷ ବୟସରେ ମୋର ମାତା ଲବଙ୍ଗଲତା ଦେବୀଙ୍କର ମୃତ୍ୟୁ ହୋଇଥିଲା । ସେତେବେଳେ ମୁଁ, ମୋର ତିନିଟି ଭଉଣୀ ଓ ଛୋଟ ଭାଇଟି ଯାହାର ଜନ୍ମ ସମୟରୁ ମୋର ମା ରୋଗ ଗ୍ରସ୍ତା ହୋଇ ଶେଷରେ ପ୍ରାଣତ୍ୟାଗ କରିଥିଲେ, ଆମ ସମସ୍ତଙ୍କୁ ମୋର ଜେଜେମା ରେଖା ଦେବୀ ବୃଦ୍ଧା ବୟସରେ ମଧ୍ୟ ଯେପରି ଯତ୍ନ ଓ ପ୍ରେମର ସହିତ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଲାଳନ ପାଳନ କରିଥିଲେ, ତାହା ମୁଁ କେବେ ଭୁଲି ପାରିବି ନାହିଁ । ତାଙ୍କର ସେ ପରିଶ୍ରମ କଥା ମନେ ପଡ଼ିଲେ ମୋର ଚକ୍ଷୁ ଲୋତକ ପୂର୍ଣ୍ଣ ହୋଇଯାଉଛି ।

୪ । ଏମାନଙ୍କ ପରେ ମୋ ଜୀବନକୁ ପ୍ରଭାବିତ କରିଥିବା ଲୋକମାନଙ୍କ ମଧ୍ୟରେ ମୋର ପିତୃପ୍ରତିମ ସ୍ୱର୍ଗତ ଡା. ଲକ୍ଷ୍ମୀ ନାରାୟଣ ସାହୁ ହେଉଛନ୍ତି ସର୍ବପ୍ରଥମ ଯାହାଙ୍କ ସହିତ ମୋର ସମ୍ପର୍କ ଆଗରୁ ବର୍ଣ୍ଣନା କରିଅଛି । ତାଙ୍କ ପରେ ସମାଜ ସଂସ୍କାରକ ସ୍ୱର୍ଗତ ବୈରାଗୀ ଚରଣ ମିଶ୍ରଙ୍କର ପ୍ରଭାବ ମଧ୍ୟ ମୋ ଜୀବନକୁ ସରସ କରି ତୋଳିଛି । ତେଣୁ ସେ ଦୁହିଁଙ୍କର ମୁଁ ଚିର କୃତଜ୍ଞ ରହିଛି ।

୫ । ପୂଜ୍ୟ ଗୋପବନ୍ଧୁ ଚୌଧୁରୀ, ମା ରମା ଦେବୀଙ୍କ ସହିତ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର ସରଳ, ତ୍ୟାଗପୂତ ଆଦର୍ଶମୟ ଜୀବନ ମୋର କର୍ମ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି । ମୁଁ ଏପର୍ଯ୍ୟନ୍ତ ସେହି ଜୀବନ ଦର୍ଶନର ପୂଜାରୀ ହୋଇ ରହିଛି । ଗୋପ ବାବୁଙ୍କର ହାସ୍ୟରସାତ୍ମକ କଥା, ମା ରମା ଦେବୀଙ୍କର ପୁତ୍ରସମ ସ୍ନେହ ଓ ନବବାବୁଙ୍କର ଆଦର୍ଶପୂର୍ଣ୍ଣ କର୍ମ ଜୀବନ ମୋର ଚିର ସ୍ମରଣୀୟ ହୋଇ ରହିଛି ।

୬ । ସ୍ୱର୍ଗତ ଭୋଳାନାଥ ମଲ୍ଲିକ, ଆଇ. ପି. ଯାହାଙ୍କ ଦ୍ୱାରା ମୁଁ ପ୍ରଥମେ ସରକାରୀ ଚାକିରୀରେ ପ୍ରବେଶ କରିଥିଲି, ତାଙ୍କର କର୍ତ୍ତବ୍ୟ ନିଷ୍ଠା ଓ କାର୍ଯ୍ୟଦକ୍ଷତା ମୋତେ ଗଭୀର ଭାବେ ଅନୁପ୍ରାଣିତ କରିଥିଲା । ମୁଁ ସାରା ଜୀବନ ତାଙ୍କରି ଆଦର୍ଶର ସ୍ତୁତି ଗାନ କରି ମୋର ଜୀବନ ଅତିବାହିତ କରି ତାଙ୍କର ଚତୁର୍ଥାଶ୍ରମ ସନ୍ନ୍ୟାସ ଜୀବନକୁ ମଧ୍ୟ ମୁଁ ଅନୁସରଣ କରି ପାରି ଥିବାରୁ ମୁଁ ବଡ଼ ଭାଗ୍ୟବାନ ମନେ କରୁଛି ।

୭ । ସ୍ୱର୍ଗତ ଡକ୍ଟର ହରେକୃଷ୍ଣ ମହତାବ ମୋର କର୍ମ ଜୀବନରେ ୧୯୪୬ ମସିହା ଠାରୁ ଶେଷ ପର୍ଯ୍ୟନ୍ତ ଓ ତାଙ୍କର ଶେଷ ଜୀବନରେ ମୋର ଧର୍ମ

Digitized by srujanika@gmail.com

ଜୀବନକୁ ଯେପରି ଭବରେ ଉତ୍ସାହିତ କରିଥିଲେ ତାହା ଭୁଲିବାର ନୁହେଁ । ତାଙ୍କର ମହାନୁଭବତା ନିକଟରେ ମୁଁ ସଦା ନତମସ୍ତକ ।

୮ । ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ବ୍ରହ୍ମପୁର ହାସପାତାଳରେ ରୋଗୀ ସେବା କରିବା କାର୍ଯ୍ୟରେ ମୋତେ କିପରି ସାହାଯ୍ୟ କରିଥିଲେ ତାହା ଆଗରୁ ଲେଖିଛି । ମୁଁ ଜଣେ ବୌଦ୍ଧ ଭିକ୍ଷୁ ହୋଇ ଭୁବନେଶ୍ୱରସ୍ଥ ବୁଦ୍ଧବିହାର ଦାୟିତ୍ୱ ନେବା ପରଠାରୁ ମୁଁ ଯେବେ ଯାହା ସାହାଯ୍ୟ ଚାହିଁଛି ସେ ଦେଇ ଆସିଛନ୍ତି । ତାଙ୍କର ସୁପାରିଶରେ ବୁଦ୍ଧବିହାର ନିର୍ମାଣ ପାଇଁ ଭରତ ସରକାରଙ୍କର ସଂସ୍କୃତି ବିଭଗ ଏକଲକ୍ଷ ପଚିଶି ହଜାର ଟଙ୍କା ଅନୁଦାନ ଓ ଓଡ଼ିଶା ସରକାର ମଧ୍ୟ ପଚିଶି ହଜାର ଟଙ୍କା ଅନୁଦାନ ଦେଇଛନ୍ତି । ସେ ଜଣେ ବୁଦ୍ଧପ୍ରେମୀ ଓ ବୌଦ୍ଧ ପଣ୍ଡିତ ଅଟନ୍ତି ଓ ତାଙ୍କ ଦ୍ୱାରା ଲିଖିତ "ଗୌତମ ବୁଦ୍ଧ" ନାମକ ପୁସ୍ତକ ଓଡ଼ିଆ ଭଷାରେ ବୁଦ୍ଧଦେବଙ୍କ ବିଷୟରେ ଲିଖିତ ପ୍ରଥମ ପୁସ୍ତକ କହିଲେ ଅତ୍ୟୁକ୍ତି ହେବ ନାହିଁ, କାରଣ ସେ ପର୍ଯ୍ୟନ୍ତ ଓଡ଼ିଆ ଭଷାରେ ବୁଦ୍ଧଦେବଙ୍କ ଉପରେ ସେପରି ପୁସ୍ତକ ଥିଲା ପରି ମୁଁ ଜାଣେନା । ଏହି ସବୁ କାରଣରୁ ମୁଁ ତାଙ୍କଠାରେ ଚିର କୃତଜ୍ଞ ରହିଲି ।

୯ । ମୋର ବୌଦ୍ଧ ଭିକ୍ଷୁତ୍ୱ ଗ୍ରହଣ କରିବାରେ ପ୍ରଥମ ସୁଯୋଗ ପରମ ପୂଜ୍ୟ ଭିକ୍ଷୁ ଡା: ଜୀନରତ୍ନ ମହାଥେର ଦେଇଥିବାରୁ ମୁଁ ସେ ସ୍ୱର୍ଗତ ମହାଥେରଙ୍କଠାରେ ମୋର ଭକ୍ତିପୂତ କୃତଜ୍ଞତା ଜଣାଉଛି ।

୧୦ । ଶେଷରେ ମୋର ସ୍ତ୍ରୀ ଉପାସିକା କମଳା ଦେବୀ ମୋର ଜୀବନ ସହିତ ଅଙ୍ଗାଙ୍ଗୀଭବରେ ଜଡ଼ିତ ରହି ମୋର ବଡ ପରିବାରର ସକଳ ପ୍ରକାରର ଦାୟିତ୍ୱ ମୁଣ୍ଡାଇ ମତେ ମୋର କର୍ମକ୍ଷେତ୍ରରେ ଯେପରି ସାହାଯ୍ୟ କଲେ ଓ ଶେଷରେ ମୋର ଭିକ୍ଷୁତ୍ୱ ଗ୍ରହଣରେ ମଧ୍ୟ ଯେପରି ଅନୁମୋଦନ କଲେ, ସେପରି କରି ନଥିଲେ ଆଜି ମୁଁ ଜଣେ ଭିକ୍ଷୁ ହୋଇ ପାରି ନଥାନ୍ତି । ତାଙ୍କର ଉଦାର ସହିଷ୍ଣୁତା ଓ ତ୍ୟାଗ ମୋର ଜୀବନକୁ ସଫଳମଣ୍ଡିତ କରିଥିବାରୁ ମୁଁ ତାଙ୍କ ନିକଟରେ ଚିରଋଣୀ ହୋଇ ରହିଲି ।

ମନୁଷ୍ୟ ଜୀବନରେ ଅନେକ ରକମର ଅନୁଭୂତି ହୋଇଥାଏ । କେତେ ଭଲ, କେତେ ମନ୍ଦ । ତାହା ସବୁ ମନେରଖିବା ଅସମ୍ଭବ । କିନ୍ତୁ ଯେଉଁ କେତଟି ଅନୁଭୂତି ମନୁଷ୍ୟର ସ୍ମରଣୀୟ ହୋଇ ରହିଥାଏ, ତାହା

Digitized by srujanika@gmail.com

କେବଳ ଜୀବନରେ ସ୍ଥାନପାଇଥାଏ । ମୋର ମଧ୍ୟ ତାହାହିଁ ହୋଇଛି । ଜୀବନରେ କେତଟି ଅବିସ୍ମରଣୀୟ ଅନୁଭୂତି ହିଁ ମୋର ଭଷାରେ ମୁଁ କହିଛି ।

ମୋର ଚିନ୍ତାଧାର ସହିତ ଅଧିକାଂଶ ପାଠକ ପାଠିକା ଏକମତ ହେବେ ନାହିଁ, ଏହା ମୁଁ ଜାଣେ । ତଥାପି ସେ ଗୁଡ଼ିକୁ ବ୍ୟକ୍ତ ନ କରି ମୁଁ ରହିପାରୁ ନାହିଁ, କାରଣ ନିଜ ଜୀବନୀରେ ତାକୁ ପ୍ରକଟ ନ କଲେ ଆଉ କରିବି କିପରି ? ମୁଁ ଯାହା ସବୁ କହିଛି ତାହାସବୁ ସତ୍ୟ ଘଟଣା । ମୁଁ ଯେପରି ଲେଖିଛି ସେପରି ନ ଲେଖି ଅନ୍ୟ ପ୍ରକାର ଲେଖିଥିଲେ ତାହା ମଥ୍ୟା ହୋଇଥାନ୍ତା । ଏପରି ଲେଖିବାଦ୍ୱାର ଯଦି କାହାର ମନରେ କଷ୍ଟ ଦେଇଛି, ତାହା ହେଲେ ସେମାନେ ନିଜର ଉଦାର ଗୁଣ ଦ୍ୱାର ମୋତେ କ୍ଷମା ଦେବେ ବୋଲି ଆଶା କରୁଛି ।

ମୋର ଆସନ୍ତା ଅଗଷ୍ଟ ୨ ତାରିଖ ଦିନ ଏକାଅଶୀ ବର୍ଷ ପୂର୍ଣ୍ଣ ହୋଇ ବୟାଅଶୀ ପ୍ରବେଶ କରିବ । ଭଗବାନ ବୁଦ୍ଧ ଯେଉଁଦିନ ତାଙ୍କର ଅଶୀବର୍ଷ ପୂର୍ଣ୍ଣ ହେଲା, ସେହି ଦିନ ସେ ମହାପରିନିର୍ବାଣ ପ୍ରାପ୍ତ ହେଲେ । ମୋର ଆଉ ଅଧିକ କାଳ ବଞ୍ଚି ରହିବାର ଇଛା ନାହିଁ । ଏ ଜୀବନରେ ଯେତିକି ହୋଇ ପାରିଛି ସେଥିରେ ମୁଁ ସନ୍ତୁଷ୍ଟ । ତେଣୁ ପ୍ରଭୁ ତଥାଗତଙ୍କଠାରେ ମୋର ଏତିକି ପ୍ରାର୍ଥନା, ପ୍ରଭୁ ମୋର ଏହିପରି ସୁସ୍ଥ ସବଳ ଅବସ୍ଥାରେ ତାଙ୍କର ଚରଣାରବିନ୍ଦରେ ମୋତେ ଟିକିଏ ସ୍ଥାନ ଦିଅନ୍ତୁ—ଏହାହିଁ ମୋର ଏକମାତ୍ର ପ୍ରାର୍ଥନା ।

"ଭବତୁ ସବ୍‌ବ ମଙ୍ଗଳଂ ରକ୍ଷନ୍ତୁ ସବ୍‌ବ ଦେବତା
ସବ୍‌ବ ବୁଦ୍ଧାନୁ ଭବେନା ସଦା ସୋତ୍ତି ଭବନ୍ତୁ ତେ ।

ପାଳୀ ଶ୍ଳୋକ ୧୩-ମହା ଜୟ ମଙ୍ଗଳ ଗାଥା

●

Digitized by srujanika@gmail.com

ଶୁଦ୍ଧି ପତ୍ର

ପୃଷ୍ଠା ସଂଖ୍ୟା	ଧାଡ଼ି ସଂଖ୍ୟା	ଅଶୁଦ୍ଧ	ଶୁଦ୍ଧ
୨୫	୪	ସେହି ସଭରେ	ସେହି ସଭପରେ
୪୫	୧୦ ଓ ୧୨	ପାଉଣା	ସରକାରୀ ଫିସ୍
୫୦	୭	Minister	Ministers
୫୬	୨୪	ସମ୍ପାଦକ	ସଚିବ
୮୪	୧୫	ଦେଖ	ଦେଖି
୮୯	୧୦ ଓ ୧୧	ଗୋଟିଏ	ଜଣେ
୧୦୦	୨୧	ପ୍ରକାଶ	ବିକାଶ
୧୦୦	୨୭	ସ୍ଥୁତି	ସ୍ମୃତି
୧୦୦	୨୭	ଭବନ୍ତି	ଭବୁଛି
୧୦୧	୨	ସଶୟ	ସଞ୍ଚୟ
୧୦୧	୨୧	ବିତ୍ତା ବୃତ୍ତି	ଚିତ୍ତବୃତ୍ତି
୧୦୧	୨୫	ଅସ୍ଥରତା	ଅସ୍ଥିରତା
୧୦୨	୪	ବୁଦ୍ଧିତ୍ୱ	ବୁଦ୍ଧତ୍ୱ
୧୦୨	୫	ଅଷ୍ଟାଫଳ	ଅଷ୍ଟାଙ୍ଗିକ
୧୦୪	୨୩	ସାଧନାକୁ	ସାଧକକୁ
୧୦୪	୨୪	ଧ୍ୟାନକୁ	ଧ୍ୟାନରୁ
୧୦୮	୨୪	ସମସ୍ତଙ୍କୁ	ସମସ୍ତଙ୍କ
୧୧୧	୨୬	୧୯୭୧	୧୯୭୯
୧୧୫	୫	ସ୍ଥରତ ମେରୟା	ସ୍ଥଗମେରୟା
୧୨୧	୩	ଉତ୍ସହିତ	ଉତ୍ସାହିତ
୧୨୨	୭	ବନେଙ୍କଠାରୁ	ଭନ୍ତେଙ୍କଠାରୁ
୧୨୨	୯	ଥାନ୍ତି	ଅଟନ୍ତି
୧୨୭	୨୩	ବିଷ୍ଣୁପ୍ରିୟାଦେବୀ	ଲକ୍ଷ୍ମୀପ୍ରିୟା ଦେବୀ
୧୨୯	୪	ତୁଇଟି	ଦୁଇଟି

Digitized by srujanika@gmail.com

ଲେଖକଙ୍କର ଅନ୍ୟ କେତୋଟି ରଚନା :-

୧. ଶ୍ୱାଶତ ସୁଖର ଯୋଜନା
2. FOLLOW THE BUDDHA
୩. ଜୀବନ ସମୀକ୍ଷା
4. WHY I AM A BUDDIST

Digitized by srujanika@gmail.com